# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୩/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 13/ 2018 | ★★★★

୪୪ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





ଆପଣଙ୍କ ଏହି ପୂଜା
ଏବେ ଗୁପ୍ତା ସହିତ
ଦଶହରା
ଏବଂ
ଦୀପାବଳୀ ର
ସମ୍ଭାର ନେଇ
Odisha's Most Trusted Electronics, Home Appliances & Digital Products Dealer Since 1972
GD Symbol of Trust
GUPTA DISTRIBUTORS
No.1 Retail Chain Stores
ଦୀର୍ଘ ୪୬ବର୍ଷର ବିଶ୍ୱାସ ଓ ଭରସାର ପ୍ରତିଷ୍ଠାନ
DIGITAL PRODUCTS
OFFERS AVAILABLE AT ALL OUR STORES
Buy a LAPTOP GET ALL these GIFTS*
mi MOBILE NOW MOBILE & TV AVAILABLE at ALL OUR STORES with 0% finance
LUCKY DRAW
ONLY FOR FIRST 100 CUSTOMERS
Special Gifts
BUY 1 GET 7* WITH
MANY MORE GIFTS
0% INTEREST EASY EMI AVAILABLE
Get Upto ₹10,000/-* cash back on purchase of ₹7000/- or above
FESTIVE OFFER STARTS FROM 12th Oct 2018
ALL ARE INVITED
GUPTA'S BUMPER* PRIZE
Every Day WIN* 20gm GOLD & 500gm CHANDI
32" LED ABSOLUTELY FREE*
40" ABSOLUTELY MI Note5 Pro FREE*
40" ABSOLUTELY 180 Ltr. Refrigerator FREE*
ABSOLUTELY 6.2 kg Washing Machine FREE*
ABSOLUTELY worth ₹7250/- FREE*
LED TV Buy 1 & Get 1 FREE*
LootMaar ki offer
sona chandi offer
ଏଥର
ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରୁ
ସୁଯୋଗ ନିଅନ୍ତୁ
୧ କୋଟି ଟଙ୍କାର
ଆକର୍ଷଣୀୟ ଉପହାର
SPECIAL SURPRISE OFFERS ONLY FOR STUDENT'S & WOMEN'S
BCZ. WE CARE WOMEN'S SENSATION
Grand Opening
NEW MEGA FLAGSHIP PREMIUM STORE
on 14th Oct. 2018
Main Road, Front of Bus Stand, Jagatsinghpur.
Mob.: 93380 01570
SBI Card Make life simple
Upto 10%* CASH BACK
BEST PRICE GURANTED
BHUBANESWAR
Main Road, Baramunda, Front of Kali Mandir, Ph.: 70089 89309
KIIT Square, Patia, Near Reliance Trends, Ph.: 70089 89302
Laxmi Sagar, Cuttack Road, Ph.: 70089 89301
CUTTACK
Dolmundai, Ph.: 2424932 / 70089 89303
Buxi Bazar, Ph.: 70089 89304
DIGITAL STORE, Tinikonia Bagicha, Ph.: 70089 89313
SGBL MALL, Durga Devi Complex, Town Hall Rd., Ph.: 70089 89312
PURI
VIP Road, Jhadeswari Chhak, Ph.: 70089 89310
JATNI
Near AXIS Bank, Ph.: 2492932 / 70089 89305
NIMAPADA
Near Dolabedi Chhak, Ph.: 70089 89307
BALUGAON
Main Road, Near Digantika Hotel, Ph.: 70089 89308
KHORDA
Main Road, Palla Chhak, Ph.: 70089 89311
NAYAGARH
Khandapada Road, Ph.: 70089 89306
ODOGAON
Studio Chhak, Main Road, Ph.: 94380 76064
BHADRAK
Main Road, Chappulia, Ph.: 70089 89314
BADAMBA
Mahabeer Bazar, Ph.: 70089 89315
LG SONY SAMSUNG Panasonic SHARP Godrej Whirlpool HITACHI VOLTAS BLUE STAR Carrier micromax IFB CARE Haier BOSCH LLOYD airtel TATA Sky
Nikon Canon Samsung GALAXY VIVO lenovo MOTOROLA DELL mi V-GUARD hp Symphony HAVELLS USHA STANDARD Butterfly KENT EUREKA FORBES LUMINOUS dishtv MILTON Hawkins
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୩/୨୦୧୮ Bhubaneswar, Saturday, October 13/ 2018



DADLS-140

ଓଡ଼ିଶା ସରକାର

e ବିତରଣ Bitaran Odisha

## ୧୦ ଦିନରେ



## ୨୦ ଲକ୍ଷ

## ହିତାଧିକାରୀଙ୍କୁ ମିଳିଲା ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ନୂଆ ରାସନ କାର୍ଡ



"ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ମୁଁ ଦେବି ନାହିଁ !"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

15001/13/0308/1819

@Naveen_Odisha CMO.Odisha @CMO_Odisha

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୩/୨୦୧୮ | Bhubaneswar, Saturday, October 13 / 2018 | ପୃଷ୍ଠା-୧




**ଏସିଆନ ପାରା ଗେମ୍ସ: ଡବଲ୍ସରେ ପ୍ରମୋଦଙ୍କୁ ବ୍ରୋଞ୍ଜ**
ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ଏସଏଲ୍‌୩ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।

୧୫

୧୨

**ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ**
କିଛିଦିନ ମଧ୍ୟରେ ମା’ ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି।



**କିଛି ତଥ୍ୟ**
୨୦୧୭-୧୮ ଆର୍ଥିକ ବର୍ଷ ଜାନୁୟାରୀ-ଅଗଷ୍ଟରେ ଭାରତ ଏବଂ ଆଜାରବେଜାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୬୫୭.୯ ନିୟୁତ ଡଲାର ରହିଛି।
-ବାଣିଜ୍ୟ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
“ନୈତିକତାର ବିପରୀତ ଦିଗରେ ଯାତ୍ରା କରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
-ଶକ୍ତିସିନ୍ ଗୋହିଲ୍, କଂଗ୍ରେସ ମୁଖପାତ୍ର

# ଉଜାଡ଼ିଦେଲା ‘ତିତ୍‌ଲି’ ବର୍ଷା



ବ୍ରହ୍ମପୁର-କନିଷ୍ଠ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ବଳରାମପୁରଠାରେ ବାହୁଦା ନଦୀରେ ଭାସି ଯାଇଥିବା ଏକ ଗାଡ଼ିରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

- ଦକ୍ଷିଣ ଓଡ଼ିଶା ସ୍ଥିତି ସଙ୍ଗିନ
- କାନ୍ଥ ପଡ଼ି ୬ ମୃତ
- ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲା ଜଳାର୍ଣ୍ଣବ
- ବଂଶଧାରା, ଋଷିକୁଲ୍ୟା, ଜଳକାରେ ବନ୍ୟା ପରିସ୍ଥିତି
- ୭ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ନୌସେନାର ସହାୟତା ଲୋଡ଼ିଲେ ରାଜ୍ୟ ସରକାର
- କେନ୍ଦ୍ରରୁ ମଗାଗଲା ୨ ହେଲିକପ୍ଟର

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ‘ତିତ୍‌ଲି’ ଉପକୂଳ ଅତିକ୍ରମ କରି ଯାଇଥିଲେ ମଧ୍ୟ ଏହାର ପ୍ରଭାବରେ ଦକ୍ଷିଣ ଓଡିଶା ଛାରଖାର ହୋଇଯାଇଛି। ଝଡ଼ ଏବଂ ଏହାର ପରବର୍ତ୍ତୀ ବର୍ଷା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାକୁ ଉଜାଡି ଦେଇଛି । ପୁରୀ, କନ୍ଧମାଳ ଓ କେନ୍ଦ୍ରାପଡା ଜିଲା ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ଘରଦ୍ୱାର, ରାସ୍ତାଘାଟ, ବିଲବାଡି ଚାରିଆଡ ଜଳାର୍ଣ୍ଣବ। ଅନେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବାବେଳେ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ଅଞ୍ଚଳରେ ଲୋକମାନେ ପାଣି ଘେରରେ ରହିଛନ୍ତି। ବର୍ଷା ପାଣିରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ଫୁଲି ବିପଦ ସଙ୍କେତ ଉପରକୁ ଚାଲିଯାଇଛି। ଗତ ଦୁଇଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ଉପକୂଳ ଓଡିଶା ମଧ୍ୟ ବର୍ତ୍ତି ନାହିଁ। ଦିନ ସାରା ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାରେ

☞ପୃଷ୍ଠା-୧୧

## କର୍ମଚାରୀଙ୍କ ପୂଜା ଛୁଟି ବାତିଲ

### ୩ ଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠିତ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ସାମୁଦ୍ରିକ ଝଡ ‘ତିତ୍‌ଲି’ ପ୍ରଭାବରେ ବର୍ଷା ଏବଂ ଏଥିଯୋଗୁ ସୃଷ୍ଟି ହୋଇଥିବା ବନ୍ୟାର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ

☞ପୃଷ୍ଠା-୧୧

# ବିଚାରପତିଙ୍କୁ ଛୁଟି ମନା

**କଟକଣା ଜାରିକଲେ ସିଜେଆଇ**

**ନୂଆଦିଲ୍ଲୀ,୧୨।୧୦**

ଅତି ଜରୁରୀ ନ ହେଲେ ବିଚାରପତିମାନେ କାର୍ଯ୍ୟଦିବସରେ ଛୁଟି ନେଇପାରିବେ ନାହିଁ। କୋର୍ଟଗୁଡ଼ିକରେ ବର୍ଷ ବର୍ଷ ଧରି ବହୁସଂଖ୍ୟକ ମାମଲା ଗଡୁଥିବାରୁ ଉଚିତ ସମୟରେ ସେଗୁଡ଼ିକର ବିଚାର ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ବିଚାରପତିମାନଙ୍କ ଛୁଟି ଉପରେ କଟକଣା ଜାରି କରିଛନ୍ତି। ଜଷ୍ଟିସ୍ ଗୋଗୋଇ ଅକ୍ଟୋବର ୩ରେ ୪୬ତମ ସିଜେଆଇ ଭାବେ ଶପଥ ନେଇଥିଲେ। ଏହାର ଦୁଇଦିନ ପରେ ସେ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ଅନ୍ୟୁନ ୨ ବରିଷ୍ଠ ବିଚାରପତିଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଥିଲେ। ସମୟବଦ୍ଧ ଭାବେ ମାମଲାଗୁଡ଼ିକର ଶୁଣାଣି ଓ ନ୍ୟାୟପାଳିକାରେ ଦୁର୍ନୀତି ରୋକିବା ଉପରେ ସେ ସେମାନଙ୍କଠାରୁ ପରାମର୍ଶ ଲୋଡିଥିଲେ। ବିଚାରପତିମାନେ ମଧ୍ୟ ଅନୁରୂପ ଭାବେ ଏହାର ସମାଧାନ ପାଇଁ ତାଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍ ଅନୁସାରେ ଦେଶର ତଳ କୋର୍ଟଗୁଡ଼ିକରେ ୨.୭୭ ମାମଲା ବିଚାରାଧୀନ ଅଛି। ୨୪ ହାଇକୋର୍ଟରେ ୪.୩ ନିୟୁତ ମାମଲା ଫଇସଲା ନ ହୋଇ ପଡ଼ିରହିଛି। ସେହିପରି ସୁପ୍ରିମକୋର୍ଟରେ ୫୫, ୯୪୬ ମାମଲା ଗଡୁଥିବା ଜଣାପଡ଼ିଛି।



ସିଜେଆଇ ରଞ୍ଜନ ଗୋଗୋଇ

**‘ଛୁଟି ବନ୍ଦ’ ସୂତ୍ର**

- ତଳକୋର୍ଟରୁ ସୁପ୍ରିମକୋର୍ଟ ଯାଏ କୌଣସି ବିଚାରପତି କାର୍ଯ୍ୟ ଦିବସରେ ଛୁଟି ନେଇପାରିବେ ନାହିଁ
- ଜରୁରୀ ଥିଲେ ଛୁଟି ମିଳିବ
- ଆଲୋଚନାଚକ୍ରରେ ଯୋଗଦେବା ଉପରେ ବି କଟକଣା
- ଅବଜ୍ଞା କଲେ ହାତରୁ ନ୍ୟାୟିକ ଦାୟିତ୍ୱ କାଢ଼ିନିଆଯିବ
- ଗଡୁଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ କଡ଼ା ପଦକ୍ଷେପ

☞ପୃଷ୍ଠା-୧୧

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


NECC NATIONAL EGG CO-ORDINATION COMMITTEE | 12.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers







**ଆଜିର ସମ୍ପାଦକୀୟ** ସୁରକ୍ଷା ରଣନୀତି


big shopper



**ଇଣ୍ଟରନ୍ୟାଶନାଲ ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ ସେଲ୍**

**ଏବେ ଭୁବନେଶ୍ୱରରେ ପୁଣିଥରେ**

**ମାତ୍ର ୩ ଦିନ ପାଇଁ - ୯୦% ପର୍ଯ୍ୟନ୍ତ ରିହାତି**

**ଭୁବନେଶ୍ୱର:** ଅନ୍ତର୍ଜାତୀୟ ଫ୍ୟାଶନ୍ ବ୍ରାଣ୍ଡର ରେଡିମେଡ୍ ପୋଷାକ ଅତି ଶସ୍ତା ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ସେଲ୍‌ରେ ପୁରୁଷ, ମହିଳା ଓ ଶିଶୁଙ୍କ ବ୍ରାଣ୍ଡେଡ୍ ପୋଷାକ ୯୦% ପର୍ଯ୍ୟନ୍ତ ରିହାତିରେ ଉପଲବ୍ଧ। ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ଫର୍ମାଲ୍ ଏବଂ କାଜୁଆଲ୍ ୱେର୍‌ର ୧୦୦% ଖାଣ୍ଟି ପୋଷାକର ସମ୍ଭାର ଅନେକ ଡିଜାଇନ, ସାଇଜ୍ ଓ ରଙ୍ଗର ବିକଳ୍ପ ସହିତ ଆକର୍ଷଣୀୟ ରିହାତି ମୂଲ୍ୟରେ ଉପଲବ୍ଧ ହେଉଛି। ଜୁନ ୨୦୧୮ରେ ଆମେ ଭୁବନେଶ୍ୱରବାସୀଙ୍କଠାରୁ ଅଭୂତପୂର୍ବ ଆଦୃତି ହାସଲ କରିଥିଲୁ, ଏହା ଆମକୁ ନୂଆ କଲେକ୍ସନ୍ ସହିତ ପୁଣିଥରେ ସେଲ୍ ଆୟୋଜନ କରିବା ପାଇଁ ପ୍ରେରଣା ଯୋଗାଇଥିଲା। ଏହି ସେଲ୍‌ରେ ବାଛିବା ପାଇଁ ଉପଲବ୍ଧ ଅଛି ୨୫୦୦୦ରୁ ଉର୍ଦ୍ଧ୍ୱ ରେଡିମେଡ୍ ପୋଷାକ। କଲେକ୍ସନ୍‌ର ରେଞ୍ଜ ସମ୍ପୂର୍ଣ୍ଣ ନୂଆ। ଟ.୧୨୯୫/- - ୧୯୯୫/- ମୂଲ୍ୟବର୍ଗର ପୋଷାକଗୁଡ଼ିକ ଅବିଶ୍ୱସନୀୟ ମୂଲ୍ୟରେ ଉପଲବ୍ଧ: ଶାର୍ଟ ଟ.୩୦୦/-ରୁ ୬୦୦/-, ଅଗ୍ରଣୀ ବ୍ରାଣ୍ଡର ଟ୍ରାଉଜର ଟ.୫୦୦/-ରୁ ୭୦୦/-, ୨୯୦୦/-ର ଏମ୍‌ଆର୍‌ପି ଥିବା ବ୍ରାଣ୍ଡେଡ୍ ଜିନ୍‌ସ ମାତ୍ର ଟ.୮୦୦/-ରେ ଉପଲବ୍ଧ, ଲେଡିଜ୍ ଜିନ୍‌ସ, ଟପ୍‌ସ, କୁର୍ତ୍ତି ଓ ଲେଗିଂସ୍‌ର ମୂଲ୍ୟ ଟ.୨୦୦/- - ୬୦୦/-, ପିଲାଙ୍କ ଫ୍ୟାଶନ୍ ୱେର୍ ଗାର୍ମେଣ୍ଟସ୍ ଟ.୧୫୦/-ରୁ ୫୦୦/- । **ସେଲ୍ ମାତ୍ର ୩ ଦିନ ପାଇଁ। ପରିଦର୍ଶନ କରନ୍ତୁ: ଦି ନ୍ୟୁ ମ୍ୟାରିୟନ୍ ହୋଟେଲ୍, ୬-ଜନପଥ, ରାମମନ୍ଦିର ସମ୍ମୁଖ, ଭୁବନେଶ୍ୱର।** ସମୟ ପୂର୍ବାହ୍ଣ ୧୦ ଘଟିକାରୁ ରାତି ୯ ଘଟିକା। ସେଲ୍ ମାତ୍ର ୩ ଦିନ ପାଇଁ ଏବଂ ଏହା ରବିବାର ଦିନ ଖୋଲା ରହିବ।

Advt.





ମୁଁ ଜଣେ ଭକ୍ତ ନୁହେଁ। ମୁଁ ମଧ୍ୟ ଜଣେ ଜ୍ଞାନୀ ନୁହଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହଁ। ମୁଁ ତା'ହେଲେ କ'ଣ ? ମୋର ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ

# ସୁରକ୍ଷା ରଣନୀତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚେଷ୍ଟା କରିଛନ୍ତି। ଗତ କିଛିମାସ ଭିତରେ ସରକାର ପ୍ରତିରକ୍ଷା ଯୋଜନା କମିଟି (ଡିପିସି) ଗଠନ କରିଛନ୍ତି, ଜାତୀୟ ସୁରକ୍ଷା କାଉନ୍‌ସିଲ ସେକ୍ରେଟାରିଏଟ୍ ପାଇଁ ବଜେଟ୍ ବୃଦ୍ଧି କରିଛନ୍ତି ଏବଂ ଜାତୀୟ ସୁରକ୍ଷା ପରିଷଦକୁ ସହାୟତା କରିବା ପାଇଁ ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍ (ଏସ୍‌ପିଜି)ର ପୁନର୍ଗଠନ କରିଛନ୍ତି। ଏଥିସହ ସରକାର ଭାରତର ବର୍ତ୍ତମାନ ଓ ଭବିଷ୍ୟତ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ତିନିଜଣ ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା, ଜଣେ ସାମରିକ ପରାମର୍ଶଦାତା ନିଯୁକ୍ତି ସହ ଚାଇନା ଉପରେ ଅନୁଧ୍ୟାନ ନିମନ୍ତେ ଏକ ଉତ୍ସର୍ଗୀକୃତ ଥିଙ୍କ୍ ଟ୍ୟାଙ୍କ୍ ଗଠନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନିର୍ଦ୍ଦେଶମତେ ଜାତୀୟ ସୁରକ୍ଷା ଢାଞ୍ଚାର ଯେଉଁ ସମୀକ୍ଷା କରାଯାଇଥିଲା, ଏହିସବୁ ପରିବର୍ତ୍ତନ ହେଉଛି ତାହାର ଫଳଶ୍ରୁତି। ଏହିସବୁ ପରିବର୍ତ୍ତନ ଉପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସବୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଉତ୍ଥାନକୁ ଇଙ୍ଗିତ କରୁଛି, ଯିଏ କି ସରକାର ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ପୁନର୍ଗଠନ କରିବା ଓ ସେଥିରେ ଡୋଭାଲଙ୍କୁ ଅଧ୍ୟକ୍ଷ କରିବା ଲାଗି ନିଷ୍ପତ୍ତି ନେବା ପରେ ଅଧିକ ଶକ୍ତିଶାଳୀ ହୋଇଯାଇଛନ୍ତି। ପୂର୍ବରୁ କ୍ୟାବିନେଟ୍ ସଚିବ ଥିଲେ ଗ୍ରୁପ୍‌ର ଅଧ୍ୟକ୍ଷ। କିନ୍ତୁ ବର୍ତ୍ତମାନ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ସ୍ଥାନରେ ଡୋଭାଲ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏଣିକି ସିହ୍ନା ଏ ସମ୍ପର୍କିତ କୌଣସି ପ୍ରସଙ୍ଗରେ ଡୋଭାଲଙ୍କୁ ରିପୋର୍ଟ କରିବେ। ସମ୍ଭବତଃ ଦେଶରେ ଏହା ପ୍ରଥମ ଥର ପାଇଁ ଘଟୁଛି। ୧୯୯୮ରେ ଜାତୀୟ ସୁରକ୍ଷା ପରାମର୍ଶଦାତା ପଦବୀ ସୃଷ୍ଟି ହେବା ପରଠାରୁ ପ୍ରଥମ ଥର ପାଇଁ ବରିଷ୍ଠତମ ଅମଲାତନ୍ତ୍ରୀ ଓ ତିନି ବାହିନୀର ସେନା ମୁଖ୍ୟ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର (ଡୋଭାଲ)ଙ୍କୁ ରିପୋର୍ଟ କରିବାକୁ ଯାଉଛନ୍ତି। ପୂର୍ବରୁ ଜଣେ ମାତ୍ର ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା ରହୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ତିନିକୁ ବୃଦ୍ଧି କରାଯିବା ଯୋଗୁ ଡୋଭାଲଙ୍କ ଭୂମିକା ଆହୁରି ଶକ୍ତିଶାଳୀ ହୋଇଯାଇଛି।

କେତେକେ ଯୁକ୍ତି କରିପାରନ୍ତି ଯେ, ଯେହେତୁ ଏନ୍‌ଏସ୍‌ଏ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ଅଧିକାରୀ, ତେଣୁ ତାଙ୍କର ସ୍ଥାନ କ୍ୟାବିନେଟ୍ ସଚିବଙ୍କ ଉପରେ। ତଥାପି ଜାତୀୟ ପ୍ରଶାସନିକ ସେବାର ମୁଖ୍ୟ ଏନ୍‌ଏସ୍‌ଏଙ୍କୁ ରିପୋର୍ଟ କରିବା କଥାଟାକୁ ଅନେକେ ଗ୍ରହଣ କରିପାରୁ ନାହାନ୍ତି। ଯଦି ଏନ୍‌ଏସ୍‌ଏ ମୋଦି ସରକାର ପାଇଁ ଏତେ ଅପରିହାର୍ଯ୍ୟ, ତା'ହେଲେ ତାଙ୍କୁ କେନ୍ଦ୍ର କ୍ୟାବିନେଟ୍‌ର ସଦସ୍ୟ କରିଦେଲେ ଭଲ ହୁଅନ୍ତା ବୋଲି ଅନେକେ ମତ ଦିଅନ୍ତି। ଆଉ କେତେକେ ଆଶଙ୍କା କରୁଛନ୍ତି ଯେ, ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ହଠାତ୍ ନବୀକରଣ ଫଳରେ ଏନ୍‌ଏସ୍‌ଏ ଡୋଭାଲଙ୍କର ଯେଉଁ କ୍ଷମତା ବୃଦ୍ଧି ପାଇଛି, ତାହା ଉପର ସ୍ତରରେ ଅସନ୍ତୁଳନ ସୃଷ୍ଟି କରିପାରେ। ତେବେ ଏସବୁ ବିତର୍କର ବିଷୟ। କିନ୍ତୁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତିରକ୍ଷା ଯୋଜନା କମିଟି କ'ଣ କିଛି ସଫଳତା ପ୍ରଦର୍ଶନ କରିପାରିବ ? ସେପରି କିଛି ଜଣାପଡୁ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ମୋଦି ସରକାର ଭାବିଛନ୍ତି ଦେଶର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ତାଙ୍କ ଇଚ୍ଛାକୁ ଡୋଭାଲ ହିଁ କେବଳ ସାକାର କରିପାରିବେ।

### ଡିଜିପି ନିଯୁକ୍ତି

ଥରକ ପାଇଁ ହେଉ ପଛେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ତାଙ୍କର ହରିୟାଣା ପ୍ରତିପକ୍ଷ ମନୋହର ଲାଲ ଖଟ୍ଟାର ଏକା ପୃଷ୍ଠାରେ ସ୍ଥାନ ପାଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏକ ଆଦେଶନାମାର ପୁନଃସମୀକ୍ଷା କରିବା ପାଇଁ ଉଭୟେ ଚାହୁଁଛନ୍ତି। ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ ଯେ, ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକର ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତିରେ ୟୁପିଏସ୍‌ସିର ସବୁଠାରୁ ଅଧିକ ଭୂମିକା ରହିବ। କିନ୍ତୁ ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀରେ କେନ୍ଦ୍ର ସରକାର ହିଁ ପୋଲିସ ଡିଜି ନିଯୁକ୍ତ କରିବେ। ୟୁପିଏସ୍‌ସି ତିନିଜଣ ବରିଷ୍ଠ ଅଧିକାରୀଙ୍କର ଏକ ପ୍ୟାନେଲ ତିଆରି କରିବେ, ଯେଉଁଥିରୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣଙ୍କୁ ବାଛିବେ। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶନାମା କାର୍ଯ୍ୟକାରୀ ହେଲେ ସଂଘୀୟ ଢାଞ୍ଚା ବିପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀଦ୍ୱୟ ଅନୁଭବ କରି ଏହାର ପୁନଃସମୀକ୍ଷା ପାଇଁ ଅନୁରୋଧ କରିଛନ୍ତି। ଯେହେତୁ ଆଇନଶୃଙ୍ଖଳା ରାଜ୍ୟର ବିଷୟ, ତେଣୁ ଆଇନଶୃଙ୍ଖଳା କଥା ବୁଝୁଥିବା ପୋଲିସ ମୁଖ୍ୟଙ୍କ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ହେବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ସିଂହଙ୍କ ଯୁକ୍ତି ହେଲା, ଗୋଟିଏ ରାଜ୍ୟ ପାଇଁ ଯେଉଁ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କୁ ଦିଆଯାଇଥାଏ, ସେମାନେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ହିଁ ନିଯୁକ୍ତି ପାଇଥାନ୍ତି। ଯେହେତୁ ରାଜ୍ୟ ସରକାର ଜନସାଧାରଣ ଓ ରାଜ୍ୟ ଆଇନ ସଭା ଆଗରେ ଉତ୍ତରଦାୟୀ, ତେଣୁ ଏପରି ଲୋକଙ୍କୁ ଡିଜିପି ଭାବେ ନିଯୁକ୍ତି ଦିଆଯିବା ଉଚିତ, ଯାହାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କର ପୂର୍ଣ୍ଣ ଆସ୍ଥା ରହିପାରୁଥିବ। ଅବଶ୍ୟ ଏଭଳି ପରମ୍ପରା ଯୋଗୁ ଅତୀତରେ ନିଜର ପ୍ରିୟ ଲୋକମାନଙ୍କୁ ହିଁ ନିଯୁକ୍ତି ଦିଆଯାଇ ଆସୁଥିଲା ଏବଂ ବାରମ୍ବାର ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ଆସୁଥିଲା। ଏହା ଅନ୍ୟ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଥିଲା। ପୋଲିସ ବିଭାଗର ସର୍ବୋଚ୍ଚ ପଦ ପାଇବାରୁ ଅନେକ ଯୋଗ୍ୟ ଅଫିସର ବଞ୍ଚିତ ହେଉଥିଲେ।

Email: dilipcherian@gmail.com

# ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



## ମନ-ମାନଚିତ୍ର

ଡ. ନରହରି ବେହେରା

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥାନ କୌଣସି ପବିତ୍ର ଦେବାଳୟଠାରୁ କମ୍ ନୁହେଁ। ଯେକୌଣସି ବିବଦମାନ ବିଷୟରେ ନ୍ୟାୟାଳୟର ନିର୍ଣ୍ଣାୟକ ମନ୍ତବ୍ୟକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଜନସାଧାରଣ। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ କେତୋଟି ରାୟ ଶୁଣାଇଛନ୍ତି, ସେଗୁଡ଼ିକ ରାଜନୀତିକ, ସାମାଜିକ ଏବଂ ପାରମ୍ପରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ରାୟ ଉପରେ ବିତର୍କ ହେବା ସ୍ୱାଭାବିକ।

ନିର୍ବାଚନ ହେଉଛି ଗଣତନ୍ତ୍ରର ମଙ୍ଗଳ ଆଳତି। ଏହାକୁ ସ୍ୱଚ୍ଛ, ନିରପେକ୍ଷ କରିବା ପାଇଁ ଏକ ନିଷ୍କଳଙ୍କ ଦରଦୀ ନେତା ସର୍ବାଦୌ ବାଞ୍ଛନୀୟ। ତେଣୁ ବିଭିନ୍ନ ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନଠାରୁ ଦୂରେଇ ରଖିବାକୁ ପ୍ରତ୍ୟେକ ସଚେତନ ନାଗରିକ ଚାହିଁଥାନ୍ତି। ଏ ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଛନ୍ତି, ଦାଗୀ ନେତାମାନଙ୍କୁ ନିର୍ବାଚନ ଲଢ଼ିବାରୁ ରୋକାଯିବ କି ନାହିଁ, ତାହା ଚିନ୍ତା କରିବା ଅଦାଲତଙ୍କ କାମ ନୁହେଁ। ରାଜନୀତିରେ ଅପରାଧୀକରଣ ଓ ଦୁର୍ନୀତିର ବୃଦ୍ଧି ଗଣତନ୍ତ୍ର ପାଇଁ କ୍ଷତିକାରକ ହୋଇଥିବାରୁ ବ୍ୟବସ୍ଥାପିକା ଏ ସଂକ୍ରାନ୍ତରେ ଆଇନ କରିବା ଆବଶ୍ୟକ। କିନ୍ତୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ତୁରନ୍ତ ଆଇନ ଆଣିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। ସମ୍ଭବତଃ ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ଜାତିଆଣ ସମ୍ପର୍କରେ ଯେଉଁ ମତ ଦେଇଥିଲେ ସେଥିରେ କ୍ଷୁବ୍ଧ ହୋଇ ସରକାର ଅଦାଲତଙ୍କୁ କହିଥିଲେ, ଅଦାଲତ ତାଙ୍କ କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। ତେଣୁ ଅଦାଲତ ଏ ପରିପ୍ରେକ୍ଷୀରେ କୌଣସି ସିଧାସଳଖ ରାୟ ନ ଶୁଣାଇ ବ୍ୟବସ୍ଥାପିକାକୁ ତା'ର କର୍ତ୍ତବ୍ୟ ମନେପକାଇ ଦେଇ ନୀରବ ରହିଛନ୍ତି। ବାସ୍ତବରେ ଯେଉଁମାନଙ୍କ ନାଁରେ କୌଣସି ଆପରାଧିକ ମାମଲା ଅଛି, ମାତ୍ର ସେମାନଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିନାହାନ୍ତି ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରିବା ଅସାମ୍ବିଧାନିକ ବ୍ୟାପାର ହେବ। କାରଣ କାହା ନାମରେ ଗୋଟିଏ ଅଭିଯୋଗ ଆସିଲେ ସେ ସ୍ୱତଃ ଅପରାଧୀ ହୋଇଯାଏ ନାହିଁ। ସେହି ଆଳରେ ଜଣେ ନେତାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଏ କ୍ଷେତ୍ରରେ ସବୁଠାରୁ ବଡ଼ ଅସୁବିଧା ହେଉଛି ବିଳମ୍ବିତ ନ୍ୟାୟ। ବିଳମ୍ବିତ ନ୍ୟାୟ ଯୋଗୁ ବହୁ ଗୁରୁତର ମାମଲାରେ ଜଡ଼ିତ ଥିବା ନେତାମାନେ ଅପରାଧୀ ଭାବରେ ଗଣା ହୋଇପାରନ୍ତି ନାହିଁ। ତେଣୁ ତ୍ୱରିତ ଫଇସଲା ହିଁ ଏହାର ସର୍ବଶ୍ରେଷ୍ଠ ନିରାକରଣ ହୋଇପାରିବ।

ଆଧାର ବୈଧତା ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହାର ପ୍ରଚଳନକୁ ସଙ୍କୁଚିତ କରିଛନ୍ତି ମାନ୍ୟବର ଅଦାଲତ। ସମୟ ଥିଲା ଭାରତର ଲୋକମାନେ ଭୋଟର ପରିଚୟପତ୍ରଟିଏ ପାଇବା ପାଇଁ ଦୌଡୁଥିଲେ। ଏବେ ପ୍ରତ୍ୟେକ କାର୍ଯ୍ୟରେ ଆଧାରକୁ ଏକ ଭିତ୍ତି ଭାବରେ ଗ୍ରହଣ କରାଯାଉଥିବାରୁ ସମସ୍ତେ ଆଧାର କାର୍ଡ ଖଣ୍ଡିଏ ପାଇବା ପାଇଁ ଧାଡ଼ି ବାନ୍ଧୁଛନ୍ତି। କାରଣ ଏଥିରେ ବ୍ୟକ୍ତିଙ୍କର ଆଖି, ଟିପଚିହ୍ନ ପ୍ରଭୃତି ଥିବାରୁ ଏହାକୁ ନକଲ କରାଯାଇପାରିବ ନାହିଁ। ତେଣୁ ଏହା ସବୁଠାରୁ ସୁରକ୍ଷିତ। ସର୍ବୋଚ୍ଚ ଅଦାଲତ ଏହାକୁ ସାମ୍ବିଧାନିକ ଭାବେ ବୈଧ ଏବଂ ସୁରକ୍ଷିତ ବୋଲି ଘୋଷଣା କରିଥିଲେ ମଧ୍ୟ ଏହାର ଯଥେଚ୍ଛାଚାର ବ୍ୟବହାରକୁ ସଙ୍କୁଚିତ କରିଛନ୍ତି। ଟେଲିକମ୍ କମ୍ପାନୀ ସହିତ ଘରୋଇ କମ୍ପାନୀ, ବ୍ୟାଙ୍କ, ସ୍କୁଲ ଏବଂ ବିମାନଯାତ୍ରା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ ରାୟ ଦେଇଛନ୍ତି। ଆଧାର ସୁରକ୍ଷିତ ହେଲେ ମଧ୍ୟ ସବୁକ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯିବାରୁ ଜନସାଧାରଣ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ତେଣୁ ଅଦାଲତଙ୍କ ଏହି ରାୟ ସେମାନଙ୍କ ମନରେ ଖୁସି ଆଣିଛି। ମାତ୍ର ଏହି ପାଞ୍ଚଜଣିଆ ଖଣ୍ଡପୀଠଙ୍କ ମଧ୍ୟରୁ ଅନ୍ୟତମ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆଧାର ସମ୍ପର୍କରେ ଭିନ୍ନମତ ଦେଇ କହିଛନ୍ତି, ଆଧାର ସଂକ୍ରାନ୍ତ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇ ନ ଥିବାବେଳେ ସର୍ବୋଚ୍ଚ ଅଦାଲତ ଆଧାର ଆଇନକୁ କାର୍ଯ୍ୟକାରୀ କରାଇବା ବ୍ୟବସ୍ଥାପିକା ସଭା ପ୍ରତି ଉପେକ୍ଷା।

ସରକାରୀ ପଦୋନ୍ନତିରେ ସଂରକ୍ଷଣ ଉପରେ ଅଦାଲତଙ୍କ ରାୟ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଫଇସଲା। ୨୦୦୬ ମସିହାରେ ସର୍ବୋଚ୍ଚ ଅଦାଲତର ପାଞ୍ଚଜଣିଆ ଖଣ୍ଡପୀଠ ବିଚାରବିମର୍ଶ କରିବା ପରେ ତତ୍କାଳୀନ ମୁଖ୍ୟ ବିଚାରପତି ଏଚ୍.ଏସ୍. କାପାଡ଼ିଆ ସଂରକ୍ଷଣ କ୍ଷେତ୍ରରେ କେତୋଟି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ଅନୁଯାୟୀ ସଂରକ୍ଷିତ ବର୍ଗର କର୍ମଚାରୀଙ୍କ ଅବସ୍ଥାକୁ ବିଚାରକରି ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଦିଆଯିବ କି ନାହିଁ ବିଚାର କରାଯିବ। ମାତ୍ର କୌଣସି ସରକାର ସେ ସମ୍ପର୍କରେ ତଥ୍ୟ ଦେଲେ ନାହିଁ। ତେଣୁ ଏହି ସର୍ତ୍ତକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ଅପିଲ କରିଥିଲେ। ସର୍ବୋଚ୍ଚ ଅଦାଲତ ପୂର୍ବ ସର୍ତ୍ତଗୁଡ଼ିକ ସହିତ ଆଉ ଦୁଇଟି ସର୍ତ୍ତ ଯୋଡ଼ିଛନ୍ତି- ସଂରକ୍ଷିତ ବର୍ଗ କର୍ମଚାରୀଙ୍କର ଉପଯୁକ୍ତ ସଂଖ୍ୟା ପ୍ରତିନିଧିତ୍ୱ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରି ଏବଂ ସଂରକ୍ଷଣଭିତ୍ତିକ ପଦୋନ୍ନତି ସମୟରେ ପ୍ରଶାସନିକ ବ୍ୟବସ୍ଥା କିପରି ପ୍ରଭାବିତ ନ ହେବ ସେଥିପ୍ରତି ଧ୍ୟାନ ଦେଇ ସଂରକ୍ଷଣ ଲାଗୁ କରିବାକୁ କହିଛନ୍ତି।

ପରକୀୟା ପ୍ରୀତିକୁ ଅପରାଧମୁକ୍ତ କରିବା ହେଉଛି ସବୁଠାରୁ ବିତର୍କିତ ରାୟ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଅନୁଯାୟୀ ଜଣେ ବିବାହିତ ମହିଳାଙ୍କ ସହିତ ତାଙ୍କ ସ୍ୱାମୀଙ୍କ ସହମତି ବିନା କୌଣସି ବିବାହିତ ପୁରୁଷ ଶାରୀରିକ ସମ୍ପର୍କ ରଖିଲେ ତା'କୁ ପରକୀୟା ପ୍ରୀତି କୁହାଯାଏ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପରକୀୟା ପ୍ରୀତିରେ ଲିପ୍ତ ଥିବା ପୁରୁଷଙ୍କ ବିରୋଧରେ ଫୌଜଦାରି ଦଣ୍ଡବିଧି ଆଇନର ଦଫା ୧୯୮ ଅନୁସାରେ ମାମଲା ଦାୟର କରିପାରୁଥିଲେ। ସମ୍ପୃକ୍ତ ପୁରୁଷ ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ପାଞ୍ଚବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗୁଥିଲେ। ଏ କ୍ଷେତ୍ରରେ ପରକୀୟା ପ୍ରୀତିରେ ଲିପ୍ତ ସ୍ତ୍ରୀଙ୍କ ବିରୋଧରେ ସ୍ୱାମୀ କୌଣସି ମାମଲା ଦାୟର କରିପାରୁ ନ ଥିଲେ। ଅପରପକ୍ଷରେ ପରକୀୟା ପ୍ରୀତିରେ ସମ୍ପୃକ୍ତ ଥିବା ପୁରୁଷର ସ୍ତ୍ରୀ ମଧ୍ୟ କୌଣସି ପଦକ୍ଷେପ ନେଇପାରୁ ନ ଥିଲେ। ନାରୀଙ୍କ ସ୍ୱାଧୀନତା କ୍ଷୁଣ୍ଣ କରୁଥିବା ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରିଥିଲେ କେରଳର ଜଣେ ପ୍ରବାସୀ ଭାରତୀୟ ଯୋଶେଫ୍ ସାଇନି। ସରକାର ଏହି ଚାଲେଞ୍ଜକୁ ଖାରଜ କରିବା ପାଇଁ ଯୁକ୍ତି କରିଥିଲେ ଯେ, ପରକୀୟା ପ୍ରୀତିକୁ ଦଣ୍ଡମୁକ୍ତ କରାଗଲେ ଏହା ସାମାଜିକ ଏବଂ ପାରିବାରିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିବ। ଆମ ସମାଜର ପରମ୍ପରା ଏବଂ ଭାବନାକୁ ସମ୍ମାନ ଦିଆଯିବା ଉଚିତ। ମାତ୍ର ଖଣ୍ଡପୀଠ ଏ ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ପରକୀୟା ପ୍ରୀତିରେ ଉଭୟ ପୁରୁଷ ଓ ନାରୀ ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବାରୁ କେବଳ ପୁରୁଷ କାହିଁକି ଦଣ୍ଡିତ ହେବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହି ଭେଦଭାବ ସମ୍ବିଧାନର ଧାରା ୧୪, ୧୫ ଓ ୨୧କୁ ଉଲ୍ଲଂଘନ କରୁଛି। ଅନ୍ୟପକ୍ଷରେ ନାରୀର ଯୌନ ସ୍ୱାଧୀନତା ରହିଛି, ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ସ୍ୱାମୀଙ୍କର ଅନୁମତି ନେବା ଅନାବଶ୍ୟକ। କାରଣ ସ୍ତ୍ରୀ ସ୍ୱାମୀଙ୍କର ସମ୍ପତ୍ତି ନୁହେଁ। ତେଣୁ ଏହି ଧାରା ଅସାମ୍ବିଧାନିକ। ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟ ସହ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଓ ଫୌଜଦାରି ଦଣ୍ଡବିଧି ଆଇନର ଧାରା ୧୯୮କୁ ରଦ୍ଦ କରିବା ସହିତ ପରକୀୟା ପ୍ରୀତିକୁ ଆଧାର କରି ଛାଡ଼ପତ୍ର ଆବେଦନ କରାଯାଇପାରିବ ଓ ଏହାକୁ ଅଦାଲତ ତଥ୍ୟ ଭାବରେ ଗ୍ରହଣ କରିବେ ବୋଲି କହିଛନ୍ତି। ମାତ୍ର ରକ୍ଷଣଶୀଳ ଭାରତୀୟ ସମାଜରେ ଏହାଦ୍ୱାରା ପାରିବାରିକ ଜୀବନ ଅଧିକ ବିପନ୍ନ ହେବ ଏବଂ ବ୍ୟଭିଚାର ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟଗୁଡ଼ିକ ଭବିଷ୍ୟତରେ ଆମ ସାମାଜିକ ଜୀବନରେ କି ପ୍ରଭାବ ପକାଉଛି, ତାହା ସମୟ କହିବ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ସରଳତାର ସଂଜ୍ଞା



ସୁଧିରାଜ ରାଉତ

ବନ୍ଧୁ ଆଉ ମୁଁ ଫେରୁଥାଉ ମାଲକାନଗିରିରୁ। ସର୍ପିଳ ରାସ୍ତା, ଅଙ୍କାବଙ୍କା ନଈ, ଶାଳ, ପିଆଶାଳର ମାଇଲ ମାଇଲ ସାମ୍ରାଜ୍ୟ। ବନ୍ଧୁ କହିଲେ- ଏହି ଘଞ୍ଚ ବନାନୀ, ଦୁର୍ଗମ ପାହାଡ଼ ଓ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କିଛି ଧୂର୍ତ୍ତ ସେମାନଙ୍କୁ ଧରାଇ ଦେଇଛନ୍ତି ବନ୍ଧୁକ, ସଜାଇ ଦେଇଛନ୍ତି ମାଓବାଦୀ। ମୁଁ ଝରକା ଆଉ ଝରଣା ଆଡୁ ମୁହଁ ଫେରାଇ ବନ୍ଧୁଙ୍କୁ କହିଲି- ସରଳତା ଶବ୍ଦଟିକୁ ଆମେ ଯତ୍ରତତ୍ର ବ୍ୟବହାର କରୁଛୁ। ଆଦିବାସୀଙ୍କ ଶିକ୍ଷାର ଅଭାବ, ଅଜ୍ଞାନତା, ମାନସିକ ଅନଗ୍ରସରତାର ସୁଯୋଗ ନେଉଛନ୍ତି ଅନ୍ୟମାନେ। ଅଜ୍ଞାନତା କ'ଣ ସରଳତା ? ଜଣେ ମାଓ କିଏ ଚିହ୍ନିନାହିଁ, ଅଥଚ ମାଓବାଦୀ ହୋଇଯାଉଛି- ଏହା ଅଜ୍ଞାନତା, ମୋଟେ ସରଳତା ନୁହେଁ। ବସ୍‌ର ଝରକା ଦେଇ ଶାଳର ସବୁଜ ସାମ୍ରାଜ୍ୟ ଆଡ଼େ ଚାହିଁଲି। ସରଳତାର ସ୍ୱରୂପ, ତା' ପବିତ୍ରତାର ପୁଲକ କିଭଳି ହୋଇପାରେ ? ଏମିତି ନିଘଞ୍ଚ ଥିଲା ପଞ୍ଚବଟୀ, ମାନସପଟରେ ଦେବୀଙ୍କର ସରଳ ହସ ଦିଶିଲା।

ଆଜି ଟିକେ ବିଳମ୍ବ ହେଲାଣି, ତରତର ହେଉଥିଲା ଶବରୀ ବୁଢ଼ୀ। କୋଳି ପାଚିଆଟି ଧରି ଟିକେ ବ୍ୟସ୍ତରେ ଫେରୁଥାଏ, ସକାଳ ସ୍ନାନ ସାରି ପବିତ୍ର ଯଜ୍ଞ ପ୍ରସ୍ତୁତି ପାଇଁ ଫେରୁଥାନ୍ତି ଋଷି ପୁଷ୍କରିଣୀରୁ। ବ୍ୟସ୍ତ ଶବରୀର କୋଳି ପାଚିଆଟି ଟିକେ ବାଜିଗଲା ଋଷିଙ୍କ ଦେହରେ, ବାସ୍ ଏତିକି... ସତେ ଅବା ସମୟ ଅଟକିଗଲା, ପବନ ଥମିଗଲା, ଗତିମାନ୍ ସୂର୍ଯ୍ୟ ସ୍ଥିର ହୋଇଗଲେ ଋଷିଙ୍କ କ୍ରୋଧରେ। ପବିତ୍ର ଯଜ୍ଞକୁ ଯାଉଥିବା ଋଷିର ଶୁଦ୍ଧତାକୁ ନଷ୍ଟ କଲୁ ତୁ ଅପବିତ୍ରା, ଅଭିଶାପ ଦେଉଛି- ଯାହାଙ୍କ ଦର୍ଶନ ପାଇଁ ତୁ ଏତେ ପାଗଳୀ, ଚାତକୀ ପରି ଚାହିଁଛୁ ସେହି ଶ୍ରୀରାମଙ୍କ ସହ ତୋର କଦାପି ସାକ୍ଷାତ୍ ହେବନାହିଁ। ଋଷି ପୁଣି ଶୁଦ୍ଧ ହେବାକୁ ପୁଷ୍କରିଣୀ ଆଡ଼େ ଫେରିଲେ, ବୁଢ଼ୀ ଋଷିଙ୍କ ଅଭିଶାପ ଶୁଣି, ପାଚିଲା ପତ୍ରଟିଏ ଗଛରୁ ଝଡ଼ିପଡ଼ିବା ଭଳି ସରଳ ହସଟିଏ ହସି ତା' କାମରେ ଲାଗିଗଲା। ଋଷି ପୁଷ୍କରିଣୀରେ ପହଞ୍ଚି ଦେଖିଲେ ଜଳ ରୂପ ନେଇଛି ରକ୍ତର। ପ୍ରକୃତିସ୍ଥ ହେଲେ ଋଷି, ବୁଢ଼ୀର ସରଳ ସାମର୍ଥ୍ୟର ପବିତ୍ରତାରେ ସ୍ତବ୍ଧ ହେଲେ, ତା' ଚେତନାର ଉଚ୍ଚତାରେ ଅଭିଭୂତ ହେଲେ, କ୍ଷମା ମାଗିଲେ ଈଶ୍ୱରଙ୍କୁ, ବୁଢ଼ୀ ନିକଟକୁ ଆସି କ୍ଷମା ଯାଚନା କଲେ। ବୁଢ଼ୀ ତା' ପାକୁଆ ପାଟିରେ ହସ ଖେଳାଇ କହିଲା- ଋଷି ଠାକୁର! ଆପଣଙ୍କୁ କ୍ଷମା ଦେବାକୁ ମୁଁ କିଏ ?

'ସରଳତା' ଋଷିଙ୍କ ଅଭିଶାପରେ ବିଚଳିତ ହୁଏନି, ରାଜା, ମହାରାଜା ପୂଜା କରୁଥିବା ଋଷି, ତାକୁ କ୍ଷମା ମାଗୁଛି ଦେଖି ଅହଂକାରରେ ମୋଟେ ସ୍ଫୀତ ହୁଏନି। ସରଳତା- ବହୁଥିବା ପବନ ଭଳି, ଫୁଟୁଥିବା ଫୁଲଭଳି, ଉଁଥିବା ସୂର୍ଯ୍ୟଭଳି ଈଶ୍ୱରୀୟ।

ଶବ୍ଦଟା ଯେତେ ସହଜ ଲାଗୁଛି ବାସ୍ତବ ଜୀବନରେ ଏପରି ହୋଇ ଉଠିବା, ସେତେ ସହଜ ନୁହେଁ। ୟୁନାନର ସନ୍ଥ ଶୁକ୍ରାତ୍‌ଙ୍କ ଜୀବନରୁ ଏମିତି ଘଟଣାଟିଏ- ରାଜା ଘୋଷଣା କଲେ ମୋ ରାଜ୍ୟର ଶ୍ରେଷ୍ଠ ଜ୍ଞାନୀଙ୍କୁ ନିର୍ଦ୍ଧାରିତ ଦିନ ପୁରସ୍କୃତ କରାଯିବ ଏବଂ ମନ୍ତ୍ରିମଣ୍ଡଳରେ ଶ୍ରେଷ୍ଠସ୍ଥାନ ଦିଆଯିବ। ଜ୍ଞାନୀ ବ୍ୟକ୍ତିଙ୍କର ଲମ୍ବା ପଟୁଆର ଏବଂ ପରୀକ୍ଷା ପରେ କେହି ରାଜାଙ୍କୁ ଯଥାର୍ଥ ଜ୍ଞାନୀ ମନେ ହେଲେ ନାହିଁ। ନିର୍ଦ୍ଧାରିତ ଦିନଟି ନିକଟ ହୋଇ ଆସୁଥାଏ, ରାଜା ଉପାୟଶୂନ୍ୟ ହୋଇ ନିଜ ଆରାଧ୍ୟଙ୍କ ସାହାଯ୍ୟ ପ୍ରାର୍ଥନା କଲେ, ସ୍ୱପ୍ନାଦେଶ ହେଲା ଶୁକ୍ରାତ୍ ସବୁଠୁ ଜ୍ଞାନୀ। ରାଜ୍ୟର ଜ୍ଞାନୀଙ୍କ ତାଲିକାରେ ଶୁକ୍ରାତ୍‌ଙ୍କ ନାମ ହିଁ ନ ଥିଲା। ରାଜା ଖୋଜାଖୋଜି କରି ଶୁକ୍ରାତ୍‌ଙ୍କ ନିକଟରେ ପହଞ୍ଚିଲେ। ନିଜ ଜମିରେ କାମ କରୁଥାନ୍ତି ଶୁକ୍ରାତ୍, ରାଜା କହିଲେ ମହାଶୟ ଆପଣ ଶ୍ରେଷ୍ଠଜ୍ଞାନୀ, ଆପଣଙ୍କୁ ପୁରସ୍କୃତ କରିବାକୁ ସିଦ୍ଧାନ୍ତ ନେଇଛୁ। ଛୋଟ ହସଟିଏ ହସି ରାଜାଙ୍କୁ ଚାହିଁ ଶୁକ୍ରାତ୍ କହିଲେ- ମହାରାଜ! ଆପଣ ଛ' ମାସ ପୂର୍ବରୁ ଏହା କହିଥିଲେ ମୁଁ ହଁ କହିଥାନ୍ତି। କିନ୍ତୁ ସେଇ କରୁଣାମୟ ଈଶ୍ୱର ମୋତେ ଏ ମଧ୍ୟରେ ଦେଖାଇ ଦେଇଛନ୍ତି ମୁଁ କେତେ ଅଜ୍ଞାନ।

ଶୁକ୍ରାତ୍ ଛ' ମାସ ତଳେ ଜ୍ଞାନୀ ଥିଲେ, ଆଜି ନିଜକୁ ଅଜ୍ଞାନ ମନେକରୁଛନ୍ତି। ଏହା ହିଁ ସରଳତା। ଆମେ ଆଜି ସମସ୍ତେ ଏହି ସରଳତାଠାରୁ ଅନେକ ଦୂରରେ। ଯଦି ରାସ୍ତାରେ କେହି ଚାହିଁ ହସିଦେଲା, ଭାବୁଛୁ- ଏହି ହସ ପଛରେ ନିଶ୍ଚୟ କିଛି କାରଣ ଥିବ। କେହି ଯଦି ଆତ୍ମୀୟ ଫୋନ କରି ଭଲମନ୍ଦ ପଚାରିଲା, ଆମେ ଏହା ପଛରେ ମତଲବଟିଏ ଥିବ ଭାବୁଛୁ। କେହି ଯଦି ହାତ ବଢ଼ାଇ ବସ୍‌ରେ ଓଜନିଆ ବ୍ୟାଗଟିକୁ ଉଠାଇବାକୁ ସାହାଯ୍ୟ କଲା, ମନରେ କେତେ ସନ୍ଦେହ ଆଉ ପ୍ରଶ୍ନ ଆସୁଛି। ଏହାର ଏକମାତ୍ର କାରଣ ଆମେ ଆଜି ସରଳତାଠାରୁ ବହୁ ଦୂରରେ। କେତେ ଦୂରରେ ସହଜରେ କହିହେବନି, ଘଟଣାଟିଏ ସେହି ଦୂରତାର କିଛି ଆକଳନ ଦେବ- ଲିଫ୍ଟ ତଳକୁ ଖସୁଥାଏ, ଦୁଇ ତରୁଣୀ ବାନ୍ଧବୀ ଜେଆର୍‌ଡି ଟାଟାଙ୍କୁ ଚାହିଁ ଛୁପିଛୁପି କିଛି କଥା ହେଉଥାନ୍ତି। ଲିଫ୍ଟ ଅଟକିଲା, ତରୁଣୀ ଦୁଇ ଜଣ ଲିଫ୍ଟରୁ ବାହାରୁ ବାହାରୁ ହସି ହସି କହିଲେ ଅଙ୍କଲ! ଆପଣ ଏକଦମ୍ ଜେଆର୍‌ଡି ଟାଟାଙ୍କ ଭଳି ଦିଶୁଛନ୍ତି। ଶିଳ୍ପ ମହାନାୟକ ଉତ୍ତର ଦେଲେ- ହଁ, ମୁଁ ତ ଜେଆର୍‌ଡି ଟାଟା। ତରୁଣୀ ଦୁଇଜଣ ଆଖି ନଚାଇ ହସରେ ଦୁଷ୍ଟାମି ଖେଳାଇ କହିଲେ- ହଁ ନିଶ୍ଚୟ, ନିଶ୍ଚୟ... ଆପଣଙ୍କୁ ଯିଏ ଦେଖିବ ତାହାହିଁ ଭାବିବ। ତରୁଣୀ ଦୁହେଁ ଶେଷ ଯାଏ ବିଶ୍ୱାସ କଲେନାହିଁ- ଇଏ, ସତରେ ଜେଆର୍‌ଡି ଟାଟା। ଆଜି ଆମେ ସମସ୍ତେ ଏହି ଘଟଣା ଭଳି, ସରଳତାଠାରୁ ଠିକ୍ ଏତିକି ଦୂରରେ। ଆଜି ଆମ ଦୃଷ୍ଟିକୋଣରେ ଅସାଧାରଣ ଦେଖିବା, ଦେଖେଇ ହେବାର ଭୋକ, ପ୍ରତି କଥାକୁ ଜଟିଳ କରି ବୁଝିବାର ଆଧୁନିକତା ଆମଠାରୁ ଛଡ଼ାଇ ନେଇଛି ଆନନ୍ଦର ମୂଳ ଭିତ୍ତି ସରଳତା।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ-୯୮୬୧୯୬୯୬୭୮

## ଏଇ ଭାରତରେ

କୋଲକାତା ଦୁର୍ଗାପୂଜାର ପ୍ରସିଦ୍ଧି ବିଷୟରେ ସମସ୍ତେ ଅବଗତ। କିନ୍ତୁ ଉତ୍ତର କୋଲକାତାରେ ରାସ୍ତାକଡର ପିଲାଙ୍କ ଦ୍ୱାରା ନୂଆକରି ଏକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହାକୁ 'ଫୁଟ୍‌ପାଥ୍ ଦୁର୍ଗାପୂଜା' କୁହାଯାଉଛି। ରାସ୍ତାକଡ ଝୁମ୍ପୁଡ଼ିରେ ବାସ କରୁଥିବା ପିଲାମାନେ ପ୍ରତିବର୍ଷ ଜନଗହଳିପୂର୍ଣ୍ଣ ଦୁର୍ଗାପୂଜା ଦେଖିବାକୁ ଯାଆନ୍ତି। କିନ୍ତୁ କେବେ ମା' ଦୁର୍ଗାଙ୍କୁ ପୂଜା କରିବାର ଅବସର ପାଇ ନ ଥିଲେ। ଅପରିଚ୍ଛନ୍ନ ପୋଷାକ ପିନ୍ଧିଥିବାରୁ ସେମାନଙ୍କୁ ପୂଜା ମଣ୍ଡପ ପାଖକୁ ଯିବାକୁ ଦିଆଯାଉ ନ ଥିଲା। ତେଣୁ ଫୁଟ୍‌ପାଥ ଦୁର୍ଗାପୂଜା ସେମାନଙ୍କ ପାଇଁ ଏକ ଅବସର ସୃଷ୍ଟି କରିଛି; ଯେଉଁଠାରେ ସେମାନେ ଏକତ୍ର ପୂଜା କରିବାର ସୁଯୋଗ ପାଇବେ। ଏହି ପିଲାମାନେ ସମାଜରେ ଅବହେଳିତ। ମା' ଦୁର୍ଗାଙ୍କ ପୂଜା ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଏ ସମ୍ପର୍କରେ ସେମାନେ କହନ୍ତି, ଆମେ ମା'ଙ୍କୁ ପୂଜା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିବୁ। ମା' ଆମର ମନସ୍କାମନା ପୂରଣ କରିବେ। ଆମକୁ ଛୋଟ ନଜରରେ ଦେଖି ପୂଜାସ୍ଥଳୀକୁ ଯିବାକୁ ସମସ୍ତେ ବାରଣ କରୁଥିଲେ। ତେଣୁ ଆମେ ପାଖାପାଖି ୨୦ ପିଲା ମିଶି ବାଗ୍‌ବଜାରସ୍ଥିତ ମେୟର ବାରି ନିକଟ ଏକ ପ୍ରାଥମିକ ସ୍କୁଲ୍‌ରେ ପୂଜା ଆରମ୍ଭ କରିଛୁ। ରାସ୍ତାରୁ ସଂଗୃହୀତ ମାଟିର ଚା କପ୍, କଡା ଦଉଡିରେ ପ୍ରସ୍ତୁତ ଛୋଟ ଛୋଟ ଫୁଲ, ରିବନ୍ ଏବଂ ସୁନ୍ଦର ଚିତ୍ର ଦ୍ୱାରା ଦେବୀଙ୍କ ମଣ୍ଡପ ସଜାଯାଇଛି। ଆମକୁ ଅନ୍ୟ ପୂଜାମଣ୍ଡପକୁ ଅନୁମତି ମିଳୁ ନ ଥିଲେ ବି ଆମ ପୂଜା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ପୂର୍ବରୁ ଯେଉଁମାନେ ଆମକୁ ପୂଜାସ୍ଥଳୀକୁ ଯିବାକୁ ଅନୁମତି ଦେଉ ନ ଥିଲେ ସେମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପିଲାମାନେ କହିଛନ୍ତି। ଏଥିପାଇଁ ଦେବଜିତ ଦାସ ନାମକ ଜଣେ ପିଲା ଗଙ୍ଗା ନଦୀକୂଳରୁ ମାଟି ସଂଗ୍ରହ କରି ୧ ଫୁଟ ଉଚ୍ଚତାର ଦୁର୍ଗାମୂର୍ତ୍ତି ତିଆରି କରିଛନ୍ତି। ମା'ଙ୍କ ଆଶୀର୍ବାଦ ପାଇଲେ ଆହୁରି ଭଲ ମୂର୍ତ୍ତି ତିଆରି କରିବେ ବୋଲି ସେ ଆଶା ରଖିଛନ୍ତି। ଏଥର ପୂଜା ଅବସରରେ ସେମାନେ ନୂଆ ପୋଷାକ ପିନ୍ଧିବେ, ସୁସ୍ୱାଦୁ ଖାଦ୍ୟ ଖାଇବେ ଏବଂ ମନଖୁସିରେ ମା'ଙ୍କ ପୂଜା ଉତ୍ସବ ପାଳନ କରିବେ। ପିଲାମାନଙ୍କର ଏହି ଉଦ୍ୟମରେ ସେମାନଙ୍କ ମାତାପିତା ବେଶ୍ ଖୁସି ଥିବା ଜଣାଯାଇଛି।

## ସୁ-ଡୋ-କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | D | | 5 | | 8 | 0 | 9 | | | B | |
| | C | 8 | | | | | | 1 | D | | | 3 | | 0 |
| | | | | | | D | | | | C | | | | E |
| | | | 5 | | | | 3 | | | | | | | |
| | A | | | | 7 | | 4 | | 2 | | 8 | | | 1 |
| | | | 4 | | | | | | 8 | 1 | 9 | A | | 7 |
| 6 | 0 | | | | | | | 2 | 5 | | D | | 3 | C |
| | E | | | | 8 | | 1 | | | | | | 0 | 9 |
| | 3 | D | C | | 2 | | A | 7 | | 0 | B | | | |
| | 9 | | | | | | | D | | 7 | | 6 | | 2 |
| B | | 2 | A | | | | | | | | | | 6 | 8 |
| | | 3 | 8 | | E | 9 | | | 4 | | | | 1 | 5 |
| | 7 | | 2 | | C | | B | A | | | | | 9 | |
| | | | | 1 | | 6 | | | B | | | | | |
| | | C | | 5 | | E | 2 | | 1 | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 0 | 3 | D | 4 | E | 9 | 1 | 5 | 6 | 7 | B | C | 8 | 2 |
| 4 | D | 6 | 2 | 3 | C | 0 | 7 | B | 8 | 5 | A | E | 1 | 9 |
| 2 | E | 9 | 5 | B | 6 | D | 4 | 8 | C | 0 | 1 | A | 3 | 7 |
| B | 1 | 7 | 9 | A | 8 | 6 | C | 3 | D | 2 | E | 0 | 5 | 4 |
| 8 | C | 5 | 0 | 7 | 1 | A | 2 | E | 9 | 3 | 4 | B | D | 6 |
| 1 | 8 | E | 6 | 5 | 3 | C | A | 7 | 0 | D | 2 | 9 | 4 | B |
| 9 | 2 | A | 1 | 8 | 4 | 5 | 6 | 0 | E | B | 3 | D | 7 | C |
| 3 | 5 | B | 7 | E | 9 | 4 | D | 1 | A | 8 | C | 6 | 2 | 0 |
| 7 | 4 | 0 | B | C | D | E | 8 | 2 | 5 | 6 | 9 | 1 | A | 3 |
| D | 6 | C | A | 2 | 0 | B | 3 | 9 | 4 | 1 | 7 | 5 | E | 8 |
| 0 | A | 8 | C | D | 7 | 1 | B | 6 | 2 | 4 | 5 | 3 | 9 | E |
| 5 | 9 | 2 | 3 | 6 | B | 7 | 0 | 4 | 1 | E | D | 8 | C | A |
| 6 | 3 | 1 | E | 9 | 2 | 8 | 5 | C | 7 | A | 0 | 4 | B | D |
| E | 7 | D | 4 | 0 | 5 | 3 | 9 | A | B | C | 8 | 2 | 6 | 1 |
| C | B | 4 | 8 | 1 | A | 2 | E | D | 3 | 9 | 6 | 7 | 0 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତାର ବାର୍ତ୍ତା

ମହାଶୟ,

'ଧରିତ୍ରୀ'ର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ 'କେରଳରେ ଜଳ ପ୍ରଳୟ' ଲେଖାରେ ମାନବ ସମାଜ ପାଇଁ ଥିଲା ଏକ ସତର୍କବାଣୀ। ପ୍ରକୃତି କ୍ରୋଧର ଭୟାବହତା ବ୍ୟାପକ ଧନଜୀବନ ହାନିର କାରଣ। ମନୁଷ୍ୟ ଅବିଚାରିତ ଭାବରେ ପ୍ରକୃତି ଉପରେ କରୁଥିବା ଅତ୍ୟାଚାର ଯୋଗୁ ପ୍ରକୃତି ଆଜି ଦାଉ ସାଧୁଛି। କିଛିବର୍ଷ ପୂର୍ବେ ଓଡ଼ିଶାରେ ହୋଇଥିବା ବନ୍ୟାଜନିତ ଖଣ୍ଡପ୍ରଳୟ, ଉତ୍ତରାଖଣ୍ଡର ବାଦଲଫଟା ବର୍ଷା ଏହାର ଦୃଷ୍ଟାନ୍ତ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡ଼ଗାଁ, ନୟାଗଡ଼

### ବୟସ୍କମାନେ ଅଲୋଡ଼ା ନୁହନ୍ତି

ଧରିତ୍ରୀ (୧୧୧୦)ରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ବୟସ୍କମାନେ ଅଲୋଡା ନୁହନ୍ତି' ଲେଖାଟି ବରିଷ୍ଠ ନାଗରିକମାନଙ୍କ ପ୍ରତି ସକାରାତ୍ମକ ଚିନ୍ତାଧାରାର ଏକ ମାର୍ମିକ ପରିପ୍ରକାଶ। ସମ୍ପ୍ରତି ବୃଦ୍ଧ ପିତାମାତାମାନେ ସନ୍ତାନମାନଙ୍କ ଦ୍ୱାରା ଯେପରି ଅବହେଳିତ ଓ ଅଦରକାରୀ ମନେହେଉଛନ୍ତି ଏହା ତାହାର ନୀରବ ପ୍ରତିବାଦ। ରୋମାନିଆର ଶାସକଙ୍କର ନିର୍ଦ୍ଦେଶକୁ ଅବଜ୍ଞା କରି ଯୁବକଟି ଯେଉଁ ମହନୀୟତା ପ୍ରଦର୍ଶନ କରିଥିଲା ତାହା ଆଜିର ଯୁବଗୋଷ୍ଠୀର ଧ୍ୟେୟ ହେବା ଉଚିତ। ଏପରି ଉପାଦେୟ ଓ ଶିକ୍ଷଣୀୟ ଲେଖା ପାଇଁ ଶ୍ରୀ ମିଶ୍ରଙ୍କୁ ସାଧୁବାଦ ଜଣାଉଛି।

ବାମଦେବ ସ୍ୱାଇଁ, କମାଶାସନ, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କର୍ପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ-ଜରି ଅଞ୍ଚଳେ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୩

- ଆମେରିକାର ରବର୍ଟ ଡବ୍ଲ୍ୟୁ ଫୋଜେଲ ଓ ଡୌଗ୍ଲାସ ସି. ନର୍ଥଙ୍କୁ ଯୁଗ୍ମ ଭାବେ ୧୯୯୩ ବର୍ଷର ଅର୍ଥନୀତି ପାଇଁ ନୋବେଲ ପୁରସ୍କାର।
- ଗାଜାଷ୍ଟ୍ରିପ ଏବଂ ୱେଷ୍ଟବ୍ୟାଙ୍କର ଜେରିକୋ ସହରକୁ ସ୍ୱୟଂଶାସନ କ୍ଷମତା ପ୍ରଦାନ ନେଇ ପିଏଲଓ ଏବଂ ଇସ୍ରାଏଲ ମଧ୍ୟରେ ହୋଇଥିବା ଚୁକ୍ତି ପାର୍ଲାମେଣ୍ଟରେ ଅନୁମୋଦନ।


11 BLOOMING YEARS
Reliance
Growth is Life
ଉତ୍କୃଷ୍ଟ ମୁହୂର୍ତ୍ତରୁ ଅମୂଲ୍ୟ ପ୍ରତିଶ୍ରୁତି ପର୍ଯ୍ୟନ୍ତ
ଆପଣଙ୍କ ସହିତ ପ୍ରତିଟି ମୁହୂର୍ତ୍ତରେ
ଖାସ୍ ଦୀପାବଳୀ ଅଫର୍ | 12 ଅକ୍ଟୋବର–11 ନେଭମ୍ବେର 2018
ଫ୍ଲାଟ୍ 50% ଛାଡ଼*
ଗୋଲ୍ଡ ଜ୍ୱେଲରୀ ତିଆରି ଉପରେ
(₹75,000 ରୁ ଉର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)
ଫ୍ଲାଟ୍ 0%
ମେକିଂ ଡାଇମଣ୍ଡ ଜ୍ୱେଲରୀ ଉପରେ*
(₹75,000 ରୁ ଉର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)
ଫ୍ଲାଟ୍ 75% ଛାଡ଼*
ଗୋଲ୍ଡ କଏନ୍ ମେକିଂ ଉପରେ
(50 ଗ୍ରାମ୍ ଓ ଉର୍ଦ୍ଧ୍ୱ ଆକାର ଉପରେ)
ଏହା ସହିତ ପାଆନ୍ତୁ ଅନନ୍ୟ ଭାଲ୍ୟୁ ଆଡିଶନ୍‌ସ ଯେପରି
ଓଲ୍ଡ ଗୋଲ୍ଡ ଏକ୍ସଚେଞ୍ଜ୍ ଉପରେ ସମ୍ପୂର୍ଣ୍ଣ ଫେରସ୍ତ ଓ ଫ୍ରୀ ଜ୍ୱେଲରୀ ଇନସୁରାନ୍‌ସ*
COMPLIMENTARY SERVICES AND BENEFITS
100% PEACE OF MIND
FREE JEWELLERY INSURANCE FREEDOM TO ADORN
Protection against Loss & Theft
BIS Hallmarked Gold
Internationally Certified Diamond
COMPLIMENTARY SERVICES
Free Gold Purity Check
Free Jewellery Cleaning
DESIGNS
Customised Jewellery
Exclusive Designs by In-house Designers
BENEFITS
Deduction on Old Gold Exchange
Earn loyalty points on every purchase
Company Owned Showrooms
100% current rate exchange for Reliance Jewels Jewellery
Great Exchange Policies for Non Reliance Jewels Jewellery
Reliance Jewels charges on Net Wt. of Gold, not Gross Wt.
QC TechRoom for minor repairs
Reliance Jewels
BE THE MOMENT
98 Showrooms in 51 Cities
ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 • ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541
କଟକ: କେଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 0671-2520011
ଅଧିକନ୍ତୁ, କିଣନ୍ତୁ ଟ୍ରେଣ୍ଡି ଲାଇଟ୍-ୱେଟ୍ ଫାଇନ୍ ଜ୍ୱେଲରୀ ରିଲାଏନ୍‌ସ ଜ୍ୱେଲ୍‌ସ SIS: At TRENDS • ପ୍ଲଟ୍ ନଂ. 12/2902. 2907, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ସ୍କୋୟାର୍, କଟକ • ସହୀଦ ନଗର ଜନପଥ
thoughtrains-kaleido RJ081018




Mahindra Rise.
ମହିନ୍ଦ୍ରା ଡବଲ ଧମାକା
ସୁନିଶ୍ଚିତ ଉପହାରର ବର୍ଷା
ମହିନ୍ଦ୍ରା ସାଥିରେ ଉତ୍ସବର ରଙ୍ଗ ମନାନ୍ତୁ ଏବଂ କୋଟିଏ ପର୍ଯ୍ୟନ୍ତ ଉପହାର ଜିତନ୍ତୁ*
ପ୍ରତ୍ୟେକ କ୍ରୟ ଉପରେ ପାଆନ୍ତୁ ୮୧୦୦୦ ଠାରୁ ୧୦୦୦୦ ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ ଉପହାର*
BOLERO POWER PLUS ₹ 33,000* ପର୍ଯ୍ୟନ୍ତ ର ଲାଭ
SCORPIO ₹ 38,000* ପର୍ଯ୍ୟନ୍ତ ର ଲାଭ
XUV500 ₹ 35,000* ପର୍ଯ୍ୟନ୍ତ ର ଲାଭ
TUV300 ₹ 38,000* ପର୍ଯ୍ୟନ୍ତ ର ଲାଭ
KUV100 NXT ₹ 72,000* ପର୍ଯ୍ୟନ୍ତ ର ଲାଭ
Special benefits to the Employees of Corporates, Govt, CSD/CPC & SMEs (Company name) For Fleet & Bulk enquiries contact sales.corporate@mahindra.com
Privilege
*Terms & Conditions apply. Offer valid on select models till stocks last. Insurance is a subject matter of solicitation and is at the discretion of the Insurance Company. This offer cannot be clubbed with any other offer. Offer mentioned is the maximum benefit available, subject to insurance and finance availed through dealership only. It includes exchange bonus (through Mahindra X Mart/First Choice counters only) and corporate bonus as applicable. Extent of discount will vary if vehicle is purchased against cash, extent of funding exposure, insurance options available with dealership. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/amended/withdrawn without prior notice. Accessories shown are not part of standard equipment. For more information please visit: www.mahindraauto/nearestdealership. T&C apply.
For Corporate/Fleet/CSD & CPC enquiries writes to us as sales.corporate@mahindra.com
with you hamesha 1800-209-6006
XMart EXCHANGE OR BUY. WITH TRUST.
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 7574808551
ADITYA MOTORS: CUTTACK, JAGATSINGHPUR, JAJPUR, PANIKOILI, KENDRAPARA, PURI, NAYAGARH, KHURDA: 7873999010, 7873999027
The prize money mentioned is the total amount of money to be own by all customers during this scheme period *Conditions Apply, Scheme includes consumer offer, exchange bonus & corporate benefits.

**+PILES CLINIC+**
Near Budheswari Temple, ମଧ୍ୟ ବିଦ୍ୟୁତ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ୧୩ ଅକ୍ଟୋବର, ୨୦୧୮




## ୨ୟ ବାଇପାସ ରାସ୍ତା ନିର୍ମାଣ ଦାବି

**କେନ୍ଦ୍ରାପଡା ଅଫିସ, ୧୨।୧୦**

କେନ୍ଦ୍ରାପଡା ସହରରେ ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଗୋବରୀ କେନାଲ କୂଳରେ ଏକ ବାଇପାସ ରାସ୍ତା ନିର୍ମାଣ ହୋଇଥିଲା । ସହରର ବଜାର ମଧ୍ୟଦେଇ ଯାଇଥିବା ମୁଖ୍ୟ ରାସ୍ତା ଓ ଗୋବରୀ କେନାଲର ବାଇପାସ ରାସ୍ତା ଏବେ ସହରବାସୀଙ୍କ ଗମନାଗମନ ଆବଶ୍ୟକତା ପୂରଣ ପାଇଁ ସକ୍ଷମ ନୁହେଁ। ଏଥିଲାଗି ୨ୟ ବାଇପାସ ରାସ୍ତା ନିର୍ମାଣ ପାଇଁ କଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ଦାବି କରିଛନ୍ତି। ଏନେଇ ସହରର ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଡାକି ସେ ଏସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ସରକାରଙ୍କ ଅମଳରେ ୫ କୋଟି ଟଙ୍କା ବଜେଟରେ ଗୋବରୀ କେନାଲ ବାଇପାସ ରାସ୍ତା ନିର୍ମାଣ ହୋଇଥିଲା। ଏଥିସହ ୨ୟ ବାଇପାସ ରାସ୍ତା ନୂଆ ବସଷ୍ଟାଣ୍ଡଠାରୁ ଗୁଲନଗର ମଧ୍ୟଦେଇ ଗରାପୁର ପର୍ଯ୍ୟନ୍ତ ନିର୍ମାଣ କରିବା ଲାଗି ଦାବି ହୋଇଥିଲା । ଫଳରେ ଗତ ୨୦୧୬ରେ ରାଜ୍ୟ ସରକାର ୩୪ କୋଟି ଟଙ୍କାର ବଜେଟ ଆକଳନ କରି ଏହାର ମଞ୍ଜୁରୀ ଦେଇଛନ୍ତି । ମାତ୍ର ଟେଣ୍ଡର ଫିକ୍ସିଂ ଯୋଗୁ ରାସ୍ତା ନିର୍ମାଣ ହୋଇପାରୁନାହିଁ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ନ ହେଲେ ଆଗାମୀ ଦିନରେ ସହରବାସୀଙ୍କ ଯାତାୟାତରେ ବାଧା ଉପୁଜିବ ବୋଲି ସେ ପ୍ରକାଶ କରିଛନ୍ତି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur




Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରିମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-୭୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ – 55 ଲକ୍ଷ, ଭଡ଼ା – 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା। (ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985


ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି , ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଦ୍ଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ ୪ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ

ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm

ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336


# ଓଡ଼ିଶା ସରକାର

# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. 560 — Dated 29.09.18

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ, ସୁବର୍ଣ୍ଣପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି **ମୌଜା– ଶିବତୁଲା, ଥାନା– ତରଭା, ନଂ.୮୨, ତହସିଲ– ତରଭା, ଜିଲ୍ଲା– ସୁବର୍ଣ୍ଣପୁର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହୋଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ଖୋର୍ଦ୍ଧା ରୋଡ, ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବତଟ ରେଳପଥଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୪୨୦, ତା୧୦।୧୦।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା– ଶିବତୁଲା, ଥାନା– ତରଭା, ନଂ.୮୨, ତହସିଲ– ତରଭା, ଜିଲ୍ଲା– ସୁବର୍ଣ୍ଣପୁର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସମ୍ପର୍କରେ କୌଣସି ତଥ୍ୟ ଆବଶ୍ୟକ ହେଉ ନାହିଁ। ଏଣୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଜିଲ୍ଲା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲପାଳ, ସୁବର୍ଣ୍ଣପୁର

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- ସୁବର୍ଣ୍ଣପୁର** — **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଶିବତୁଲା** | **ଗ୍ରାମାଞ୍ଚଳ** | ଭୂମି ଅନୁସୂଚୀ ତାଲିକା ଏଥି ସହିତ ସଂଲଗ୍ନ ହୋଇଅଛି। | | | | | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା- ସୁବର୍ଣ୍ଣପୁର** — **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଶିବତୁଲା** | **ଗ୍ରାମାଞ୍ଚଳ** | ଉକ୍ତ ଗ୍ରାମରେ କୌଣସି ବିସ୍ଥାପିତ ପରିବାର ନାହାନ୍ତି। | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ସୁବର୍ଣ୍ଣପୁର

## ଭୂମି ଅନୁସୂଚୀ

**ନିବାସୀ- ଶିବତୁଲା** — **ତହସିଲ- ତରଭା**
**ଥାନା- ତରଭା ନଂ.୮୨** — **ଜିଲ୍ଲା- ସୋନପୁର**

| କ୍ର. ନଂ. | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୫ | ୧୧୮୩ / ୧୨୮୦ | ୦.୩୪୦ | ୦.୩୪୦ | ଆଟ | ଉପେନ୍ଦ୍ର ନିଆଲି, ପି– ଭାଗବତ ନିଆଲି, ଜା.ଗୌଡ, ବା.ନିଜଗାଁ |
| ୨ | ୩୪ | ୧୧୯୮ | ୦.୫୦୦ | ୦.୫୦୦ | ମାଲ ଅଣଜଳସେଚିତ | କୃଷ୍ଣଚନ୍ଦ୍ର କରନ, ଫକିର କରନ, ଗୋକୁଲ କରନ, ଅଖିଳ କରନ, ପି– ଗୋପୀ ଚନ୍ଦ୍ର କରନ, ଜା.ଡୁମାଲ, ବା.ନିଜଗାଁ |
| ୩ | | ୧୧୯୯ | ୧.୪୫୦ | ୦.୬୫୦ | ମାଲ ଅଣଜଳସେଚିତ | |
| ୪ | ୪୨ | ୧୧୪୦ | ୦.୪୧୦ | ୦.୦୩୦ | ଆଟ | ଗିରିଧାରୀ ନାୟକ, ପି– କାହ୍ନୁ ନାୟକ, ଜା. ଓଡିଆ, ବା. ନିଜଗାଁ |
| ୫ | ୫୮ | ୧୧୮୨ | ୦.୩୮୦ | ୦.୩୦୦ | ଆଟ | ଚିନ୍ତାମଣି ପଣ୍ଡା, ପି– ମଦନ ପଣ୍ଡା, ଜା.ବ୍ରାହ୍ମଣ, ବା.ତରଭା |
| ୬ | | ୧୧୮୯ | ୦.୧୫୦ | ୦.୧୫୦ | ବେର୍ଣ୍ଣାଅଣଜଳସେଚିତ | |
| ୭ | | ୧୧୯୦ | ୨.୮୦୦ | ୧.୫୦୦ | ଆଟ | |
| ୮ | ୫୯ | ୧୧୩୩ | ୧.୦୯୦ | ୦.୬୫୦ | ମାଲ ଅଣଜଳସେଚିତ | ଜୟକୃଷ୍ଣ ନାୟକ, ପି– ସ୍ୱପ୍ନ ନାୟକ, ଜା. ଓଡିଆ, ବା.ନିଜଗାଁ |
| ୯ | | ୧୧୩୪ | ୦.୩୯୦ | ୦.୩୯୦ | ଆଟ | |
| ୧୦ | ୭୯ | ୧୧୯୫ | ୦.୫୨୦ | ୦.୨୫୦ | ବେର୍ଣ୍ଣଅଣଜଳସେଚିତ | ତପସ୍ୱିନୀ କର୍ମ ବା– ନାରାୟଣପୁର, ଅହଲ୍ୟା ବସ୍ତିଆ, ବା– ଲୁପୁରାସିଂହା, ପି– ଗୋପିଚନ୍ଦ୍ର କର୍ଣ୍ଣ, ରାଧିକା କର୍ଣ୍ଣ, ସ୍ୱା– ଗୋପିଚନ୍ଦ୍ର କର୍ଣ୍ଣ, ଜା.ଡୁମାଲ, ବା.ନିଜଗାଁ |
| ୧୧ | | ୧୨୦୦ | ୦.୧୮୦ | ୦.୦୫୦ | ଆଟ | |
| ୧୨ | ୧୦୦ | ୧୧୪୪ | ୦.୬୦୦ | ୦.୨୨୦ | ଆଟ | ନିଳମାଧବ ମହାଣା, ପି– ନଟବର ମହାଣା, ଜା.କଂସାରୀ, ବା–ତରଭା |
| ୧୩ | | ୧୧୪୫ | ୫.୨୦୦ | ୨.୬୫୦ | ବେର୍ଣ୍ଣାଅଣଜଳସେଚିତ | |
| ୧୪ | ୧୧୩ | ୧୧୩୮ | ୦.୨୧୫ | ୦.୨୧୫ | ଆଟ | ପୁରନ୍ଦର ନାୟକ, ପି– କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୧୫ | | ୧୧୩୯ | ୦.୨୧୦ | ୦.୨୧୦ | ଆଟ | |
| ୧୬ | ୧୩୮ | ୧୧୪୨ | ୦.୯୮୦ | ୦.୩୫୦ | ଆଟ | ବେଣୁଧର ନାୟକ, ପି– ଦୟାନିଧି ନାୟକ, ଜା. ଓଡିଆ, ବା.ନିଜଗାଁ |
| ୧୭ | ୧୫୫ | ୧୧୮୪ | ୦.୨୩୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମନମଥ ନିଆଲି, ବା– ନିଜଗାଁ, ବା– ପୁଇଁନ୍ତଳା, ପି– ଛବିଳ ନିଆଲି, ସେବତି ନିଆଲି, ସ୍ୱା– ଛବିଳ ନିଆଲି, ବା– ନିଜଗାଁ, ଶ୍ରୀମତୀ ଚନ୍ଦନ, ପି– ଭଗବାନ ନିଆଲି, ଜା.ଗଉଡ, ବା.ସାନଭଇଁତରା |
| ୧୮ | | ୧୧୮୫ | ୦.୨୪୦ | ୦.୨୪୦ | ଆଟ | |
| ୧୯ | ୧୫୮ | ୧୧୮୬ | ୦.୧୮୦ | ୦.୧୮୦ | ବେର୍ଣ୍ଣାଅଣଜଳସେଚିତ | ମହାବୀର ସୁନା, ପି– ହଲୁ ସୁନା, ଜା.ଗଣ୍ଡା, ବା.ନିଜଗାଁ |
| ୨୦ | | ୧୧୮୭ | ୧.୯୬୦ | ୦.୬୦୦ | ବେର୍ଣ୍ଣାଅଣଜଳସେଚିତ | |
| ୨୧ | ୧୬୯ | ୧୧୬୯ | ୨.୧୬୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମୁରଲୀଧର ଥନାପତି, ପି– ବଂଶୀଧର ଥନାପତି, ଜା.ବଡମାଳି, ବା.ତରଭା |
| ୨୨ | | ୧୧୮୮ | ୦.୨୮୦ | ୦.୨୮୦ | ବେର୍ଣ୍ଣାଅଣଜଳସେଚିତ | |
| ୨୩ | | ୧୧୯୭ | ୦.୫୧୦ | ୦.୫୧୦ | ବେର୍ଣ୍ଣାଅଣଜଳସେଚିତ | |
| ୨୪ | ୨୧୯ | ୧୧୩୭ | ୦.୨୩୫ | ୦.୨୩୫ | ଆଟ | ଶ୍ରୀମତୀ ନାୟକ, ପି– କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୨୫ | ୨୩୩ / ୩୭ | ୧୧୩୫ | ୦.୩୯୦ | ୦.୩୯୦ | ଆଟ | ଶୁଭ୍ରାଂଶୁ ଶେଖର ମେହେର, ପି– ବିଜୟ ମେହେର, ଜା.ଭୁଲିଆ, ବା.ତରଭା (ଗଡଭିତର) |
| ମୋଟ | | | **୨୧.୬୦୦** | **୧୧.୩୯୦** | | |

## ଭୂମି ଅନୁସୂଚୀ

**ମୌଜା- ବାଘପାଲି** — **ତହସିଲ- ସୋନପୁର ନ.୧୨୫**
**ଥାନା- ସୋନପୁର ନ.୪୦** — **ଜିଲ୍ଲା- ସୋନପୁର**

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୩ | ୩ ୫ ୬ | ୦.୦୩୦<br>୧.୫୭୦<br>୧.୯୮୦ | ୦.୦୧୦<br>୦.୨୦୦<br>୦.୧୮୦ | ଆଟ<br>ବାହାଲ ଅଣଜଳସେଚିତ<br>ଆଟ | ପ୍ରେମାନନ୍ଦ ମେହେର, କ୍ଷେତ୍ରି ମେହେର, ଦ୍ୱିତୀୟା ମେହେର, ପି.ବେଣୁ ମେହେର, ଜା.ଭୁଲିଆ, ବା.ଖରଝୁରା |
| | ମୋଟ | **୩.୫୮୦** | **୦.୩୯୦** | | |

# ସାପ କାମୁଡାରେ ଖବରକାଗଜ ବିତରକଙ୍କ ମୃତ୍ୟୁ

**ଆଳି,୧୨।୧୦(ଡି.ଏନ୍.ଏ.)**

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ଅନ୍ତର୍ଗତ ଗୋପ(ବାଘୁଆ) ଗ୍ରାମରେ ଶୁକ୍ରବାର ସାପ କାମୁଡାରେ ଖବରକାଗଜ ବିତରକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ରତ୍ନାକର ଦାସ(୩୫)। ସେ ଆଳିରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଥିଲେ । ଗୁରୁବାର ରାତିରେ ସେ ଘରେ ଶୋଇଥିଲେ। ଶୁକ୍ରବାର ସକାଳୁ ସେ ନିଦରୁ ଉଠି ପରିସ୍ରା କରିବାକୁ ବାହାରକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ । ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ କେନ୍ଦ୍ରାପଡା ଜିଲା ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ରତ୍ନାକରଙ୍କ ମୃତଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କର ଅକାଳ ବିୟୋଗରେ ଆଳିର ଖବରଦାତା, ଏଜେଣ୍ଟ ଓ ବିତରକମାନେ ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।




## ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୨।୧୦**

କେନ୍ଦ୍ରାପଡା ବ୍ଲକ ବାରୋଷ୍ଠିତ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଓଡିଶା ସଂଗୀତ ଜଗତର ଚିର ସବୁଜ ଗାୟକ ଅକ୍ଷୟ ମହାନ୍ତିଙ୍କ ୮୨ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କଳା ନିକେତନ ପରିସରରେ ଏଥିଲାଗି ଆୟୋଜିତ ସଂଗୀତ କାର୍ଯ୍ୟକ୍ରମରେ ବିମଳ ପ୍ରସାଦ ପରିଡା ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗୀତଜ୍ଞ ରବୀନ୍ଦ୍ର ନାଥ ମିଶ୍ର, ପ୍ରମୋଦ କୁମାର ଦାସ, ରଞ୍ଜନ କୁମାର ବରାଳ, କୈଳାସ ପରିଡା, ବିଶ୍ୱନାଥ ମଲ୍ଲିକ, ଅଜୟ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଗାୟିକା ଚନ୍ଦ୍ରକାନ୍ତୀ ସୂତାର, ନମିତା ସ୍ୱାଇଁ, ବର୍ଷା ପ୍ରିୟଦର୍ଶିନୀ, ସୋନାଲି ସୂତାର ପ୍ରମୁଖ ଅକ୍ଷୟଙ୍କ ସଂଗୀତ ଗାନ କରିଥିଲେ ।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ରାଜକନିକା, ୧୨।୧୦ (ଡି.ଏନ.ଏ.)**

ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ଅନ୍ତର୍ଗତ ମୁରାଦପୁର ଗ୍ରାମରେ ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ମା'ତାରିଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରୟାସ କରାଯାଇଛି। ଏନେଇ ସଂଗଠନ ପକ୍ଷରୁ ସପ୍ତାହବ୍ୟାପୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସଂଗଠନର ସଭାପତି ସମୀର କୁମାର ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବକମାନେ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅଭିନାଶ ଭୂୟାଁ, ନବଘନ ବାରିକ, ମାନସ ଦାସ, ବିଚିତ୍ର ଜେନା ଓ ଅଲେଖ ରାଉତ ପ୍ରମୁଖ ଯୋଗଦେଇଥିଲେ।






## ସଂକ୍ଷେପରେ

### ଟିଟୋଙ୍କ ସମେତ ୮ ସହଯୋଗୀ କୋର୍ଟରେ ହାଜର



ରାଜନଗର, ୧୨।୧୦(ଡି.ଏନ.ଏ.): ଟେଣ୍ଡର ଫିକ୍ସିଂ ଓ ଦାଦାବଟି ମାମଲାରେ ବାରିମୂଳ ଜେଲରେ ଥିବା ସୟଦ ଉସ୍ମାନ ଅଲ୍ଲୀ ଓରଫ ଟିଟୋ ଓ ତାଙ୍କର ୮ ସହଯୋଗୀ ଶୁକ୍ରବାର ରାଜନଗର ଜେଏମ୍ଏଫ୍ସି କୋର୍ଟରେ ହାଜର ହୋଇଥିଲେ। ରାଜନଗର ଗାଁର ଠିକାଦାର ବୁଢା ଲେଙ୍କାଙ୍କୁ ଦାଦାବଟି ମାଗିବା ଓ ବନ୍ଧୁକ ମୁନରେ ତାଙ୍କ ବୁଢାବାପାଙ୍କୁ ଧମକ ଦେବା ଘଟଣାରେ ଏସଟିଏଫ ମାମଲା ରୁଜୁ କରିଛି। ଜିଆର କେସ୍ ନଂ ୧୬୨/୨୦୧୮ରେ ଟିଟୋ ସମେତ ଅବଦୁଲ କାଜିର ଓରଫ ମାଛୁ, ମହମ୍ମଦ ଅବଦୁଲ ଅସିଦ ଓରଫ ଗୋଲଡେନ ପପୁ, ଇମିତିଆଜ ଖାଁ, ଆଲିୟସ ବାବୁ ଓରଫ କାଲୁ, ଜାହାଙ୍ଗୀର ଖାଁ, ସେକ ଅବଦୁଲା ଓରଫ ରାଜେଶ, ସରୋଜ କାନ୍ତ ପତି, ବଟକୃଷ୍ଣ ପାଣି ପ୍ରମୁଖ ୮ଜଣ ଗିରଫ ହୋଇ କେନ୍ଦ୍ରାପଡାର ବାରିମୂଳ ଜେଲରେ ଅଛନ୍ତି। ଶୁକ୍ରବାର ହାଜିରା ପାଇଁ ଜେଲ କର୍ତ୍ତୃପକ୍ଷ ଏମାନଙ୍କୁ ରାଜନଗର କୋର୍ଟରେ ହାଜିର କରାଇଥିଲେ। ପରେ ସେମାନଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି।

### ରାଜନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା




ରାଜନଗର, ୧୨।୧୦ (ଡି.ଏନ.ଏ.): ଶୁକ୍ରବାର ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ରୋଗାକ୍ରାନ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କୁ ବାରହାପୁରସ୍ଥିତ ସପନେଶ୍ୱର ନୋଡାଲ ହାଇସ୍କୁଲରୁ ଡେପୁଟେସନରେ ଇଶାଣିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ପଠାଯାଇଛି। ତାଙ୍କର ଡେପୁଟେଶନ ଆଦେଶ ବାତିଲ ଓ ଅନ୍ୟ କେତେକ ଦାବି ନେଇ ସଂଘର ଶିକ୍ଷକମାନେ ଗଣଧାରଣାରେ ବସିଥିଲେ। ଏହି ଗଣଧାରଣାରେ ରାଜନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଚିତ୍ରାନନ୍ଦ ନାୟକ, ସଂପାଦକ ଭାଗ୍ୟଧର ସ୍ୱାଇଁ, ରାଜ୍ୟ ଉପଦେଷ୍ଟା ଭ୍ରମରବର ରାଉତ, ମହାକାଳପଡା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋଜ କୁମାର ନନ୍ଦ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ଦୟାନିଧି ସ୍ୱାଇଁ, ସଂଗଠନର ସଂପାଦକ ଉମେଶ ଚନ୍ଦ୍ର ରାଉତ, ଶିକ୍ଷା ସହାୟକ ସଂଘର ସଭାପତି ତ୍ରୈଲୋଚନ ଦାସ, ଶିକ୍ଷକ ନେତା ରାଜକିଶୋର ବାରିକ, ପ୍ରଫୁଲ୍ଲ କୁମାର ରାଉତ, ଶରତ କୁମାର ସାହୁ, ଶ୍ୟାମ ସୁନ୍ଦର ନାୟକ, କୀର୍ତ୍ତିଚନ୍ଦ୍ର ସ୍ୱାଇଁ, ବାବାଜୀ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ତିତ୍ଲି ପ୍ରଭାବରେ ଲଗାଣ ବର୍ଷା : ଜନଜୀବନ ଅସ୍ତବ୍ୟସ୍ତ

# ମହାନଦୀରେ ୨ ମିଟର ଉଚ୍ଚ ଜୁଆର

ମହାକାଳପଡା, ୧୨।୧୦ (ଡି.ଏନ.ଏ.)



ବଙ୍ଗୋପସାଗର ସଂଲଗ୍ନ ମହାନଦୀରେ ସୃଷ୍ଟି ହୋଇଥିବା ଉଚ୍ଚ ଜୁଆର।

## ଫେରିଘାଟରେ ନୌକାସେବା ଠପ୍

ତିତଲି ପ୍ରଭାବରେ ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ବାହାକୁଦଠାରେ ମହାନଦୀ କୂଳ ଲଙ୍ଘିବାକୁ ଆରମ୍ଭ କରିଛି। ଏହା ପ୍ରଭାବରେ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ପ୍ରାୟ ୨ମିଟର ଉଚ୍ଚ ଜୁଆର ଉଠୁଛି। ଉଚ୍ଚ ଜୁଆର ଯୋଗୁ ବାହାକୁଦ-ମହାନଦୀ ଫେରିଘାଟରେ ନୌକାସେବା ଠପ୍ ହୋଇଯାଇଛି। ମତ୍ସ୍ୟଜୀବୀମାନେ ବାତ୍ୟା ଭୟରେ ନଦୀକୁ ଯାଉନାହାନ୍ତି। ନଦୀକୂଳରେ ଡଙ୍ଗା, ବୋଟ ଓ ଟ୍ରଲରଗୁଡିକ ଲଂଗର ପକାଇଛନ୍ତି। ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛି। ମହାନଦୀ ଜଳ ସ୍ଥାନୀୟ କାଜୁ ଜଙ୍ଗଲ ମଧ୍ୟରେ ପଶିଯାଇଛି। ଫଳରେ ଅନେକ ଗଛ ଧରାଶାୟୀ ହୋଇପଡିଛି। ନଦୀ ସ୍ରୋତରେ ବାଲୁକା ଶଯ୍ୟା କ୍ଷୟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କୁ ପ୍ରଶାସନିକସ୍ତରରେ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଉଠାଜଳସେଚନ ଅଫିସରେ ଆଣ୍ଠୁଏ ପାଣି

ପାଟକୁରା,(ଡି.ଏନ୍.ଏ.)- ତିତଲି ପ୍ରଭାବରେ ଗରଦପୁର ବ୍ଲକରେ ୨ ଦିନ ହେବ ବର୍ଷା ହେବା ଯୋଗୁ ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ଗୁରୁବାର ବିଳମ୍ବିତ ରାତିରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ମୂଷଳଧାରରେ ବର୍ଷା ହୋଇଥିଲା। ବ୍ଲକର ବହୁ ରାସ୍ତା ପାଣିରେ ବୁଡିଯାଇଥିବା ଯୋଗୁ ଲୋକେ ଯାତୟାତ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଅଫିସ ମଧ୍ୟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଫଳରେ ଅଫିସ ବନ୍ଦ ହୋଇଯାଇଛି। ଗରଦପୁର ବ୍ଲକରେ ଗୁରୁବାର ୧୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

### ବହୁ ଏକର ଚାଷଜମି ଜଳମଗ୍ନ

ରାଜକନିକା, ( ଡି.ଏନ୍.ଏ.)

ରାଜକନିକା ଅଞ୍ଚଳରେ ତିତ୍ଲି ପ୍ରଭାବରେ ୩ ଦିନ ଧରି ଲଗାଣ ବର୍ଷା ହୋଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବ୍ଲକର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଥିବା ଯୋଗୁ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଏଭଳି ଅବସ୍ଥାରେ ବିଜୁଳି କାଟ ଜନସାଧାରଣଙ୍କ ପାଇଁ କାଳ ହୋଇଛି। ଲୋକେ ଅନ୍ଧକାର ମଧ୍ୟରେ ଦିନ କାଟୁଛନ୍ତି । ପ୍ରବଳ ବର୍ଷାରେ ଭାରିଗଦା, ବରୁଣା, ବରୁଣାଡିହା, ଅଚ୍ୟୁତପୁର, ଯାଗୁଲାଇପଡା, ଓଳାଭର, ପେଗରପଡା, ନହୁଣି, ଦୋମଣ୍ଡା, କନପୁର, ମାନପୁର, ସିହୋପଡା, ଆଗପଡା ଆଦି ଅଞ୍ଚଳର ବହୁ ଚାଷଜମିରେ ପାଣି ଜମିଛି। ସେହିପରି ଭାମଣ୍ଡା, ହାଟସାହି, ଅବଦୁଲପୁର, ଅହମଦପୁର, ଦାମୋଦରପୁର, ପଧାନପଡା, ବଡହଲୁପଡା, ସାନହଲୁପଡା, ବାଲିସାହି, ପଣସଗଣ୍ଡ, ଫାଜିଲପୁର, ଚରପଡା, କଣ୍ଡିଆ, ନମତରା, ଦେଉଳତରା, ପାରିନୂଆପଡା ଓ ହାବୁଳଗଣ୍ଡ ଅଞ୍ଚଳର ବହୁ ଏକର ଚାଷଜମି ଜଳମଗ୍ନ ହୋଇଛି । ପାଣି ଜମିବା ଯୋଗୁ ଫସଲ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି । ଏସବୁ ଅଞ୍ଚଳରେ ପନିପରିବା ଫସଲ ଓ ବିରିଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବର୍ଷା ଓ ପବନ ଯୋଗୁ ପାଚିଲା ଧାନ ଗଛଗୁଡିକ ତଳେ ଶୋଇଯାଇଛି । ଏନେଇ ଋଣ କରି ଫସଲ କରିଥିବା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। କରଜ କିପରି ଶୁଝିବେ ସେନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ବର୍ଷା ଯୋଗୁ କଣ୍ଡିଆ-ରାଜକନିକା ମୁଖ୍ୟ ରାସ୍ତା ବେହାଲ ହୋଇପଡିଛି । କନପୁର ଗାଁକୁ ଯାଇଥିବା ରାସ୍ତାରେ ପାଣି ଜମିଥିବା ଯୋଗୁ ସ୍ଥାନୀୟ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି । ସେହିପରି ହାଟସାହି ହାଇସ୍କୁଲରୁ ତାରିଣୀ ଛକ ରାସ୍ତାରେ ବର୍ଷାଜଳ ଲହଡି ଭାଙ୍ଗୁଛି। ବର୍ଷା ଯୋଗୁ ବହୁ କଚ୍ଚାଘର ନଷ୍ଟ ହୋଇଯାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଲୋକ ଓ ଚାଷୀଙ୍କୁ ସହାୟତା ଯୋଗାଇ ଦେବାପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି।

### ଜୀବନଯାତ୍ରା ବ୍ୟାହତ

ମାର୍ଶାଘାଇ,(ଡିଏନ୍ଏ)-ବହୁଚର୍ଚ୍ଚିତ ସାମୁଦ୍ରିକ ଝଡ ତିତ୍ଲିର ପ୍ରଭାବ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ସେତେଟା ପଡିନାହିଁ। ତେବେ ଏହା ପଶ୍ଚିମବଙ୍ଗ ମୁହାଁ ହେଉଥିବା ସମୟରେ ତାହାର ପ୍ରଭାବରେ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଗୁରୁବାର ରାତିରୁ ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ବିଭିନ୍ନ ଖାଲୁଆ ସ୍ଥାନରେ ବର୍ଷା ଜଳ ଜମି ରହିଛି ।

# ମରଡପୁର ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି




ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଥିବା ମରଡପୁର ପ୍ରାଥମିକ ବିଦ୍ୟାଳୟ।

କେନ୍ଦ୍ରାପଡା ଅଫିସ, ୧୨।୧୦

କେନ୍ଦ୍ରାପଡା ଜିଲାର କେତେକ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ ହୋଇପଡିଥିବା ବେଳେ ଆଉ କେତେକ ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ସାମୁଦ୍ରିକ ଝଡ ତିତଲି ସମୟରେ ବୁଧବାର ରାତିରେ ମାର୍ଶାଘାଇ ବ୍ଲକ ଆଇତିପୁର ଓ ମହାକାଳପଡା ବ୍ଲକ ବେରୁହାଁ ବାତ୍ୟା ଆଶ୍ରୟସ୍ଥଳୀ ଖୋଲା ଯାଇ ନ ଥିବା ଧରିତ୍ରୀରେ ପ୍ରକାଶ ପାଇବା ପରେ ଏହି ଘଟଣା ଉଜାଗର ହୋଇଛି। ଶୁକ୍ରବାର ଏନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏବେ ଅନ୍ୟ ଏକ ବାତ୍ୟା ଆଶ୍ରୟସ୍ଥଳୀ ଜବରଦଖଲରେ ଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ବ୍ଲକ ବଗଡା ପଞ୍ଚାୟତ ତୁଣପୁରସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ଜବର ଦଖଲକାରୀଙ୍କ କବ୍ଜା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାଛଡା ବ୍ଲକ ଅନ୍ତର୍ଗତ ମରଡପୁର ବାତ୍ୟା ଆଶ୍ରୟସ୍ଥଳୀକୁ ତୁରନ୍ତ ନିର୍ମାଣ କରିବାକୁ ଗ୍ରାମବାସୀ ଦାବିକରିଛନ୍ତି। ଏହି ଆଶ୍ରୟସ୍ଥଳୀ ଅସୁରକ୍ଷିତ ଥିବାରୁ ଠିକାଦାର ଏହାକୁ ଭାଙ୍ଗି ଦେଇଥିଲେ । ମାତ୍ର ଏହାକୁ ନିର୍ମାଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ଗୃହ ମରଡପୁର ପ୍ରାଥମିକ ବିଦ୍ୟାଳୟ ଭାବେ କାର୍ଯ୍ୟ କରୁଛି। ୧୯୯୯ ମହାବାତ୍ୟା ପରେ ଏହା ନିର୍ମାଣ ହୋଇଥିବା ବେଳେ ଗୃହର ବିଭିନ୍ନ ସ୍ଥାନରେ ଫାଟ ଦେଖା ଯାଇଥିଲା । ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଅସୁରକ୍ଷିତ ଘୋଷଣା କରା ଯାଇଥିଲା। ଗତ କିଛି ମାସ ପୂର୍ବେ ଜୈନିକ ଠିକାଦାର ଏହି ଘର ଭାଙ୍ଗି ପୁରୁଣା ସାମଗ୍ରୀ ନେଇଯାଇଛନ୍ତି ବୋଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁକ୍ତା ନାୟକ ପ୍ରକାଶ କରିଛନ୍ତି । ତେବେ ବାତ୍ୟା ଆଶ୍ରୟସ୍ଥଳୀ ପୁନର୍ନିର୍ମାଣ ନ ହେବା ଫଳରେ ସାମୁଦ୍ରିକ ଝଡ ସମୟରେ ଗ୍ରାମବାସୀ କେଉଁଠି ଆଶ୍ରୟ ନେଇ ନପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

■ କଲେଜ ଛାତ୍ରୀଙ୍କୁ କମେଣ୍ଟ ମରା ଘଟଣା

# ପୋଲିସ ଚେଇଁ ଶୋଇଛି

ପଟ୍ଟାମୁଣ୍ଡାଇ,୧୨।୧୦(ସ୍ୱ.ପ୍ର.)

## ନ୍ୟାୟ ନ ପାଇ ଏସପିଙ୍କ ଦ୍ୱାରସ୍ଥ

ପଟ୍ଟାମୁଣ୍ଡାଇ କଲେଜର କେତେକ ଛାତ୍ରୀଙ୍କୁ ଜଣେ ନକଲି ସାମ୍ବାଦିକ ଅଶ୍ଳୀଳ କମେଣ୍ଟ କରିବା ଘଟଣା ନେଇ ଅସନ୍ତୋଷ ବଢିବାରେ ଲାଗିଛି । ଏ ନେଇ ଗତ ୬ ତାରିଖରେ ଛାତ୍ରୀମାନେ ଥାନାରେ ଏତଲା ଦେବା ସହ ପରେ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ପୋଲିସ ନୀରବଦ୍ରଷ୍ଟା ସାଜିଛି ।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ କଲେଜର କେତେକ ଛାତ୍ରୀ ଜଣେ ପିଟି ଶିକ୍ଷକଙ୍କ ନିକଟରେ ଫୁଟବଲ ଖେଳ ଟ୍ରେନିଂ ନେଉଛନ୍ତି । ସେମାନେ ସ୍ଥାନୀୟ ଏମଏନ ହାଇସ୍କୁଲ ପଡିଆରେ କୋଚିଂ ନେଇଥାନ୍ତି। ନିକଟରେ ସେମାନେ କୌଣସି କାମରେ ସଂପୃକ୍ତ ନକଲି ସାମ୍ବାଦିକ କରିଥିବା ଜେରକ୍ସ ଦୋକାନକୁ ଯାଇଥିଲେ। ସେଠାରେ ସାମ୍ବାଦିକ ଜଣକ ତୁମେ ଯେଉଁ ପିଟି ମାଷ୍ଟରଙ୍କ ପାଖରେ ଖେଳ ଶିଖୁଛ ,ସେ ତୁମକୁ ଫସାଇ ବିଦେଶ ଚାଲାଣ କରିଦେବ ବୋଲି କହିଥିଲେ। ଛାତ୍ରୀମାନେ ଏହାର ପ୍ରତିବାଦ କରିବାରୁ ସେ ସେମାନଙ୍କୁ କମେଣ୍ଟ କରି ବିଭିନ୍ନ କଥା କହିଥିଲେ ।ଏପରି କି ତୁମମାନଙ୍କ କ୍ୟାରିୟର ବରବାଦ୍ କରିଦେବି ବୋଲି କହିଥିଲେ । ଏଥିନେଇ ଛାତ୍ରୀମାନେ ଖେଳ ଶିଖାଉ ଥିବା ଶିକ୍ଷକଙ୍କୁ କହି ଦେଇଥିଲେ । ଫଳରେ ପିଟି ସାର ଗତ ୫ ତାରିଖରେ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ୬ ତାରିଖରେ ଜେରକ୍ସ ଦୋକାନୀ ତଥା ନକଲି ସାମ୍ବାଦିକଙ୍କୁ ଘରୁ ଉଠାଇ ଆଣିଥିଲା। ମାତ୍ର ସାମ୍ବାଦିକ ବୋଲାଉଥିବା ୫ ଜଣ ବ୍ୟକ୍ତିଙ୍କ ଚାପରେ ପୋଲିସ ୨ ଘଣ୍ଟା ପରେ ତାଙ୍କୁ ଛାଡି ଦେଇଥିଲା। ଏହାର ପ୍ରତିବାଦରେ ସେହିଦିନ ପ୍ରାୟ ୩୦ ଜଣ ଛାତ୍ରୀ ଥାନାରେ ଧାରଣା ଦେଇ ବସିଥିଲେ। ପୋଲିସ କୌଣସି କଥା ନ ଶୁଣି ଛାତ୍ରୀମାନଙ୍କୁ ବାହାର କରି ଦେଇଥିଲା। ଛାତ୍ରୀମାନେ ୬ ତାରିଖରେ ଏ ନେଇ ଥାନାରେ ଏତଲା ଦେଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିଲା । ଫଳରେ ଛାତ୍ରୀମାନେ ଗତ ୮ ତାରିଖରେ ଏସପି ନୀତି ଶେଖରଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହିତ ଜେରକ୍ସ ଦୋକାନୀଙ୍କ ସହିତ ତଥାକଥିତ ୫ ଜଣ ସାମ୍ବାଦିକଙ୍କ ବିରୋଧରେ ଏତଲା ଦେଇଥିଲେ। ଏସପି ଏତଲା ଗ୍ରହଣ କରି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପଟ୍ଟାମୁଣ୍ଡାଇ ଏସଡିପିଓଙ୍କ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୪ ଦିନ ବିତିଯାଇଥିଲେ ମଧ୍ୟ ଏସଡିପିଓ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଜିଲାପାଳଙ୍କୁ ଛାତ୍ରୀମାନେ ଭେଟିବେ ବୋଲି କହିଛନ୍ତି ।

### ହିତାଧିକାରୀ ଚୟନରେ ଅନିୟମିତତା ନେଇ କଂଗ୍ରେସ ପକ୍ଷରୁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୧୨।୧୦ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପ୍ରତି ପ୍ରହସନରେ ପରିଣତ ହୋଇଛି ବୋଲି ପଟ୍ଟାମୁଣ୍ଡାଇ କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ରାଶନ କାର୍ଡ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଫଳରେ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧନୀ ଶ୍ରେଣୀର ଲୋକଙ୍କୁ କାର୍ଡ ଦିଆଯାଇ ଗରିବ ଯୋଗ୍ୟ ହିତାଧିକାରୀଙ୍କ ଅଧିକାରକୁ ଛଡାଇ ନିଆଯାଇଛି ବୋଲି ଅଭିଯୋଗ କରି କଂଗ୍ରେସ ପକ୍ଷରୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋଙ୍କୁ ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଯଦୁମଣି ଦାସ, ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ମଳୟ ଦାସ, ଅମୂଲ୍ୟ ପ୍ରଧାନ, ଅକ୍ଷୟ ପ୍ରଧାନ, ସୁଶାନ୍ତ ରାଉତ, ହିରଣ୍ୟ ରାଉତ, ବିରଞ୍ଚି ଦାଶ, ରବୀନ୍ଦ୍ର ବେହେରା, ଶ୍ରୀଧର ସ୍ୱାଇଁଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ହିତାଧିକାରୀ ଚୟନରେ ହୋଇଥିବା ହେରଫେରର ତଦନ୍ତ କରାଯାଇ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛନ୍ତି।

# ବାତ୍ୟା ଗଲା, ଲଗାଣ ବର୍ଷାରେ ଲୋକେ ହନ୍ତସନ୍ତ

ରାଜନଗର,୧୨।୧୦(ଡି.ଏନ.ଏ.)

ସାମୁଦ୍ରିକ ଝଡ ତିତ୍ଲିର ବିପଦ ଉପକୂଳ ଅଞ୍ଚଳରେ ଟଳିଛି। ତେବେ ଗୁରୁବାର ରାତିଠାରୁ ପ୍ରବଳ ବର୍ଷା ଲାଗି ରହିଛି। ସାଧାରଣ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇଯାଇଛି। ରାଜନଗରକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସଗୁଡିକ ବନ୍ଦ ରହିଛି। ରାସ୍ତାଘାଟ ଏକପ୍ରକାର ଶୂନଶାନ ହୋଇପଡିଛି। ବର୍ଷା ଯୋଗୁ ଗାଁ ଗହଳିର ଅଧିକାଂଶ କଚ୍ଚାଘର ବିପଦଶଙ୍କୁଳ ଅବସ୍ଥାରେ ରହିଛି। ଗତମାସରେ ଲଗାଣ ବର୍ଷା ଯୋଗୁ ହଜାର ହଜାର ଘର ଭାଙ୍ଗିଥିଲା। ବିପନ୍ନ ଲୋକେ ଘର ସଜାଡି ନ ଥିବା ବେଳେ ପୁଣି ଲଗାଣ ବର୍ଷା ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏହାଛଡା ବିପନ୍ନ ଲୋକଙ୍କୁ ପାଲ ଯୋଗାଣରେ ପାତରଅନ୍ତର ନୀତି ଯୋଗୁ ପ୍ରକୃତ ବିପନ୍ନ ଆଜି ପର୍ଯ୍ୟନ୍ତ ଏହା ପାଇ ପାରି ନାହାନ୍ତି । ଏହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ସମୁଦ୍ରରେ ବୁଡିଲା ବୋଟ, ପ୍ଲାଷ୍ଟିକ ଡ୍ରମ ସାହାରାରେ ଜୀବନ ବଞ୍ଚାଇଲେ ୪ ମତ୍ସ୍ୟଜୀବୀ

ରାଜନଗର,୧୨।୧୦(ଡି.ଏନ.ଏ.)

ତିତ୍ଲି ପ୍ରଭାବରେ ବଙ୍ଗୋପସାଗର ଅଶାନ୍ତ ରହିଛି। ଉଚ୍ଚ ଢେଉ ଯୋଗୁ ମଝି ସମୁଦ୍ରରେ ଏକ ମାଛଧରା ବୋଟ ବୁଡି ଯାଇଛି। ତେବେ ବୋଟରେ ଥିବା ୪ଜଣ ମତ୍ସ୍ୟଜୀବୀ ପ୍ଲାଷ୍ଟିକ ଡ୍ରମ ସାହାରାରେ ଭାସି ଭାସି ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି । ଗୁରୁବାର ସେମାନେ ଘରେ ପହଁଞ୍ଚିବା ପରେ ବୋଟମାଲିକ ଏ ସଂପର୍କରେ କୁଜଙ୍ଗସ୍ଥିତ ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ ବୋଟ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି।

ରାଜନଗର ବ୍ଲକ ସୁନ୍ଦରୀପାଳ ଗାଁର ଖଗେନ ମଣ୍ଡଳଙ୍କ ବୋଟରେ ୪ ଜଣ ମତ୍ସ୍ୟଜୀବୀ ବଙ୍ଗୋପସାଗରରେ ମାଛ ମାରୁଥିଲେ। ଗତ ୮ ତାରିଖ ଦିନ ଏହି ବୋଟରେ ସେହି ଗାଁର ମତ୍ସ୍ୟଜୀବୀ ବିଭୂତି ମଣ୍ଡଳ, ରମେଶ ମଣ୍ଡଳ, ରଞ୍ଜନ ମଣ୍ଡଳ ଓ ସୁବ୍ରତ ବର୍ମା ମାଛ ମାରିବାକୁ ଯାଇଥିଲେ। ୯ ତାରିଖ ଦିନ ତିତଲି ଯୋଗୁ ବଙ୍ଗୋପସାଗର ଅଶାନ୍ତ ହୋଇ ପବନ ସହିତ ଉଚ୍ଚ ଢେଉ ଉଠିଥିଲା। ନିଜର ଜୀବନ ବଞ୍ଚାଇବାକୁ ମତ୍ସ୍ୟଜୀବୀମାନେ ୯ ତାରିଖ ରାତିରେ ବୋଟ ନେଇ ଘରକୁ ଫେରୁଥିବା ବେଳେ ଟିଂଚିରି ମୁହାଁଣ ନିକଟରେ ବୋଟଟି ବୁଡି ଯାଇଥିଲା। ଅନ୍ଧାର ରାତିରେ ବୋଟ ବୁଡିଯିବା ପରେ ବୋଟରେ ଥିବା ପ୍ଲାଷ୍ଟିକ ଡ୍ରମ ସାହାରା ନେଇ ୪ଜଣ ମତ୍ସ୍ୟଜୀବୀ ଅଥଳ ଜଳରେ ଭାସିଥିଲେ। ସେମାନେ ରାତିସାରା ବଞ୍ଚିବା ପାଇଁ ସଂଗ୍ରାମ ଚଳାଇ ଥିଲେ। ୧୦ ତାରିଖରେ ଭାସି ଭାସି ବିଭିନ୍ନ ସ୍ଥାନରେ ଲାଗିଥିଲେ। ଗୁରୁବାର ସନ୍ଧ୍ୟାରେ ୪ ଜଣ ଘରେ ଆସି ପହଁଞ୍ଚିଛନ୍ତି । ସମସ୍ତେ ଜୀବନ ବଞ୍ଚାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ସମୁଦ୍ରରେ ଭାସିବା ଯୋଗୁ ଅସୁସ୍ଥ ହୋଇ ପଡିଛନ୍ତି। ସେମାନେ ଯାଇଥିବା 'ରାମଚଣ୍ଡୀ' ନାମକ ବୋଟର ଏ ପର୍ଯ୍ୟନ୍ତ ପତ୍ତା ମିଳି ପାରିନାହିଁ। ବୋଟର ମାଲିକ ଶୁକ୍ରବାର ରାଜନଗରସ୍ଥିତ ସାମୁଦ୍ରିକ ମତ୍ସ୍ୟ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ବୋଟ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ସେ ତାଙ୍କର ଦାବିପତ୍ର କୁଜଙ୍ଗସ୍ଥିତ ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କୁ ପ୍ରଦାନ କରିବା ସହ ରାଜନଗର ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

■ ଯୋଗାଣ ବିଭାଗର ଦୁର୍ନୀତି ପଦାରେ ପଡ଼ିଲା

# ମୃତବ୍ୟକ୍ତିଙ୍କ ନାମରେ ରହିଛି ରାଶନ କାର୍ଡ

ଡେରାବିଶ, ୧୨।୧୦ (ସ୍ୱ.ପ୍ର.)

## ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ଼ମଙ୍ଗରାପୁର ଗ୍ରାମରେ ରାଶନ କାର୍ଡ ଓ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ହୋଇଛି। ଏନେଇ ଗ୍ରାମବାସୀ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ଅଭିଯୋଗ ପରେ ଏବେ ଯୋଗାଣ ବିଭାଗର ଦୁର୍ନୀତି ପଦାରେ ପଡିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଯୁଧିଷ୍ଠିର ସେଠୀଙ୍କ ଗତ ୨ ବର୍ଷ ହେବ ମୃତ୍ୟୁ ଘଟିଛି। ମାତ୍ର ଏବେ ତାଙ୍କ ନାମରେ ରାଶନ କାର୍ଡ(ନଂ-୧୭୦୨୧୭୧୦୬୨୭) ରହିଛି। ସେହିପରି ଗ୍ରାମର ପାର୍ବତୀ ମାରାଣ୍ଡି ଏଠାରେ ରହୁ ନ ଥିବା ବେଳେ ତାଙ୍କ ନାମରେ ରାଶନ କାର୍ଡ(ନଂ-୧୭୦୨୧୭୧୦୦୯୭) ରହିଛି। ଅନ୍ତ୍ୟୋଦୟ ଯୋଜନାରେ ସମସ୍ତ ନିୟମକୁ ଉଲ୍ଲଂଘନ କରି ଗ୍ରାମର ଅମ୍ବିକା ସାହୁ (କାର୍ଡ଼ ନଂ-୧୭୦୨୧୭୧୦୮୩୨), ସ୍ନେହଲତା ସାହୁ (କାର୍ଡ଼ ନଂ-୧୭୦୨୧୭୧୦୮୩୩), ଖୁଲଣା ସାହୁ (କାର୍ଡ଼ ନଂ-୧୭୦୨୧୭୧୦୮୩୭)ଙ୍କ ନାମରେ ରାଶନ କାର୍ଡ କରାଯାଇ ସାମଗ୍ରୀ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ କୌଣସି ଡିଲର ନିଜ ପରିବାର ଲୋକଙ୍କ ନାମରେ ରାଶନ କାର୍ଡ଼ କରିପାରିବେ ନାହିଁ ବୋଲି ନିୟମ ଥିବା ବେଳେ ଏଠାରେ ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଡିଲର ନିଜ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ (ନଂ-୧୭୦୨୧୭୧୦୮୩୪)କରି ସାମଗ୍ରୀ ହଡପ କରୁଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ପୂର୍ବରୁ ବିଡ଼ିଓ ଓ ବ୍ଲକ ଯୋଗାଣ ନିରୀକ୍ଷିକାଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଗୁରୁବାର ଜିଲାପାଳ ଓ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଘଟଣାର ତଦନ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ପଦେକ୍ଷପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଉପଜିଲାପାଳଙ୍କୁ ଭେଟିବା ବେଳେ ପ୍ରଦୀପ କୁମାର ଦାସ, ରତ୍ନାକର ମଲ୍ଲିକ, ଉଦୟନାଥ ମଲ୍ଲିକ ଓ ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ମାର୍ଶାଘାଇ,୧୨।୧୦(ଡିଏନ୍ଏ)



ଦାବିପତ୍ର ପ୍ରଦାନ ସମୟରେ ଆଶାକର୍ମୀମାନେ।

ଓଡିଶା ଆଶାକର୍ମୀ ସଂଘ ମାର୍ଶାଘାଇ ସିଏଚସି ଶାଖା ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ ଦ୍ରୌପଦୀ ସ୍ୱାଇଁଙ୍କ ନେତୃତ୍ୱରେ ଆଶାକର୍ମୀମାନେ ଏକ ପଟୁଆରରେ ଯାଇ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଅକ୍ଷୟ କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ସରକାର ଆଶାକର୍ମୀମାନଙ୍କୁ ସରକାରୀ ଚାକିରୀ ମାନ୍ୟତା ପ୍ରଦାନ କରିବା ,ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତି କରି ଏଏନଏମ ଓ ଜିଏନଏମକୁ ପ୍ରମୋଶନ କରିବା,ମାସର ୫ ତାରିଖ ମଧ୍ୟରେ ମାସିକ ପ୍ରାପ୍ୟ ପ୍ରଦାନ,କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିବା ବର୍ଦ୍ଧିତ ପାରିଶ୍ରମିକ ତୁରନ୍ତ ପ୍ରଦାନ,ମୋବାଇଲ ସେଟ୍ ପ୍ରଦାନ,ବୀମା ବାବଦକୁ ୨୫ ଲକ୍ଷ ଟଙ୍କା ପ୍ରଦାନ, ଆଶାକର୍ମୀଙ୍କ ପିଲାମାନଙ୍କୁ ସରକାରୀ ସୁବିଧା ପ୍ରଦାନ,ପାରିଶ୍ରମିକ ବାବଦକୁ ମାସିକ ୧୮ ହଜାର ଟଙ୍କା ଦେବା ,ଦେହ ଖରାପ ହେଲେ ଛୁଟି ଦେବା ,ପ୍ରସୂତି କାମ ବ୍ୟତୀତ ଅନ୍ୟ କାମରେ ଲଗାଇଲେ ଅଲଗା ପାରିଶ୍ରମିକ ତୁରନ୍ତ ପ୍ରଦାନ ଆଦି ୧୧ ଗୋଟି ଦାବି ରହିଛି । ଉପ ସଭାନେତ୍ରୀ ବନ୍ଦନା ମଲିକ,ସହ ସଂପାଦିକା ବୈଜୟନ୍ତୀ ବେହେରା,ଉଷାରାଣୀ ପାତ୍ର, କବିତା ନାୟକ, ଲକ୍ଷ୍ମୀପ୍ରିୟା ପରିଡା,ଅନ୍ନପୂର୍ଣ୍ଣା ଦାସ, ଅସ୍ମିତା ଦାସ,ଜ୍ୟୋତ୍ସ୍ନାରାଣୀ ସାହୁ, ହେମଲତା ସାହୁ, ନମିତା ଦାସ, ନିହାରିକା ସ୍ୱାଇଁ,ରାଜଲକ୍ଷ୍ମୀ ପଟ୍ଟନାୟକ, ପ୍ରମିଳା ନାୟକ,ସବିତା ସାହୁ,ସୁକାନ୍ତି ରଥ ପ୍ରମୁଖ ପଟୁଆରରେ ଯାଇ ଦାବିପତ୍ର ଦେଇଥିଲେ। ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲା ଉପ ସଭାନେତ୍ରୀ କ୍ରାନ୍ତିପ୍ରଭା ନାୟକ,ଜିଲା ସଂପାଦିକା ସଂଯୁକ୍ତା ରାଉତ, ସବିତା ପଟ୍ଟନାୟକ, ଇନ୍ଦୁପୁର ସିଏଚସିର ସଂପାଦିକା ନନ୍ଦିନୀ ସ୍ୱାଇଁ,ଏଆଇଟିୟୁସିର ରାଜ୍ୟ ନେତା ଅରୁଣ କୁମାର ରାଉତ,ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖି ଆଶାକର୍ମୀମାନଙ୍କ ଦାବିକୁ ସରକାର ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ।




# ତିତ୍‌ଲି ପରେ ବର୍ଷା ବିପ୍ଳାତ, ତଳିଆ ଅଞ୍ଚଳରେ ପାଣି

**ନାଉଗାଁ,୧୨।୧୦(ସ୍ୱ.ପ୍ର.)**

ତିତଲି ପ୍ରଭାବରେ ବୁଧବାରଠାରୁ ନାଉଗାଁ ବ୍ଲକ ଅଞ୍ଚଳରେ ବର୍ଷା ଲାଗି ରହିଛି। ଶୁକ୍ରବାର ଦିନ ତମାମ ବର୍ଷା ଫଳରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଥିଲା। ବର୍ଷା ସାଙ୍ଗକୁ ତୁହାକୁ ତୁହା ପବନ ହେବା ଦ୍ୱାରା ଅନେକ କଚ୍ଚା ଘର ଭାଙ୍ଗି ଯାଇଥିବା ଜଣାପଡିଛି। ଚାଷଜମିରେ ଆଣ୍ଠୁଏ ଉଚ୍ଚ ପାଣି ଜମି ରହିଥିବାବେଳେ ରାସ୍ତାଘାଟ ପାଣିରେ ବୁଡି ଯାଇଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବ୍ଲକର ବିଭିନ୍ନ ଗ୍ରାମ ତଥା ତଳିଆ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ନାଉଗାଁ ଡାବରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘ ୧୦ ବର୍ଷ ତଳେ ନିର୍ମାଣ ହୋଇଥିଲା। କିନ୍ତୁ ମରାମତି ଅଭାବରୁ ରାସ୍ତାର ଦୁଇ ପାର୍ଶ୍ୱରେ ଖାଲଖମା ହୋଇ ପାଣି ଜମି ରହିଛି। ଫଳରେ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବଛାଳୋ ପଞ୍ଚାୟତର ବଛାଳୋ-ଅରସର ମୁଖ୍ୟ ରାସ୍ତାର ବାଉତ ସାହି ଛକଠାରୁ ଭଣ୍ଡାଇଲୋ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମି ରହିବା ଫଳରେ ଗ୍ରାମବାସୀ ବାହାରକୁ ଯାଇପାରୁ ନାହାନ୍ତି। ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସନ ପାଇଁ ୨୦୦୦ ମସିହାରେ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା। କିନ୍ତୁ ସମୟକ୍ରମେ ରାସ୍ତାର ଦୁଇ ପାର୍ଶ୍ୱରେ କେତେଜଣ ଲୋକ ଗୃହ ନିର୍ମାଣ କରିବା ପାଇଁ ସରକାରୀ ଜମିକୁ ପୋତିବା ସହିତ ଡ୍ରେନ ପୋତି ଦେଇଛନ୍ତି। ତେଣୁ ବର୍ଷାଦିନେ ଗ୍ରାମର ମୁଖ୍ୟ ରାସ୍ତାରେ ସବୁବେଳେ ପାଣି ଜମି ରହୁଛି। କାନୁନଗୋ ସାହି ମୁଖ୍ୟ ରାସ୍ତା, ଶିଖର ପଞ୍ଚାୟତର ଦାଣ୍ଡୁଆଠାରେ ବସବାସ କରୁଥିବା ୧୮ ନଂ ଓାର୍ଡ ବାସିନ୍ଦା, ନନ୍ଦିଗ୍ରାମର ମଢବସ୍ତ (ବାସୁଦେବପୁର), ଡେରିକି ପଞ୍ଚାୟତର ତିରୁଣା ଉଚ୍ଚ ବିଦ୍ୟାଳୟ ପଛ ପାର୍ଶ୍ୱରେ ଥିବା ଖାଲୁଆ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ଖରାଦିନେ ଜଳ ନିଷ୍କାସନ ପଥ ପରିଷ୍କାର କରା ନ ଯିବା ଓ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରା ନ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ନାଉଗାଁ -କାନୁନଗୋ ସାହି ରାସ୍ତା, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଜମି ରହିଛି। ସୂଚନା ଅନୁଯାୟୀ ଶୁକ୍ରବାର ସୁଦ୍ଧା ବ୍ଲକରେ ୮୦ ମି.ଲି. ମିଟର ବର୍ଷା ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ ଘୋଡାଂଶ ଗ୍ରାମର ୪ ନଂ ଓାର୍ଡ ବାସିନ୍ଦା ବିଜୟ ରାଉତଙ୍କ କଚ୍ଚା ଘରେ ପାଣି ପଶିଯାଇଛି। ସରକାରଙ୍କ ଆବାସ ଯୋଜନାରେ ସମସ୍ତଙ୍କୁ ପକ୍କା ଘର ମିଳୁଥିବା ବେଳେ ତାଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

# ୩ ଗାଁରେ ୫୩୦ ପରିବାର ଜଳବନ୍ଦୀ





ଏରସମା ବ୍ଲକ ଗୋଡ଼ା ପଞ୍ଚାୟତରେ ଲଗାଣ ବର୍ଷା ଯୋଗୁ ଲୋକଙ୍କ ଘର ଭିତରେ ପାଣି ପଶିଥିବାବେଳେ କେତେଜଣ ଲୋକଙ୍କ ଘର ଭୁଶୁଡ଼ି ପଡିଛି।

**ଏରସମା,୧୨।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକରେ ତିତ୍‌ଲି ବାତ୍ୟା ଜନିତ ବର୍ଷା ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ଏହି ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତର ୩ ଗାଁ ଜଳବନ୍ଦୀ ହୋଇପଡିଛି। ପ୍ରାୟ ୫୩୦ ପରିବାର ଜଳବନ୍ଦୀ ହେବା ସହ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏହି ପଞ୍ଚାୟତ ଗୋଲାପୁରର ୧୬୦, ମୁରାରୀପୁରର ୧୭୦, ଗୋଡ଼ା ହରିଜନ ପଡାର ୨୦୦ ପରିବାର ଜଳ ଘେରରେ ରହିଛନ୍ତି। ସେହିପରି ୪୬ ଜଣଙ୍କ ଘର ଭିତରେ ପାଣି ପଶିଥିବା ଜଣାପଡିଛି। ଲଗାଣ ବର୍ଷା ପ୍ରଭାବରେ ରାସ୍ତାଘାଟ ବୁଡି ଯାଇଛି। ୩ ଦିନ ହେଲା ଜଳ ନିଷ୍କାସନ ହୋଇ ନ ପାରିବାରୁ ପରିସ୍ଥିତି ଜଟିଳ ହୋଇପଡିଛି। ଲୋକମାନେ ବ୍ୟକ୍ତିଗତ ଭାବେ ଜଳ ନିଷ୍କାସନ ଉଦ୍ୟମ କରୁଥିବାବେଳେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରକାଶ ଯେ, ଗୋଡ଼ା ପଞ୍ଚାୟତ କାର୍ଯ୍ୟାଳୟର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ତଳିଆ ଅଞ୍ଚଳରେ ଗୋଲାପୁର, ମୁରାରୀପୁର,ଗୋଡା (ହରିଜନପଡା) ଗ୍ରାମ ରହିଛି। ତିତ୍‌ଲି ପ୍ରଭାବରେ ଗତ ୯ ତାରିଖ ରାତିରୁ ବର୍ଷା ଆରମ୍ଭ ହୋଇଥିଲା। ତେବେ ଗତ ୩ ଦିନହେଲା ପ୍ରବଳ ବର୍ଷା ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜଳ ନିଷ୍କାସନ ସୁବିଧା ନ ଥିବାରୁ ଗାଁ ଦାଣ୍ଡରେ ଅଣ୍ଟାଏ ପାଣି ଜମି ରହିଛି। ଗ୍ରାମର ନେଉଳ କାଣ୍ଡି, ଜଟାଧାରୀ କାଣ୍ଡି, ପତିଆ ସେଠୀ, ଅଜୁ କାଣ୍ଡି, ଅକ୍ଷିନା କାଣ୍ଡି, ଗୋଲି ପରିଡ଼ା, ଗୁଣନିଧି କାଣ୍ଡି, ପଦ କାଣ୍ଡି, ଗୁରିଆ କାଣ୍ଡି ପ୍ରମୁଖ ୪୬ ଜଣଙ୍କ ଘରେ ପାଣି ପଶିଯାଇଛି। ସେମାନେ ରୋଷେଇ କରି ଖାଇବା ତ ଦୂରର କଥା, ଘରୁ ବାହାରି ପାରୁନାହାନ୍ତି। ଲୋକଙ୍କ ଘରେ ସାପ ଆଦି ସରିସୃପ ପଶିଯାଉଛନ୍ତି। ଗୋଡା ବଜାରରେ ଥିବା ବୃନ୍ଦାବନ ବିହାରୀ ମନ୍ଦିରରେ ଠାକୁର ପାଣି ଘେରରେ ଥିବାରୁ ପୂଜା ନୀତି ବନ୍ଦ ହୋଇଯାଇଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଜଳ ଘେରରେ ଥିବାରୁ ସେଠାକୁ କେହି ଯାଇପାରୁନାହାନ୍ତି। ରାଜପୁରରୁ ଗୋଡା ମୁଖ୍ୟ ବଜାରକୁ ଯାଇଥିବା ରାସ୍ତାରେ ଅଣ୍ଟାଏ ପାଣି ଜମିଛି। ପଦ କାଣ୍ଡି, ଗୁଣନିଧି କାଣ୍ଡିଙ୍କ ଘର କାନ୍ଥ ପଡିଯାଇଥିବା ବେଳେ ଗେଲି କାଣ୍ଡିଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି।

**ଏରସମାରେ ବର୍ଷା ବିପ୍ଳାତ**

- ଗୋଡ଼ା ପଞ୍ଚାୟତର ୩ ଗାଁ ଜଳବନ୍ଦୀ
- ୪୬ ଜଣଙ୍କ ଘରେ ପାଣି ପଶିଲା

# ଗଛ ଉପୁଡ଼ି ବିଦ୍ୟୁତ୍‌ସେବା ବ୍ୟାହତ

**ତିର୍ତ୍ତୋଲ,୧୨।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଦୁଇଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଏଥିସହ ଶୁକ୍ରବାର ପବନରେ ବହୁ ସ୍ଥାନରେ ଗଛ ଉପୁଡି ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଲଗାଣ ବର୍ଷା ଫଳରେ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହଁସୁଆ, ବୃଦ୍ଧା ଏବଂ ଧନୁଆ ସଫେଇରେ ଉଦବୃତ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଚାଷଜମିରେ ପାଣି ଭର୍ତ୍ତି ହୋଇଛି। ବିଶେଷ କରି କଟରା ଗହିର, ଗୋବିନ୍ଦପୁର ଗହିର, ବନ୍ଧବାଟି ଗହିର, କୋଲର ଗହିର ପ୍ରଭୃତିରେ ଚାଷ ଜମିରେ ଧାନ ଗଛ ସମ୍ପୂର୍ଣ୍ଣ ଭାବରେ ପାଣିରେ ବୁଡି ରହିଛି। ଜଳମଗ୍ନ ହୋଇ ରହିଥିବା ଜମିରେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତିର୍ତ୍ତୋଲ ରାଜସ୍ୱ ଗ୍ରାମର ୭ନଂ ୱାର୍ଡ ମଠ ନିକଟରେ ଏକ ଶାଗୁଆନ ଗଛ ଉପୁଡି ପଡି ବିଦ୍ୟୁତ ଖୁଣ୍ଟ ଉପରେ ପଡିବାରୁ ଖୁଣ୍ଟଟି ଭାଙ୍ଗିଯାଇଛି। ଏଥିସହ ତାର ଛିଡିପଡିଥିଲା। ଫଳରେ ବିଦ୍ୟୁତ ସରବରାହ ବ୍ୟାହତ ହେବା ସହ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ସେହିଭଳି ପୋରଗଦେଇ ନିକଟରେ ବିଦ୍ୟୁତ ତାର ଉପରେ ଗଛ ଉପୁଡି ପଡିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ତିର୍ତ୍ତୋଲ କଲେଜ ସମ୍ମୁଖରେ ଏକ ଗଛ ଉପୁଡି ପଡିବାରୁ ବିଦ୍ୟୁତ ତାର ଛିଡିବା ସହ କଟକ-ପାରାଦୀପ ରାସ୍ତାରେ କିଛି ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ଲୋକମାନେ ଗଛ କାଟି ରାସ୍ତା ଉପରୁ ହଟାଇବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ଏଥିଯୋଗୁ ବ୍ଲକ କାର୍ଯ୍ୟାଳୟ, ତହସିଲ ସମେତ ବହୁ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି।



ବିରିଡ଼ି ଅଞ୍ଚଳରେ ବର୍ଷା ପାଣି ଘେରରେ ଥିବା ଘର।



ଜଣେ ମହିଳାଙ୍କ ଘରେ ପାଣି ଜମି ରହିଛି।

## ସାଧାରଣ ଜୀବନଯାତ୍ରା ବ୍ୟାହତ

**ବାଲିକୁଦା, ୧୨।୧୦(ସ୍ୱ.ପ୍ର.)**

ତିତ୍‌ଲି ବାତ୍ୟାରେ ବିଶେଷ କିଛି କ୍ଷତିଗ୍ରସ୍ତ ନ ହେବାରୁ ବାଲିକୁଦା ବ୍ଲକର ଲୋକମାନେ ଆଶ୍ୱସ୍ତ ହୋଇଥିବାବେଳେ ଏବେ ବର୍ଷା ସେମାନଙ୍କ ପାଇଁ ବିପତି ସୃଷ୍ଟି କରିଛି। ଜଗତସିଂହପୁର ଜିଲାର ସମୁଦ୍ର କୂଳିଆ ଅଞ୍ଚଳର ଲୋକମାନେ ଗତକାଲି ରାତିଠାରୁ ଆରମ୍ଭ ହୋଇଥିବା ବର୍ଷା, ପବନ ଫଳରେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଗାଁ ଠାରୁ ବଜାର ଘାଟ ପର୍ଯ୍ୟନ୍ତ ସବୁଠି ପାଣି ଖାଲି ପାଣି। ଧାନ ବିଲରେ ଯୁଆଡେ ଚାହିଁଲେ ଜଳମଗ୍ନ। ବିଲରେ ଆଣ୍ଠୁଏ ଉଚ୍ଚର ପାଣି ଲହଡା ମାରୁଛି। ପବନରେ ଗଛ ଭାଙ୍ଗିବା ସହିତ ଘର କାନ୍ଥ ମଧ୍ୟ ପଡିଯାଇଛି। ସାହି ବସ୍ତିରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ପରିସ୍ଥିତି ଏଭଳି ହୋଇଛି ଯେ, ବାତ୍ୟା ପରର ଅବସ୍ଥା ଲୋକଙ୍କୁ ୧୯୯୯ ମହାବାତ୍ୟାର ସ୍ମୃତିକୁ ଉଦ୍‌ଜୀବତ କରିଦେଇଛି। ଗୁରୁବାର ରାତି ୯ ଟାଠାରୁ ବର୍ଷା ଆରମ୍ଭ ହୋଇ ଶୁକ୍ରବାର ୧୧ ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷି ଥିଲା। ଅପରାହ୍ଣ ୧ ଟା ପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିଥିଲେ ମଧ୍ୟ ସନ୍ଧ୍ୟାରେ ପୁଣି ବର୍ଷା ହୋଇଥିଲା। ଏହାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ବିଶେଷକରି ସମୁଦ୍ର କୂଳିଆ ଅଞ୍ଚଳର ଲୋକଙ୍କ ପାଇଁ ଏହା ଭୟର କାରଣ ହୋଇଛି। ଧାନ ଫସଲ ସାଙ୍ଗକୁ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଛି। ଗତକାଲି ରାତି ପ୍ରାୟ ୧୦ ଟାରୁ ବାଲିକୁଦା ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଥିଲା। ଅଞ୍ଚଳର ବୋରିକିନା, ଦୁଆ, ଓଲାଷ, ଖଣ୍ଡପସା, ବରୁଗୁଡିପଡା, ଥାଇଲି, କୁନ୍ଦୁପୁର, ବାହାରଣା, ଜଇରତଳଙ୍ଗ, ଦେଉଳୀ, ଟାଇଁକୂଳ,ଦଳଣା, ସିଂହାରପୁର, ମୂଳୁଗାଁ, ସାରନା, ବିରିଧୂଆ, ତଣ୍ଡିକୁଳ, ପୋଦନା, ହରିପା, ଶଙ୍କରସାହି, ଦିଗୋଡା ଆଦି ଗାଁର ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି।

# ବର୍ଷାରେ ଘରେ ପଶିଲା ପାଣି

**ବାଲିଆ/ବିରିଡ଼ି(ଡି.ଏନ୍.ଏ.)୧୨।୧୦**

ତିତ୍‌ଲି ବାତ୍ୟା ଟଳିଯାଇଥିଲେ ମଧ୍ୟ ୨ଦିନ ଧରି ଲାଗି ରହିଥିବା ବର୍ଷା ପ୍ରଭାବରେ ବିରିଡି ବ୍ଲକ ଅଞ୍ଚଳରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ବିଭିନ୍ନ ପଞ୍ଚାୟତର ତଳିଆ ଅଞ୍ଚଳରେ ଥିବା ଘରଗୁଡିକରେ ପାଣି ପଶିଯାଇଥିବାରୁ ଲୋକଙ୍କ ଚିନ୍ତା ବଢିଯାଇଛି। ଏହି ବ୍ଲକ ପୁରଣ ପଞ୍ଚାୟତ ୫ନଂ. ୱାର୍ଡର ସତ୍ୟନାରାୟଣ ଦାଶ, ପ୍ରହଲ୍ଲାଦ ଚରଣ ଦାସ, ଶିଶିର ଦାସ, ଶଶିଭୂଷଣ ଦାସ, ବିଶ୍ୱନାଥ ସାହୁଙ୍କ ଘରେ ପାଣି ପଶି ଯାଇଥିବା ଜଣାପଡିଛି। ଉକ୍ତ ୱାର୍ଡର ଜଳ ନିଷ୍କାସନ ପଥ ଓ ସରକାରୀ ଜାଗାକୁ କେତେଜଣ ଲୋକ ଜବରଦଖଲ କରିଥିବାରୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ତେଣୁ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଏପରି କି ରୋଶେଇବାସ କରିବାକୁ ଜାଗା ମିଳୁନାହିଁ। ଏ ସମ୍ପର୍କରେ ସେମାନେ ୱାର୍ଡସଭ୍ୟ ପ୍ରବୀର ଦାସଙ୍କ ମାଧ୍ୟମରେ ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଇଛନ୍ତି। ସେହିପରି କୁଳ କଇଜଙ୍ଗା ପଞ୍ଚାୟତର ଗଙ୍ଗାଧର ସ୍ୱାଇଁ, ଗଣେଶ୍ୱର ସ୍ୱାଇଁଙ୍କ ଘରେ ପାଣି ପଶିଛି। ଏ ସମ୍ପର୍କରେ ସରପଞ୍ଚ ଜୋସ୍ନାରାଣୀ ବେହେରା ପ୍ରସାଶନର ଦୃଷ୍ଟି ଆକର୍ଷଣ କରିବା ସହ ପମ୍ପ ଲଗାଇ ଜଳ ନିଷ୍କାସନ କରିବାକୁ ଦାବି କରିଛନ୍ତି। ଅଢଙ୍ଗଗଡ଼ ପଞ୍ଚାୟତ ୱାର୍ଡ ନଂ-୭ ସେଠୀ ସାହିରେ ପାଣି ଜମି ରହିଛି। ଏହି ସାହିର ବଳରାମ ସେଠୀଙ୍କ ଘରେ ପାଣି ପଶିଛି। ଶୁକ୍ରବାର ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି।



ପାଣି ଘେରରେ ଥିବା ଏକ ଘର।





“ବିଦେଶୀଙ୍କୁ ଭାରତ କେବେ ଖରାପ ବ୍ୟବହାର ଦେଖାଇନାହିଁ। ତେଣୁ ରୋହିଙ୍ଗ୍ୟା ବା ଅନ୍ୟ ବେଆଇନ ଶରଣାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ମାନବାଧିକାର ଦୃଷ୍ଟିକୋଣରୁ ଦେଖାଯିବା ଅନୁଚିତ।

-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ଭୂସ୍ଖଳନରେ ୩୪ ମୃତ

**କାମ୍ପାଲା,୧୨।୧୦(ପି.ଟି.):** ପୂର୍ବ ଉଗାଣ୍ଡାର ବୁଡୁଦା ଜିଲା ଅନ୍ତର୍ଗତ ବୁକାଲାସି ସହରରେ ଗୁରୁବାର ଭୂସ୍ଖଳନ ଘଟିବା ଯୋଗୁ ୩୪ ଜଣ ପ୍ରାଣ ହରାଇଥିବାବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। ଏକ ନଦୀର ଅତଡ଼ା ଭୁଶୁଡ଼ିଯିବା ଯୋଗୁ ବନ୍ୟା ଜଳ ଜନବସତି ଆଡ଼କୁ ମାଡ଼ି ଯାଇଥିଲା। ଉକ୍ତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଥିବା ଉଗାଣ୍ଡା ରେଡ୍ କ୍ରସ୍ ମୁଖପାତ୍ର ଇରେନ୍ ନାକାସିତା ସୂଚନା ଦେଇଛନ୍ତି।

### ନଭେମ୍ବର ୧୭ରୁ ଜମ୍ମୁ-କଶ୍ମୀର ପଞ୍ଚାୟତ ନିର୍ବାଚନ

**ଜମ୍ମୁ,୧୨।୧୦(ପି.ଟି.):** ଜମ୍ମୁ-କଶ୍ମୀରରେ ପୌର ନିର୍ବାଚନ ଲାଗି ରହିଥିବାବେଳେ ପଞ୍ଚାୟତ ନିର୍ବାଚନ ପାଇଁ ମଧ ଶୁକ୍ରବାର ବିଗୁଲ ବାଜିଛି। ନଭେମ୍ବର ୧୭ରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ବିଭାଗ ଘୋଷଣା କରିଛି। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ୧୦ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇ ଡିସେମ୍ବର ୧୭ରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏଥିରେ ୩୧୬ ବ୍ଲକ୍‌ର ୫୬.୧୨ ଲକ୍ଷ ଭୋଟର ୩୫,୦୯୬ ପଞ୍ଚାୟତ ସଦସ୍ୟଙ୍କୁ ବାଛିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୨୩ରେ ଏବଂ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ (ଡିସେମ୍ବର ୧୧) ପାଇଁ ନଭେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଭର୍ଜିନିଆରେ ‘ମାଇକେଲ୍’ ତାଣ୍ଡବ

**ୱାଶିଂଟନ୍,୧୨।୧୦(ପି.ଟି.):** ଆମେରିକୀୟ ଷ୍ଟେଟ୍ ଭର୍ଜିନିଆରେ ଶୁକ୍ରବାର ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମାଇକେଲ୍। ଏହାଯୋଗୁ ୧୧ ଜଣ ପ୍ରାଣ ହରାଇଥିବାବେଳେ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ରିପୋର୍ଟ ସାମ୍ନାକୁ ଆସିଛି। ସାଢ଼େ ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ରାସ୍ତାଘାଟ ବନ୍ଦ ହେବା ସାଙ୍ଗକୁ ଲୋକେ ଘରେ ବନ୍ଦୀ ହୋଇ ରହିଥିବା ଷ୍ଟେଟ୍‌ର ଏମର୍ଜେନ୍ସି ଡିପାର୍ଟମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## [ଇତିହାସର ଆଇନାରେ]

### ଅକ୍ଟୋବର ୧୩ର ପ୍ରମୁଖ ଘଟଣା

୧୯୨୩ ଅକ୍ଟୋବର ୧୩ରେ ତୁର୍କୀର ରାଜଧାନୀ ଆଙ୍କାରା ଘୋଷିତ କରାଯାଇଥିଲା। ପୂର୍ବେ ଏହାର ରାଜଧାନୀ ଇସ୍ତାନବୁଲ ଥିଲା। ଇସ୍ତାନବୁଲ ପରେ ଆଙ୍କାରା ଦେଶର ଦ୍ୱିତୀୟ ବୃହତ୍ତମ ସହର। ପୂର୍ବରୁ ଏହା ଅଙ୍ଗୋରା ନାମରେ ଜଣାଥିଲା। ଦେଶର ମୁଖ୍ୟ ବାଣିଜ୍ୟ ଏବଂ ଔଦ୍ୟୋଗିକ କେନ୍ଦ୍ର ସହ ବିଭିନ୍ନ ଦେଶର ଦୂତାବାସ ଏଠାରେ ରହିଛି। ବିଶ୍ୱର ବିଭିନ୍ନ ଦେଶକୁ ଏଠାରୁ ଶୀତପୋଷାକ ଯାଇଥାଏ। ନାସ୍‌ପାତି , ମହୁ ଏବଂ ଅଙ୍ଗୁର ରପ୍ତାନୀ ପାଇଁ ଆଙ୍କାରାର ସ୍ୱତନ୍ତ୍ର ପରିଚୟ ରହିଛି।

୨୦୧୩ ଅକ୍ଟୋବର ୧୩ରେ ମଧ୍ୟପ୍ରଦେଶର ଦତିଆ ଜିଲା ସ୍ଥିତ ରତନଗଡ ଦେବୀ ମନ୍ଦିର ନିକଟରେ ନବରାତ୍ରିରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏଥିରେ ୧୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୦ ରୁ ଅଧିକ ଆହତ ହୋଇଥିଲେ। ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମନ୍ଦିରରେ ଉପସ୍ଥିତ ଥିଲେ। ଏହା ନିକଟରେ ଥିବା ଏକ ବ୍ରିଜ ଉପର ଦେଇ ଲୋକେ ଯାଉଥିବା ବେଳେ ଶୁଣିବାକୁ ମିଳିଥିଲା ପୋଲ ଭୁଶୁଡି ପଡିଲା।

# #ମିଟୂ: ବିଚାର କରିବ ଲିଗାଲ୍ କମିଟି

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

- ୪ ଅବସରପ୍ରାପ୍ତ ବିଚାରପତିଙ୍କୁ ଶୁଣାଣି ଦାୟିତ୍ୱ
- ସତକୁ ଚିତ୍କାର କରି କହିବାର ବେଳ ଆସିଛି: ରାହୁଲ



ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ‘#ମିଟୂ’ ଅଭିଯାନ। ଏହି ଦୁନିଆ ସହ ଜଡ଼ିତ ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ବିରୋଧରେ ମହିଳାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଦେଶରେ ନାରୀ ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବିତର୍କ। ‘#ମିଟୂ’ ଅଭିଯାନ ଜରିଆରେ ବ୍ୟଭିଚାର ଅଭିଯୋଗ ଆଣୁଥିବା ପୀଡ଼ିତାଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ସମସ୍ତ ଅଭିଯୋଗକାରିଣୀଙ୍କୁ ସମର୍ଥନ ଜଣାଇ ମାନେକା କହିଛନ୍ତି, ଯୌନ ନିର୍ଯାତନା ମାମଲାଗୁଡ଼ିକର ତଦନ୍ତ ଲାଗି ତାଙ୍କ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏକ ଆଇନଗତ(ଲିଗାଲ୍) କମିଟି ଗଠନ କରିବ। ସେଥିରେ ୪ ଅବସରପ୍ରାପ୍ତ ବିଚାରପତି ସଦସ୍ୟ ରହିବେ।

କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି ଆଇନଗତ ବ୍ୟବସ୍ଥା ରହିଛି। ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଦେଶରେ ଅନେକ ମହିଳା ଯୌନ ଶୋଷଣର ଶିକାର ହେଉଛନ୍ତି। ଏନେଇ ଶୋକବ୍ୟକ୍ତ କରି କେନ୍ଦ୍ରମନ୍ତ୍ରୀ ମାନେକା କହିଛନ୍ତି ଯେ,“ପୀଡ଼ିତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି। ସେମାନଙ୍କ ଯନ୍ତ୍ରଣା ଓ ଆଘାତକୁ ମର୍ମେ ମର୍ମେ ଅନୁଭବ କରିପାରୁଛି। ତେଣୁ #ମିଟୂ ଅଭିଯାନ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଛି।” ଉକ୍ତ କମିଟି ଆଇନଗତ ଓ ଆନୁଷ୍ଠାନିକ ଢାଞ୍ଚା ଉପରେ ତର୍ଜମା କରି ସେଗୁଡ଼ିକୁ ସୁଦୃଢ଼ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେବ। ଦେଶରେ ‘#ମିଟୂ’ ଝଡ଼ ସୃଷ୍ଟି ହେବା ପରଠାରୁ ଦୁଇ ସପ୍ତାହ ମଧ୍ୟରେ ଅନେକ କର୍ମଜୀବୀ ମହିଳା ନିଜ ସହ ଘଟିଥିବା ଯୌନ ନିର୍ଯାତନା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେମାନଙ୍କୁ ବିଭିନ୍ନ ମହଲରୁ ମଧ୍ୟ ସମର୍ଥନ ମିଳୁଛି।

ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ‘#ମିଟୂ’ ନିଆଁ ଲାଗିଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ (ଖବରକାଗଜ) ଏମ୍.ଜେ. ଆକବରଙ୍କ ବିରୋଧରେ ୭ ଜଣ ସାମ୍ବାଦିକା ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ପରିବର୍ତ୍ତନ ଆଣିବା ସକାଶେ ସତକୁ ଚିତ୍କାର କରି ପ୍ରକାଶ କରିବାର ସମୟ ଉପନୀତ ହୋଇଛି। ଖାଲି ସେତିକି ନୁହେଁ, ମହିଳାଙ୍କୁ ସମ୍ମାନ ଦେବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ‘#ମିଟୂ’ ଅଭିଯାନ ଏକ ବଡ଼ ପ୍ରସଙ୍ଗ। ଖୁବ୍‌ଶୀଘ୍ର ଏ ପ୍ରସଙ୍ଗରେ ସେ ଖବରଦାତା ସମ୍ମିଳନୀରେ ନିଜ ମତ ଉପସ୍ଥାପନ କରିବେ ବୋଲି କଂଗ୍ରେସ ମୁଖ୍ୟ କହିଛନ୍ତି। ରାହୁଲ ସିଧାସଳଖ ଆକବରଙ୍କୁ ଟାର୍ଗେଟ କରିନାହାନ୍ତି।

### ପ୍ରଧାନମନ୍ତ୍ରୀ ମୁହଁ ଖୋଲନ୍ତୁ: ସ୍ୱାମୀ

‘#ମିଟୂ’ ଅଭିଯାନ ଯୋଗୁ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବାବେଳେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ତବ୍ୟ ପ୍ରକାଶ କରି ସମସ୍ୟାକୁ ବଢ଼ାଇଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆକବରଙ୍କ ନାଁରେ ହୋଇଥିବା ସଙ୍ଗିନ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲିବା ଉଚିତ ବୋଲି ସେ କହିଛନ୍ତି।

# ପାଲାନିସ୍ୱାମୀଙ୍କ ବିରୋଧରେ ହେବ ସିବିଆଇ ତଦନ୍ତ

**ଚେନ୍ନାଇ,୧୨।୧୦(ପି.ଟି.)**



ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣି ଡିଏମ୍‌କେ ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଠିକାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତକରି ଡିରେକ୍ଟୋରେଟ୍ ଅଫ୍ ଭିଜିଲାନ୍ସ ଆଣ୍ଡ ଆଣ୍ଟି କରପ୍ସନ୍ (ଡିଭିଏସି) ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଅନୁଧ୍ୟାନ କରିବା ପରେ ଜଷ୍ଟିସ ଏ.ଡି. ଜଗଦୀଶ ଚାନ୍ଦିରାଙ୍କ ପୀଠ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ପୀଠ କହିଛନ୍ତି, ମାମଲାରେ ଡିଭିଏସ୍ ରିପୋର୍ଟ ଏବଂ ଏହା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ। ଏଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯିବା ଉଚିତ। ମାମଲା ସମ୍ପର୍କିତ ସମସ୍ତ ନଥିପତ୍ର ଡିଭିଏସି ସପ୍ତାହେ ମଧ୍ୟରେ ସିବିଆଇକୁ ହସ୍ତାନ୍ତର କରୁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ୩ ମାସ ମଧ୍ୟରେ ଦୁର୍ନୀତିର ପ୍ରାଥମିକ ତଦନ୍ତ ଶେଷ କରିବାକୁ ହେବ ବୋଲି ପୀଠ କହିଛନ୍ତି।

ପାଲାନିସ୍ୱାମୀ ୩୫୦୦ କୋଟି ଟଙ୍କାର ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ବେନାମୀ ଏବଂ ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଡିଏମ୍‌କେ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ଆଣି ଦଳର ସାଙ୍ଗଠନିକ ସଚିବ ଆର୍.ଏସ୍. ଭାରତୀ ମାମଲା ଦାଏର କରିଥିଲେ। ଡିଭିଏସି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହା ଜରିଆରେ ଉଚିତ ତଦନ୍ତ ସମ୍ଭବପର ନୁହେଁ ବୋଲି ଦର୍ଶାଇ ଭାରତୀ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ହସ୍ତାନ୍ତର କରିବା ଲାଗି ଏକ ଅତିରିକ୍ତ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

## ଫେରିଲେ ନାହିଁ ଆକବର

**ନୂଆଦିଲ୍ଲୀ,୧୨।୧୦:** ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେବା ନେଇ ଅଭିଯୋଗ ଆସିବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା। ବିରୋଧୀ ଦଳ ତାଙ୍କ ବହିଷ୍କାର



କରିବା ଲାଗି ଅଡ଼ିବସିଥିବାବେଳେ ସରକାର ତାଙ୍କୁ ଗାଦି ଛାଡ଼ିବାକୁ କହିବେ ବୋଲି ସୂଚନା ମିଳିଛି। ଏପଟେ ବିବାଦ ତେଜିଥିବାବେଳେ ସେପଟେ ଆଫ୍ରିକା ଗସ୍ତରେ ଅଛନ୍ତି ଆକବର। ଶୁକ୍ରବାର ସୁଦ୍ଧା ସେ ଭାରତ ଫେରି ଇସ୍ତଫା ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ସେ ଫେରିଲେ ନାହିଁ। ନାଇଜେରିଆ ପରେ ଏବେ ଇକ୍ୱେଟୋରିଆଲ ଗିନି ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ତେବେ ଆକବରଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ମୌନବ୍ରତ ଅବଲମ୍ବନ କରିଛି। ସେପଟେ କେନ୍ଦ୍ରମନ୍ତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ ଜବାବ ଦେବାକୁ କହିଛି କଂଗ୍ରେସ। ଆକବର ମୁହଁ ଖୋଲନ୍ତୁ, ନଚେତ୍ ପଦରୁ ଓହରିଯାଆନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି।

## ସାଜିଦ, ସୁଭାଷ ଘାଇଙ୍କ ନାଁରେ ଅଭିଯୋଗ

**ମୁମ୍ବାଇ,୧୨।୧୦(ପି.ଟି.):** ଦେଶରେ ‘#ମିଟୂ’ ଅଭିଯାନ ଜୋର୍‌ଦାର ଚାଲିଥିଲାବେଳେ ସିନେମା ଜଗତର ଅନେକ ନାମୀଦାମୀ ବ୍ୟକ୍ତିବିଶେଷଙ୍କ କେଲେଙ୍କାରୀର କାର୍‌ନାମା ପଦାରେ ପଡୁଛି। ଏହି ତାଲିକାରେ ଶୁକ୍ରବାର ଆଉ କେତୋଟି ନୂଆ ନାମ ଯୋଡ଼ିହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାଜିଦ ଖାନ୍, ସୁଭାଷ ଘାଇ ଏବଂ ଲଭ ରଞ୍ଜନ। ସେହିପରି ଅଭିନେତା ଅକ୍ଷୟ କୁମାର, ଫରହାନ୍ ଅଖତର ଏବଂ ଅଜୟ ଦେବଗନ ପ୍ରମୁଖ ‘#ମିଟୂ’ ଅଭିଯାନକୁ ସମର୍ଥନ ଜଣାଇଛନ୍ତି।



ସାଜିଦ ଖାନ୍‌ଙ୍କ ବିରୋଧରେ ୩ ଅଭିନେତ୍ରୀ ଏବଂ ଜଣେ ସାମ୍ବାଦିକା ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଏହା ପ୍ରଘଟ ହେବା ପରେ ତାଙ୍କ ଭଉଣୀ ଫରାହ ଖାନ୍ ମଧ୍ୟ ନିଜ ଭାଇଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସାଜିଦଙ୍କ ଭୁଲ୍‌କୁ ଘଣ୍ଟ ଘୋଡ଼ାଇବେ ନାହିଁ। ତାଙ୍କ ଦ୍ୱାରା ନିର୍ଯାତିତା ମହିଳାଙ୍କ ସମର୍ଥନରେ ବାହାରିବେ ବୋଲି ଫରାହ କହିଛନ୍ତି। ‘#ମିଟୂ’ ଝଡ଼ର ଶିକାର ହେବା ପରେ ‘ହାଉସ୍‌ଫୁଲ୍-୪’ର ନିର୍ଦ୍ଦେଶନା ଦାୟିତ୍ୱରୁ ଓହରିଯାଇଛନ୍ତି ସାଜିଦ୍। ସେହିପରି ନିର୍ଦ୍ଦେଶକ ସୁଭାଷ ଘାଇ ଏବଂ ‘ପ୍ୟାର୍ କା ପଞ୍ଚନାମା’ ନିର୍ଦ୍ଦେଶକ ରଞ୍ଜନଙ୍କ ବିରୋଧରେ ମଧ୍ୟ ବଳାତ୍କାର ଓ ଅସଦାଚରଣ ଅଭିଯୋଗ ଆସିଛି।

# ଶିବପାଲଙ୍କୁ ମାୟାବତୀଙ୍କ ବଙ୍ଗଳା

**ଲକ୍ଷ୍ନୌ,୧୨।୧୦(ପି.ଟି.)**

ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ପୁରୁଣା ସରକାରୀ ବାସଭବନ ପାଇଲେ ସମାଜବାଦୀ ସେକ୍ୟୁଲାର୍ ମୋର୍ଚ୍ଚାର ପ୍ରତିଷ୍ଠାତା ଶିବପାଲ ଯାଦବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାର ଏହି ବଙ୍ଗଳା ଶିବପାଲଙ୍କୁ ଶୁକ୍ରବାର ମଞ୍ଜୁର କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ସରକାରୀ ବଙ୍ଗଳା ଛାଡ଼ିବା ନେଇ ସୁପ୍ରିମକୋର୍ଟ ରାୟ ଦେବା ପରେ ମାୟାବତୀ ଉକ୍ତ ବଙ୍ଗଳା ଖାଲି କରିଥିଲେ। ତେବେ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ତାଙ୍କୁ ଏହି ବଙ୍ଗଳା ଯୋଗାଇଥିବା ଶିବପାଲ କହିଛନ୍ତି। ସେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭାର ପୁରୁଣା ସଦସ୍ୟ ଭାବେ ତାଙ୍କୁ ସରକାରୀ ଘର



ମଞ୍ଜୁର ହୋଇଥିବା ଶିବପାଲ କହିଛନ୍ତି। ବଙ୍ଗଳା ବଣ୍ଟନ ବେଳେ ରାଜ୍ୟ ସରକାର ପ୍ରିୟାପ୍ରୀତି ତୋଷଣ ନୀତି ଆପଣାଇଛନ୍ତି ଏବଂ ଭାଜପା ପାଇଁ କାର୍ଯ୍ୟ କରୁଥିବା ଶିବପାଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପ୍ରଦାନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଶିବପାଲ ଏହାକୁ ଖଣ୍ଡନ କରିଛନ୍ତି।

## କାନ୍ଥକୁ ଧକ୍କାଦେଲା ଏୟାର ଇଣ୍ଡିଆ ବିମାନ



ବର୍ତ୍ତିଲେ ୧୩୬ ଯାତ୍ରୀ

**ତିରୁଚିରାପଲ୍ଲୀ,୧୨।୧୦(ପି.ଟି)**

ତାମିଲନାଡୁର ତ୍ରିଚିରୁ ଦୁବାଇ ଅଭିମୁଖେ ଉଡାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ-୬୧୧ ଗୁରୁବାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ରାତି ସାଢେ ୧ଟା ବେଳେ ଟେକ୍ ଅଫ୍ କରିବା ସମୟରେ ରନୱେ ନିକଟରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଏଟିସି କର୍ମଚାରୀ ବିମାନର ପାଇଲଟଙ୍କୁ ସୂଚନା ଦେଇଥିଲେ। ଧକ୍କା ଯୋଗୁ ବିମାନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ୬ ବିମାନ କର୍ମଚାରୀ ଓ ୧୩୦ଜଣ ଯାତ୍ରୀ କିନ୍ତୁ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ବିମାନଟିର ଦିଗ ପରିବର୍ତ୍ତନ କରାଯାଇ ମୁମ୍ବାଇରେ ଭୋର ୫ଟା ୩୦ ମିନିଟ୍‌ରେ ଜରୁରୀ ଅବତରଣ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଏବଂ ଏୟାର ଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଦୁଇ ପାଇଲଟ୍‌ଙ୍କୁ ଯାଞ୍ଚ ଶେଷ ନହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି।

## ଆଇଏଏସ୍ ଏକାଡେମୀ ପ୍ରତିଷ୍ଠାତାଙ୍କ ଆତ୍ମହତ୍ୟା

**ଚେନ୍ନାଇ,୧୨।୧୦**

ତାମିଲନାଡୁର ଚେନ୍ନାଇଠାରେ ଥିବା ବହୁଚର୍ଚ୍ଚିତ ସିଭିଲ୍ ସର୍ଭିସ୍ କୋଚିଂ ସେଣ୍ଟର୍ ‘ଶଙ୍କର ଆଇଏଏସ୍ ଏକାଡେମୀ’ର ପ୍ରତିଷ୍ଠାତା ଶଙ୍କର ଦେବରାଜନ୍ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଚେନ୍ନାଇର ମେଲାପୋରଠାରେ ଥିବା ନିଜ ବାସଭବନରେ ଶଙ୍କରଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ବ୍ୟକ୍ତିଗତ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଫ୍ୟାନ୍‌ରୁ ମୃତଦେହ ଉଦ୍ଧାର କରାଯିବା ପରେ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ୪୫ ବର୍ଷୀୟ ପ୍ରାଧ୍ୟାପକ ଆଇଏଏସ୍ ଏକାଡେମୀ ଜରିଆରେ ୨୦୦୪ରୁ ଏପର୍ଯ୍ୟନ୍ତ ପ୍ରାୟ ୯୦୦ ଆଇଏଏସ୍ ଅଧିକାରୀ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଏହି ଧରଣର ପ୍ରଥମ କୋଚିଂ ସେଣ୍ଟର ହେଉଛି ଶଙ୍କର ଆଇଏଏସ୍ ଏକାଡେମୀ।

# ନ୍ୟୁୟର୍କକୁ ଉଡ଼ିଲା ଦୀର୍ଘତମ ବିମାନ




**ସିଙ୍ଗାପୁର, ୧୨।୧୦(ପି.ଟି)**

ବିଶ୍ୱର ସବୁଠୁ ଦୀର୍ଘତମ ବାଣିଜ୍ୟିକ ବିମାନ ଗୁରୁବାର ସିଙ୍ଗାପୁରଠାରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଛି। ଏଥିରେ ଆରୋହଣ କରିଥିବା ଯାତ୍ରୀମାନେ ଖୁବ୍ ଉତ୍ସାହିତ ଅଛନ୍ତି, କାରଣ ସେମାନେ ଦୀର୍ଘ ୧୯ଘଣ୍ଟା ମାରାଥନ୍ ଯାତ୍ରା କରି ନ୍ୟୁୟର୍କଠାରେ ପହଞ୍ଚିବେ। ସିଙ୍ଗାପୁର ଏୟାରଲାଇନ୍ସର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, ‘ଫ୍ଲାଇଟ୍ ଏସ୍‌କ୍ୟୁ୨୨’ ସ୍ଥାନୀୟ ସମୟ ୧୧:୩୫ ପିଏମ୍(୧୫:୩୫ ଜିଏମ୍‌ଟି)ରେ ୧୫୦ ଜଣ ଯାତ୍ରୀ ଏବଂ ୧୭ ବିମାନ କର୍ମଚାରୀଙ୍କୁ ଧରି ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଥିଲା। ଦୁଇଜଣିଆ ପାଇଲଟ୍ ବିଶିଷ୍ଟ ଏହି ବିମାନରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ୧୬, ୭୦୦ କିଲୋମିଟର (୧୦,୪୦୦ ମାଇଲ୍) ବ୍ୟାପୀ ଯାତ୍ରାକାଳରେ ଯାତ୍ରୀମାନେ ଫିଲ୍ମ ଏବଂ ଟେଲିଭିଜନ୍ ମାଧ୍ୟମରେ ଆମୋଦ ପ୍ରମୋଦ କରିବାର ସୁଯୋଗ ପାଇବେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୨୨.୧ |
| ଚାନ୍ଦବାଲି | ୨୬.୧ | ୨୪.୬ |
| କଟକ | ୨୭.୨ | ୨୧.୦ |
| ପାରାଦ୍ୱୀପ | ୨୮.୫ | ୨୫.୦ |
| ଭୁବନେଶ୍ୱର | ୨୮.୨ | ୨୩.୦ |
| ଗୋପାଳପୁର | ୩୧.୭ | ୨୫.୯ |
| ପୁରୀ | ୩୦.୦ | ୨୪.୦ |
| ଅନୁଗୋଳ | ୨୫.୭ | ୧୯.୦ |
| ବାରିପଦା | ୨୩.୬ | ୨୨.୫ |
| ଝାରସୁଗୁଡ଼ା | ୨୮.୮ | ୨୩.୫ |
| କେନ୍ଦୁଝର | ୨୧.୩ | ୨୦.୪ |
| ସମ୍ବଲପୁର | ୨୭.୮ | ୨୨.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୯.୫ | ୨୪.୧ |
| ତାଲଚେର | --- | ୨୩.୫ |
| ଭବାନୀପାଟଣା | --- | ୨୧.୦ |
| ବଲାଙ୍ଗୀର | ୨୫.୦ | ୨୧.୨ |
| କୋରାପୁଟ | ୨୩.୦ | ୧୮.୨ |
| ଫୁଲବାଣୀ | ୨୨.୪ | ୧୮.୦ |
| ଟିଟିଲାଗଡ଼ | ୨୫.୫ | ୧୯.୦ |
| ମାଲକାନଗିରି | ୨୧.୫ | --- |
| ସୋନପୁର | ୨୫.୦ | ୧୯.୫ |
| ଦାରିଙ୍ଗିବାଡ଼ି | ୨୧.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚିନ୍ତା ବଢ଼ାଉଛି ବେକାରି ସମସ୍ୟା

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ବେକାର ସମସ୍ୟା, ଆର୍ଥିକ ଓ ରାଜନୈତିକ ଭ୍ରଷ୍ଟାଚାର, ହିଂସା ଓ ଅପରାଧ ଭାରତୀୟମାନଙ୍କ ସର୍ବାଧିକ ଚିନ୍ତାର କାରଣ। ୨୮ ଦେଶକୁ ନେଇ ସଦ୍ୟ ଅନୁଷ୍ଠିତ ଏକ ସର୍ଭେରୁ ଏହା ଜଣାପଡ଼ିଛି। ମାର୍କେଟ ଗବେଷଣା କମ୍ପାନୀ ଇପ୍‌ସୋସ୍ ପକ୍ଷରୁ ଶୁକ୍ରବାର ‘ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ’ ଶୀର୍ଷକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବେକାର ସମସ୍ୟା ଓ ଦୁର୍ନୀତିକୁ ସବୁଠୁ ବଡ଼ ଚିନ୍ତାର କାରଣ ବୋଲି ୪୪% ଭାରତୀୟ ମତ ଦେଇଛନ୍ତି। ୩୩% ଲୋକ ଅପରାଧ ଓ ହିଂସାକୁ, ୩୧% ଦାରିଦ୍ର୍ୟ ଓ ସାମାଜିକ ଅସମାନତାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି। ସେହିପରି ଆତଙ୍କବାଦକୁ ନେଇ ୨୧% ଭାରତୀୟ ଚିନ୍ତିତ ଥିବା ଏଥିରେ ଦର୍ଶାଯାଇଛି।

ଭାରତୀୟଙ୍କ ଚିନ୍ତା ବଢ଼ାଉଥିବା ଅନ୍ୟ ପ୍ରସଙ୍ଗଗୁଡ଼ିକ ହେଲା, ଶିକ୍ଷା(୧୯%), ପରିବେଶ ପ୍ରତି ବିପଦ(୧୬%), ଟ୍ୟାକ୍ସ (୧୫%), ଜଳବାୟୁ ପରିବର୍ତ୍ତନ(୧୪%), ସ୍ୱାସ୍ଥ୍ୟସେବା(୧୩%), ମୁଦ୍ରାସ୍ଫିତି(୧୧%) ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ(୧୦%)। ଅନ୍ୟପକ୍ଷରେ ଭାରତ ଠିକ୍



ରାସ୍ତାରେ ଯାଉଛି ବୋଲି ୬୭% ଦେଶବାସୀ ଭାବୁଛନ୍ତି। ୨୮ଟି ମାର୍କେଟ ଉପରେ ସର୍ବେକ୍ଷଣ କରାଯାଇ ଦେଖାଯାଇଛି ଯେ, ଭାରତ ବିଶ୍ୱର ଧାରାକୁ ଭୁଲ ପ୍ରମାଣିତ କରିଛି। ଅନୂନ୍ୟ ୬୦% ଲୋକ ସେମାନଙ୍କ ଦେଶ ଭୁଲ ରାସ୍ତାରେ ଯାଉଥିବା ମନେକରନ୍ତି। ସର୍ଭେ ଅନୁସାରେ ଶୀର୍ଷ ୪ଟି ମାର୍କେଟ ନିଜ ଦେଶ (ଚାଇନା ୯୨%), ସୌଦି ଆରବ(୭୮%), ଭାରତ(୬୭%) ଓ ମାଲେସିଆ(୬୫%) ଉଚିତ ରାସ୍ତାରେ ଯାଉଥିବା ନେଇ ଆଶାବାଦୀ। ଅନ୍ୟପକ୍ଷରେ ବ୍ରାଜିଲ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଓ ପେରୁ ଭଳି ଦେଶଗୁଡ଼ିକ ଠିକ୍ ରାସ୍ତାରେ ଯାଉନାହିଁ ବୋଲି ସେଠାକାର ଲୋକେ ମନେକରନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ବିଶ୍ୱସ୍ତରରେ ନାଗରିକମାନେ ଭ୍ରଷ୍ଟାଚାର(୩୪%), ବେକାର ସମସ୍ୟା (୩୩%), ଦାରିଦ୍ର୍ୟ/ସାମାଜିକ ଅସମାନତା(୩୩%), ଅପରାଧ ଓ ହିଂସା(୩୧%) ଏବଂ ସ୍ୱାସ୍ଥ୍ୟସେବା(୨୪%)କୁ ନେଇ ଚିନ୍ତିତ। କିନ୍ତୁ ଆତଙ୍କବାଦ ଚିନ୍ତାର ବୃଦ୍ଧିର ପ୍ରମୁଖ ୫ କାରଣ ମଧ୍ୟରେ ବିଶ୍ୱସ୍ତରୀୟ ତାଲିକାରେ ସ୍ଥାନ ପାଇନାହିଁ। ‘ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ’ ସର୍ଭେ ହେଉଛି ଏକ ମାସିକ ଅନ୍‌ଲାଇନ୍ ସର୍ବେକ୍ଷଣ। ଏଥିରେ ୨୮ ଦେଶର ୬୫ ବର୍ଷରୁ କମ୍ ବୟସର ଲୋକଙ୍କୁ ନେଇ ଇପ୍‌ସୋସ୍ ଅନ୍‌ଲାଇନ୍ ପ୍ୟାନେଲ ବ୍ୟବସ୍ଥାରେ ପ୍ରଶ୍ନ କରାଯାଇଥାଏ। ସେହି ଦେଶଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ବ୍ରାଜିଲ, କାନାଡା, ଚିଲି, ଚାଇନା, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ହଙ୍ଗେରୀ, ଭାରତ, ଇସ୍ରାଏଲ୍, ଇଟାଲୀ, ଜାପାନ, ମାଲେସିଆ, ମେକ୍ସିକୋ, ପେରୁ, ପୋଲାଣ୍ଡ, ରୁଷିଆ, ସୌଦି ଆରବ, ସର୍ବିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ସ୍ପେନ, ସ୍ୱିଡେନ, ତୁର୍କି ଓ ଆମେରିକା।

## ସଂକ୍ଷେପରେ

### ବିଜେଡି ନେତାଙ୍କ ସହ ମଞ୍ଚରେ ବସିବେ ଦାମ

**କୁଜଙ୍ଗ,୧୨।୧୦(ସ୍ୱ.ପ୍ର.):** ଶନିବାର କୁଜଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଇ ଦିଆଯିବ। ବ୍ଲକ୍‌ର ମୋଟ ୨୮ ପଞ୍ଚାୟତରୁ ପ୍ରାୟ ୧୧୨ ପରିବାର ଏହି ନୂତନ ଯୋଜନାରେ ପ୍ରାରମ୍ଭିକ ଭାବେ କାର୍ଡ ପାଇବେ। ଏଥିପାଇଁ ପ୍ରଶାସନ ପକ୍ଷରୁ କୁଜଙ୍ଗ ସୂଚନା ଭବନରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଏମ୍‌ପି ଡା. କୁଳମଣି ସାମଲ ଓ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହ ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତ ଯୋଗଦେବେ ବୋଲି ସୂଚନା ମିଳିଛି। ବିଜେଡିରୁ ବହିଷ୍କୃତ ହେବା ପରେ ଦାମ ଯେଭଳି ଢଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଚାଲିଛନ୍ତି ଶନିବାର ହେବାକୁ ଥିବା କାର୍ଯ୍ୟକ୍ରମରେ ସେ ଯୋଗଦେଇ କ'ଣ କହିବେ ତାହା ଦେଖିବାକୁ ସଭିଏଁ ଅପେକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ୨ ସପ୍ତାହ ତଳେ କୁଜଙ୍ଗରେ ମହିଳା ସମାବେଶ କରି ଦାମଙ୍କ ଉପରେ ବର୍ଷିଥିବା ବିଜେଡି ନେତାମାନେ ଏବେ ପୁଣି ନବୀନ ସରକାରଙ୍କ ଜନହିତକର ଯୋଜନାକୁ ପ୍ରଚାର ପାଇଁ ଏହି ପରି ଆୟୋଜନ କରିଛନ୍ତି। କୁଜଙ୍ଗ ବ୍ଲକ୍‌ରେ ଏହି ଯୋଜନାରେ ୧୦ ହଜାର ପରିବାରକୁ ସାମିଲ କରିବାକୁ ଲକ୍ଷ୍ୟ ରଖା ଯାଇଥିବା ବେଳେ ଏବେ ସୁଧା ୨୪ଶହ ପରିବାର ସାମିଲ ହୋଇଛନ୍ତି।

### ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ପଟ୍ଟାମୁଣ୍ଡାଇ,୧୨।୧୦(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ହିତାଧିକାରୀମାନଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ ଅଧକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ତରାଇ, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ଯୋଗଦେଇ ୨୮ ପଞ୍ଚାୟତର ୧୧୬ ଜଣ ଗରିବ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ପ୍ରତିକୂଳ ପାଗ ଯୋଗୁ ଦୁର୍ଗମ ଅଞ୍ଚଳ ସିଂହଗାଁ ପଞ୍ଚାୟତ ସହିତ ବଡମୋହନପୁର ଓ ବଲୁରିଆ ପଞ୍ଚାୟତର କୌଣସି ହିତାଧିକାରୀ ଆସି ନ ଥିଲେ। ସେହିପରି ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୧ ୱାର୍ଡର ୪୦ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ଲକର ପ୍ରାୟ ଅଢେଇ ହଜାର ଓ ପୌରାଞ୍ଚଳର ୩୨୧ ଜଣ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସହକାରୀ ଯୋଗାଣ ନିରୀକ୍ଷକ ଭବାନୀ ପ୍ରସାଦ ଦାଶ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଭଞ୍ଜନ ସାହୁ, ପୌରାଞ୍ଚଳ ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଠି, ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ବକ୍ତୃତାରେ ଲୋପାମୁଦ୍ରାଙ୍କ କୃତିତ୍ୱ



**କୁଜଙ୍ଗ,୧୨।୧୦(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ରାହାମା ସ୍ଥିତ ଶାରଳା ମହାବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷର ଛାତ୍ରୀ ଲୋପାମୁଦ୍ରା ମହାନ୍ତି ପୁଣି ଥରେ ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ଦ୍ୱାରା ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସୂଚନା ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେ ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ତାଙ୍କୁ ମନ୍ତ୍ରୀ ପ୍ରତାପ ଜେନା ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। 'ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମୟର ଏକ ଆହ୍ୱାନ' ଶୀର୍ଷକ ବକ୍ତୃତାରେ ସେ ଏହି ସଫଳତା ପାଇଛନ୍ତି। ପାରାଦୀପ ଗଡ ନିବାସୀ ସସ୍ମିତା ମହାନ୍ତି ଓ ନିଳାଦ୍ରୀ ବିହାରୀ ମହାନ୍ତିଙ୍କ ସୁକନ୍ୟା ଲୋପାମୁଦ୍ରା ପୂର୍ବରୁ ବିଜୁ ପଟ୍ଟନାୟକ ସ୍ମାରକୀ ବକ୍ତୃତା ଓ ଉତ୍କଳ ଦିବସ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ।

■ ଜଗତ୍‌ସିଂହପୁର ଆର୍‌ଡି ଡିଭିଜନ

# ୪୪ ଲକ୍ଷ ଟଙ୍କାର ଟେଣ୍ଡର ଫିକ୍ସିଂ ଅଭିଯୋଗ

■କୋଟକଣା-କାବଲପୁର ରାସ୍ତା

■କଲଭର୍ଟ ନିର୍ମାଣ ପାଇଁ ଲଟେରିରେ ଚଞ୍ଚକତା

**ଜଗତ୍‌ସିଂହପୁର ଅଫିସ,୧୨।୧୦**

ଜଗତ୍‌ସିଂହପୁର ଆର୍‌ଡି (ଗ୍ରାମ୍ୟ ଉନ୍ନୟନ) ଡିଭିଜନ ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ ହୋଇଛି। ଏହି ବିଭାଗ ଅଧୀନରେ ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବାବେଳେ କଲଭର୍ଟ ନିର୍ମାଣ ଓ ପୁନରୁଦ୍ଧାର ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଛି। ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ଚଞ୍ଚକତା କରାଯାଉଛି। ଏଥିରେ କିରାଣୀଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଏପରି କି ନିର୍ବାହୀ ଯନ୍ତ୍ରୀଙ୍କ ହାତ ରହିଥିବା ଅଭିଯୋଗ କରିଛନ୍ତି ଜନୈକ ଠିକାଦାର ପ୍ରଭାସ ବେହେରା। ସେ କହିଛନ୍ତି ଯେ, ତିର୍ତ୍ତୋଲ ବ୍ଲକ କୋଟକଣା-କାବଲପୁର ରାସ୍ତାର ବୁଢାନାଳ (୧.୫୭୦ କି.ମି.)ଉପରେ ୪୪ ଲକ୍ଷ ଟଙ୍କା ବ୍ୟୟରେ ଏକ ବକ୍ସସେଲ୍ କଲଭର୍ଟ, ଆପ୍ରୋଚ୍ ରୋଡ୍ ଓ ପ୍ରୋଟେକ୍ସନ୍ ୱାଲ୍ ନିର୍ମାଣ ହେବାର ଅଛି। ଏନେଇ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଶୁକ୍ରବାର ଥିଲା ଏହାର ଲଟେରି ଉଠାଣ। କିନ୍ତୁ ଏହି ଲଟେରି ଉଠାଣ ପୂର୍ବରୁ ଚଞ୍ଚକତା କରାଯାଇଛି। ୩ ଜଣ ଠିକାଦାର ଏହି କାର୍ଯ୍ୟ ପାଇଁ ଅନ୍‌ଲାଇନ୍‌ରେ ଟେଣ୍ଡର ପକାଇଥିଲେ। ସେମାନେ ହେଲେ ପ୍ରଭାସଙ୍କ ସମେତ ଶୁଭକାନ୍ତ ଦାଶ ଓ ରଶ୍ମି ମହାପାତ୍ର। ପୂର୍ବାହ୍ନ ୧୧ଟା ବେଳେ ଲଟେରି ଉଠିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଏଥିରେ ବିଳମ୍ବ କରାଯାଇଥିଲା। ପାଖାପାଖି ମଧ୍ୟାହ୍ନ ୧୨ଟାରେ ଲଟେରି ଉଠିଥିଲା। ଏହା ପୂର୍ବରୁ ଆବେଦନକାରୀ ଠିକାଦାରଙ୍କ ଦସ୍ତଖତ ନିଆଯାଇଥିଲା। ଆରମ୍ଭ ବେଳେ ବାହାର ଲୋକ ବସିଥିବା ଦେଖାଯାଇଥିଲା। ଜଣେ କିରାଣି କାଗଜଗୁଡିକ ଭାଙ୍ଗିବାବେଳେ ଚଞ୍ଚକତା କରି ୨ଟି କାଗଜ ବଡ଼ ଓ ଗୋଟିଏ କାଗଜ ଛୋଟ କରି ଭାଙ୍ଗିଥିଲେ। ପରେ ସେଗୁଡିକୁ ଏକ ବଡ଼ ବାକ୍ସରେ ରଖାଯାଇଥିଲା। ଜଣେ ଠିକାଦାର ବିଭାଗୀୟ କର୍ମଚାରୀଙ୍କ ସହ ପୂର୍ବରୁ ଏଭଳି ଯୋଜନା କରିଥିଲେ। କେବଳ ଏତିକି ନୁହେଁ, ସମ୍ପୃକ୍ତ ଠିକାଦାରଙ୍କ ସହ ଯାଇଥିବା ଜଣେ ଯୁବକ ଲଟେରି ଉଠାଇଥିଲେ। ଯେହେତୁ ସମ୍ପୃକ୍ତ ଯୁବକଙ୍କୁ ଛୋଟ ଆକାରରେ ଭଙ୍ଗାଯାଇଥିବା କାଗଜ ଉଠାଇବାକୁ ପୂର୍ବରୁ କୁହାଯାଇଥିଲା, ତେଣୁ ସେହି ଅନୁଯାୟୀ ସେ ଛୋଟ କାଗଜଟି ଉଠାଇଥିଲେ। ଏହା ଜଣାପଡିବା ପରେ ବେହେରା ପ୍ରତିବାଦ କରିଥିଲେ। କିନ୍ତୁ ତାଙ୍କ କଥା କେହି ଶୁଣି ନ ଥିଲେ। ଏପରି କି ଆପଣ ଦସ୍ତଖତ କରିସାରିଛନ୍ତି ମାନେ ଆଉ କିଛି ଶୁଣାଯିବ ନାହିଁ ବୋଲି କୁହାଯାଇଥିଲା। ନିୟମ ଅନୁଯାୟୀ, ଲଟେରି ଉଠାଣ ବେଳେ ପୋଲିସ ଉପସ୍ଥିତ ରହିବା କଥା। କିନ୍ତୁ ପୋଲିସର ସହାୟତା ନିଆଯାଇ ନ ଥିଲା। ଲଟେରି ଉଠା ପ୍ରକ୍ରିୟା ଯେଉଁଠି ହୋଇଥିଲା ସେଠାରେ ସିସିଟିଭି କ୍ୟାମେରା ରହିବା କଥା। ଏହି ସମୟର ଦୃଶ୍ୟ ଭିଡିଓ ରେକର୍ଡିଂ ହେବା କଥା। ରାଜ୍ୟ ବିଭିନ୍ନ ସ୍ଥାନରେ ଏଭଳି କରାଯାଉଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଠିକାଦାର, ବିଭାଗୀୟ କର୍ମଚାରୀ କିମ୍ବା ପୋଲିସ ଲଟେରି ଉଠାଇବା କଥା। ଏସବୁ କିନ୍ତୁ କିଛି ପାଳନ କରାଯାଇନାହିଁ। ଲଟେରି ଉଠିଲା ପରେ ପ୍ରତ୍ୟେକଙ୍କୁ ଦେଖାଇବାର ନିୟମ ଥିଲେ ସୁଦ୍ଧା ସେଥିପ୍ରତି ଧ୍ୟାନ ଦିଆଯାଇ ନ ଥିଲା। ତେଣୁ ପୂର୍ବ ପ୍ରସ୍ତୁତି ମୁତାବକ ସବୁ କରାଯାଇଥିବା ବେହେରା ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ସେ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପଟ୍ଟନାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କୌଣସି ପଦକ୍ଷେପ ନିଆ ନ ଗଲେ ସେ ବାଧହୋଇ ଉଚ୍ଚ କର୍ତ୍ତୃପକ୍ଷ, ଏପରି କି ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ ଲଟେରିରେ କୌଣସି ପ୍ରକାର ବ୍ୟତିକ୍ରମ ହୋଇନାହିଁ। ବେହେରା କରିଥିବା ଅଭିଯୋଗ ଭିତ୍ତିହୀନ।



ଜଗତ୍‌ସିଂହପୁର ବ୍ଲକ ସରାପୋ ସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଷୋଡଶ ଉପଚାର ପୂଜାର ୧୧ତମ ଦିବସରେ ମା' ସିଦ୍ଧିଦାତ୍ରୀଙ୍କ କୁଷ୍ମାଣ୍ଡ ବେଶ।




ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## ବରିଷ୍ଠ ନାଗରିକ ଦିବସ ପାଳିତ

**କୁଜଙ୍ଗ,୧୨।୧୦(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ କୁଜଙ୍ଗ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ କମିଟି ଅଧକ୍ଷ ତଥା କୁଜଙ୍ଗ ସବ୍‌ଜଜ୍ ଅଭିଲାଷ ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରବଣ କୁମାରଙ୍କ ପିତୃଭକ୍ତି କଥା ମନେପକାଇବା ସହ ଗୁରୁଜନଙ୍କୁ ସମ୍ମାନ କରିବାକୁ ପରାମର୍ଶ ଦେଇଥିଲେ। ସିଭିଲ୍‌ଜଜ୍ ଅମିତାଭ ପଣ୍ଡା, କୁଜଙ୍ଗ ଜେଏମ୍‌ଏଫ୍‌ସି ସୁଶ୍ରୀ ମାମୀ ବେହେରା, କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ୍.ଡି. ଯାଦବ ଓ ସୁବର୍ଣ୍ଣ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ପୂଜ୍ୟପୂଜା ପରମ୍ପରା ସମ୍ପର୍କରେ କହିଥିଲେ। ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଆଇନ ସେବା କମିଟି ପକ୍ଷରୁ ପ୍ରଶାନ୍ତ ମୁଦୁଲି, ଦୁର୍ଯ୍ୟୋଧନ ସ୍ୱାଇଁ ଓ ସାମାଜିକ କର୍ମୀ ବିପିନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତଲତା ଦେବୀଙ୍କ ସ୍ମୃତିସଭା

**ବିରିଡି/ବାଲିଆ,୧୨।୧୦(ଡି.ଏନ.ଏ)**

ବିରିଡ଼ି ବ୍ଲକ ଉତ୍ତରଶାସନ ଉପରମୁଣ୍ଡ ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ସ୍ୱର୍ଗତ ବିଦ୍ୟୁତଲତା ଦେବୀଙ୍କ ଚତୁଃର୍ଦ୍ଦଶାହ ଉପଲକ୍ଷେ ତାଙ୍କ ବାସଭବନରେ ଶୁକ୍ରବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ମଧଶାସନ ମହାବୀର ଲାଇବ୍ରେରୀ ପକ୍ଷରୁ ଅନୁଷ୍ଠିତ ସ୍ମୃତିସଭାରେ ସଭାପତିତ୍ୱ କରିଥିଲେ ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମା। ଉତ୍ତମ ଦାଶ ମୁଖ୍ୟଅତିଥି, ପ୍ରହରାଜ ପ୍ରତିଭା ପୂଜା ପରିଷଦର ସଭାପତି କାଳୀପ୍ରସାଦ ମହାପାତ୍ର ମୁଖ୍ୟବକ୍ତା, କବି ପିତାମ୍ବର ମହାପାତ୍ର, ଉମାକାନ୍ତ ବେହେରା, ଖଗେଶ୍ୱର ମହାରଣା, ସୁଧାକର ପଣ୍ଡା, ପଣ୍ଡିତ ଗୁରୁପ୍ରସାଦ ରଥ, ସୀତାଂଶୁ ରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପୁତ୍ର କୃପାସିନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଆଇଏଫ୍‌ଏନ୍‌ର ସ୍ୱାସ୍ଥ୍ୟ ଶିବିର

**ରାହାମା,୧୨।୧୦(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଧବଳେଶ୍ୱର ହାଇସ୍କୁଲ ହଂସୁରା ପରିସରରେ ଏଆଇଏଫ୍‌ଏନ୍ ଓ ଓଆଇଜି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ପୋର୍ଟଟ୍ରଷ୍ଟ ମେଡିକାଲର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଏସ୍. କେ. ନାୟକ ମୁଖ୍ୟଅତିଥି, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶିତ କୁମାର ସାହୁ, ସ୍ନାୟୁରୋଗ ବିଶେଷଜ୍ଞ ଗୌରିଶଙ୍କର ସାହୁ ଉପସ୍ଥିତ ରହ ୨୦୦ ରୋଗୀଙ୍କୁ ଦେଖି ରୋଗ ନିରୁପଣ କରିବା ସହିତ ରକ୍ତ ପରୀକ୍ଷା, ରକ୍ତଚାପ, ଇସିଜି ଆଦି ବିବିନ୍ନ ପ୍ରକାର ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ମୁଖ୍ୟ ଉପଦେଷ୍ଟା ଦେବ ପ୍ରସାଦ ନାୟକ, ଚକ୍ରଧର ସାହୁ ଏବଂ ସଞ୍ଜୟ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ପ୍ରତିଷ୍ଠାତା ହିମାଂଶୁ ଭୂଷଣ ମଲ୍ଲିକ, ସଭାପତି ଶ୍ରୀପତି ଲେଙ୍କା, ଉପସଭାପତି ବିଶ୍ୱଭୂଷଣ ପଟ୍ଟନାୟକ, ସମ୍ପାଦକ ସ୍ମୃତି ସ୍ୱାଇଁ, ଯୁଗ୍ମ - ସମ୍ପାଦକ ବିଶ୍ୱଜିତ ଦାସ, ସହସମ୍ପାଦକ ରଞ୍ଜିତ ମହନ୍ତି, ଅରବିନ୍ଦ ସ୍ୱାଇଁ, ସ୍ମୃତି ଚୌଧୁରୀ, ଇନ୍ଦ୍ରନୀଳମଣି ମଲ୍ଲିକ, ଅଭିଜିତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ସ୍ୱାସ୍ଥ୍ୟ ଶିବିର ଆୟୋଜନ ଅବସରରେ ଉପସ୍ଥିତ ଡାକ୍ତର ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା।

## ଶିଉଳି ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ସ୍କୁଲରେ ମିଶ୍ରଣକୁ ବିରୋଧ

**ରଘୁନାଥପୁର, ୧୨।୧୦( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନ ଶିଉଳି ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ବିରିଡି ବ୍ଲକ ମାଣପୁର ପଞ୍ଚାୟତ ପଟୁଆରୀ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିବାକୁ ସରକାରଙ୍କ ପକ୍ଷରୁ ରଖାଯାଇଥିବା ପ୍ରସ୍ତାବକୁ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ସମ୍ପର୍କରେ ଏକ ଅଭିଯୋଗପତ୍ର ଦାୟିତ୍ୱରେ ଥିବା ଏବିଇଓ ନରହରି ମିଶ୍ରଙ୍କୁ ମଧ ପ୍ରଦାନ କରାଯାଇଛି।

ସୂଚନା ଯୋଗ୍ୟ ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ପିଲା ପାଠ ପଢୁଛନ୍ତି ଉକ୍ତ ସ୍କୁଲକୁ ସ୍ଥାନୀୟ ଅଧିକ ସଂଖ୍ୟକ ପିଲା ଥିବା ସ୍କୁଲରେ ମିଶ୍ରଣ କରିବା ନେଇ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଚଳିତବର୍ଷ ଶିଉଳି ପ୍ରାଥମିକ ବିଦ୍ୟାଳୟରେ ୧୭ ପିଲା ପାଠ ପଢୁଥିବାରୁ ଉକ୍ତ ବିଦ୍ୟାଳୟକୁ ସ୍ଥାନୀୟ ୨ କିମି ଦୂରରେ ଥିବା ପଟୁଆରୀ ସ୍କୁଲରେ ମିଶାଇ ଦେବାକୁ ପ୍ରସ୍ତାବ ରହିଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ପଟୁଆରୀ ସ୍କୁଲକୁ ଯିବା ବାଟରେ ଉଭୟପାର୍ଶ୍ୱରେ ପୋଖରୀ ଓ କେନାଲ ରହିଛି। ଏହି ରାସ୍ତାରେ ଛୋଟ ପିଲାଙ୍କ ପାଇଁ ଯାତାୟାତ ଅତ୍ୟନ୍ତ ବିପଦ ସାବ୍ୟସ୍ତ ହେବ ବୋଲି ପରିଚାଳନା କମିଟିର ସଭାପତି ଅଭୟ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ଏହାଛଡା ଲକ୍ଷାଧିକ ଟଙ୍କା ସରକାରୀ ଅନୁଦାନରେ ନିର୍ମାଣ କରାଯାଇଥିବା ବହୁ ପ୍ରାଚୀନ ବିଦ୍ୟାଳୟ ଭୂତକୋଠିରେ ପରିଣତ ହେବ ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଶିକ୍ଷାବର୍ଷଠାରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅଧିକ ଲାଗି ଗ୍ରାମବାସୀ ସରକାରଙ୍କ ପାଖରେ ଏକ ପ୍ରସ୍ତାବ ମଧ ରଖିଛନ୍ତି। ଏଣୁ ଆସନ୍ତା ଶିକ୍ଷା ବର୍ଷ ଆରମ୍ଭ ହେବା ପର୍ଯ୍ୟନ୍ତ, ଶିକ୍ଷା ବିଭାଗ ଏଥିରୁ ନିବୃତ୍ତ ରହିବା ସହ ଆଉ ୬ ମାସ ମହଲତ ଦେବାକୁ ଦାବି ଜଣାଇଛନ୍ତି। ଶିକ୍ଷା ବିଭାଗ ଉକ୍ତ ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରି ଗ୍ରାମବାସୀଙ୍କ ଅନୁରୋଧକୁ ଗ୍ରହଣ କରିବାକୁ ଭବାନୀ ଶଙ୍କର ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ଶୁକଦେବ ରାଉତ, ୱାର୍ଡ ସଭ୍ୟା ସୁଚିସ୍ମିତା ରାଉତରାୟ, ସୂର୍ଯ୍ୟନାରାୟଣ ପ୍ରଧାନ, କଳ୍ପନା ଦାସଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

■ ପ୍ରକୃତି ଦୟାରେ ଚାଲେ ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟ

# ୧୦ ବର୍ଷରେ ଦିନଟିଏ ହୋଇନି ସମ୍ପୂର୍ଣ୍ଣ ପାଠପଢ଼ା

■ବର୍ଷ ତମାମ ଛୁଟି, ମଧାହ୍ନଭୋଜନ କ'ଣ ପିଲା ଜାଣନ୍ତି ନାହିଁ

■କାଗଜପତ୍ରରେ ୯୦ ପିଲା, ନିଯୁକ୍ତ ଅଛନ୍ତି ୪ ଶିକ୍ଷୟିତ୍ରୀ

■ସ୍କୁଲର ଶୌଚାଳୟ ନଦୀ ଭିତରେ

**ପାରାଦୀପ,୧୨।୧୦(ସ୍ୱ.ପ୍ର.)**

ଦେଶର ପ୍ରଗତିର ମୁଖଶାଳା କୁହାଯାଉଥିବା ପାରାଦୀପରେ ସର୍ବଶିକ୍ଷା ଯୋଜନା ଅଧୀନରେ ରହିଛି ୧୨ ବିଦ୍ୟାଳୟ। ତେବେ ସେଥିମଧ୍ୟରେ ଏଭଳି ଏକ ବିଦ୍ୟାଳୟ ରହିଛି ଯାହାକି ସମଗ୍ର ବିଶ୍ୱରେ ବିରଳ। ଉକ୍ତ ବିଦ୍ୟାଳୟଟି ହେଉଛି ପାରାଦୀପ ପୌରାଞ୍ଚଳର ୫ନଂ ୱାର୍ଡ ବାଲିଝରା ବସ୍ତିରେ ଥିବା ଘୋଲାପଡା ପ୍ରାଥମିକ ବିଦ୍ୟାଳୟ। ୨୦୦୮ରୁ ଏହି ବିଦ୍ୟାଳୟ ଖୋଲିଲାଣି, ଅଥଚ ଗୋଟିଏ ଦିନ ମଧ୍ୟ ସମ୍ପୂର୍ଣ୍ଣ ପାଠପଢା (ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା) ହୋଇନାହିଁ। ଗୋଟିଏ ଶିକ୍ଷା ବର୍ଷରେ ସାଧାରଣତଃ ସ୍କୁଲ ଛୁଟି ଦିବସ ୧୩୭ ଓ ପାଠପଢା ଦିବସ ୨୨୮ ସ୍ଥିରିକୃତ ହୋଇଛି। କିନ୍ତୁ ଉକ୍ତ ସ୍କୁଲରେ ସବୁଦିନ ଛୁଟି। କାରଣ ସ୍କୁଲ ଚାଲେ ପ୍ରକୃତି ଦୟାରେ। ବଟନଦୀ ପଠାରେ ଏକ ବାଉଁଶ ପାତିଆ ଚାଳଘରେ ଏହି ସ୍କୁଲ ଚାଲିଛି। ସହରର ଆବର୍ଜନା ପାଣି କିମ୍ବା ସାମାନ୍ୟ ବର୍ଷା ଅଧିକ ହେଲେ ସେହି ବିଦ୍ୟାଳୟ ଗୃହ ବୁଡିଯାଏ। ଘର ଶୁଖିବା ପାଇଁ ମାସାଧିକ ସମୟ ଲାଗେ। ଘର ଚଟାଣ ଶୁଖିଗଲା ପରେ ସେହି ଘର ସରୀସୃପ, ପୋକ, ବେଙ୍ଗର ଆଶ୍ରୟସ୍ଥଳି ପାଲଟିଯାଏ। ଏହି କାରଣରୁ ଉକ୍ତ ଘରେ ବର୍ଷ ତମାମ୍ ପିଲା ବସିପାରନ୍ତି ନାହିଁ। ସ୍କୁଲ ଘର ଆଗରେ ଏକ ଗଛମୂଳେ ପିଲାଙ୍କୁ ବସାଯାଏ। ସେହିସ୍ଥାନ ମୁକୁଳା ଥିବାରୁ ଖରା ପ୍ରକୋପ ବଢିଲେ ସ୍କୁଲ ଛୁଟି। ବର୍ଷା, ପବନ, ଶୀତ-କାକର ହେଲେ ବି ଛୁଟି। ମୋଟାମୋଟି କହିବାକୁ ଗଲେ ଶିକ୍ଷୟିତ୍ରୀମାନେ ସେଠାରେ ପିଲାଙ୍କୁ ବସାଇବା ପରେ ଆକାଶକୁ ଦେଖନ୍ତି। ଆକାଶରେ କଳା ବାଦଲ ଘୋଟିଲେ ପିଲାଙ୍କୁ ଛାଡି ଦିଅନ୍ତି। ଏମିତି ସ୍ଥିତିରେ ୧୦ ବର୍ଷ ହେଲା ପାଠପଢ଼ା ଚାଲିଛି। ଏବେ ଉକ୍ତ ସ୍କୁଲରେ ୯୦ ଛାତ୍ରୀଛାତ୍ର ପ୍ରଥମରୁ ୫ମ ଶ୍ରେଣୀରେ ପଢୁଛନ୍ତି ବୋଲି ପ୍ରଧାନଶିକ୍ଷୟିତ୍ରୀ ମୀରାଙ୍ଗିନୀ ଦେଇ ସୂଚନା ଦେଇଛନ୍ତି। ଏଥିପାଇଁ ୪ଜଣ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ସ୍କୁଲରେ କେବେ ମଧାହ୍ନଭୋଜନ ରୋଷେଇ ହୋଇନାହିଁ। ପିଲାଙ୍କୁ ମଧାହ୍ନଭୋଜନ ମିଳେ ବୋଲି ସେମାନେ ଜାଣନ୍ତି ନାହିଁ। ସ୍କୁଲର ରେଜିଷ୍ଟର ଖାତା ଆଦି କାଗଜପତ୍ର ଦିଦିମାନେ ଜରିରେ ଧରି ଆସିଥାନ୍ତି। ଛୁଟି ଘୋଷଣା ପରେ ସାଥିରେ ଘରକୁ ନେଇଯାଆନ୍ତି। ଏହି ସ୍କୁଲ ପାଇଁ ସର୍ବଶିକ୍ଷା ଯୋଜନାରେ ଗତବର୍ଷ ଏକ ଶୌଚାଳୟ ନିର୍ମାଣ କରାଯାଇଛି, ଯାହାକି ନଦୀ ପାଣିକୁ ଲାଗି ରହିଛି। ଏପରି ସ୍କୁଲ ପ୍ରସଙ୍ଗରେ ଡିପିସି (ଜିଲା ପ୍ରକଳ୍ପ ସଂଯୋଜକ) ସପନି କୁମାର ଜେନା କୁହନ୍ତି, ଜାଗା ନ ଥିବାରୁ ଘର ନିର୍ମାଣ କରିବାରେ ଅସୁବିଧା ହେଉଛି। ସୂଚନାଯୋଗ୍ୟ, ସେହି ସ୍କୁଲ ପାଖରେ କଙ୍କ୍ରିଟ ଶୌଚାଳୟ, କମ୍ପାନୀ ସିଏସ୍‌ଆର ଅର୍ଥରେ ଶୌଚାଳୟ, ପୌର ଗୋଷ୍ଠୀକେନ୍ଦ୍ର ଆଦି ହୋଇଛ। ଜାଗାର ମାଲିକାନା ପାରାଦୀପ ବନ୍ଦର ନାମରେ ରହିଛି। ପାରାଦୀପ ବନ୍ଦର ସେହି ଜାଗାକୁ ସର୍ବଶିକ୍ଷା ଯୋଜନା ନାଁରେ କରିବା ପରେ ଯାଇ ସ୍କୁଲ ଘର ହେବ ବୋଲି ଡିପିସି ଜେନା କୁହନ୍ତି। ସେଥିପାଇଁ ଏପରି ଅବ୍ୟବସ୍ଥାକୁ ସେ ସ୍ୱୀକାର କରିଛନ୍ତି। ବର୍ଷ ତମାମ୍ ଛୁଟି ହେଉଥିବା ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର କିପରି ପାଠ ପଢୁଥିବେ ଓ ସେମାନେ ନିଜ ଭବିଷ୍ୟତ କିପରି ଗଢିବେ ତାହା ବିଚାର କରାଯିବା ଆବଶ୍ୟକ। କେବଳ ଏହି ବିଦ୍ୟାଳୟ ନୁହେଁ, ପାରାଦୀପରେ ଏଭଳି ୬ଟି ବିଦ୍ୟାଳୟ ଦୟନୀୟ ସ୍ଥିତିରେ ଚାଲିଛି।



ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟ ଗୃହ।



ଲଗାଣ ବର୍ଷା ଫଳରେ ସ୍କୁଲ ଘର ପାଣିରେ ବୁଡି ରହିଛି।

# ୫ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ସୁପାରିସ

ନୂଆଦିଲ୍ଲୀ,୧୨।୧୦(ପି.ଟି.)

ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ୫ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଅତିରିକ୍ତ ବିଚାରପତି ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା କଲେଜିୟମ୍ ଜଷ୍ଟିସ୍ ଡି.କେ. ଗୁପ୍ତାଙ୍କ ନାମ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ପାଇଁ ସୁପାରିସ କରିଥିବାବେଳେ ଜଷ୍ଟିସ୍ ଏନ୍.ଏଚ୍ ପାଟିଲଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଚୟନ କରିଛନ୍ତି। ସେହିପରି ଜଷ୍ଟିସ୍ ରମେଶ ରଙ୍ଗନାଥନ୍, ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଜଷ୍ଟିସ ବିଜୟୀ କୁମାର ବିସ୍ତଙ୍କ ନାମ ଯଥାକ୍ରମ ଉତ୍ତରାଖଣ୍ଡ, ଗୁଆହାଟୀ ଏବଂ ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତିପଦ ପାଇଁ ସୁପାରିସ କରାଯାଇଛି। ଜଷ୍ଟିସଖ ପାଟିଲ ବର୍ତ୍ତମାନ ବମ୍ବେ ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିବାବେଳେ ଜଷ୍ଟିସଖ ଗୁପ୍ତା କଲିକତା ହାଇକୋର୍ଟର ଅନ୍ତରୀଣ ମୁଖ୍ୟ ବିଚାରପତି ରୂପେ ଅବସ୍ଥାପିତ। ଜଷ୍ଟିସ ପାଟିଲ୍‌ଙ୍କ କାର୍ଯ୍ୟକାଳ ୨୦୧୯ ଏପ୍ରିଲ୍‌ରେ ଶେଷ ହେବାକୁ ଯାଉଛି। ଫଳରେ ବମ୍ବେ ହାଇକୋର୍ଟ ଆଗାମୀ ମୁଖ୍ୟ ବିଚାରପତି ନିଯୁକ୍ତିରେ ସ୍ୱତନ୍ତ୍ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କଲେଜିୟମ୍ ପ୍ରସ୍ତାବ ଦେଇଛନ୍ତି। ଅର୍ଥାତ୍ ମୁଖ୍ୟ ବିଚାରପତିଙ୍କ ଅବସର ପରେ ଏକ ବର୍ଷ କିମ୍ବା ତା'ଠାରୁ କମ୍ ସମୟ କାର୍ଯ୍ୟକାଳ ବାକି ରହିଥିବା ସେହି ହାଇକୋର୍ଟର ବରିଷ୍ଠ ବିଚାରପତି ସ୍ୱତଃସ୍ଫୂର୍ତ୍ତ ଭାବେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇବା ନିୟମକୁ କାର୍ଯ୍ୟକାରୀ କରିଛନ୍ତି। ଅନ୍ୟପକ୍ଷରେ ଜଷ୍ଟିସ



ରଙ୍ଗନାଥନ୍ ବର୍ତ୍ତମାନ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ବରିଷ୍ଠତମ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବିସ୍ତ ହେଉଛନ୍ତି ଉତ୍ତରାଖଣ୍ଡ ହାଇକୋର୍ଟର ବରିଷ୍ଠ ବିଚାରପତି। ତିନି ସଦସ୍ୟ ବିଶିଷ୍ଟ କଲେଜିୟମ୍ ମାଡ୍ରାସ ହାଇକୋର୍ଟର ୩ ଅତିରିକ୍ତ ବିଚାରପତି ଜଷ୍ଟିସ୍ ଆର୍.ଏମ୍.ଟି. ଟିକାରାମନ୍, ଏନ୍. ସଥୀସ୍ କୁମାର ଏବଂ ଏନ୍. ସେଶାସାୟୀଙ୍କ ନାମ ସ୍ଥାୟୀ ବିଚାରପତି ପଦ ପାଇଁ ସୁପାରିସ କରିଛନ୍ତି। ସେହିପରି କର୍ଣାଟକ ହାଇକୋର୍ଟର ୭ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି, କେରଳ ହାଇକୋର୍ଟର ୩ ଓକିଲ ଏବଂ ୨ ନ୍ୟାୟିକ ଅଧିକାରୀଙ୍କୁ ବିଚାରପତି ଭାବେ ପଦୋନ୍ନତି ଦେବା ପାଇଁ କଲେଜିୟମ୍ ସୁପାରିସ କରିଛନ୍ତି।

# ଲୋକଙ୍କ ସହ ସିଧାସଳଖ କଥା ହେଲେ ରାଜ୍ୟପାଳ

ସମ୍ବଲପୁର,୧୨।୧୦(ବ୍ୟୁରୋ)

ରାଜ୍ୟପାଳ ଗଣେଶୀ ଲାଲ ଦିନିକିଆ ସମ୍ବଲପୁର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶୁକ୍ରବାର ବୁର୍ଲା ଅଶୋକ ନିବାସରୁ ବାହାରି ପ୍ରଥମେ ଧନକଉଡା ବ୍ଲକ କଲାମାଟି ପଞ୍ଚାୟତ ବେହେରାଟିକ୍ରାରେ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ବୁଲି ଦେଖିଥିଲେ। ସେଠାରେ ହିତାଧିକାରୀମାନଙ୍କ ସହିତ ସେ ଆଲୋଚନା କରିଥିଲେ । ପରେ ସେ ବସନ୍ତପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ସାଧାରଣ ସଭାରେ ଉଦ୍‌ବୋଧନ କରିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନା, ପେନସନ ଯୋଜନା, ମମତା ଯୋଜନା, ପିଡିଏସ, ଅଙ୍ଗନୱାଡିରେ ମିଳୁଥିବା ସମସ୍ତ ପ୍ରକାର ସେବା ଉପରେ ପଚାରି ବୁଝିଥିଲେ। ଗ୍ରାମବାସୀ ମଧ୍ୟ ନିଜ ନିଜର ସମସ୍ୟା ସିଧା ସଳଖ ରାଜ୍ୟପାଳଙ୍କୁ ଜଣାଇଥିଲେ। ବସନ୍ତପୁର ଗ୍ରାମର ଦୁଗ୍ଧ ଚାଷୀମାନେ ସରକାରୀ ଯୋଜନାରେ ଗୁହାଳ ନିର୍ମାଣ ଲାଗି ସହାୟତା ମିଳୁ ନ ଥିବା ଅଭିଯୋଗ କରିଥିଲେ। ଦୁଗ୍ଧ ଦର ବୃଦ୍ଧି କରିବାକୁ ଦାବି କରିଥିଲେ। ତେବେ ଗୁହାଳ ନିର୍ମାଣ ଲାଗି ସହାୟତା ଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ସମ୍ବଲପୁର କାଳୀବାଡ଼ି ଦୁର୍ଗାପୂଜାର ଶତବାର୍ଷିକୀ ଉତ୍ସବରେ ରାଜ୍ୟପାଳ ଯୋଗ ଦେଇ ଏକ ସ୍ମାରକୀ ଡାକ ଲଫାପାକୁ ଉନ୍ମୋଚନ କରିଥିଲେ।

## DISTRICT OFFICE, SUBARNAPUR
**(SOCIAL WELFARE SECTION)**

No.: 1607 Dated: 10.10.18

Sealed quotations in the prescribed format are invited from the Intending Individual / Firm for supply of **"Printed register including materials under MAMATA"** to all the ICDS Projects. The quotations shall be received by the DSWO, Subarnapur till **5.00 P.M. of 29th October, 2018** and will be opened on **Dt.30.10.2018 at 3.00 P.M.** The details of tender papers along with the terms and conditions, earnest money deposit etc. can be downloaded from the website **http://www.subarnapur.nic.in**. The tender received beyond the date and time mentioned above shall not be taken into consideration under any circumstances.

**Sd./- District Social Welfare Officer, Subarnapur**

## DISTRICT OFFICE, PURI
**(Sprots Section)**

Letter No. 308/Sports Dated 09.10.2018

**SHORT TENDER / QUOTATION CALL NOTICE**

District Sports Officer, Puri invites sealed quotation from authorized dealer / manufacturers / retailer / registered firms for supply of the following sports dress & shoe materials of branded quality for use by the trainees of sports hostel, Puri during the year 2018-19.

i) Track Suit of different sizes
ii) Shorts & Banian of different sizes
iii) Warm-up shoes different sizes with socks
iv) Game shoes of different sizes with socks (Wrestling & Kabaddi)
v) Kit Bag

The details terms and condition of the tender shall be available either in the District Sports Office located at Collectorate, Puri during office hours on all working dayks with effect from the date of publication of this advertisment from **11 AM** to **4.30 PM** or in the website of **www.puri.nic.in**.

Sealed quotation along with required documents and sample shall be received by the office of the undersigned upto **2.00 PM** on **Dt.31.10.2018** and shall be opened on the same day at **4.00 PM** in presence of the quotationer(s) or their authorized representative.

The authority reserves the right to accept or reject any / all quotatioins without assigning any reason thereof.

**Sd./- District Sports Officer, Puri**

## SOUTHCO UTILITY
**OFFICE OF THE SUPERINTENDING ENGINEER**
**Electrical Circle, Bhanjanagar, Tel: (06821) 240335 (O), Fax: 242400,**
**EMail ID: circlehead.bhanjanagar@southcoodisha.com**

**Letter No: 1674 (15)** **Date: 12.10.2018**

**E-tender Notice No. 13/2018-19/12.10.2018/BKOGY PROJECTS / KANDHAMAL DISTRICT / SOUTHCO UTILITY/ BHANJANAGAR CIRCLE**

For and on behalf of Southco Utility, sealed Tenders in duplicate on two part bidding systems are invited from bidders having valid HT Electrical License complying with the terms and conditions laid in the tender documents of the following works.
For Supply & Erection of materials for two Nos. of projects under BKOGY Scheme under Kandhamal District on Turnkey Basis. Details given below:
1. Separation of town from rural 11KV feeder at Phulbani.
2. Separation of town from rural 11KV feeder at Balliguda.

The interested bidders would be required to enroll themselves on the tender portal www.tenderwizard.com/SOUTHCO. Complete set of bidding documents will be avilable in www.tenderwizard.com/SOUTHCO portal from Dt. 13.10.2018 from 01.00 P.M. onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/SOUTHCO for detail specification.
Any addendum/corrigendum to this e-tender notice shall be uploaded in the website only.

| | | |
|---|---|---|
| Issue of online tender document (bid sheet) | : | From 13.10.2018 (01.00 P.M.) upto 27.10.2018 (01.00 P.M.) |
| Last date for submission of online tender | : | Up to dt. 27.10.2018 (05.00 P.M.) |
| Submission of Tender (Hard copy) | : | Up to dt. 29.10.2018 (01.00 P.M.) |
| Opening of Techno-commercial Bid (Part-1) | : | On dt. 29.10.2018 on or after 03.00 P.M. |

Southco reserves the right to alter the tendered quantity and reject / accept any or all tenders or split the tender among tenderers without assigning any reason thereof.

**Sd./- Superintending Engineer (Elect), Electrical Circle, Bhanjanagar**

## OFFICE OF THE SR. GENERAL MANAGER (ELECTRICAL)
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, Mob. No.7328840483, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
**(A GOVERNMENT OF ODISHA UNDERTAKING)**
Regd. Office OSPH & W.C Building, Vanivihar Chhak, Janpath
Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102
E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE NO. 41/2018-19 DTD.04.10.2018**

No.CAD-928: The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender paper in Rs. |
|---|---|---|---|
| Procurement, Erection, Testing & Commissioning of 245 KV Capacitor Voltage Transformers and 245KV Voltage Transformers. | 64,43,902/- | 64,440/- | Rs. 11,800/- inclusive of GST @ 18% |

The sale of tender paper: from **11:00 Hrs. of 22.10.2018 to 13:00 Hrs. of 09.11.2018**
The last date & time of receipt of tenders: **up to 13:00 Hrs of 09.11.2018**
The date & time of opening of Technical Bid : **12:30 Hrs of 14.11.2018**
For details of tender documents, Terms and Conditions, Eligibility Criteria and downloading please visit our website **www.ohpcltd.com**.

32136/11/0061/1819 **Sd./- Sr. General Manager (El.), UIHEP, Mukhiguda**

## GOVERNMENT OF ODISHA
No.877-O
**OFFICE OF THE EXECUTIVE ENGINEER**
**RURAL WORKS DIVISION, BARIPADA**
e_mail = rw_mayurbhanj@yahoo.co.in

**e_Procurement Tender Call Notice No. Online -17/RWD/BPD/2018-19**

1. Name of the work : Building Works
2. Total No.of works : 3 Nos.
3. Estimated Cost : Approx Estimated Cost Rs.73.70 lakhs to Rs.74.70 lakhs
4. Class of Contractor : 'B' Class & 'A' Class
5. Period of completion : 8 (Eight) Calendar months
6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender clarification | Date & Time of Opening of Tender in O/O E.E.R.W.Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Baripada | Online 17 RWD/ BPD/ 2018-19 | 15.10.2018 at 11.00 A.M. | 31.10.2018 upto 5.00 P.M. | 30.10.2018 upto 5.00 P.M. | 01.11.2018 at 11.00 A.M. | 09.11.2018 at 11.00 A.M. |

Further details can be seen from the website **www.tendersorissa.gov.in**.
25057/11/0012/1819 **Executive Engineer, R.W. Division, Baripada**

## OFFICE OF THE ENGINEER-IN-CHIEF (CIVIL), ODISHA
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
No. 727-B
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245
File No.B-I- HE-27/ 2018 No. 44115 Dt. 10th Oct. 2018
**Invitation for Bids**
**Bid Identification No. CE (B) – 34 / 2018-19**

| | | |
|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for building works :- 1)"Construction of Model Degree College Building at Jantaribol, Dhenkanal for the year 2018-19" whose amount put to tender (Appx.) is Rs 8,50,00,000/- . 2) "Construction of Model Degree College Building at Patnagarh, (Jogimunda) for the year 2018-19" whose amount put to tender (Appx.) is Rs 8,10,00,000/- . 3) "Construction of Model Degree College building at Junagarh, Kalahandi for the year 2018-19" whose amount put to tender (Appx.) is Rs 8,00,00,000/- . 4) "Construction of Model Degree College Building at Similiguda, Koraput for the year 2018-19" whose amount put to tender (Appx.) is Rs 8,60,00,000/- . 5)"Construction of Model Degree College Building at Kasinagar (Tameyapeta), Gajapati for the year 2018-19" whose amount put to tender (Appx.) is Rs 7,85,00,000/- . 6) "Construction of Model Degree College Building at Damerikia of K.Nuagam Block, Kandhamal for the year 2018-19 "whose amount put to tender (Appx.) is Rs 8,40,00,000/- .detailed below. | |
| 2. | Nature of work | Building work (Composite work) |
| 3. | No. of work | 6nos. |
| 4. | Bid Cost. | Rs.10,000/- |
| 5. | Class of Contractor | Special class / Super class. |
| 6. | Availability of Bid Documents in the website | From dt.25.10.2018 to 17:00 hours of dt.08.11.2018. |
| 7. | Date of Opening of Bid | Dt.09.11.2018 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

34117/11/0130/1819 **Sd/- Chief Engineer (Buildings), Odisha**

## ZILLA SWASTHYA SAMITI, BOUDH
**Office of the Chief District Medical & Public Health Officer, Boudh**

Notificatiion No. 2283 Date: 11.10.2018

**ANNOUNCEMENT**

No.498-E: In pursuance to the Advt. No. 12391, dtd.12.09.2018 of Mission Director, NHM, Odisha, for selection of NGO for management of **Maa Gruha Project in partnership mode under Sampurna**. The scoring sheet of the selection process for operationalisation of Maa Gruha Projects in Boudh district has been published in the district website (**www.boudh.nic.in**) for inviting objection from the NGOs/ Bidders. In case of any wrong entry the agencies / bidders are requested to send the written compliance of objection on or before dt.25.10.2018 to the CDM & PHO, Boudh through Registered Post / Speed Post / Courier Service only.

10107/11/0020/1819 **Sd./- CDM&PHO-cum-DMD, Boudh**

## ODISHA STATE BEVERAGES CORPORATION LIMITED
**(A GOVERNMENT OF ODISHA UNDERTAKING)**
**2nd FLOOR, FORTUNE TOWER, CHANDRASEKHARPUR,**
**BHUBANESWAR-751023 (ODISHA)**
CIN: U51228OR2000SGC006372

**TENDER CALL NOTICE FOR HIRING OF GO DOWN**

No.CAD-931: Sealed Tenders in the prescribed format are invited by Odisha State Beverages Corporation Ltd., Bhubaneswar from intending go down/warehouse owners for leasing out their existing go down / warehouses situated in and around Khurda to Odisha State Beverages Corporation Ltd for storing of India Made Foreign Liquor / Beer/ Country Liquor. The last date and time of submission of sealed tender is **06.11.2018 3.00 P.M.**

The details may please be seen in the official website of the Corporation i.e. **https://osbc.co.in**.

36003/11/0005/1819 **Sd./- General Manager (Admn.)**

## Tender Call Notice for IEC/BCC

No.487-E: Sealed quotations are invited from interested firms/suppliers/NGOs having adequate experience in taking up work for printing and supply of IEC/ BCC materials and installation of hoardings and other materials for the year 2018-19 to puri District as per specification in tender paper along with terms & condition will be available in the district website **www.puri.nic.in**. The bid document should reach to the O/o the undersigned latest by **01.11.2018** up to **5 PM** through Speed post/Registered post only & it will be opened on **02.11.2018** at **11.00 AM**. The authority reserves every right to accept or reject any / all bids without assigning any reason thereof. The authority will not be held responsible for any postal delay.

10021/11/0033/1819 **Sd./- CDM&PHO-cum- District Mission Director, Puri**

## ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା
(ଓଡ଼ିଶା ଆଇନ ୨୦୦୮ର ୪ ଦ୍ୱାରା ପ୍ରତିଷ୍ଠିତ)
କାଠଯୋଡ଼ି କ୍ୟାମ୍ପସ, ସେକ୍ଟର-୧୩, ସିଡିଏ, କଟକ-୭୫୩୦୧୫, ଓଡ଼ିଶା
['ଏ' ଗ୍ରେଡ୍ ସହିତ ନାକ୍ ମାନ୍ୟତାପ୍ରାପ୍ତ]

ସତ୍ୟେ ସ୍ଥିତୋ ଧର୍ମଃ

ବିଜ୍ଞାପନ ସଂ NLUO/ ACAD/B.Voc/ 2018-19/02

**ନ୍ୟାୟପାଳିକା ଅଧୀନ B. Voc Degree Programme ଲାଗି ନାମଲେଖା**
**ଶେଷ ତାରିଖ : ୩୧ ଅକ୍ଟୋବର, ୨୦୧୮**

ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୮ରେ ଆଇନର ୪ ଧାରା ଅନୁଯାୟୀ ପ୍ରତିଷ୍ଠିତ **NLU, Odisha** ହେଉଛି ଭାରତର ଏକ ପ୍ରମୁଖ ଆଇନ ବିଶ୍ୱବିଦ୍ୟାଳୟ।

ଏହି ବିଶ୍ୱବିଦ୍ୟାଳୟରେ **B. Voc** ଡିଗ୍ରୀ ପ୍ରୋଗ୍ରାମରେ ନାମଲେଖା ପାଇଁ ଆବେଦନ ଆହ୍ୱାନ କରାଯାଉଛି, ଯାହା ବିଶ୍ୱବିଦ୍ୟାଳୟ ଅନୁଦାନ କମିସନ, ରାଷ୍ଟ୍ରୀୟ ଦକ୍ଷତା ଶିକ୍ଷା କାର୍ଯ୍ୟଶୃଙ୍ଖଳ ଅଧିନସ୍ଥ ଅଟେ। **B. Voc** ହେଉଛି ଏକ ତିନିବର୍ଷିଆ ନ୍ୟୁନ-ସ୍ନାତକ ପାଠ୍ୟକ୍ରମ ଯେଉଁଥିରୁ ୬ ମାସ ପରେ ଛାତ୍ରଛାତ୍ରୀ ମାନେ ମାନପତ୍ର ସହ ପାଠ ଛାଡ଼ିପାରିବେ। ଏହା ପରେ ସେମାନେ **(NSQF Level 4)** ମାନପତ୍ର ସହିତ ଡିପ୍ଲୋମା **(NSQF Level 5)** କିମ୍ବା ଆଡ୍‌ଭାନ୍‌ସ ଡିପ୍ଲୋମା କୋର୍ସ **(NSQF Level 6)** କିମ୍ବା ଡିଗ୍ରୀ ପ୍ରୋଗ୍ରାମ **(NSQF Level 7)** ରେ ନାମଲେଖାଇ ପାଠ ପଢ଼ିପାରିବେ। ଏହି ପାଠ୍ୟକ୍ରମ ବିଭିନ୍ନ ଦିଗରୁ ସରଳୀକୃତ ଚୟନ ବ୍ୟବସ୍ଥା ପ୍ରଦାନ କରିଥାଏ। ଏଥିରୁ ଛାତ୍ରଛାତ୍ରୀ ମାନେ ନିଜ ପସନ୍ଦରେ ପ୍ରବେଶ / ପ୍ରସ୍ଥାନ କରିପାରିବେ।

| | | |
|---|---|---|
| ଯୋଗ୍ୟତା | : | ୧୦+୨ ପରୀକ୍ଷାରେ ପାସ୍ ବା ତଦୁର୍ଦ୍ଧ |
| ଆବେଦନ ଦେୟ | : | ଟଙ୍କା ୧୦୦୦/- ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **"The Registrar, National Law University, Odisha"** ଙ୍କ ସପକ୍ଷରେ ଯାହା କଟକଠାରେ ପ୍ରଦେୟ ହେବ। |
| **ଶେଷ ତାରିଖ** | : | **୩୧ ଅକ୍ଟୋବର, ୨୦୧୮, ଅଧିକ ବିବରଣୀ ପାଇଁ : www.nluo.ac.in** |
| ଚୟନର ପ୍ରକାର | : | ସାକ୍ଷାତକାର ଆପାତତଃ ନଭେମ୍ବର ୨୦୧୮ ରେ ହେବ। |

ସ୍ୱା/-
ରେଜିଷ୍ଟ୍ରାର

## ODISHA STATE AGRICULTURAL MARKETING BOARD
Plot No.1800(P), Baramunda, Post-Khandagiri,
Near Indian Oil Petrol Pump, Bhubaneswar
Ph. No.0674-2351311, Fax : 0674-2351310,
Email : osamboard99@yahoo.com, Website : osamboard.org

**NOTICE INVITING TENDER**

Bid Reference No. : OSAMB/2017-18/MKT-I/3050 Date: 12.10.2018

Online Bids through e-Tender portal (https://tendersodisha.gov.in) are invited from eligible bidders (OEM) for supply & delivery of Android Smart Mobile Phones as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 13.10.2018 | |
| 2. | Last Date and time for submission of pre bid queries | 20.10.18 upto 05:00 PM | |
| 3. | Date & time of Pre-bid meeting | Date:- 22.10.18 (at 11:00 AM) Venue : Conference Hall, Odisha State Agricultural Marketing Board Plot No:-1800 (P),Near Ramamani Petrol Pump, Baramunda ,Khandagiri, Bhubaneswar-751030 | |
| 4. | Publication of Corrigendum if any, | 23.10.18 | |
| 5. | Date & time of Online bid submission. | Start Date | End Date & Time |
| | | 25.10.18 | 08.11.18 upto 05:00 PM |
| 6. | Date of online Technical bid opening | 09.11.2018 | |
| 7. | Date of demonstration of Mobile phones. | 15.11.18 | |
| 8. | Date of opening of Price Bid | To be intimated to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and Terms & Conditions are available in the websites: www.osamboard.org and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./- General Manager**
**OSAMB., Bhubaneswar**

## GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, Bhawanipatna**

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-05/2018-19**

No.884-O: **The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the district of Kalahandi for 3 Packages (Three) number of packages with estimated cost totalling to **Rs.10.00 Cr (Approximate)** including their maintenance for five years from the eligible contractors registered with State **PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement. Dtd. **15.10.2018**

**Availability of Bid Documents and mode of submission**: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 31.10.2018 up to 5.00 P.M**

For further details and corrigendum/addendum (if any) please log on to **www.pmgsytenders.gov.in**.

25102/11/0009/1819 **Sd./- Superintending Engineer R.W.Circle, Bhawanipatna**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୨୪୪୩ / VISC (LEM) Proj. 96/18-19 ତାରିଖ: ୧୨।୧୦।୨୦୧୮

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପର୍ବପର୍ବାଣିରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡାକବାଜି ଯନ୍ତ୍ର, ସଙ୍ଗୀତ ଯନ୍ତ୍ରାଦି କିମ୍ବା ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାର ଦ୍ୱାରା ଜନସାଧାରଣଙ୍କ ବିରକ୍ତିର କାରଣ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସହ ଉଚ୍ଚ ଶବ୍ଦ ଉତ୍ପନ୍ନ କରୁଥିବା ଆତସବାଜି ବ୍ୟବହାର ଯୋଗୁଁ ଅଗ୍ନି ଓ ବିସ୍ଫୋରଣ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହେବା ସହ ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ, ଧୂଳିକଣା ଓ ଶବ୍ଦ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ରିଟ୍ ପିଟିସନ୍ ସଂଖ୍ୟା ୭୨/୧୯୯୮ ଏବଂ ସିଭିଲ୍ ଅପିଲ୍ ସଂଖ୍ୟା ୩୭୩୫/୨୦୦୫ର ଶୁଣାଣି କରି ୧୮ ଜୁଲାଇ, ୨୦୦୫ରେ ଦେଇଥିବା ରାୟରେ ଡାକବାଜି ଯନ୍ତ୍ର ଓ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ରାଂଶର ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏଣୁ ବିଶେଷକରି ଶିଶୁ, ବୃଦ୍ଧ, ରୁଗ୍ଣ ତଥା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶକୁ ଦୃଷ୍ଟିରେ ରଖି ଆମକୁ ଆଗାମୀ ପାର୍ବଣ ଋତୁ ଯଥା ଦଶହରା, ଦୀପାବଳି ଉତ୍ସବକୁ ଅତ୍ୟନ୍ତ ଦାୟିତ୍ୱ ସମ୍ପନ୍ନ ଭାବେ ନିମ୍ନୋକ୍ତ ନିୟମଗୁଡ଼ିକୁ ପାଳନ କରିବା ଏକାନ୍ତ କାମ୍ୟ।

- ଡାକବାଜି ଯନ୍ତ୍ର କିମ୍ବା ଉଚ୍ଚଶବ୍ଦ ସୃଷ୍ଟିକରୁଥିବା ସଙ୍ଗୀତ ଯନ୍ତ୍ରାଂଶ କିମ୍ବା ଶବ୍ଦ ବର୍ଦ୍ଧକ (Amplifier)ର ବ୍ୟବହାର ରାତ୍ର ୧୦ ଘଟିକାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଆତସବାଜିର ବ୍ୟବହାର ମଧ୍ୟ ରାତ୍ର ୧୦ ଘଟିକାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ସରକାରଙ୍କ ଦ୍ୱାରା ଘୋଷିତ ନୀରବ ଅଞ୍ଚଳ ଯଥା ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଇତ୍ୟାଦିର ୧୦୦ ମିଟର ପରିସୀମା ମଧ୍ୟରେ ଆପତ୍ତିଜନକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନିଷିଦ୍ଧ ଅଟେ।
- କେବଳ ଖୋଲାସ୍ଥାନରେ ବାଣ ଫୁଟାଇବା ଉଚିତ୍।
- ୧୨୫ ଡେସିବଲ ସ୍ତରରୁ ଉର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ଅଟେ।
- ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମିସ୍ କେସ୍ ନଂ- ୬୦/୨୦୦୮ରେ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାରକାରୀ ଅତିଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସଙ୍ଗୀତ ଯନ୍ତ୍ରାଂଶ ଓ ଶବ୍ଦ ବାକ୍ସ ଓ ଡିଜେ (DJ) ଗୁଡିକରେ ଶବ୍ଦ ନିୟନ୍ତ୍ରକ (Sound Limiter) ଲଗାଇବେ ଯଦ୍ୱାରା Amplifierରୁ ସୃଷ୍ଟି ହେଉଥିବା ଶବ୍ଦର ମାତ୍ରା ୬୫ ଡେସିବଲକୁ ଅତିକ୍ରମ କରିବ ନାହିଁ।
- ଉପରୋକ୍ତ ନିୟମର କୌଣସି ପ୍ରକାର ଖିଲାପ ହେଲେ ଓଡ଼ିଶା (ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ) ଆଇନ, ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ୨୦୦୦ ଅନୁଯାୟୀ ଦଣ୍ଡନୀୟ ଅଟେ।
- ଏ ସମ୍ବନ୍ଧୀୟ ଯେ କୌଣସି ଅଭିଯୋଗ ସଂପୃକ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନିକଟରେ କରାଯାଇପାରିବ।
- ଦଶହରା ଓ ଦୀପାବଳି ଉତ୍ସବକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ଭାବେ ପାଳନ କରିବା।

ସ୍ୱା./- ସଦସ୍ୟ ସଚିବ

## ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା . ୩୩୩୮୭ ତା. ୦୭.୧୦.୨୦୧୮

**ବିଜ୍ଞପ୍ତି**

ସମୟ କ୍ରମେ ଭୁବନେଶ୍ୱର ମହାନଗର ନିଗମ ନାଗରିକ ସଂଯୋଗ କାର୍ଯ୍ୟକ୍ରମମାନ କରି ଅନେକ ପ୍ରକାରର ପଦକ୍ଷେପ ନେଇଛି । ଏହାଦ୍ୱାରା ବିଏମ୍‌ସି ର ସେବା ପ୍ରଦାନରେ ଉନ୍ନତି ଘଟିଛି । ଏହାର ଏକ ସଂପ୍ରସାରିତ ପଦକ୍ଷେପ ସ୍ୱରୁପ ବର୍ତ୍ତମାନ ବିଏମ୍‌ସି ସୀମା ମଧ୍ୟରେ ଥିବା ରେସିଡେଣ୍ଟ୍ ୱେଲ୍‌ଫେୟାର ଆସୋସିଏସନ୍ ମାନଙ୍କର ଭାଗଦାନରେ ବିଏମ୍‌ସି ହାତକୁ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକାଭୀମୁଖୀ କରାଇ ଏଗୁଡିକୁ ସଫଳ କରାଇବାରେ ଆର୍.ଡବ୍ଲ୍ୟୁ.ଏ ମାନଙ୍କର ଆନୁଷ୍ଠାନିକ ସହଯୋଗ କାମନା କରାଯାଉଛି ।

ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ହେଉଛି,କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ -୨୦୧୬ ଅନୁସାରେ ବର୍ଜ୍ୟ ପରିଚାଳନାରେ ଆର୍.ଡବ୍ଲ୍ୟୁ.ଏ ମାନଙ୍କର ଭାଗଦାନକୁ ଗୁରୁତର ସହକାରେ ନିଆଯାଇଛି । ନିୟମ ଅନୁସାରେ ଏହି ଅନୁଷ୍ଠାନମାନଙ୍କର ଭୂମିକା ଏବଂ ଦାୟିତ୍ୱ ମଧ୍ୟ ଉଲ୍ଲେଖ କରାଯାଇଛି ।

ତେବେ ଏହି ସହଭାଗିତା ରୀତିର ପ୍ରଥମ ପଦକ୍ଷେପ ସ୍ୱରୁପ ଭୁବନେଶ୍ୱର ମାହାନଗର ନିଗମାଂଚଳରେ ଥିବା ଆର୍.ଡବ୍ଲ୍ୟୁ.ଏ ମାନେ ନିଜ ନିଜର ଅନୁଷ୍ଠାନକୁ ବିଏମ୍‌ସି ରେ ନିବଂଧିତ ହେବାପାଇଁ ଅନ୍ ଲାଇନ୍ ପଞ୍ଜିକରଣ swm.bmc.gov.in/rwa ରେ କରାନ୍ତୁ ।

ସ୍ୱା/
କମିଶନର
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ବାଟ ଫିଟୁନାହିଁ। ଶୁକ୍ରବାର ପୂଜାଛୁଟି ପୂର୍ବର ଶେଷ କାର୍ଯ୍ୟଦିବସ ଥିବାରୁ ଏହାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହୋଇନାହିଁ। ଏହି ଆନ୍ଦୋଳନ ଅକ୍ଟୋବର ୨୬ ଯାଏ ଜାରି ରହିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ୩ ଜିଲା ଗସ୍ତ ଆଜି

**ଭୁବନେଶ୍ୱର(ବ୍ୟୁରୋ)/ବ୍ରହ୍ମପୁର ଅଫିସ,୧୨।୧୦:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ, ଗଜପତି ଓ ରାୟଗଡ଼ା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆକାଶମାର୍ଗରୁ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବେ। ଋଷିକୁଲ୍ୟା ବନ୍ୟାରେ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳ ଅବସ୍ଥା ସଙ୍ଗିନ ହୋଇଯାଇଛି । ପାଣି ଘେରରେ ହଜାର ହଜାର ଲୋକ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଦୁଇଟି ହେଲିକପ୍ଟର ଶୁକ୍ରବାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯିବାରୁ ହେଲିକପ୍ଟର ଉଦ୍ଧାର କାର୍ଯ୍ୟକୁ ନ ଯାଇ ଗୋଳାବନ୍ଧସ୍ଥିତ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ଥିବା ଖବର ମିଳିଛି । ଋଷିକୁଲ୍ୟା ଅବବାହିକାର ଶେରଗଡ଼ ବ୍ଲକ ଅନ୍ତର୍ଗତ ତହଁର ଓ ଆଖପାଖ ଅଞ୍ଚଳ ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇଛି । ଏହି ଅଞ୍ଚଳ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ।

### ପୁରୀ ହିଂସା, ପୁଣି ୬ ଗିରଫ

**ପୁରୀ ଅଫିସ, ୧୨।୧୦:** ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢ଼ିବାରେ ଲାଗିଛି। ପୂର୍ବରୁ ପୋଲିସ ୬୦ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବଡ଼ଦାଣ୍ଡରେ ଟ୍ରାଫିକ ପୋଷ୍ଟ ପୋଡ଼ାଜଳା ଓ ଢେଲାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ରୁଜୁ କରିଥିବା କେସ୍ (ନଂ.୧୬୮/୧୮) ବଳରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡିଆଡ଼ି ସାହିର ଚିତ୍ତରଞ୍ଜନ ଦୀକ୍ଷିତ ଓ କୁମ୍ଭାରପଡ଼ାର ବାପି ମୁଦୁଲି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ କେସ୍ (ନଂ.୧୮୫/୧୮)ରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହିର ରଘୁନାଥ ଦାସ, ସଦର ଥାନା ଅନ୍ତର୍ଗତ ଦାଗିଣିଆ ଗ୍ରାମର ଗଦାଧର ପାଲଟାସିଂ, ପୁରୀ ଧମନକୋଟି ସାହିର ସୁରେନ୍ଦ୍ର ପରିଡ଼ା ଏବଂ ବାସେଳି ସାହି ପାଣିକାତ ଲେନ୍‌ର ଦୁଷ୍ମନ୍ତ ଖଟେଇ।

### ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଭାଗନେବେ ୫୦ କମ୍ପାନୀ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ):** ରାଜ୍ୟର ଚାଷୀଙ୍କୁ ଆଉ ଧାନ, ଚାଉଳ, ପନିପରିବା, ଡାଲି, ତୈଳବୀଜ ଫସଲ ବିକ୍ରି ପାଇଁ ସମସ୍ୟା ରହିବ ନାହିଁ। ଏଭଳି ଚିନ୍ତା କରି ସରକାର ଗୁରୁଗାଓଁଠାରେ ଏକ ରୋଡ ଶୋ କରିଥିଲେ। ପ୍ରାୟ ୫୦ କମ୍ପାନୀ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ନଭେମ୍ବର ୧୧ରୁ ହେବାକୁ ଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଏହି କମ୍ପାନୀଗୁଡିକ ଭାଗନେବେ ବୋଲି ସେ କହିଛନ୍ତି। ତେବେ ବିରୋଧୀ ଦଳଗୁଡିକ ସରକାରଙ୍କ ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି।

# ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ବିଫଳ: ବିରୋଧୀ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ପ୍ରଭାବରେ ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଥିବା କହୁଥିଲେ ସୁଦ୍ଧା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଫଳତାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଅନ୍ୟପଟେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଚିନ୍ତା କରି ନ ଥିବା କହିଛନ୍ତି। ଏଥିରୁ ସରକାରଙ୍କ ଅପାରଗତା ପ୍ରତିଫଳିତ ହେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ କହିଛନ୍ତି ଯେ, ବାତ୍ୟା ''ତିତ୍‌ଲି'' ସ୍ଥଳଭାଗକୁ ଛୁଇଁବା ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା, ପବନ ଓ ବନ୍ୟାଜନିତ କ୍ଷୟକ୍ଷତିର ମୁକାବିଲା କରିବା ଏବଂ ଜନସାଧାରଣଙ୍କୁ ଉଦ୍ଧାର କରିବାରେ ରାଜ୍ୟ ସରକାର ଶୋଚନୀୟଭାବେ ବିଫଳ ହୋଇଛନ୍ତି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ସରକାର ପରବର୍ତ୍ତୀ ସ୍ଥିତି ପ୍ରତି ସଜାଗ ରହିଲେନାହିଁ। ସେଥିପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଆଦି ଜିଲାରେ ବର୍ଷା ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ପରେ କିଛି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ସେହି ସବୁ ଜିଲାରେ ଏକାଧିକ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯିବା ଜରୁରୀ ଥିଲା। କିନ୍ତୁ ତାହା କରାଗଲା ନାହିଁ। ଏଥିପାଇଁ ଶତାଧିକ ପଞ୍ଚାୟତର ଅଧିବାସୀ ପାଣି ଘେରରେ ରହିଛନ୍ତି। ସେହିସବୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଇବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଇବା ଏବଂ ସେମାନଙ୍କୁ ନିରାପଦ ସ୍ଥାନକୁ ଆଣିବା ଲାଗି ନିରଞ୍ଜନ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ମଧ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ମଧ୍ୟ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛି। ତିତ୍‌ଲି ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷାଜନିତ ଦୁର୍ଦ୍ଦଶାର ମୁକାବିଲା ଲାଗି ଯୁବବର୍ଗ ଆଗେଇ ଆସି ସହଯୋଗର ହାତ ବଢାଇବା ପାଇଁ ଭାଜପା ଅନୁରୋଧ କରିଛି। ବାତ୍ୟା ଓ ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ସ୍ପଷ୍ଟ ପୂର୍ବାନୁମାନ କରିଥିଲା। ମାତ୍ର ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ବିଫଳତା ଯୋଗୁ ଅଧିକାଂଶ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି ଘୋଷଣା କରିଦେଲେ। କିନ୍ତୁ ଭୁଲ୍ କାରଣରୁ ସମସ୍ୟାକୁ ସାମ୍ନା କରିବାରେ ପ୍ରଶାସନ ବିଫଳ ହୋଇଥିବା ମୁଖ୍ୟ ଶାସନ ସଚିବ ପାଢୀ ସ୍ୱୀକାର କରିଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ସରକାର ସଚିବାଳୟରେ ଘନଘନ ସମୀକ୍ଷା ବୈଠକ କରି କେବଳ ବାହାବା ନେବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ତୃଣମୂଳସ୍ତରରେ ସମ୍ଭାବ୍ୟ ଦୁର୍ବିପାକର ମୁକାବିଲା ପାଇଁ ସରକାରଙ୍କ କୌଣସି ପ୍ରସ୍ତୁତି ନ ଥିଲା । ବାତ୍ୟାକୁ ଦୃଷ୍ଟିରେ ରଖି ୩ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ନେଇ ସରକାର କହିଥିବା ମିଛର ପର୍ଦ୍ଦାଫାଶ ହୋଇଛି । ସରକାରଙ୍କ ଜିରୋ କାଜୁଆଲିଟିର ବଡ ଘୋଷଣା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି ।



ରେଳ ଧାରଣାରେ ପଡ଼ିଥିବା ଗଛକୁ କାଟି ସଫା କରାଯାଉଛି ।

## ରେଳ ଧାରଣାରେ ପଡ଼ିଲା ଗଛ

**ମୁନିଗୁଡ଼ା,୧୨।୧୦(ଡି.ଏନ.ଏ.):** ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ରାୟଗଡ଼ା ଜିଲା ମୁନିଗୁଡ଼ାରେ ଶୁକ୍ରବାର ସକାଳେ ପବନ ବୋହିଥିଲା। ମୁନିଗୁଡ଼ା ଷ୍ଟେଶନ ଅନ୍ତର୍ଗତ ଅମ୍ବାଦୋଳା ଓ ଦହିଖାଲ ମଧ୍ୟରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମୁନିଗୁଡ଼ା ଷ୍ଟେଶନରେ ସାନ୍ତ୍ରାଗାଛି–ଚେନ୍ନାଇ ଏକ୍ସପ୍ରେସ, ଅମ୍ବାଦୋଳା ଷ୍ଟେଶନରେ ଗାନ୍ଧୀଧାମ–ପୁରୀ ଏକ୍ସପ୍ରେସ ଓ ବିଷମକଟକ ଷ୍ଟେଶନରେ ତିରୁପତି–ବିଲାସପୁର ଏକ୍ସପ୍ରେସ ଅଟକି ରହିଥିଲା। ଏହାକୁ ନେଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ରେଳ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚି ଗଛଗୁଡ଼ିକୁ କାଟିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ମୁନିଗୁଡ଼ା ଷ୍ଟେଶନ ମ୍ୟାନେଜର ପୁରୁଷୋତ୍ତମ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି।

## ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଗିରଫ

**କଟକ ଅଫିସ, ୧୨।୧୦**

ଯାଜପୁର ଜିଲା କଳିଙ୍ଗନଗରଠାରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାର ସନ୍ଧ୍ୟାରେ ପାଣିଗ୍ରାହୀ ଏକ ବୋଲେରୋ(ଓଆର୍‌୦୯ଏନ୍–୭୫୪୨)ରେ ଘରକୁ ଯାଉଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ ଖଣ୍ଡଗିରି ନିକଟରେ ଅଟକାଇଥିଲେ। କାରଣ ପାଣିଗ୍ରାହୀ ବିପୁଳ ପରିମାଣର ଲାଞ୍ଚ ନେଇ ଯାଉଥିବା ଖବର ଭିଜିଲାନ୍ସକୁ ମିଳିଥିଲା। ତେବେ ଭିଜିଲାନ୍ସ ଅଧିକାରୀମାନେ ପାଣିଗ୍ରାହୀଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରୁ ନଗଦ ୯୬ହଜାର ୫୦୦ ଟଙ୍କା ଓ ୧୦ ଗ୍ରାମ ଓଜନର ଏକ ସୁନା କଏନ ମିଳିଥିଲା। ପାଣିଗ୍ରାହୀ ଉକ୍ତ ଟଙ୍କା ଓ ସୁନା କଏନ ହିସାବ ଭିଜିଲାନ୍ସ ଅଧିକାରୀମାନଙ୍କୁ ଦେଇପାରି ନ ଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ପାଣିଗ୍ରାହୀଙ୍କ ଭୁବନେଶ୍ୱର ଘରକୁ ଯାଞ୍ଚ କରାଯାଇଥିଲା। ଏହାପରେ ପାଣିଗ୍ରାହୀଙ୍କ ଦଖଲରେ ଥିବା ଅନ୍ୟାନ୍ୟ ସମ୍ପତ୍ତିର ସୁରାକ ଭିଜିଲାନ୍ସ ପାଇଥିଲା। ଏହାକୁ ଭିତ୍ତିକରି ଭିଜିଲାନ୍ସ ଅଧିକ ତଦନ୍ତ ଚଳାଇଥିଲା। ତଦନ୍ତ ଅନୁଯାୟୀ ପାଣିଗ୍ରାହୀଙ୍କ ଅନୁଗୋଳଠାରେ ଗୋଟିଏ ପ୍ଲଟ ଥିବାବେଳେ ଭୁବନେଶ୍ୱରର ଖଣ୍ଡଗିରି ନିକଟରେ ଗୋଟିଏ ଦୁଇ ମହଲା କୋଠା, ୪୪୨ ଗ୍ରାମ ସୁନା (ସୁନା କଏନ ସହିତ), ୧କେଜି ୧୬୮ ଗ୍ରାମ ରୁପା, ଗୋଟିଏ ଟ୍ରାଭେରା କାର୍, ଗୋଟିଏ ମାରୁତି ରିଟ୍‌ଜ କାର୍, ଗୋଟିଏ ମାରୁତି ୮୦୦ କାର୍, ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର, କ୍ରଶର ୟୁନିଟ୍, ଏଲ୍‌ଆଇସି ଜମା, ବ୍ୟାଙ୍କ ଜମା, ଶେୟାର ବଣ୍ଡ, ବିଦେଶ ଗସ୍ତ ସମ୍ପର୍କିତ ଏୟାର ଟିକେଟ ରହିଥିବା ସମ୍ପର୍କରେ ଜଣାପଡ଼ିଥିଲା। ପାଣିଗ୍ରାହୀଙ୍କ ପ୍ରାୟ ୧ କୋଟି ୩୬ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି, ଯାହାର ସେ କୌଣସି ହିସାବ ଦେଇପାରି ନ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୬/୨୦୧୮ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ପାଣିଗ୍ରାହୀଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**୯୬,୫୦୦ ଟଙ୍କା, ସୁନା କଏନ ଗାଡ଼ିରୁ ଜବତ**

## ପୂଜା ଅବକାଶ: ୨୫ରେ ଖୋଲିବ ହାଇକୋର୍ଟ

**କଟକ ଅଫିସ, ୧୨।୧୦**

ଅକ୍ଟୋବର ୧୫ରୁ ହାଇକୋର୍ଟରେ ଦଶହରା ପୂଜା ଅବକାଶ ଆରମ୍ଭ ହେଉଛି। ଏଥିପାଇଁ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ବନ୍ଦ ରହିବ। ୨୫ ତାରିଖରୁ ଅଦାଲତ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ଅବକାଶକାଳୀନ ବିଚାରପତି ଭାବେ ଜଷ୍ଟିସ ସଞ୍ଜୁ ପଣ୍ଡା, ଜଷ୍ଟିସ ଏସ୍.କେ. ମିଶ୍ର, ଜଷ୍ଟିସ କେ.ଆର୍. ମହାପାତ୍ର କାର୍ଯ୍ୟନିର୍ବାହ କରିବେ। ଶୁକ୍ରବାର ଥିଲା ହାଇକୋର୍ଟର ଶେଷ କାର୍ଯ୍ୟଦିବସ। କାରଣ ଶନିବାର ହେଉଛି ଦ୍ୱିତୀୟ ଶନିବାର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ତୁଙ୍ଗୁଡିଆ ଦଳ;**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି,**
**ମୁଣ୍ଡରେ ପାଚିଲା ବାଳ ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଦ ନ ଜାଣେ କଣ୍ଟାବୁଦା,**
**ଭୋକ ନ ଜାଣେ କଞ୍ଚା ପୋଡ଼ା ।**

ଆଖିକୁ ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, କାଳ ବା ପାତ୍ରର କୌଣସି ଜ୍ଞାନ ରହି ନ ଥାଏ। ସେହିପରି କଥାରେ ଅଛି ଭୋକେ ହଜିଯାଏ ବୁଦ୍ଧି। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ, ବାସ୍ ଆକୁଳରେ ଖାଇଯାଏ। ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରି ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଓଏଏସ୍ ସ୍ତରରେ ଅଦଳବଦଳ

■ ବଦଳିଲେ ରେଭେନ୍ସା ରେଜିଷ୍ଟ୍ରାର

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଶୁକ୍ରବାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଅଗସ୍ତିଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ୍ ଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଅଶୋକ କୁମାର ଦାଶଙ୍କୁ ରେଭେନ୍ସାର ନୂତନ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ମିଳିଛି।

ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ସଚିବ ଥିବା ଚିତ୍ତରଞ୍ଜନ ପାତ୍ରଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ମୟୂରଭଞ୍ଜ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ତୁଷାରକାନ୍ତ ମହାନ୍ତିଙ୍କୁ କଟକସ୍ଥିତ ଜମି ରେକର୍ଡ ଏବଂ ସର୍ଭେ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦୁଝର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବା ସମ୍ବିତ କୁମାର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ, ଓପିଏସ୍‌ସିର ଅତିରିକ୍ତ ସଚିବ ଥିବା ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଥିବା ରାଜଶ୍ରୀ ମହାନ୍ତିଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ, ସିଏଚ୍‌ଏସ୍‌ଇର ପ୍ରଶାସନିକ ଅଧିକାରୀ ଥିବା ଶିବାନୀ ମହାନ୍ତିଙ୍କୁ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଭାବେ ନିଯୁକ୍ତି ମିଳିଛି।

ସେହିପରି ଶିଶୁ ଅଧିକାର ସୁରକ୍ଷା କମିଶନ ସଚିବ ଥିବା ଦେବଯାନୀ ଧଳଙ୍କୁ ସିଏଚ୍‌ଏସ୍‌ଇ ପ୍ରଶାସନିକ ଅଧିକାରୀ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଉପସଚିବ ଥିବା ମାନସୀ ମାନ୍ଧାତାଙ୍କୁ ସମାନ ପଦରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ବଦଳି କରାଯାଇଛି। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ପ୍ରଶାସନିକ ଅଧିକାରୀ ଥିବା ସୋନିଆ ବେହେରାଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ସଚିବ ଭାବେ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଉପଜିଲାପାଳ ଥିବା ସଙ୍ଗୀତା ବେହେରାଙ୍କୁ ଜିଲା ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ, ମହେନ୍ଦ୍ର ମହାପାତ୍ରଙ୍କୁ ସମ୍ବଲପୁର ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ନୀଳଗିରି ତହସିଲଦାର ମନୋରମା ଭୂୟାଁଙ୍କୁ ଭଦ୍ରକ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

## ଆଜିଠୁ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ଓଡ଼ିଶା–ଛତିଶଗଡ ମଧ୍ୟରେ ମହାନଦୀ ଜଳବିବାଦ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଶନିବାରଠାରୁ ଶୁଣାଣି ଆରମ୍ଭ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ଟ୍ରିବ୍ୟୁନାଲରେ ପକ୍ଷ ରଖିବେ। ଦିଲ୍ଲୀ ଗସ୍ତ ପୂର୍ବରୁ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରଦୀପ କହିଛନ୍ତି ଯେ, ଛତିଶଗଡ ମହାନଦୀ ଜଳ ଅଟକାଇଥିବା ସମ୍ପର୍କିତ ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ପକ୍ଷରୁ ମହାନଦୀ ଜଳ ବିବାଦ ସମ୍ପର୍କିତ ଅନ୍ତରୀଣ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିବା ପ୍ରଦୀପ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଉଜାଡ଼ିଦେଲା 'ତିତ୍‌ଲି' ...

କାନ୍ଥ ଭୁଶୁଡ଼ି ୬ ଜଣଙ୍କର ମୃତ୍ୟୁ ହୋଇଛି। ରାୟଗଡ ଓ ଗୋଷାଣି ବ୍ଲକରେ ୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ କାଶୀନଗର ବ୍ଲକରେ ଜଣେ ଛାତ୍ରୀ ପ୍ରାଣ ହରାଇଛନ୍ତି। ସେହିପରି କନ୍ଧମାଳ ଜିଲାର ଟିକାବାଲି ବ୍ଲକ୍‌ରେ ଜଣଙ୍କର କାନ୍ଥପଡ଼ି ମୃତ୍ୟୁ ହୋଇଥିବାବେଳେ ଫୁଲବାଣୀ ସହରରେ ଜଣେ ବ୍ୟକ୍ତି ବନ୍ୟାପାଣିରେ ଭାସି ଯାଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପ୍ରବଳ ବର୍ଷା ଓ ପବନ ଯୋଗୁ ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଥିବାବେଳେ ଗଞ୍ଜାମର ୨୨, ପୁରୀ ୬, କେନ୍ଦ୍ରାପଡା ୯, କନ୍ଧମାଳ ୬ ଏବଂ ରାୟଗଡା ଜିଲାର ୨ଟି ବ୍ଲକ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ୩୮ଲକ୍ଷ ୭୭ ହଜାର ୪୪ ଲୋକ ପାଣିଘେରରେ ଅଛନ୍ତି। ଗଞ୍ଜାମ, କନ୍ଧମାଳ ଓ ପୁରୀ ଜିଲାରେ ୧୫୧୪ ଘର କ୍ଷତିଗ୍ରସ୍ତ ହୋଇଛି। ଗଞ୍ଜାମ ଜିଲାର ୮୫୬୧୨ ହେକ୍ଟର ଜମିରେ ପାଣି ମାଡିଯାଇଛି। ଗଜପତି ଜିଲାରେ ବିଦ୍ୟୁତ୍ ଓ ପରିବହନ ଯୋଗାଯୋଗ ବ୍ୟାହତ ହୋଇଛି। ବାହୁଦା ନଦୀ ଉପରେ ଥିବା କଳିଙ୍ଗଡାଳ ପୋଲ ପ୍ରବଳ ବର୍ଷା ଯୋଗୁ ଧୋଇଯାଇଛି। ଋଷିକୁଲ୍ୟା ନଦୀ ଜଳ ଆସ୍କା ଜେଲ ଭିତରକୁ ପ୍ରବେଶ କରିବା ଯୋଗୁ ଜେଲର ମୁଖ୍ୟ ଫାଟକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡା ଜିଲାର ଅନେକ ସ୍ଥାନରେ ବଡ଼ବଡ଼ ଗଛ ଭାଙ୍ଗିପଡିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ବେଙ୍ଗେଡାଘାଟ ଓ ଦାରିଙ୍ଗିବାଡିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ୪ଟି ପୋଲ ଭାସିଯାଇଛି। ବର୍ଷା ଓ ପବନ ଯୋଗୁ ୫୦୦୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ୧୫୪୩ ମୃତ୍ୟୁ ମୁଖରେ ପଡିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ନୌ ସେନାର ସହାୟତା ଲୋଡିବା ସହ କେନ୍ଦ୍ର ସରକାରଙ୍କଠାରୁ ୨ଟି ହେଲିକପ୍ଟର ମାଗିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ୯ ଜିଲାରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳରେ ସର୍ବାଧିକ ୨୩୦.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ୨୦୫.୮, କଟକ ୧୬୬.୧,ନୟାଗଡ ୧୬୧.୫, ଖୋର୍ଦ୍ଧା ୧୫୪.୭, ପୁରୀ ୧୨୮.୯, ବୌଦ୍ଧ ୧୧୮.୩, ଢେଙ୍କାନାଳ ୧୦୫.୬ ଏବଂ ଜଗତ୍‌ସିଂହପୁର ଜିଲାରେ ୧୦୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ସାମୁଦ୍ରିକ ଝଡ ତିତ୍‌ଲିର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ ୩ ଜିଲାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପରିସ୍ଥିତି ଉପରେ ନଜର ରଖିବା ସହିତ ବନ୍ୟା ଯୋଗୁ ବିଭିନ୍ନ ନଦୀରେ ହୋଇଥିବା ଘାଇଗୁଡିକୁ ତୁରନ୍ତ ମରମତି କରିବା, କ୍ଷତିଗ୍ରସ୍ତ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର କରି ମାଗଣାରେ ଚିକିତ୍ସା ସୁବିଧା ଏବଂ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ସଡକ ଯୋଗାଯୋଗ ଓ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ କ୍ଷତିଗ୍ରସ୍ତ ଘର, ପଶୁସମ୍ପଦ ଓ ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ୭ ଦିନ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଜି.ଉଦୟଗିରି ଓ କଣ୍ଟାପଡା ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଆସ୍କା ଓ ପୁରୁଷୋତ୍ତମପୁର ସହରରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ଏନଡିଆରଏଫ ଓ ୧୨ଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ତଥା ରିଲିଫ ବଣ୍ଟନ ପାଇଁ କେନ୍ଦ୍ରକୁ ୨ଟି ହେଲିକପ୍ଟର ମଗାଯାଇଛି। ଗୋପାଳପୁରରେ ଆନ୍ଧ୍ରପ୍ରଦେଶର ୩୦ଟି ବୋଟ୍‌ରେ ଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ୧୬ ଜିଲାରେ ୧୪ଟି ଏନଡିଆରଏଫ, ୨୬ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମ ଜିଲାରେ ୭ଟି ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ନିୟୋଜିତ କରାଯାଇଥିବାବେଳେ ଗଜପତିରେ ୪, ପୁରୀରେ ୨ଟି ଏନଡିଆରଏଫ, କେନ୍ଦ୍ରାପଡାରେ ଗୋଟିଏ ଏନଡିଆରଏଫ, ଭଦ୍ରକରେ ୧, ଜଗତ୍‌ସିଂହପୁରରେ ୪, ଯାଜପୁରରେ ୧, ଖୋର୍ଦ୍ଧାରେ ୩, କଟକ ୧, ବାଲେଶ୍ୱର ୪, ମୟୂରଭଞ୍ଜ ୩, କଳାହାଣ୍ଡି ୨, ବୌଦ୍ଧ ୨, ସମ୍ବଲପୁର ୧ ଓ ରାୟଗଡାରେ ୩ଟି ଏନଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ପ୍ରଭାବିତ ଜିଲାରେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସାମୁଦ୍ରିକ ଝଡ ଅବପାତ ରୂପ ନେଇ ପୂର୍ବ ଉତ୍ତର ପୂର୍ବ ଦିଗ ଦେଇ ଆସନ୍ତା ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ତେବେ ଏହାର ପ୍ରଭାବରେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

### କର୍ମଚାରୀଙ୍କ ପୂଜା...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ୩ ଜଣିଆ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି। ଏହି ଟିମ୍‌ରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଦସ୍ୟ ରହିଛନ୍ତି। ଏହି ଟିମ୍ ତୁରନ୍ତ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା ଗସ୍ତ କରି ବାତ୍ୟା ତିତ୍‌ଲି ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଥଇଥାନ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ରମେଶ ମାଝି କନ୍ଧମାଳ ଜିଲା ଗସ୍ତ କରିବେ। ଏଥିସହିତ ଦୁର୍ଗାପୂଜା ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସାମୁଦ୍ରିକ ଝଡ 'ତିତ୍‌ଲି' ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ଦୁର୍ଗାପୂଜା ଛୁଟିକୁ ବାତିଲ କରି ଦେଇଛନ୍ତି। ଏ ନେଇ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତର ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପୂଜାଛୁଟି କଟାଇବାକୁ ପୂର୍ବରୁ ନେଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ଛୁଟିକୁ ମଧ୍ୟ ବାତିଲ କରିବାକୁ କୁହାଯାଇଛି। ଏହାଛଡା କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳର ସମସ୍ତ ଜିଲାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କର ଦୁର୍ଗାପୂଜା ଛୁଟି ସହିତ ଅନ୍ୟାନ୍ୟ ସରକାରୀ ଛୁଟିକୁ ମଧ୍ୟ ଅକ୍ଟୋବର ୨୪ ତାରିଖ ଯାଏ ବାତିଲ କରାଯାଇଛି। ଯଦି ପୂର୍ବରୁ କେହି ଛୁଟି ନେଇଥିବେ ତେବେ ସେମାନଙ୍କର ଛୁଟିକୁ ମଧ୍ୟ ବାତିଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସମସ୍ତ ଜିଲାର ଜିଲାପାଳମାନଙ୍କୁ ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ଶୁକ୍ରବାର ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

### ବିଚାରପତିଙ୍କୁ ...

ଏସବୁକୁ ନେଇ ସିଜେଆଇ ଗୋଗୋଇ ଏକ କାର୍ଯ୍ୟକ୍ରମରେ ଚିନ୍ତାବ୍ୟକ୍ତ କରିଥିଲେ। ଏଥିସହ ତ୍ରିସ୍ତରୀୟ ବିଚାର ପ୍ରକ୍ରିୟାରେ କୋର୍ଟଗୁଡ଼ିକ ଉପରୁ ମାମଲା ବୋଝ ହଟାଇବା ପାଇଁ ତାଙ୍କ ପାଖରେ ଏକ ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ। ଏବେ ବିଚାରପତିମାନଙ୍କ ଛୁଟି ବାତିଲ କରି ସେ ଅଭିନବ 'ଛୁଟି ବନ୍ଦ' ସୂତ୍ର ବାହାର କରିଥିବା କୁହାଯାଉଛି। ସିଜେଆଇଙ୍କ ନୂଆ ନିର୍ଦ୍ଦେଶ ଅନୁଯାୟୀ, କୌଣସି କାର୍ଯ୍ୟଦିବସରେ କେହି ବିଚାରପତି ଛୁଟି ନେଇପାରିବେ ନାହିଁ। କେବଳ ଅତି ଜରୁରୀ କାମ ଥିଲେ ସେମାନଙ୍କୁ ଛୁଟି ମିଳିବ। ଲିଭ୍ ଟ୍ରାଭେଲ୍ କନ୍‌ସେଶନ୍ (ଏଲ୍‌ଟିସି) ପାଇଁ କେହି ବିଚାରପତି ଯୋଜନା କରିଥିଲେ ତାଙ୍କୁ ଆଗୁଆ ଜଣାଇବାକୁ ପଡ଼ିବ। ସେହିପରି କାର୍ଯ୍ୟ ଦିବସଗୁଡ଼ିକରେ ବିଚାରପତିମାନେ କୌଣସି ଆଲୋଚନାଚକ୍ର ଓ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ। କାରଣ ଏଥିଯୋଗୁ ଅଯଥା ସମୟ ନଷ୍ଟ ହେବା ସହ ମାମଲା ଶୁଣାଣିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହା ତଳ କୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ଲାଗୁ ହେବ। କେହି ବିଚାରପତି ବା ବିଭାଗୀୟ ଅଧିକାରୀ ଏହାକୁ ଅବଜ୍ଞା କଲେ ତାଙ୍କ ହାତରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର କରି ନିଆଯିବ। ଏଭଳି କ୍ଷେତ୍ରରେ ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଅବଗତ କରାଇଲେ ସୁପ୍ରିମକୋର୍ଟ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ସେହିପରି ମାମଲାର ତ୍ୱରିତ ଶୁଣାଣି ପାଇଁ ତଳକୋର୍ଟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଉପରେ ମଧ୍ୟ ଜଷ୍ଟିସ୍ ଗୋଗୋଇ ଗୁରୁତ୍ୱାରୋପ କରିଛନ୍ତି। ନିମ୍ନ ଅଦାଲତଗୁଡ଼ିକରେ ଫଇସଲା ଉପରେ ଦୈନନ୍ଦିନ ଭିତ୍ତିରେ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୫ ବା ତଦୂର୍ଦ୍ଧ୍ୱ ବର୍ଷ ଧରି କୌଣସି ଆପରାଧିକ ମାମଲା ବିଚାରାଧୀନ ଥିଲେ ଶୀଘ୍ର ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ମଧ୍ୟ ସିଜେଆଇ ଗୋଗୋଇ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ତିତ୍‌ଲି ବିଘାତ
### ଗଞ୍ଜାମ ଗଲା ୩୫ ଜଣିଆ ଉଦ୍ଧାରକାରୀ ଟିମ୍

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ): 'ତିତ୍‌ଲି' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଜିଲାଗୁଡ଼ିକରେ ପ୍ରାୟ ୩ଶହ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ହଜାର ହଜାର ଲୋକ ପାଣି ଘେରରେ ଫଶି ରହିଛନ୍ତି। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଲାଗି ଭୁବନେଶ୍ୱର ବରମୁଣ୍ଡା ଫାୟାର ଷ୍ଟେଶନରୁ ୩୫ ଜଣିଆ ଉଦ୍ଧାରକାରୀ ଟିମ୍ ଗଞ୍ଜାମ ଅଭିମୁଖେ ଯାତ୍ରା କରିଛନ୍ତି। ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟାରେ ଏହି ଟିମ୍ ସ୍ୱତନ୍ତ୍ର ଗାଡି ଯୋଗେ ଗଞ୍ଜାମ ଯାଇଛନ୍ତି। ସେମାନେ ସାଙ୍ଗରେ ଲାଇଫ୍ ଜ୍ୟାକେଟ, ଟର୍ଚ୍ଚ, ତିନୋଟି ବୋଟ, କଟର ଓ ଅନ୍ୟ ସାମଗ୍ରୀ ନେଇଛନ୍ତି। ଏହି ଟିମ୍ ସେଠାକୁ ଯାଇ ଜଳବନ୍ଦୀ ଥିବା ବିପନ୍ନମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ନିକଟରେ ରିଲିଫ୍ ପହଞ୍ଚାଇବେ। ନିକଟରେ ଏହି ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିଲେ। କିଭଳି ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବେ ଏବଂ ବନ୍ୟାରେ ଯେପରି କାହାର ଜୀବନହାନି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଟିମ୍‌ର ସଦସ୍ୟମାନେ କହିଛନ୍ତି।

### ବନ୍ୟାଞ୍ଚଳ ଗସ୍ତକରିବ ଭାଜପାର ୩ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ): ବାତ୍ୟା 'ତିତ୍‌ଲି' ଯୋଗୁ ଦକ୍ଷିଣ ଓଡିଶା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଶାସକ ଦଳ ନେତାମାନଙ୍କ ଏଥିପ୍ରତି ଜମା ବି ଆନ୍ତରିକତା ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ଭାଜପାର ବିଭିନ୍ନ ପ୍ରତିନିଧି ଦଳ ବନ୍ୟାଞ୍ଚଳ ଗସ୍ତ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଭାଜପା ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ଯେ, କେବଳ ଗଣମାଧମରେ ବିଭ୍ରାନ୍ତକାରୀ ବକ୍ତବ୍ୟ ପ୍ରଦାନ କରି ଶାସକ ଦଳ ଚୁପ୍ ବସିଯାଇଛି। ଏହି ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଭାଜପାର ୩ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ବାତ୍ୟା ଓ ବନ୍ୟାଞ୍ଚଳ ଗସ୍ତକରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ। ସମୀର ମହାନ୍ତିଙ୍କ ନେତୃତ୍ୱରେ ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଆସ୍କା, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚାର ପ୍ରତିନିଧି ଦଳ ଗଞ୍ଜାମ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚାର ପ୍ରତିନିଧି ଦଳ ଗଜପତି ଜିଲା ଗସ୍ତ କରିବେ।

## କଟକଣା ମାନୁନାହାନ୍ତି ମତ୍ସ୍ୟଜୀବୀ
# ବାତ୍ୟା ବେଳେ ସମୁଦ୍ରରେ ଥିଲା ୧୧୫ ବୋଟ୍

ପାରାଦୀପ,୧୨।୧୦ (ସ୍ୱ.ପ୍ର.)

- ୨ ବୋଟ୍, ୧୩ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ
- ବିପଦ ବଳୟରେ ଥିଲେ ୪୫ ବୋଟ୍

ଝଡ଼ ବାତ୍ୟା ଆଶଙ୍କା ସୃଷ୍ଟି ହେଲେ ସାଧାରଣତଃ ପ୍ରଥମେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଏ। ସମୁଦ୍ରକୁ ମାଛ ମାରିବାକୁ ଯିବାକୁ ସେମାନଙ୍କୁ ବାରଣ କରାଯାଏ ଏବଂ ଯେଉଁମାନେ ସମୁଦ୍ର ମଧ୍ୟରେ ଥାନ୍ତି ସେମାନଙ୍କୁ କୂଳକୁ ଫେରିଆସିବାକୁ କୁହାଯାଏ। ଚଳିତଥର ତିତ୍‌ଲି ବାତ୍ୟା ପୂର୍ବରୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ଆବଶ୍ୟକ ସତର୍କ ସୂଚନା ଦିଆଯାଇଥିଲା। ଗଣମାଧ୍ୟମରେ ମଧ୍ୟ ଏହାକୁ ନେଇ ଜୋରଦାର ପ୍ରଚାର କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ବାତ୍ୟା ସମୟରେ ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳ ସମୁଦ୍ର ମଧ୍ୟରେ ୧୧୫ଟି ମାଛଧରା ବୋଟ୍ ରହିଥିଲେ। ସେମାନଙ୍କ ମଧ୍ୟରୁ ଗୋପାଳପୁର ସୀମାରେ ୪୫ଟି ବୋଟ୍ ବିପଦ ବଳୟ ମଧ୍ୟରେ ଥିଲେ। ସେଥିମଧ୍ୟରୁ ଅତି ବିପଦଜ୍ଜନକ ଭାବେ ଥିବା ୨ଟି ବୋଟ୍ ଓ ସେଥିରେ ଥିବା ୧୩ ମତ୍ସ୍ୟଜୀବୀଙ୍କୁ କୋଷ୍ଟଗାର୍ଡ ଶୁକ୍ରବାର ଉଦ୍ଧାର କରିଛି। ଉଦ୍ଧାର ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କଟକଣା ସତ୍ତ୍ୱେ ସମୁଦ୍ରରେ ମାଛଧରା ବୋଟ୍ ରହିବା ଘଟଣାକୁ ନେଇ କୋଷ୍ଟଗାର୍ଡ ଅସନ୍ତୋଷ ପ୍ରକାଶ କରିଛି।

ସୂଚନା ଅନୁଯାୟୀ, ତିତ୍‌ଲି ପାଇଁ ସରକାର ଅକ୍ଟୋବର ୮ରୁ ୧୨ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଲଗାଇଥିଲେ। କିନ୍ତୁ ୯ ତାରିଖରେ ସମୁଦ୍ରରେ ୧୧୫ ବୋଟ୍ ଓଡ଼ିଶା ଉପକୂଳର ବିଭିନ୍ନ ସ୍ଥାନରେ ମାଛ ଧରୁଥିବା କୋଷ୍ଟଗାର୍ଡର ଡୋର୍ନିୟର ଏୟାରକ୍ରାଫ୍ଟ ଯୋଗେ ଦେଖିବାକୁ ମିଳିଥିଲା। ୧୦ ତାରିଖରେ କୋଷ୍ଟଗାର୍ଡକୁ ସୂଚନା ମିଳିଥିଲା ଯେ ଗୋପାଳପୁର ସୀମାରେ ଆନ୍ଧ୍ରର ୪୫ ବୋଟ୍ ବିପଦରେ ପଡ଼ିଛନ୍ତି। ସମୁଦ୍ର ଅଶାନ୍ତ ଥିବା ସତ୍ତ୍ୱେ କୋଷ୍ଟଗାର୍ଡ ଅତି ସାହସିକତାର ପରିଚୟ ଦେଇ ୨ଟି ବୋଟ୍‌କୁ ଉଦ୍ଧାର କରିଛି। ଏହି ଉଦ୍ଧାର ସମୟରେ ଓଡ୍ରାଫ୍ ଟିମ୍ ସହଯୋଗ କରିଥିଲା। ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିବା ଘଟଣା ଏକାଧିକଥର ଦେଖିବାକୁ ମିଳିଲାଣି, ଯାହାକୁ ନେଇ କୋଷ୍ଟଗାର୍ଡ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।



କୋଷ୍ଟଗାର୍ଡ ପକ୍ଷରୁ ଏକ ମାଛଧରା ବୋଟକୁ ଉଦ୍ଧାର କରାଯାଉଛି।

# ମୁଁ ବର୍ତ୍ତମାନ ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ

ନୂଆଦିଲ୍ଲୀ



ଅକ୍ଟୋବର ୧୯ରେ ଫଙ୍କ୍ସ ଲାଇଫ୍ ଶୋ' 'ଷ୍ଟାଇଲ୍ଡ ବାଏ ନେହା'ରେ ଦେଖିବାକୁ ମିଳିବେ ଅଭିନେତ୍ରୀ ନେହା ଧୁପିଆ। କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି। ପ୍ରେମ ସହିତ କିଛି ବି ତୁଳନୀୟ ନୁହେଁ। ସେ ପ୍ରଥମ ପିଲାର 'ମା' ହେବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ତାଙ୍କ କହିବାନୁଯାୟୀ, ଗର୍ଭଧାରଣ ସମୟ ମଧ୍ୟରେ ସେ ଅଭିନୟ ଜାରି ରଖିଛନ୍ତି। ଏପରି କି ପୂର୍ବାପେକ୍ଷା ଅଧିକ କାମ କରିବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭଧାରଣ କାଳରେ ଅଭିନୟ ଜାରି ରହିବ। ତେଣୁ ଏଥିପାଇଁ ସେ ବ୍ୟସ୍ତ ହେବାର ନାହିଁ। ସୂଚନାଯୋଗ୍ୟ ଯେ, ନେହା ଅଭିନେତା ଅଙ୍ଗଦ ବେଦୀଙ୍କୁ ବିବାହ କରିଛନ୍ତି। ନେହା ଏକାଧାରରେ ଜଣେ ଅଭିନେତ୍ରୀ, ଆଙ୍କର, ହୋଷ୍ଟ ଏବଂ ପ୍ରଯୋଜିକା। ତେଣୁ ତାଙ୍କ ସମ୍ମୁଖରେ ଅନେକ କାର୍ଯ୍ୟ କରିବାକୁ ରହିଛି। ପ୍ରସବର କିଛିଦିନ ପରେ ଯେତେବେଳେ କୁନି ସନ୍ତାନକୁ କିଛି ସମୟ ଘରେ ଛାଡି ଆସିପାରିବି ସେତେବେଳେ ଗୋଟିଏ 'ଭଲ ଭୂମିକା'ରେ ଅଭିନୟ କରିବାକୁ ଆଶା ରଖିଛି। ତେବେ ସେସବୁ ସମୟ କହିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିଜେଡି ଜାରିକଲା ୧୪ ଜଣିଆ ମୁଖପାତ୍ର ତାଲିକା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

- ବାଦ୍ ପଡିଲେ ଅମର ଶତପଥୀ, ଅସିତ୍ ଅମିତାଭ
- ସାମିଲ ହେଲେ ଅତନୁ, ପୁଷ୍ପେନ୍ଦ୍ର, ଅମର, ଦେବାଶିଷ
- ତାଲିକାରେ ଏକମାତ୍ର ମହିଳା ସୁଲୋଚନା

ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମାନ୍ୟ ସାଂଗଠନିକ ପରିବର୍ତ୍ତନ କରାଯାଇଛି। ଦୀର୍ଘଦିନର ବ୍ୟବଧାନ ପରେ ଦଳର ମୁଖପାତ୍ରମଣ୍ଡଳୀରୁ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ସେମାନେ ହେଲେ ବିଧାନସଭାରେ ଦଳର ମୁଖପାତ୍ର ଥିବା ଅମର ପ୍ରସାଦ ଶତପଥୀ, ଅସିତ୍ ଅମିତାଭ ଦାଶ। ସେହିପରି ନୂତନ ଭାବେ ୪ ଜଣଙ୍କୁ ମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଉଛନ୍ତି–ଅତନୁ ସବ୍ୟସାଚୀ ନାୟକ, ପୁଷ୍ପେନ୍ଦ୍ର ସିଂଦେଓ, ଅମର ପଟ୍ଟନାୟକ ଏବଂ ଦେବାଶିଷ ମାର୍ଣ୍ଡି।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସମ୍ପାଦକ ବିଜୟ ନାୟକ ଉକ୍ତ ତାଲିକା ପ୍ରକାଶ କରିଛନ୍ତି। ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ପ୍ରଶାନ୍ତ ନନ୍ଦ, ଦେବାଶିଷ ସାମନ୍ତରାୟ, ଅରୁଣ ସାହୁ, ରବିନାରାୟଣ ନନ୍ଦ, ସମୀର ରଞ୍ଜନ ଦାସ, ସସ୍ମିତ ପାତ୍ର ଏବଂ ସୁଲୋଚନା ଦାସ ପ୍ରମୁଖଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଛି। ଅଭିଜ୍ଞ ଏବଂ ନବାଗତଙ୍କ ମଧ୍ୟରେ ସମନ୍ୱୟ ରଖି ତାଲିକା ପ୍ରସ୍ତୁତ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ସେହିପରି କେଉଁ କାରଣରୁ ତାଙ୍କୁ ମୁଖପାତ୍ର ପଦରୁ ବାଦ୍ ଦିଆଯାଇଛି, ସେ ନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା ଅମର ପ୍ରସାଦ ଶତପଥୀ କହିଛନ୍ତି।

ମୟୂରଭଞ୍ଜରେ ପଞ୍ଚାୟତ ନିର୍ବାଚନରେ ବିପର୍ଯ୍ୟୟ ପରେ ଡାକ୍ତର ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡିରେ ସାମିଲ କରାଯାଇଥିଲା। ଗଣମାଧ୍ୟମ ଏବଂ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଗୁରୁତ୍ୱ ବଢାଇବା ପାଇଁ ତାଙ୍କୁ ମୁଖପାତ୍ର କରାଯାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ମୟୂରଭଞ୍ଜର ବର୍ତ୍ତମାନ ବିଜେଡି ଏମ୍‌ପି ରାମଚନ୍ଦ୍ର ହାଁସଦା ଚିଟ୍‌ଫଣ୍ଡ ଠକେଇରେ ବିବାଦୀୟ ହୋଇ ପଡିଥିବାରୁ ତାଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିବା ସମ୍ଭାବନା କମ୍ । ତେଣୁ ତାଙ୍କ ସ୍ଥାନରେ ଦେବାଶିଷଙ୍କୁ ମୟୂରଭଞ୍ଜ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସେହିପରି ଦୀର୍ଘଦିନ ଧରି ମନ୍ତ୍ରୀ ପଦରୁ ବିଭିନ୍ନ ଘଟଣାକ୍ରମେ ବାଦ୍ ପଡିଥିବା ଅତନୁ ସବ୍ୟସାଚୀ ନାୟକ ଏବଂ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ତାଲିକାରେ ସ୍ଥାନ ମିଳିଛି। ଉଭୟ ନେତା ଯଥାକ୍ରମେ ବାଲେଶ୍ୱର ଏବଂ ନୂଆପଡାର ଦଳୀୟ ପ୍ରଭାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ସ୍ୱେଚ୍ଛାକୃତ ଭାବେ ଆଇଏ ଆଣ୍ଡ ଏଏସ୍‌ରୁ ଅବ୍ୟାହତି ନେଇ ବିଜେଡିରେ ଯୋଗ ଦେଇଥିବା ଅମର ପଟ୍ଟନାୟକଙ୍କୁ ମଧ୍ୟ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। କିଛିମାସ ପୂର୍ବେ ବିଜେଡିରେ ଯୋଗଦେବା ସହ ଦଳର ଆଇଟି ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ଜଣିଆ ତାଲିକାରେ ଏକମାତ୍ର ମହିଳା ଭାବେ ସୁଲୋଚନା ଦାସ ପୂର୍ବପରି ନିଜ ପଦ ବଜାୟ ରଖିଛନ୍ତି।

ଦଶହରା ପରେ ପଦଯାତ୍ରାକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଦଳ ପକ୍ଷରୁ ବ୍ୟାପକ ସାଂଗଠନିକ କାର୍ଯ୍ୟ ହାତକୁ ନିଆଯିବ। ଦଳ ଆଗାମୀ ଦିନରେ ଏକ ବିରାଟ ସମାବେଶ କରିବାକୁ ଯୋଜନା କରୁଥିବା ସୂତ୍ରରୁ ଜଣାପଡିଛି।

## ବନ୍ୟା ପ୍ରଭାବିତ ଅଞ୍ଚଳକୁ ସହଯୋଗ ଯୋଗାଇବାକୁ ତୈଳ କମ୍ପାନୀର ସମୀକ୍ଷା ବୈଠକ
# ଗଜପତି ଜିଲା ପାଇଁ ୩ ଗାଡ଼ିରେ ଗଲା ରିଲିଫ ସାମଗ୍ରୀ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ପ୍ରଭାବରେ ରାଜ୍ୟରେ ଦେଖାଦେଇଥିବା ଲଗାଣ ବର୍ଷା କାରଣରୁ ଜନଜୀବନ ଓ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ପରିପ୍ରେକ୍ଷୀରେ ୩ ତୈଳକମ୍ପାନୀ ତରଫରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ରନ୍ଧନଗ୍ୟାସ, ପେଟ୍ରୋଲ ଏବଂ ଡିଜେଲ ଠିକ୍‌ଭାବେ ଉପଲବ୍ଧ କରାଇବା ସହ ପ୍ରାକୃତିକ ଦୁର୍ବିପାକର ସାମ୍ନା କରୁଥିବା ଲୋକଙ୍କୁ ରିଲିଫ ସାମଗ୍ରୀ ସହ ସହାୟତାର ହାତ ବଢାଇବା ପାଇଁ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ଏଚ୍‌ପିସିଏଲ୍‌ର ଏଲ୍‌ପିଜି ମୁଖ୍ୟ ଧର୍ମେନ୍ଦ୍ର ବେହୁରିଆ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାତ୍ୟା, ପ୍ରବଳ ବର୍ଷା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ସଡକ, ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏଲପିଜି, ପେଟ୍ରୋଲ, ଡିଜେଲ ଓ କିରୋସିନ ମହଜୁଦ କରିବା ସହ ଉପଭୋକ୍ତାଙ୍କୁ ଆବଶ୍ୟକତା ଅନୁସାରେ ଯୋଗାଇବା ପାଇଁ ପ୍ରସ୍ତୁତି କରାଯାଇଛି। କଷ୍ଟରେ ଲୋକମାନେ ଥିବାରୁ ଏଲ୍‌ପିଜି ଉପଲବ୍ଧ ରହିଲେ ସେମାନେ ରୋଷେଇ କରି ଖାଇପାରିବେ। ପ୍ରାକୃତିକ ଦୁର୍ବିପାକରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଗଜପତି ଜିଲା ପାଇଁ ୩ଟି ରିଲିଫ ଗାଡି ତୈଳ କମ୍ପାନୀ ପକ୍ଷରୁ ପଠାଯାଇଛି। ପଲିଥିନ୍, ଚୁଡା, ଚିନି, ଗ୍ଲୁକୋଜ, ମହମବତି, ଦିଆସିଲି ଆଦି ରିଲିଫ ସାମଗ୍ରୀ ପଠାଯାଇଥିବା ବେହୁରିଆ ସୂଚନା ଦେଇଛନ୍ତି। ଆଗାମୀ ଦିନରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଅଧିକ ସୁବିଧା ଯୋଗାଇ ଦିଆଯିବ ବୋଲି ବେହୁରିଆ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

M/s HIGHLANDs AGRIVENTURE LTD.
An ISO 9001 : 2008 Certified Public Company, requires candidate for the position of Agricultural Project Spervisor at Bhubaneswar.
- MSW/AG or equivalent from a recognized university.
- Willingness to travel extensively & leadership quality.
Annual CTC : 2,00,000/- to 2,50,000/-, Joining Date: Immediately. Apply through CV, within 7 days from the date of advertisement by email : highlands.co.hr@gmail.com, Cont. no.-0674-2579021.

ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ
ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ. ଏଲ&ଟି ଗ୍ରୁପର ଏକ ଅଂଶ. ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି।
ଯୋଗ୍ୟତା : ସ୍ନାତକ
ବୟସ : 20ରୁ 30 ବର୍ଷ
କାର୍ଯ୍ୟର ପ୍ରକୃତି : ଫିଲଡ ୱାର୍କ
ବେତନ : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା
କାର୍ଯ୍ୟର ଅବସ୍ଥାନ : ଓଡ଼ିଶା ବ୍ୟାପୀ
ସାକ୍ଷାତକାର ଠିକଣା:
ବରଗଡ଼: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ-768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
ବଲାଙ୍ଗିର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସା: ତିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
ସୋନପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଥ (9778049999)
ଓଡଗାଁ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
ସମ୍ବଲପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
କୋରାପୁଟ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍‌ସି ନିକଟବର୍ତ୍ତୀ, କୋରାପୁଟ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
କଳାହାଣ୍ଡି: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
ଢେଙ୍କାନାଳ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ କର, କୁଞ୍ଜକାନ୍ତ, ରେବଣ୍ଡ କୋଚିଂ ଲେନ୍, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)
ଆଗ୍ରହୀ ପ୍ରାର୍ଥୀମାନଙ୍କୁ 13, 14 ଏବଂ 15, 16, 17, 18 ଅକ୍ଟୋବର, 2018 ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଇଛି। ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
www.ltfs.com
CIN: U65910WB1993FLC060810
L&T Financial Services

For Tissue Paper Industries, Abu Dhabi, UAE
(FREE RECRUITMENT)
Required the following categories of workers for leading Industrial Group in UAE.
1. TISSUE MACHINE OPERATORS - 05 Nos.
2. TISSUE REWINDER ROLL OPERATORS - 05 Nos.
Candidates must have at least 3-5 years of experience in the Tissue Industry.
Please forward your CV along PP size Photo with testimonials / experience certificates to our mail ID
ccondelhi2017@gmail.com
Salary 1500/2000 AED
CONSTRUCTION CONSULTANTS
Lic. No B- 0130/DEL/PER/1000+/3/48/84 Valid till 25.04.2023

କେନ୍ଦ୍ରୀୟ ଭଣ୍ଡାରଣ ନିଗମ
(ଭାରତ ସରକାରଙ୍କ ଅନୁସୂଚୀ 'କ' ମିନି ରତ୍ନ ଉପକ୍ରମ)
କର୍ପୋରେଟ ଅଫିସ : 4/1, ସିରୀ ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ, ନୂଆ ଦିଲ୍ଲୀ- 110016
ୱେବସାଇଟ୍: www.cewacor.nic.in
ଜନ-ଜନ ପାଇଁ ଭଣ୍ଡାରଣ
ଅନ୍ତିମ ତାରିଖ: 01 ନଭେମ୍ବର 2018
ବିଜ୍ଞାପନ ସଂ. CWC/ 1- Manpower/ DR/ Mgr & Above Rectt/ 2018/01
କେନ୍ଦ୍ରୀୟ ଭଣ୍ଡାରଣ ନିଗମ ଅନୁସୂଚୀ- (କ) ମିନି ରତ୍ନ, ଶ୍ରେଣୀ- I, କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉପକ୍ରମ ଅଟେ ଯାହା ଉପଭୋକ୍ତା ମାମଲା, ଖାଦ୍ୟ ଓ ସାର୍ବଜନିକ ବିବରଣ ମନ୍ତ୍ରାଳୟର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ଏବଂ କୃଷି ଆଦାନ, ଉତ୍ପାଦ ଏବଂ ଅନ୍ୟ ଅଧିସୂଚିତ ବସ୍ତୁ ଗୁଡ଼ିକ ପାଇଁ ବୈଜ୍ଞାନିକର ସୁବିଧା ପ୍ରଦାନ କରେ। ଏହା ବ୍ୟତୀତ, ଏହା ନିଗମ ଆମାଦନୀ-ରପ୍ତାନୀ କାର୍ଗୋ ପାଇଁ କଣ୍ଟେନର ଫ୍ରେଟ୍ ଷ୍ଟେସନ୍/ ଅନ୍ତର୍ଦେଶୀୟ କଣ୍ଟେନର ଡିପୋ, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେସନ୍, ଏୟର କାର୍ଗୋ କମ୍ପ୍ଲେକ୍ସ ଆଦି ପରି ଆଧାରଭୂତ ଲଜିଷ୍ଟିକ୍ ସୁବିଧା ବି ପ୍ରଦାନ କରେ। ନିଗମ ତଳେ ଦିଆଯାଇଥିବା ପାଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି:

| ପଦ କୋଡ୍ | ପଦର ନାମ | ଖାଲି ସଂ. |
|---|---|---|
| 01. | ମହାପ୍ରବନ୍ଧକ (ସାଧାରଣ) | 2 |
| 02. | ମହାପ୍ରବନ୍ଧକ (ଟେକ୍ନିକାଲ୍) | 1 |
| 03. | ସଚିବ | 1 |
| 04. | ଉପ ମହାପ୍ରବନ୍ଧକ (ସାଧାରଣ) | 2 |
| 05. | ଉପ ମହାପ୍ରବନ୍ଧକ (ଟେକ୍ନିକାଲ୍) | 4 |
| 06. | ଉପ ମହାପ୍ରବନ୍ଧକ (ବିତ୍ତ ଓ ଏକାଉଣ୍ଟସ୍) | 3 |
| 07. | ଅଧୀକ୍ଷକ ଅଭିଯନ୍ତା | 1 |
| 08. | ସହାୟକ ମହାପ୍ରବନ୍ଧକ (ସାଧାରଣ) | 8 |
| 09. | ସହାୟକ ମହାପ୍ରବନ୍ଧକ (ଟେକନିକାଲ୍) | 4 |
| 10. | ସହାୟକ ମହାପ୍ରବନ୍ଧକ (ଏକାଉଣ୍ଟସ୍) | 1 |
| 11. | ପ୍ରବନ୍ଧକ (ସାଧାରଣ) | 6 |
| 12. | ପ୍ରବନ୍ଧକ (ଏକାଉଣ୍ଟସ୍) | 4 |
| 13. | କାର୍ଯ୍ୟକାରୀ ଅଭିଯନ୍ତା | 9 |

ଦୟାକରି ଯୋଗ୍ୟତା ଏବଂ ଅନୁଭବ, ଚୟନ ପ୍ରକିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସହିତ ଯୋଗ୍ୟତା ମାନଦଣ୍ଡର ବିସ୍ତୃତ ସୂଚନା ପାଇଁ କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍ (www.cewacor.nic.in) ଦେଖନ୍ତୁ। କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍‌ରେ 'ଖାଲି ଓ ପରିଣାମ' ଭାଗରେ ଉପଲବ୍ଧ ବିସ୍ତୃତ ବିଜ୍ଞାପନରେ ଦିଆଯାଇଥବା ଅନୁଦେଶ ଅନୁସାରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବଶ୍ୟକ ଆବେଦନ ପତ୍ର ପୂର୍ଣ୍ଣରୂପେ ଭରି ପଠାଇବାକୁ ହେବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

ଆବଶ୍ୟକ
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ–
9861123082, 9178852435

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

KIDZEE PLAY SCHOOL
REQUIRES
Counsellor, Teachers, Care Takers
Minimum 2 years of experience
KALINGA NAGAR, PATRAPADA, BHUBANESWAR, M: 9348539442

WANTED
MARKETING EXECUTIVE (5 nos.)
Qual: Matric above (Dynamic person), Age: 18 to 30 yrs having 2 wheelers
M: 9439039390, 9237009890

URGENTLY REQUIRED
ଚନ୍ଦ୍ରଶେଖରପୁର ଭୁବନେଶ୍ୱରର ଏକ Reputed SPA ପାଇଁ Female Therapist ଓ Female Manager ଆବଶ୍ୟକ। ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। Attractive Salary ସହିତ Incentive ସୁବିଧା ମଧ୍ୟ ଅଛି।
Tel: 9937575558

WANTED
TRAFFIC-IN-CHARGE
PBL TRANSPORT PVT. LTD. Graduate needed. Manage loading/ unloading, negotiate with brokers, place vehicles quickly and on time, handle customers. Excellent communication skills (Oriya, English, Hindi). Computer capabilities essential.
Send CV to
hr@pbltransport.co.in

- Operation Exe. (M) : 2 Nos
  Qua.: Matric / Under Matric
- Relationship Mgr. (F): 5 Nos
  Qua.: Graduate and above
- Front Office Exe. (F) : 1 No
  Qua.: Graduate with Computer Knowledge
Salary Negotiable. BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
Jeevan Pradeep
71, Bapuji Nagar, Bhubaneswar
Contact : 0674 - 2598909

See Career Appointment on every Wednesday & Saturday

REQUIRED URGENTLY
M/s West Coast Diesel LLP, Rajkot, Gujarat manufacturer of "ALFA" make diesel generators, alternators etc. Requires Sales Organisers on commission basis in all the block headquarter of Odisha.
Interested Candidates having good contacts with decorators, marriage mandap owners, traders etc. of their area and willing to work may send their complete biodata by Email: The General Manager (East Zone), HIG-II/34, BDA Housing Colony, Kapilaprasad, Bhubaneswar-751002, Email: biswajeet.mohapatra@wcdllp.com,
Mob: 9337003316, 9937528127, 0674-2590511

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

ପତି କାର୍ଡ୍
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR

ଭୁବନେଶ୍ୱରରୁ ପ୍ରକାଶିତ ହେଉଥିବା ଏକ ପ୍ରମୁଖ ସାପ୍ତାହିକ ରାଜନୈତିକ ପତ୍ରିକା ଓଡ଼ିଶା ଜନମୋର୍ଚ୍ଚା ପାଇଁ ଭୁବନେଶ୍ୱର ସମେତ ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା ପ୍ରତିନିଧି ଆବଶ୍ୟକ। ଆଶାୟୀ ପ୍ରାର୍ଥୀ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନଲିଖିତ ଇମେଲ ଠିକଣାରେ ଆବେଦନ ପତ୍ର ପଠାଇବାକୁ ଅନୁରୋଧ।
harishdas79@gmail.com

WANTED
SALES EXECUTIVE : 02 Nos.
COMPUTER OPERATOR : 01 No.
BILLING EXECUTIVE : 01 No.
AC TECHNICIAN : 02 Nos.
SERVICE MANAGER : 01 No.
MIS EXECUTIVE : 01 No.
CTC: From 1.2 to 1.8 Lakhs Per Annum.
M: 9853088811
Email: careersgarggroup@gmail.com

ପୁରୀରେ TASTY MOMO ପାଇଁ Sales Boys, Cook, Helper ଆବଶ୍ୟକ, Good Salary, ରହିବା ଖାଇବା Free.
Contact No: 8596806941/ 7008638009


PLEDGE 'PLASTIC-FREE' ODISHA
Bijay Mohanty
Actor
#PlasticFreeOdisha
ଧରିତ୍ରୀ DHARITRI TEAM


# ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି): ଗୋଆରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ଭାରତ ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଶୁକ୍ରବାର ଇଂଲଣ୍ଡକୁ ୧୦ ଉଇକେଟରେ ହରାଇ ଶ୍ରୀଲଙ୍କା ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ପିଟର ବ୍ଲୁଇଟ ସର୍ବାଧିକ ୫୪ ଓ ସୁଗ୍ ୪୯ ରନ କରିଥିଲେ। ଜବାବରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୬.୩ ଓଭରରେ ୧୮୧ ରନ କରି ମ୍ୟାଚ ଜିତିଥିଲା। ଶତକ ହାସଲ କରିଥିବା କେ. ସିଲ୍‌ଭା ୧୦୪ ଓ ସି.ଦେଶପ୍ରିୟ ୬୬ ରନରେ ଅପରାଜିତ ରହିଥିଲେ। ଶତକୀୟ ଇନିଂସ ପାଇଁ ସିଲ୍‌ଭାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଚତୁର୍ଥ ଦିନିକିଆ ୱାଙ୍ଖେଡେରୁ ସ୍ଥାନାନ୍ତର

ମୁମ୍ବାଇ, ୧୨।୧୦(ପି.ଟି.): ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ ଦିନିକିଆ ୱାଙ୍ଖେଡେ ଷ୍ଟାଡିୟମରୁ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ସିସିଆଇ)କୁ ସ୍ଥାନାନ୍ତର ହୋଇଛି। ଆସନ୍ତା ୨୯ ତାରିଖରେ ଖେଳାଯିବାକୁ ଥିବା ଏହି ମ୍ୟାଚ ସିସିଆଇର ବ୍ରାବର୍ନ ଷ୍ଟାଡିୟମରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ ପ୍ରଶାସକ କମିଟି (ସିଓଏ) ନିର୍ଦ୍ଦେଶ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଭେଣ୍ଡରମାନଙ୍କୁ ଟେଣ୍ଡର ଦେବା ନେଇ ନିଜର ଅକ୍ଷମତା ପ୍ରକାଶ କରି ଏହି ମ୍ୟାଚ ଆୟୋଜନ କରିବାକୁ ପଛଘୁଞ୍ଚା ଦେଇଛି । ଫଳରେ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ବୋର୍ଡ ତରଫରୁ କୁହାଯାଇଛି। ଶେଷଥର ପାଇଁ ୨୦୦୯ରେ ସିସିଆଇ ଅଷ୍ଟ୍ରେଲିଆ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ କରିଥିଲା। ପୂର୍ବରୁ ବୋର୍ଡ ଦ୍ୱିତୀୟ ଦିନିକିଆକୁ ଇନ୍ଦୋରରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଥିଲା। ୨୧ ତାରିଖରେ ଗୌହାଟୀରେ ପ୍ରଥମ ମ୍ୟାଚ୍ ଖେଳାଯିବ।

# ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍: ଭାରତ ପଞ୍ଚମ

ଦୁବାଇ, ୧୨।୧୦(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଶୁକ୍ରବାର ମହିଳା ଟି୨୦ ଦଳୀୟ ର୍‍ୟାଙ୍କିଙ୍ଗ ଆରମ୍ଭ କରିଛି। ଏଥିରେ ଭାରତ ପଞ୍ଚମ ସ୍ଥାନରେ ରହିଥିବାବେଳେ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ଏହି ଦଳୀୟ ତାଲିକାରେ ବିଶ୍ୱର ୪୬ଟି ଦଳକୁ ସାମିଲ କରାଯାଇଛି। ଦେଶମାନଙ୍କ ମଧ୍ୟରେ ଖେଳାଯାଉଥିବା ଟି୨୦ ମ୍ୟାଚ୍‌ଗୁଡ଼ିକୁ ଆନ୍ତର୍ଜାତିକ ମାନ୍ୟତା ଦେବା ପରେ ଆଇସିସି ଦଳୀୟ ର୍‍ୟାଙ୍କିଙ୍ଗ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ତାଲିକାରେ ସାମିଲ ହେବାକୁ ହେଲେ ଦଳଗୁଡ଼ିକୁ ୬ଟି ଟି୨୦ ମ୍ୟାଚ୍ ଗତ ୩ରୁ ୪ ବର୍ଷ ମଧ୍ୟରେ ଖେଳିବାକୁ ହେବ ବୋଲି କୁହାଯାଇଛି। ତାଲିକାରେ ୨୮୦ ପଏଣ୍ଟ ପାଇଁ ଅଷ୍ଟ୍ରେଲିଆ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ୨୭୭ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ୨୭୬ ପଏଣ୍ଟ ପାଇଁ ଇଂଲଣ୍ଡ ତୃତୀୟ, ୨୫୯ ପଏଣ୍ଟ ପାଇଁ ୱେଷ୍ଟଇଣ୍ଡିଜ ଚତୁର୍ଥ ଓ ୨୪୯ ପଏଣ୍ଟ ପାଇ ଭାରତ ପଞ୍ଚମ ସ୍ଥାନରେ ରହିଛି।






# ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଲେ

**ହାଇଦ୍ରାବାଦ, ୧୨।୧୦(ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦୁଇ ସେସନରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରି ୱେଷ୍ଟଇଣ୍ଡିଜକୁ ବିପଦରେ ପକାଇଥିବା ଭାରତୀୟ ବୋଲରମାନେ ତୃତୀୟ ସେସନରେ ମାତ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହେବାରୁ ଭ୍ରମଣକାରୀ ଦଳ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ରଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଚେଜ୍ ୯୮ ରନ କରି ଅପରାଜିତ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୨୯୫ ରନ କରିବାକୁ ସକ୍ଷମ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩୨ ରନରେ ପ୍ରଥମ ଏବଂ ୫୨ରେ ଦ୍ୱିତୀୟ ଉଇକେଟ ହରାଇଥିବା ୱେଷ୍ଟଇଣ୍ଡିଜ ମଧ୍ୟାହ୍ନଭୋଜନ ବିରତିସୁଦ୍ଧା ୩ ଉଇକେଟ ହରାଇ ୮୬ ରନ କରିଥିଲା। ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଶାର୍ଦ୍ଦୁଳ ଠାକୁରଙ୍କ ପାଇଁ ଏହି ମ୍ୟାଚ ଶୁଭ ସାବ୍ୟସ୍ତ ହୋଇନାହିଁ। ସେ ମାତ୍ର ୧୦ଟି ବଲ୍ ବୋଲିଂ କରି ଆହତ ସମସ୍ୟା ଯୋଗୁ ପଡ଼ିଆ ଛାଡ଼ିଛନ୍ତି। ଫଳରେ ଭାରତର ବୋଲିଂ ଆକ୍ରମଣ ୪ ବୋଲର ବିଶିଷ୍ଟ ହୋଇ ଯାଇଛି। ଠାକୁରଙ୍କ ଦ୍ୱିତୀୟ ଓଭର କୋଟା ପୂରଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌ରେ ସେ କେରନ ପୱେଲ(୨୨ ରନ)ଙ୍କୁ ଆଉଟ କରି ଏହି ସଫଳତା ପାଇଥିଲେ। ଏହାପରେ ଦମ୍ ଦେଖାଇଥିଲେ କୁଳଦୀପ ଯାଦବ ଓ ଉମେଶ। ୧୪ ରନ କରିଥିବା କ୍ରେଗ୍ ବ୍ରାଥୱେଟଙ୍କୁ କୁଳଦୀପ ଏବଂ କ୍ରିଜ୍‌ରେ ଜମି ଆସୁଥିବା ଶାଇ ହୋପ୍‌ଙ୍କୁ ଉମେଶ ଆଉଟ୍ କରି ଭାରତୀୟ ଶିବିରକୁ ଉଲ୍ଲସିତ କରିଥିଲେ। ହୋପ୍ ୬୮ ବଲ୍‌ରୁ ୫ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଉମେଶଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହେବାସହ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା। ଦ୍ୱିତୀୟ ସେସନରେ ମଧ୍ୟ ଭାରତୀୟ ବୋଲର ପ୍ରଭାବୀ ରହିଥିଲେ। ଶିମରନ ହେଟ୍‌ମେର ୧୨ ରନ କରି କୁଳଦୀପ ଯାଦବଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସୁନୀଲ ଆମ୍ବ୍ରିସ(୧୮ ରନ)ଙ୍କୁ ମଧ୍ୟ କୁଳଦୀପ ପ୍ୟାଭିଲିୟନ ପଠାଇଥିଲେ। ରଷ୍ଟନ ଚେଜ୍ ଓ ଶେନ ଡୋରିଚ୍ ୬ଷ୍ଠ ଉଇକେଟରେ ୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ମାତ୍ର ୬୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିବା ଡୋରିଚ୍‌ଙ୍କୁ ଉମେଶ ଯାଦବ ଏଲବିଡବ୍ଲ୍ୟୁ କରିବାରୁ ଭାରତ ପୁଣି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଚା ବିରତି ସୁଦ୍ଧା ୱେଷ୍ଟଇଣ୍ଡିଜ ସ୍କୋର ୧୯୭/୬ ହୋଇଥିଲା।

ଅନ୍ତିମ ସେସନରେ କିନ୍ତୁ ଚେଜ୍ ଓ ଅଧିନାୟକ ଜାସନ ହୋଲ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଭାରତୀୟ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଏ ଦୁହେଁ ୭ମ ଉଇକେଟରେ ଶତକୀୟ(୧୦୪ ରନ) ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ବିପଦର ବଳୟରୁ ବାହାରକୁ ଆସି ପାରିଥିଲା। ତେବେ ୯୦ତମ ଓଭରର ଅନ୍ତିମ ବଲ୍‌ରେ ହୋଲ୍ଡରଙ୍କୁ ଆଉଟ କରି ଉମେଶ ଏହି ଯୋଡ଼ି ଭାଙ୍ଗିଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହୋଲ୍ଡର ୬ ଚୌକା ସହାୟତାରେ ୫୨ ରନ କରିଥିଲେ। ଚେଜ୍ କିନ୍ତୁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ୪ର୍ଥ ଟେଷ୍ଟ ଶତକର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ୧୭୪ ବଲ୍‌ର ସାମ୍ନା କରିଥିବା ଚେଜ୍ ୭ ଚୌକା ଓ ୧ ଛକା ସହାୟତାରେ ୯୮ ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଉମେଶ ଓ କୁଳଦୀପ ୩ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୯୫/୭ (ଚେଜ୍-୯୮*, ହୋଲ୍ଡର-୫୨, ହୋପ୍-୩୬, ଡୋରିଚ୍-୩୦, ଉମେଶ-୩/୮୩, କୁଳଦୀପ-୩/୭୪, ଅଶ୍ୱିନ-୧/୪୯)।

## କୋହଲିଙ୍କ ସହ ସେଲ୍‌ଫି ମହଙ୍ଗା ପଡ଼ିଲା



ଚଳିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସରେ ଜଣେ ପ୍ରଶଂସକ ସୁରକ୍ଷା ବଳୟ ଭାଙ୍ଗି ପଡିଆ ମଧ୍ୟକୁ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଆନ୍ଧ୍ରପ୍ରଦେଶର କଡାପା ଜିଲାର ୧୯ ବର୍ଷୀୟ ମହମ୍ମଦ ଖାଁ ନାମକ ଜଣେ ପ୍ରଶଂସକ ପଡିଆ ଭିତରେ ପଶି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟତର ହୋଇ ତାଙ୍କୁ ଆଲିଙ୍ଗନ କରିବା ସହ ସେଲଫି ନେଇଥିଲେ। ଖେଳ ଆରମ୍ଭ ହେବା ପ୍ରଥମ ଘଣ୍ଟାରେ ଏହି ଅଭାବନୀୟ ଘଟଣା ଘଟିଥିଲା। କୋହଲି ଅବଶ୍ୟ ତାଙ୍କୁ ଅଣଦେଖା କରିବାକୁ ଚେଷ୍ଟା କରିଥିଲେ। ପରେ ସୁରକ୍ଷାକର୍ମୀ ତାଙ୍କୁ ସେଠାରୁ ନେଇ ଯାଇଥିଲେ।

# ପରାଜୟ ସତ୍ତ୍ୱେ ଫାଇନାଲରେ ଭାରତ

**ଜୋହର ବାହ୍ରୁ, ୧୨।୧୦ (ପି.ଟି.)**

ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତୀୟ ଜୁନିୟର ଦଳ ପ୍ରଥମ ପରାଜୟବରଣ କରିଛି। ଶୁକ୍ରବାର ଭାରତ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ୪ଟି କ୍ରମାଗତ ବିଜୟ ପରେ ଭାରତର ଏହା ଥିଲା ପ୍ରଥମ ପରାଜୟ। ମୋଟ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଗ୍ରେଟ ବ୍ରିଟେନ ୫ଟି ମ୍ୟାଚ ଖେଳି ୩ଟି ବିଜୟ ସହ ୧୦ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।



ଗୋଲ ସ୍କୋର କରିବା ପରେ ଶିଳାନନ୍ଦ ଲାକ୍ରା (ମଝି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ପଞ୍ଚମ ମିନିଟ୍‌ରେ ଭାରତ ପଛକୁପଛ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ବିଷ୍ଣୁକାନ୍ତ ସିଂ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଗ୍ରେଟ ବ୍ରିଟେନ ତରଫରୁ କାମେରନ ଗୋଲ୍ଡେନ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ୨୦ତମ ମିନିଟ୍‌ରେ ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ୩୯ତମ ମିନିଟରେ ବ୍ରିଟେନର ଷ୍ଟୁଆର୍ଟ ରଶମେର ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ୫୧ତମ ମିନିଟ୍‌ରେ ବ୍ରିଟେନ ଅଧିନାୟକ ଏଡୱାର୍ଡ ୱେ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ।

# ୫ ଦେଶର ପ୍ରଭାବୀ ପ୍ରଦର୍ଶନ

ଫୁଟବଲ ଭଳି ହକି ମଧ୍ୟ ସାରା ବିଶ୍ୱରେ ଆଦୃତ ହୋଇପାରିଛି। ବିଶେଷ କରି ପୁରୁଷ ହକି ଏବେ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଛି। ହକିର ସର୍ବୋଚ୍ଚ ମହାକୁମ୍ଭ କୁହାଯାଉଥିବା ପୁରୁଷ ହକି ବିଶ୍ୱକପ୍ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆନୁକୂଲ୍ୟରେ ହକି ବିଶ୍ୱକପ୍ ଆୟୋଜନ ହୋଇଆସୁଛି। ଫୁଟବଲ ବିଶ୍ୱକପ୍ ଭଳି ଏହି ମେଗା ଇଭେଣ୍ଟ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ପୁରୁଷ ଭଳି ମହିଳା ହକି ବିଶ୍ୱକପ୍ ମଧ୍ୟ ୧୯୭୪ ମସିହାରୁ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଓମେନ୍ସ ହକି ଆସୋସିଏଶନ୍ସ (ଆଇଏଫ୍‌ଡବ୍ଲ୍ୟୁଏଚ୍‌ଏ) ୧୯୮୧ ପର୍ଯ୍ୟନ୍ତ ଆୟୋଜନ କରୁଥିଲା। ତେବେ ୧୯୮୨ରେ ଏହା ଆନ୍ତର୍ଜାତିକ ହକି ଫେଡେରେଶନ ସହିତ ମିଶିଗଲା।

ପୁରୁଷ ହକି ବିଶ୍ୱକପ୍‌ରେ ୫ଟି ଦେଶ ପ୍ରଭାବ ବିସ୍ତାର କରିଛନ୍ତି। ପାକିସ୍ତାନ ସବୁଠାରୁ ସଫଳ ଦଳ ସାବ୍ୟସ୍ତ ହୋଇଛି। ପାକିସ୍ତାନ ୪ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏ ବିଶ୍ୱକପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ଜର୍ମାନୀ ଦୁଇଥର ଓ ଭାରତ ଥରେ ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କରିଛି। ୧୯୭୧ ମସିହାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମୋଟ ଉପରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୪ରେ ନେଦରଲାଣ୍ଡସର ହଗ୍‌ରେ ଖେଳାଯାଇଥିଲା। ଏହା ଜୁନ୍ ୨ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ୬-୧ ଗୋଲରେ ଆୟୋଜକ ନେଦରଲାଣ୍ଡସକୁ ହରାଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ୨୦୧୮ ସଂସ୍କରଣ ଏବେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହା ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। ଏଥର ବିଶ୍ୱକପ୍ ଦଳ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ୨୦୨୨ ସଂସ୍କରଣରେ ଦଳ ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଏଫ୍‌ଆଇଏଚ୍ ଯୋଜନା କରୁଛି।

ପାକିସ୍ତାନର ଏୟାର ମାର୍ଶାଲ ନୁର ଖାଁ ପ୍ରଥମେ ହକି ବିଶ୍ୱକପ୍‌ର ଯୋଜନା ମନକୁ ଆଣିଥିଲେ। ସେ ୱାର୍ଲ୍ଡ ହକି ମାଗାଜିନର ପ୍ରଥମ ସମ୍ପାଦକ ପାଟ୍ରିକ ରୋଲିଙ୍କୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ୧୯୬୯ ଅକ୍ଟୋବର ୨୬ରେ ଏହା ଗୃହୀତ ହୋଇଥିଲା ଓ ୧୯୭୦ ଏପ୍ରିଲ ୨ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କାଉନସିଲ ବୈଠକରେ ଏହାକୁ ଗ୍ରହଣ କରାଯିବା ସହ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାପରେ ଏଫ୍‌ଆଇଏଚ୍ ୧୯୭୧ରେ ପ୍ରଥମ ହକି ବିଶ୍ୱକପ୍ ପାକିସ୍ତାନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଯୁଦ୍ଧ ତଥା ରାଜନୈତିକ ଅସ୍ଥିରତା କାରଣରୁ ଏହା ପାକିସ୍ତାନରୁ ସ୍ପେନ୍‌ର ବାର୍ସିଲୋନାରେ ଖେଳାଯାଇଥିଲା। ପ୍ରଥମ ସଂସ୍କରଣରେ ୧୦ଟି ଦେଶ ଅଂଶଗ୍ରହଣ କରିଥିଲେ। ପ୍ରଥମ ୩ଟି ଟୁର୍ନାମେଣ୍ଟ ପ୍ରତି ଦୁଇବର୍ଷରେ ଖେଳାଯାଇଥିଲା।




ବିଶ୍ୱକପ୍ ଟ୍ରଫିକୁ ବସିର ମୁଜିଦ୍ ଡିଜାଇନ୍ କରିଥିଲେ ଓ ଏହାକୁ ପାକିସ୍ତାନ ସେନାବାହିନୀ ତିଆରି କରିଥିଲା। ୧୯୭୧ ମାର୍ଚ୍ଚ ୨୭ ତାରିଖରେ ଏହି ଟ୍ରଫିକୁ ବ୍ରସେଲ୍ସରେ ଏଫ୍‌ଆଇଏଚ୍‌କୁ ହସ୍ତାନ୍ତର କରାଯାଇଥିଲା। ହକି ବିଶ୍ୱକପ୍ ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ଯୋଗ୍ୟତା ପର୍ଯ୍ୟାୟ ପରେ ଫାଇନାଲ ପର୍ଯ୍ୟାୟରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥାଏ। ୧୯୭୭ରୁ ଯୋଗ୍ୟତା ପର୍ଯ୍ୟାୟ ଖେଳାଯାଇଆସୁଅଛି। ସଫଳତା ଦୃଷ୍ଟିକୋଣରୁ ବିଚାର କଲେ ଏ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳିବାକୁ ୨୪ଟି ଦଳ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ଟି ଦଳ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୬ଥର ଫାଇନାଲ ଖେଳି ପାକିସ୍ତାନ ୪ଥର ଟାଇଟଲ ହାସଲ କରିଛି। ସେହିପରି ନେଦରଲାଣ୍ଡସ ୬ଥର ଫାଇନାଲ ଖେଳି ୩ଥର ଚାମ୍ପିୟନ ହୋଇଛି। ତେବେ ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୫ଥର ଫାଇନାଲ ଖେଳି ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହୋଇଛି। ଭାରତ ୧୯୭୫ରେ ଥରେ ମାତ୍ର ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଥିଲା।

ଏପର୍ଯ୍ୟନ୍ତ ୯ଟି ଦେଶ ବିଶ୍ୱକପ୍ ଆୟୋଜନ କରିଛନ୍ତି। ଆୟୋଜକ ଭାବେ ନେଦରଲାଣ୍ଡସ ୧୯୭୩ ଓ ୧୯୯୮ରେ, ଜର୍ମାନୀ ୨୦୦୬ରେ ଚାମ୍ପିୟନ ହୋଇଥିଲା। ଆୟୋଜକ ଭାବେ ସ୍ପେନ, ଇଂଲଣ୍ଡ ଓ ପାକିସ୍ତାନ ୧୯୭୧, ୧୯୮୬ ଓ ୧୯୯୦ରେ ରନର୍ସଅପ ହୋଇଥିଲା। ଆୟୋଜକ ଭାବେ ଅଷ୍ଟ୍ରେଲିଆ ୧୯୯୪ରେ ତୃତୀୟ ସ୍ଥାନରେ ରହିଥିଲା। ଏସିଆ ଓ ୟୁରୋପ ମହାଦେଶର ଦଳଗୁଡ଼ିକ ୫ଥର ଲେଖାଏ ଟାଇଟଲ ଜିତିଛନ୍ତି। ଓସେନିଆ ତରଫରୁ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ଆଫ୍ରିକାର କୌଣସି ଦେଶ ବିଶ୍ୱକପ୍ ଟାଇଟଲ ହାସଲ କରିପାରି ନାହାନ୍ତି।

# ଭାରତକୁ ଆଉ ୩ ସ୍ୱର୍ଣ୍ଣ, ଦୀପାଙ୍କୁ ଦ୍ୱିତୀୟ ବ୍ରୋଞ୍ଜ୍

**ଜାକର୍ତ୍ତା, ୧୨।୧୦(ପି.ଟି.)**

ଏଠାରେ ଚାଲିଥିବା ଏସିଆନ୍ ପାରାଅଲିମ୍ପିକ୍ସରେ ଶୁକ୍ରବାର ଭାରତୀୟ ଆଥଲେଟମାନେ ପ୍ରଭାବୀ ପ୍ରଦର୍ଶନ ୫ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦୀପା ମଲିକ ଦ୍ୱିତୀୟ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ମହିଳା ରାପିଡ ପିଂ ଚେସ୍ ଇଭେଣ୍ଟରେ ଭାରତର କେ. ଜେନିଥା ଅଣ୍ଟୋ ସ୍ୱର୍ଣ୍ଣ ଜିତିଛନ୍ତି। ସେ ଫାଇନାଲ ରାଉଣ୍ଡରେ ଇଣ୍ଡୋନେସିଆର ମାନୁରୁଙ୍ଗ ରୋସଲିଣ୍ଡାଙ୍କୁ ହରାଇ ଏହି ସଫଳତା ଅର୍ଜନ କରିଛନ୍ତି। ସେହିପରି କିଶାନ ଗାଙ୍ଗୋଲି ପୁରୁଷ ବ୍ୟକ୍ତିଗତ ରାପିଡ ଭି୧- ବି୨/ବି୩ ଇଭେଣ୍ଟରେ ମାଜିଦ୍ ବାଘେରିଙ୍କୁ ପଛରେ ପକାଇ ଶୀର୍ଷସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପାରା ବ୍ୟାଡମିଣ୍ଟନରେ ପାରୁଲ ପରମାର ମହିଳା ସିଙ୍ଗଲ୍ସ ଏସ୍‌ଏଲ ୩ ଇଭେଣ୍ଟ ଫାଇନାଲରେ ଥାଇଲାଣ୍ଡର ୱାଣ୍ଡି କାମ୍‌ତାମ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସନ୍ତରଣରେ ସ୍ୱପ୍ନୀଲ ପାଟିଲ ପୁରୁଷ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଏସ୍୧୦ କାଟାଗୋରୀରେ ରୌପ୍ୟ ପଦକ ହାସଲ କରିଛନ୍ତି। ପାଟିଲ ଏହା ପୂର୍ବରୁ ପୁରୁଷ ୪୦୦ମି ଫ୍ରିଷ୍ଟାଇଲରେ ବ୍ରୋଞ୍ଜ୍ ଜିତିଥିଲେ। ପୁରୁଷ ସି୪ ବ୍ୟକ୍ତିଗତ ପରସୁଇଟ୍ ୪୦୦୦ ମିଟର ସାଇକ୍ଲିଂ ଇଭେଣ୍ଟରେ ଭାରତର ଗୁରଲାଲ ସିଂ ତୃତୀୟସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ଜିତିଛନ୍ତି।


INDIAN RAILWAYS

ଗୁରୁତ୍ୱପୂର୍ଣ୍ଣ ସୂଚନା

**ଭୁବନେଶ୍ୱର ରୁ ବାଙ୍ଗାଲୋର କ୍ୟାଣ୍ଟ ପର୍ଯ୍ୟନ୍ତ ସୁପରଫାଷ୍ଟ ତତ୍‌କାଳ ସ୍ୱତନ୍ତ୍ର ଟ୍ରେନ୍**

ଭାୟା - ବ୍ରହ୍ମପୁର, ବିଜୟନଗରମ୍, ବିଶାଖାପାଟଣା, ବିଜୟୱାଡ଼ା, କାଟପାଡ଼ି ଏବଂ ବାଙ୍ଗରାପେଟ

**ତାରିଖ : 15.10.2018 (ସୋମବାର)**

**ଟ୍ରେନ୍ ନଂ. 02510 (ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ ସୁପରଫାଷ୍ଟ ତତ୍‌କାଳ ସତନ୍ତ୍ର ଟ୍ରେନ୍)**

**ଭୁବନେଶ୍ୱର ଠାରୁ ଛାଡ଼ିବା ସମୟ : 0750 ଘଣ୍ଟା (15TH ଅକ୍ଟୋବର)**

**ବାଙ୍ଗାଲୋର ଠାରେ ପହଞ୍ଚିବା ସମୟ : 1140 ଘଣ୍ଟା (16TH ଅକ୍ଟୋବର)**

**ଗଠନ :** 2ଟି ଲଗେଜ୍ / ବ୍ରେକ୍ ଭ୍ୟାନ୍ ସହ ଭିନ୍ନକ୍ଷମ କୋଚ୍, 2ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ, 10ଟି ସ୍ଲିପର କ୍ଲାସ୍, 8ଟି ଏସି 3 ଟାୟାର ଓ ଗୋଟିଏ ଏସି 2 ଟାୟାର ।

**ଭୁବନେଶ୍ୱର ଏବଂ ବାଙ୍ଗାଲୋର କ୍ୟାଣ୍ଟ ମଧ୍ୟରେ ରହଣୀ:**

ଖୋର୍ଦ୍ଧା ରୋଡ଼, ବାଲୁଗାଁ, ବ୍ରହ୍ମପୁର, ପଳାସା, ଶ୍ରୀକାକୁଲମ ରୋଡ଼, ବିଜୟନଗରମ୍, ବିଶାଖାପାଟଣା, ରାଜମହେନ୍ଦ୍ରୀ, ବିଜୟୱାଡ଼ା, ପେରାମ୍ବୁର, ଅରାକୋନାମ, କାଟପାଡ଼ି, ଜୋଲାରପେଟାଇ, ବାଙ୍ଗରାପେଟ, କ୍ରୀଷ୍ଣରାଜପୁରମ୍, ବାଙ୍ଗାଲୋର ଇଷ୍ଟ ।

ଶୀଘ୍ର!!! ଯାତ୍ରୀ ସଂରକ୍ଷଣ ପ୍ରଣାଳୀରେ ଉପଲବ୍ଧ

ପୂର୍ବ ତଟ ରେଳପଥ

PR-364/J/18-19



ଧରିତ୍ରୀ DHARITRI Puja Quiz- 2018

Quiz No. 1

Main Sponsor: TVS

Co-Sponsors: CENTRAL, Nikon

☑ Tick mark the box which is correct

୧. ଧ୍ୟାନଚାନ୍ଦ ହକି ଷ୍ଟାଡିୟମ କେଉଁଠାରେ ଅବସ୍ଥିତ ?
କ. ପଞ୍ଜାବ ☐ ଖ. ଲକ୍ଷ୍ନୌ ☐ ଗ. ହରିୟାଣା ☐ ଘ. କେଉଁଟି ନୁହେଁ ☐

୨. Air India ର ପୂର୍ବନାମ କ'ଣ ଥିଲା ?
କ. ଡେକାନ୍ ଏୟାର ☐ ଖ. ଟାଟା ଏୟାରଲାଇନ୍ସ ☐ ଗ. କିଙ୍ଗଫିଶର ☐ ଘ. କେଉଁଟି ନୁହେଁ ☐

୩. ବାଂଲାଦେଶରେ ଗଙ୍ଗାନଦୀ କେଉଁ ନାମରେ କଥିତ ?
କ. ମେଘନା ☐ ଖ. ପଦ୍ମା ☐ ଗ. ଭାଗୀରଥୀ ☐ ଘ. କେଉଁଟି ନୁହେଁ ☐

୪. ରୋନାଲ୍ଡ ରସ୍ କେଉଁ ରୋଗର ଚିକିତ୍ସା ପାଇଁ ଔଷଧ ଉଦ୍ଭାବନ କରିଥିଲେ ?
କ. ଯକ୍ଷ୍ମା ☐ ଖ. ହଇଜା ☐ ଗ. ମ୍ୟାଲେରିଆ ☐ ଘ. କେଉଁଟି ନୁହେଁ ☐

୫. କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ କେଉଁଟି ବ୍ୟବହାର କରାଯାଏ ?
କ. ୟୁରାନିୟମ ☐ ଖ. କୋବାଲ୍ଟ ☐ ଗ. ସୋଡିୟମ ☐ ଘ. କେଉଁଟି ନୁହେଁ ☐

Participant's Name:
Address:
Education
Mobile: Age:
E-mail:

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 1
B-15, Industrial Estate, Rasulgarh, Bhubaneswar-10



# ପ୍ରମୋଦ ସିଙ୍ଗଲ୍ସ ଫାଇନାଲରେ, ଡବଲ୍ସରେ ବ୍ରୋଞ୍ଜ

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପୁରୁଷ ଏସଏଲ୩ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ୩ ସେଟ୍ ବିଶିଷ୍ଟ ସେମିଫାଇନାଲରେ ପ୍ରମୋଦ ଭିଏତନାମର ଟ୍ରିନ୍ ଆନ୍ ଟୁଆନଙ୍କୁ ୨୧-୧୭, ୧୮-୨୧, ୨୧-୯ ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରମୋଦ ପ୍ରଥମ ସେଟ୍‌କୁ ଜିତିବାପରେ ଟୁଆନ ଦ୍ୱିତୀୟ ସେଟ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଚାପର


ପ୍ରମୋଦ ଭଗତ

ବଶବର୍ତ୍ତୀ ନ ହୋଇ ପ୍ରମୋଦ ତୃତୀୟ ସେଟ୍‌କୁ ସହଜରେ ଜିତିବା ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଶନିବାର ହେବାକୁଥିବା ଫାଇନାଲରେ ପ୍ରମୋଦ ଇଣ୍ଡୋନେସିଆର ଉକୁନ ରୁକାଣ୍ଡିଙ୍କ ସହିତ ମୁକାବିଲା କରିବେ। ଡବଲ୍ସରେ କିନ୍ତୁ ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କଠାରୁ ୧୩-୨୧, ୧୯-୨୧ ପଏଣ୍ଟରେ ହାରି ଯାଇଥିବା ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଂଯୋଜକ ସୁନୀଲ ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

# ସେମିଫାଇନାଲରେ ଜୋକୋଭିଚ୍-ଜେଭରେଭ

ସାଙ୍ଘାଇ,୧୨।୧୦(ଏଏଫ୍‌ପି)

ନୋଭାକ ଜୋକୋଭିଚ୍ ଚଳିତ ସାଙ୍ଘାଇ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ଆଲେକଜାଣ୍ଡର ଜେଭରେଭଙ୍କୁ ଭେଟିବେ। ଜୋକୋଭିଚ୍ ଶୁକ୍ରବାର କେଭିନ ଆଣ୍ଡରସନଙ୍କୁ ୭-୬(୭/୧) ଓ ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର ଜେଭରେଭ ୬-୪, ୬-୪ ସେଟ୍‌ରେ କାଇଲ ଇଡ୍‌ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି। ୧୧ତମ ସିଡ୍ ବ୍ରିଟେନ ଖେଳାଳି ସିଜନର ଶେଷ ହେବାକୁ ଥିବା ଏଟିପି ଫାଇନାଲ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

# କ୍ୱାର୍ଟରରେ ମହିଳା ହକି ଦଳ

ବୁଏନ୍ସ ଏରିଜ,୧୨।୧୦(ପି.ଟି.)

ଭାରତୀୟ ମହିଳା ହକି ୫-ଏ ଦଳ ଚଳିତ ୟୁଥ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମଧ୍ୟରାତ୍ରିରେ ଖେଳାଯାଇଥିବା ଦ. ଆଫ୍ରିକା ବିପକ୍ଷ ମ୍ୟାଚ୍‌କୁ ଭାରତୀୟ ଦଳ ୫-୨ ବ୍ୟବଧାନରେ ଜିତି ନେଇଛି। ବିଜୟୀ ଦଳ ପକ୍ଷରୁ ମୁମତାଜ ୨ଟି ଗୋଲ କରିଥିବାବେଳେ ରିତ, ଲାଲରେସିଆମି ଓ ଇଶିକା ଚୌଧାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।









# ସାପ କାମୁଡ଼ାରେ ବାପା ମୃତ, ଝିଅ ଗୁରୁତର

ରାଜନଗର,୧୨।୧୦(ଡି.ଏନ.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ଡେରା ପଞ୍ଚାୟତର କାଠପାଙ୍ଗରା ଗାଁରେ ସାପ କାମୁଡାରେ ଦିବାକର ଦାସ (୫୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଝିଅ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ରାତିରେ କାଠପାଙ୍ଗରା ଗାଁର ଦିବାକର ଓ ତାଙ୍କ ସାନଝିଅ ଲିଜା (୧୪) ଘରେ ମଶାରି ଟାଣି ଶୋଇଥିଲେ। ରାତି ପ୍ରାୟ ୩ ଟାରେ ଏକ ବିଷଧର ସାପ ବାପ ଝିଅ ଦୁହିଁଙ୍କ ବାମ ହାତକୁ କାମୁଡି ଦେଇଥିଲା। ଦିବାକରଙ୍କ ପରିବାର ଗାଁ ଠାରୁ କିଛି ଦୂରରେ ବିଲ ମଝିରେ ଘର କରି ରହିଛନ୍ତି। ତିତ୍‌ଲି ପ୍ରଭାବରେ ବର୍ଷା ଯୋଗୁ ବିଲ ପାଣିରେ ବୁଡିଯିବା ପରେ ସାପ ଘର ମଧ୍ୟକୁ ପଶିଥିଲା। ପରିବାର ଲୋକେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ବାପ ଝିଅଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ୨ଜଣଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଦିବାକରଙ୍କ ମୃତ୍ୟୁ ଘଟିଥିଲା। ସଙ୍କଟାପନ୍ନ ଅବସ୍ଥାରେ ଲିଜାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।




## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ତିର୍ତ୍ତୋଲ,୧୨।୧୦(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ମଣିଜଙ୍ଗା–ଏରସମା ରାସ୍ତାର ଇନ୍ଦ୍ରପା ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜଗନ୍ନାଥପୁର ପଞ୍ଚାୟତ ହଳଦିଆମଠ ଗ୍ରାମର ସୁବ୍ରତ କୁମାର ଦାସ(୩୮)। ସେ ବାଇକ ଯୋଗେ ମଣିଜଙ୍ଗା ଆଡକୁ ଆସୁଥିବା ବେଳେ ଇନ୍ଦ୍ରପା ନିକଟ ରାସ୍ତାର ବାଙ୍କ ନିକଟରେ ଏରସମା ଅଭିମୁଖେ ଯାଉଥିବା ଏକ ମାଛ ଗାଡି ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ବାଇକ ଭାଙ୍ଗିରୁଜି ଯିବା ସହ ସେ ରାସ୍ତାରେ ଛିଟିକି ପଡିଥିଲେ। ତାଙ୍କ ଗୋଡ ଭାଙ୍ଗିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



କ୍ରୋଧ ସେଇମାନେ କରନ୍ତି ଯେଉଁମାନେ ସଚ୍ଚା ଅଟନ୍ତି,
ମାତ୍ର କପଟୀମାନେ ଆଗରେ ହସି ପଛରୁ ଛୁରି ମାରନ୍ତି।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପୋଲିସ ପକ୍ଷରୁ ବ୍ରହ୍ମବରଦାଠାରେ ଶାନ୍ତି କମିଟି



**ରସୁଲପୁର,୧୨।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ଧର୍ମଶାଳା ପୋଲିସ ପକ୍ଷରୁ ଶୁକ୍ରବାର ଏକ ଶାନ୍ତି କମିଟି ଗଠନ କରାଯାଇଛି। ବ୍ରହ୍ମବରଦାରେ ହିନ୍ଦୁ ଓ ମୁସଲମାନ ଭାଇଙ୍କ ମଧ୍ୟରେ ଭାଇଚାରା ବଜାଇ ରଖିବା ଉଦେଶ୍ୟରେ ଶାନ୍ତିକମିଟି ଗଠନ କରାଯାଇଛି। ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶାନ୍ତି କମିଟିରେ ଥାନା ଅଧିକାରୀ ଉମାକାନ୍ତ ନାୟକ, ସେକ୍ ଆବୁଲ କାଲାମ, ବନ୍ଧଡିହ ସରପଞ୍ଚ ବିଜୟ କୁମାର ଜେନା, ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ କମିଟି ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦିନ କେଇଟା ପରେ ମା' ଦୁର୍ଗା ବିଭିନ୍ନ ମଣ୍ଡପରେ ପୂଜା ପାଇବେ। ଏହି ଅବସରରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ଉଭୟ ସମ୍ପ୍ରଦାୟ ଲୋକଙ୍କୁ ନିବେଦନ କରାଯାଇଥିଲା। ଏହାଛଡା ଉଭୟ ସମ୍ପ୍ରଦାୟର ବିଭିନ୍ନ ପୂଜାପାର୍ବଣ ସମୟରେ ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ଭାବ ବଜାଇ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପାର୍ବଣ ତଥା ଅନ୍ୟ କୌଣସି ଘଟଣାକୁ ନେଇ କିଛି ବିବାଦ ସୃଷ୍ଟି ହେଲେ ଶାନ୍ତି କମିଟି ପକ୍ଷରୁ ଉକ୍ତ ବିବାଦକୁ ଆପୋଷ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଥାନା ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। କମିଟିର ସୁପରିଚାଳନା ଦିଗରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ମୁରବୀମାନଙ୍କ ପକ୍ଷରୁ ନାନା ପ୍ରସ୍ତାବମାନ ଦିଆଯାଇଥିଲା।

### ଓ୍ୟୁଡବ୍ଲ୍ୟୁଜେ ପକ୍ଷରୁ ଶୋକସଭା

**ବିରଜାକ୍ଷେତ୍ର,୧୨।୧୦(ଡି.ଏନ୍.ଏ):** ଯାଜପୁରର ଜଣେ ଲୋକାଦୃତ ଖବରଦାତା ଉତ୍କଳ ଜେନାଙ୍କ ବିୟୋଗରେ ଓ୍ୟୁଡବ୍ଲ୍ୟୁଜେର ଯାଜପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଏକ ଶୋକସଭା ଗୁରୁବାର ବୈତରଣୀ ନଦୀତଟସ୍ଥିତ ଦଶାଶ୍ୱମେଧ ଘାଟଠାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସଭାପତି ରବୀନ୍ଦ୍ର କୁମାର ରାଉତରାୟ ସଭାପତିତ୍ୱ କରିଥିଲା ବେଳେ ରାଜ୍ୟ ଉପସଭାପତି ତପନ ମହାରଣ୍ୟ ଶର୍ମା, ଉପଦେଷ୍ଟା ଭାସ୍କର ଚନ୍ଦ୍ର ଯେନା, ଜିଲା କମିଟିର ସମ୍ପାଦକ ଦିଲୀପ ଦାଶ, ଉପସଭାପତି ବିଜୟ ମହାରଣା, ଖବରଦାତା ତପନ ବେହେରା, ଅଭିମନ୍ୟୁ ମିଶ୍ର, କଳିଙ୍ଗ କେଶରୀ ମହାନ୍ତି, ଜୀବନ କୁମାର ସାହୁ, ନକୁଳ ଦେବ ସାହୁ ପ୍ରମୁଖ ଯୋଗଦେଇ ଉତ୍କଳ ଜଣେ ସ୍ୱାଭିମାନୀ ଖବରଦାତାଭାବେ କାର୍ଯ୍ୟ କରି ଯାଜପୁର ଅଞ୍ଚଳରେ ସୁନାମର୍ଜନ କରିଥିଲେ। ସେ ଚଳଚଞ୍ଚଳ ତଥା କର୍ମନିପୁଣତା ଯୋଗୁ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ମତ ପ୍ରକାଶ କରିଥିଲେ।

■ ଅବହେଳିତ ଅବସ୍ଥାରେ ସୁକିନ୍ଦାଗଡ଼ ମହାପ୍ରଭୁ

# ଅର୍ଥାଭାବରୁ ଲାଗି ହେଉଛି ଚିନି ଭୋଗ

**ସୁକିନ୍ଦା, ୧୨।୧୦(ଡି.ଏନ୍.ଏ.)**



ସୁକିନ୍ଦାଗଡ଼ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତକାନ୍ତିଠାରୁ ଆରମ୍ଭ କରି ଠାକୁରଙ୍କ ଜମିରୁ ଫସଲ ଆଦାୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଦେବୋତ୍ତର ବିଭାଗ ପକ୍ଷରୁ ଅବ୍ୟବସ୍ଥା କରାଯାଇଥିବା ଅଭିଯୋଗ ହୋଇଛି। ଅର୍ଥ ଅଭାବରୁ ମହାପ୍ରଭୁଙ୍କଠାରେ ଅନେକ ସମୟରେ ଚିନି ଭୋଗଲାଗି କରାଯାଉଥିବା ଜଣାପଡିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି।

ରାଜ୍ୟରେ ଅନୁଷ୍ଠିତ ହେଉଥିବା ପୁରାତନ ରଥଯାତ୍ରା ମଧ୍ୟରୁ ସୁକିନ୍ଦାର ଶ୍ରୀ ଜଗନ୍ନାଥ ରଥୋତ୍ସବ ଅନ୍ୟତମ। ତତ୍କାଳୀନ ରାଜା ଧନଞ୍ଜୟ ଭୂପତି ମନ୍ଦିରର ପ୍ରତିଷ୍ଠା କରିବା ସହିତ ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ୧୯୫୨ ମସିହା ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ତଥା ପରିଚାଳନା ସୁକିନ୍ଦା ରାଜ ପରିବାର ଉପରେ ନ୍ୟସ୍ତ ରହିଥିଲା। ରାଜତନ୍ତ୍ରର ଉଚ୍ଛେଦ ପରେ ତତ୍କାଳୀନ ରାଜା ପୀତାମ୍ବର ଭୂପତି ମହାପ୍ରଭୁଙ୍କ ନୀତିକାନ୍ତିର ସୁପରିଚାଳନା ପାଇଁ ୭ ଶହ ଏକର ଜମିର ବନ୍ଦୋବସ୍ତ କରିଥିଲେ । ଉକ୍ତ ଜମିରୁ ମହାପ୍ରଭୁଙ୍କର ବିଭିନ୍ନ ସେବା କାର୍ଯ୍ୟରେ ନିୟୋଜିତ ସେବାୟତମାନଙ୍କୁ ୨ ଶହ ଏକର ଜମି ଜାଗିର ସୂତ୍ରରେ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୫ ଶହ ଏକର ଜମିକୁ ଭାଗ ଚାଷୀଙ୍କୁ ପ୍ରଦାନ କରାଯାଇ ଖଜଣା ଆଦାୟ କରାଯାଉଥିଲା। ଦେବୋତ୍ତର ବିଭାଗ ଅଧିକାରୀ ତଥା ତହସିଲଦାର ମନ୍ଦିର ପରିଚାଳନା ନିମନ୍ତେ ବ୍ୟୟ କରିଆସୁଥିଲେ। ସମୟ କ୍ରମେ ବିଭାଗର ଦାୟୀତ୍ୱ ହୀନତା କାରଣରୁ ୧୯୯୨ ମସିହାରେ ବନ୍ଦୋବସ୍ତ ସମୟରେ ଅନେକ ଜାଗିରଦାର ଏବଂ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବିଶେଷ ଏହି ଜମିକୁ ବେଆଇନ ଭାବେ ନିଜ ନାମରେ କରାଇ ନେଇଥିଲେ। ଅପରପଟେ ବ୍ୟାସନଗରଠାରେ ଥିବା ତହସିଲ କାର୍ଯ୍ୟାଳୟ ବ୍ୟାସନଗର, ଦାନଗଦୀ ଏବଂ ସୁକିନ୍ଦାଠାରେ ୩ ଭାଗରେ ବିଭକ୍ତ ହୋଇ ପୃଥକ୍ ଭାବରେ କାର୍ଯ୍ୟାଳୟ ଚାଲିଛି। ସୁକିନ୍ଦା ଏବଂ କାଙ୍କଡପାଳ ରାଜସ୍ୱ ନିରୀକ୍ଷକଙ୍କ କ୍ଷେତ୍ରରୁ ମାତ୍ର ୭୩ ଏକର ସ୍ଥିତିବାନ ଜମିର କାଗଜ ମିଳିଛି। ଯାହା ରାଜାଙ୍କ ଦ୍ୱାରା ପ୍ରଦତ୍ତ ଜମିର ମାତ୍ର ୧୦ ପ୍ରତିଶତ । ଅବଶିଷ୍ଟ ଜମିର ହିସାବ ମିଳି ପାରି ନ ଥିବାରୁ ଖଜଣା ଆଦାୟ କରାଯାଇ ପାରୁ ନାହିଁ। ଅପରପଟେ ରେଙ୍ଗାଳି ପ୍ରକଳ୍ପରେ ଜଗନ୍ନାଥଙ୍କ ଜମି ସରକାରଙ୍କ ଦ୍ୱାରା ଅଧୀକୃତ ହୋଇଥିବା ବେଳେ ସେଥିରୁ ମିଳିଥିବା ଜମିର ମୂଲ୍ୟ ୪୦ ଲକ୍ଷ ଟଙ୍କା ଏବେ ସୁକିନ୍ଦା ଦେବୋତ୍ତର ବିଭାଗରେ ନ ରହି ଓଡ଼ିଶା ଦେବୋତ୍ତର ବିଭାଗରେ ଗଚ୍ଛିତ ରହିଛି । ଯାହାର ସୁଧ ଟଙ୍କାରେ ପ୍ରଭୁଙ୍କର ନୀତି ଲାଗି ସୁଚାରୁ ରୂପେ ହୋଇପାରନ୍ତା । ବିଭାଗୀୟ ଇଚ୍ଛାଶକ୍ତି ଅଭାବରୁ ଏହି ଟଙ୍କା ଅଦ୍ୟାବଧି ଆସିପାରି ନ ଥିବା ବେଳେ ଏହାକୁ ନେଇ ସୁକିନ୍ଦାବାସୀଙ୍କ ମନରେ ଅସନ୍ତୋଷ ବଢିବାରେ ଲାଗିଛି । ସ୍ଥାନୀୟ ଜନସାଧାରଣଙ୍କୁ ନେଇ ହୋଇଥିବା ଦେବୋତ୍ତର ସମିତି ସମ୍ପୂର୍ଣ୍ଣ ଭାବରେ ସ୍ଥାଣୁ ପାଲଟିଥିବା ବେଳେ ବିଭାଗ ତରଫରୁ ସେମାନଙ୍କୁ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ କରାଉ ନ ଥିବା ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଜିଲାର ବିଭିନ୍ନ ସ୍ଥାନରେ ଥିବା ସୁକିନ୍ଦା ଜଗନ୍ନାଥ ଜୀଉଙ୍କର ବହୁମୂଲ୍ୟ ଜମିର ପୁନରୁଦ୍ଧାର ନିମନ୍ତେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜମିମାଫିଆମାନେ ଏଥିରୁ ବହୁ ଅର୍ଥ ଉପାର୍ଜନ କରୁଛନ୍ତି। ସୁକିନ୍ଦା ଦେବୋତ୍ତର ବିଭାଗର ଅତିରିକ୍ତ ତହସିଲଦାର ଅସୀତ ମହାନ୍ତିଙ୍କୁ ପଚାରିବାରୁ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା କାରଣରୁ ଏ ବିଷୟରେ ବିଶେଷ କିଛି ଜାଣି ନ ଥିବା କହିଥିଲେ। ସୁକିନ୍ଦାଗଡ଼ ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ମହାପ୍ରଭୁଙ୍କ ଅବହେଳାକୁ ନେଇ ପ୍ରଶାସନକୁ ଦାୟୀ କରିଥିଲେ। ଏଥିସହିତ ଜମିକୁ ଜାଗିର ନେଇଥିବା ବ୍ୟକ୍ତିଙ୍କଠାରୁ ମାହାସୁଲ ଆଦାୟ ଏବଂ ପରିଚାଳନାରେ ବିଭାଗୀୟ ଅବହେଳା ପାଇଁ ନୀତିରେ ବିଭ୍ରାଟ ହେଉଛି ବୋଲି କହଛନ୍ତି। ସୁକିନ୍ଦା ସ୍ୱାଭିମାନ ସୁରକ୍ଷା ସଂଘ ଜମିର ପୁନରୁଦ୍ଧାର ସହିତ ମନ୍ଦିରର ସୁପରିଚାଳନା ନିମନ୍ତେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି।

**ସୁକିନ୍ଦାଗଡ଼**

- ୧୯୫୨ ପର୍ଯ୍ୟନ୍ତ ସୁକିନ୍ଦା ରାଜ ପରିବାର ଉପରେ ପରିଚାଳନା ଦାୟିତ୍ୱ ରହିଥିଲା
- ତତ୍କାଳୀନ ରାଜା ନୀତିକାନ୍ତିର ସୁପରିଚାଳନା ପାଇଁ ୭ ଶହ ଏକର ଜମିର ବନ୍ଦୋବସ୍ତ କରିଥିଲେ
- ରାଜସ୍ୱ ନିରୀକ୍ଷକଙ୍କ କ୍ଷେତ୍ରରୁ ମାତ୍ର ୭୩ ଏକର ସ୍ଥିତିବାନ ଜମି ମିଳିଛି

### 'କୁକୁଡ଼ାଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉ'

**ବରୀ,୧୨।୧୦(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତର ବୌଦ୍ଧ କୀର୍ତ୍ତିରାଜି ପାହାଡ ତଳେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଏ ନେଇ ସାମାଜିକ କର୍ମୀ ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ମଣିଷ ଅଣ୍ଡା ଖାଇବାର ଆବଶ୍ୟକତା ରହିଛି। ବିଶେଷକରି ଶିଶୁ ଓ ମହିଳାଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ଅଣ୍ଡା ଖାଇବା ଜରୁରୀ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ବରୀ ଅଞ୍ଚଳରେ କୁକୁଡା ଚାଷ ବୃଦ୍ଧି ପାଇଛି। ବେକାରୀ ଯୁବତୀ ଯୁବକ କୁକୁଡା ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଏହି ଚାଷକୁ ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଆଲୋଚନା ହୋଇଥିଲା। ନୀଳମଣୀ ସାମଲ, ଜିତେନ୍ଦ୍ର ନନ୍ଦ, ବ୍ରଜ କିଶୋର ଜେନା, ଅଜୟ କୁମାର ବଳ, ବରଦା ପ୍ରସନ୍ନ ସାହୁ, ଅଶୋକ ମଲିକ, ପ୍ରଦୀପ ମଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆସନ୍ତା ନିର୍ବାଚନ ପାଇଁ ଜିଲା ପ୍ରଶାସନର ସଜବାଜ

### ପରିଚାଳନା, ସମସ୍ୟା ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀବୃନ୍ଦ।

**ଯାଜପୁର ଅଫିସ,୧୨।୧୦**

ଜିଲା ନିର୍ବାଚନ ବିଭାଗ ପକ୍ଷରୁ ଶୁକ୍ରବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ନିରପେକ୍ଷ ନିର୍ବାଚନ ପରିଚାଳନା, ଅନ୍ୟାନ୍ୟ ସମ୍ଭାବ୍ୟ ସମସ୍ୟା ଓ ସମାଧାନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରି ମତଦାନକୁ ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ସମସ୍ତ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ। ତେଣୁ ଉପଯୁକ୍ତ ପ୍ରଶିକ୍ଷଣ ନେଇ ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ନିର୍ବାଚନ ବିଗତ ନିର୍ବାଚନ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ ବୋଲି ମତ ଦେଇଥିଲେ। ଏଥିରେ ବୈଷୟିକ ଜ୍ଞାନର ଉପଯୋଗ ସହ ଭିଭିପାଟର ବ୍ୟବସ୍ଥା ଏହାକୁ ଅଧିକ ଚ୍ୟାଲେଞ୍ଜିଂ କରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରତ୍ୟେକ ବୁଥକୁ ଅନୁଧ୍ୟାନ କରି ତାହାର ସମସ୍ୟା ଥିଲେ ସମାଧାନ, ସେହି ବୁଥର ଭୋଟରଙ୍କ ସ୍ଥିତି, ସେମାନଙ୍କ ସହ ସମ୍ପର୍କ, ତାହାର ସମ୍ବେଦନଶୀଳତା, ଜାତି, ଧର୍ମ ଇତ୍ୟାଦିରେ ଯେପରି କୌଣସି ବିଦ୍ୱେଷ ନ ରୁହେ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ସେ ଉପସ୍ଥିତ ବିଡିଓ, ତହସିଲଦାର, ପୋଲିସ ଅଧିକାରୀ, ସେକ୍ଟର ଅଫିସରଙ୍କୁ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଯୋଗଦେଇ ନିର୍ବାଚନ ଏବଂ ଘଟଣା ଅନୁସାରେ ପ୍ରସ୍ତୁତ ସମ୍ବେଦନଶୀଳ ବୁଥ୍‌ର ବର୍ତ୍ତମାନ ସ୍ଥିତି ଓ ଆଗାମୀ ଦିନରେ ତାହାର ସ୍ଥିତିକୁ ନେଇ ନିର୍ବାଚନ ସମୟରେ ଏହାକୁ ତର୍ଜମା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ବ୍ୟାପକ ସୂଚନା ଓ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ନିର୍ବାଚନ ଆୟୁକ୍ତଙ୍କ ବିଭିନ୍ନ ପରାମର୍ଶ ଏବଂ ଶୃଙ୍ଖଳିତ ମତଦାନ ପାଇଁ ବିଡିଓ, ସେକ୍ଟର ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦୋରା ଓ ଅକ୍ଷୟ କୁମାର ଦାସ ପ୍ରମୁଖ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଏଥିରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ପୋଲିସ ଏସଡିପିଓ, ଥାନା ଆଇଆଇସି, ସେକ୍ଟର ଅଫିସର ମାନେ ଯୋଗ ଦେଇଥିଲେ। ଶେଷରେ ଗତ ପଞ୍ଚାୟତ ଉପନିର୍ବାଚନରେ ମହିଳାଙ୍କ ଦ୍ୱାରା ପରିଚାଳିତ ହୋଇଥିବା ନିର୍ବାଚନର ପିଙ୍କ ବୁଥ ନାମରେ ଭିଡିଓକୁ ଉପସ୍ଥାପନ କରାଯାଇଥିଲା ।

### ଟ୍ରକ୍ ଚୋରି ଉଦ୍ୟମ ବିଫଳ

**କୋରେଇ,୧୨।୧୦(ସ୍ୱ.ପ୍ର.):** ୨୦ନଂ. ଜାତୀୟ ରାଜପଥ ରଗଡ଼ି ଚକ ନିକଟସ୍ଥ ଅନ୍ଧାରୀ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ ଟ୍ରକ୍ ଚୋରି କରିବାକୁ ଉଦ୍ୟମ କରୁଥିଲେ। କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏ ନେଇ ପୋଲିସ ଏକ ମାମଲା(୨୧୧/୧୮) ରୁଜୁ କରିଛି। ଅଭିଯୁକ୍ତ ହେଲେ ଯାଜପୁରରୋଡସ୍ଥିତ ବୃନଭାଟି ଅଞ୍ଚଳର ନାରାୟଣ ଦାସ(୨୮)।

### ଧର୍ମପରାୟଣାଙ୍କ ସ୍ମୃତିଚାରଣ ସଭା

**ଚଣ୍ଡିଖୋଲ,୧୨।୧୦(ଡି.ଏନ.ଏ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରସ୍ଥିତ ବାସଭବନରେ ଜଣେ ଧର୍ମପରାୟଣା ମହିଳା ବିଦ୍ୟୁତ୍‌ଲତା ପଟ୍ଟନାୟକଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ପ୍ରତିକା ଉନ୍ମୋଚିତ କରିଥିଲେ। ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, କିରଣ କୁମାର ଶତପଥୀ, ଫନିନ୍ଦ୍ରନାଥ ପଣ୍ଡା, ଅମିୟ ବିଶ୍ୱାଳ, ଅନିଲ କୁମାର ପଟ୍ଟନାୟକ, ଅନନ୍ତ ନାରାୟଣ ଧଳ, ଭାବଗ୍ରାହୀ ବିଶ୍ୱାଳ, ଅନନ୍ତ କୁମାର ସିଂ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

■ ଚତୁର୍ଥ ଦିନରେ ମା' ବିରଜାଙ୍କ ରଥଯାତ୍ରା

## ଆଜିଠାରୁ ଯଜ୍ଞ ଆରମ୍ଭ

**ବିରଜାକ୍ଷେତ୍ର,୧୨।୧୦(ଡି.ଏନ୍.ଏ)**

ପବିତ୍ର ପାର୍ବଣ ଉତ୍ସବ ନିମନ୍ତେ ଆରମ୍ଭ ହୋଇଥିବା ମା' ବିରଜାଙ୍କ ନବଦିନ ବ୍ୟାପୀ ରଥଯାତ୍ରା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଶନିବାରଠାରୁ ମା'ଙ୍କର ପଞ୍ଚମୀ ଆରମ୍ଭ ହେବ। ଏହି ପଞ୍ଚମୀ ଦିନଠାରୁ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ହୋମ ଆରମ୍ଭ ହେବ। ପଞ୍ଚମୀଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ୪ଦିନ ଧରି ଯଜ୍ଞ ହେବା ପରେ ପୂର୍ଣ୍ଣାହୁତି ଦିଆଯିବ। ଏହି ୪ଦିନ ତଥା ପଞ୍ଚମୀ, ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀ ଦିନ ଯଜ୍ଞରେ ସହସ୍ର ଆହୂତି ପ୍ରଦାନ କରାଯିବ। ଅଷ୍ଟମୀ ଦିନ ଯଜ୍ଞର ପୂର୍ଣ୍ଣାହୁତି ହେବ। ପଞ୍ଚମୀ ଦିନ ଯଜ୍ଞ ମଣ୍ଡପରେ ୫ଗୋଟି କଳସ ସ୍ଥାପନ ହେବ। ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଅନନ୍ତ ଓ ଗଣପତିଙ୍କ ନାମରେ କଳସ ସ୍ଥାପନ ହେବ। ଦ୍ୱିତୀୟାଷ୍ଟମୀ ଦିନ ଦୁର୍ଗା ଉତ୍ସବ ନିମନ୍ତେ ଯଜ୍ଞ ମଣ୍ଡପରେ ୧୦ଟି କଳସ ସ୍ଥାପନ ହୋଇସାରିଛି । ସେହିପରି ଦୁର୍ଗା ଉତ୍ସବ ନିମନ୍ତେ ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ଶୁକ୍ରବାର ଦ୍ୱାଦଶ ଦିନରେ ପହଞ୍ଚିଛି। ଷୋଡ଼ଶୋପଚାର ପୂଜା ଓ ରଥଯାତ୍ରା ପାଇଁ ଶୁକ୍ରବାର ସକାଳୁ ପୂଜକ ନାଗେନ୍ଦ୍ର ଭୂଷଣ କର ଦଶାଶ୍ୱମେଧ ଘାଟ ବ୍ରାହ୍ମଣଙ୍କ ଦ୍ୱାରା ଅଣାଯାଇଥିବା ବୈତରଣୀ ନଦୀ ଜଳରେ ମା'ଙ୍କୁ ସ୍ନାନ କରି ବେଶ କରିଥିଲେ। ଏହାପରେ ମା'ଙ୍କ ରତ୍ନ ସିଂହାସନରେ ପୂଜକ ନାଗେନ୍ଦ୍ର ଭୂଷଣ କର ଓ ପୁରୋଧା ଜ୍ଞାନରଞ୍ଜନ ପତି ଷୋଡ଼ଶୋପଚାର ପୂଜା କରିବା ସହ ଯଜ୍ଞ ମଣ୍ଡପରେ କଳସ ପୂଜା ଓ ଘଟପୂଜା ସମ୍ପନ୍ନ କରି ରଥ ଉପରେ ବିଜେ ପ୍ରତିମାଙ୍କ ପୂଜା କରିବା ପରେ



ମା'ଙ୍କ ପହୁଡ଼ ହୋଇଥିଲା। ଅପରାହ୍ନରେ ମା'ଙ୍କ ପହୁଡ଼ ଖୋଲିବା ପରେ ଶକ୍ତିବାଡ଼ି ଆର୍ସାକୁ ସେବାୟତ ଅମୂଲ୍ୟ ପାଣି ଛତା, ତରାସ, ଚାମର, ଘଣ୍ଟ, ବାଦ୍ୟ ଓ ସେବାୟତଙ୍କ ଗହଣରେ ରଥ ବିରାଜମାନ ହେବାପରେ ରଥ ଦାଣ୍ଡରେ ଉପସ୍ଥିତ ଥିବା ଭକ୍ତ ପୂର୍ବଦିନ ଥିବା ପୂର୍ବ-ଉତ୍ତର କୋଣରୁ ରଥକୁ ଟାଣି ଟାଣି ନେଇ ଦକ୍ଷିଣ-ପଶ୍ଚିମ କୋଣରେ ପହଞ୍ଚାଇଥିଲେ। ରଥଟଣା ସମାପ୍ତ ହେବାପରେ ରଥ ଉପରୁ ଆର୍ସା ବାଡ଼ିକୁ ଘଣ୍ଟ ଓ ବାଦ୍ୟ ବଜାଇ ମା'ଙ୍କ ରତ୍ନ ଗର୍ଭଗୃହରେ ଆର୍ସାବାଡ଼ି ବିଜେ ହେବାପରେ ମା'ଙ୍କ ଆରତୀ ହୋଇଥିଲା। ରାତିରେ ପୂର୍ବବତ୍ ଷୋଡ଼ଶୋପଚାର ପୂଜା, କଳସ ପୂଜା, ଘଟ ପୂଜା, ରଥରେ ବିଜେ ପ୍ରତିମାଙ୍କ ପୂଜା ହେବାପରେ ମା'ଙ୍କ ପହୁଡ଼ ହୋଇଥିଲା। ନବଦିନ ବ୍ୟାପୀ ଆରମ୍ଭ ହୋଇଥିବା ମା'ଙ୍କ ପାଦଦର୍ଶନ ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି।

■ ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ବିଞ୍ଝାରପୁର ଗସ୍ତ

## ଖରିଫ ଫସଲ କ୍ଷୟକ୍ଷତି ଆକଳନ

**ବିଞ୍ଝାରପୁର,୧୨।୧୦(ଡି.ଏନ.ଏ):** ରାଜ୍ୟ କୃଷି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଯୁଗ୍ମ କୃଷି ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ, ରାଜ୍ୟ ଖାଦ୍ୟ ସଂରକ୍ଷଣ ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ଉପକୃଷି ନିର୍ଦ୍ଦେଶକ ଶରତ ଚନ୍ଦ୍ର ପୃଷ୍ଟି, ଯାଜପୁର କୃଷି ଅଧିକାରୀ ବିମଳ କୁମାର ରସ୍ତାନୀ, ଯାଜପୁର ଖାଦ୍ୟ ସରଂକ୍ଷକ ଶ୍ରୀଧର ଦାସ ପ୍ରମୁଖ ବିଞ୍ଝାରପୁର ଗସ୍ତ କରି ଖରିଫ ଫସଲର କ୍ଷୟକ୍ଷତି ସମ୍ପର୍କରେ ଆକଳନ କରିଥିବା ଜଣାପଡିଛି। ସୂଚନା ଯେ, ବିଞ୍ଝାରପୁର ବ୍ଲକରେ ଅଦିନିଆ ବର୍ଷା ଫଳରେ ୧୦ହଜାର ୬୩୦ ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ନେଇ ବ୍ଲକ କୃଷି ଅଧିକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହି କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ କରିବାକୁ କୃଷି ବିଭାଗର ଏହି ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ପୂର୍ବାହ୍ନରେ ବିଞ୍ଝାରପୁରରେ ପହଞ୍ଚି କପିଳା, ମାଁସଡା ଓ ବରପଦା ପଞ୍ଚାୟତର ଚାଷଜମି ପରିଦର୍ଶନ କରିବା ସହ କେତେକ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ କ୍ଷୟକ୍ଷତି ସମ୍ପର୍କରେ ଚାଷୀମାନେ ଅଭିଯୋଗ କରିଥିଲେ। ଚାଷୀଙ୍କ ଅଭିଯୋଗକୁ ଭିତ୍ତି କରି କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଯୁଗ୍ମ କୃଷି ନିର୍ଦ୍ଦେଶକ ଦାସ ସୂଚନା ଦେଇଥିଲେ। କୃଷି ବିଭାଗର ଏହି ଟିମକୁ ବିଞ୍ଝାରପୁର ସହକାରୀ କୃଷି ଅଧିକାରୀ ରଘୁନାଥ ଜେନା ଓ କର୍ମଚାରୀ ସଞ୍ଜୀବ କୁମାର ସାମଲ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଅଦିନିଆ ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକର ମାଁସଡା, ଚିକଣା, ଫତେପୁର, ଚିଣା, ଜରୀ, ବାଙ୍ଗରା, କପିଳା, ପ୍ରୀତିପୁର, ଉତ୍ତରକୂଳ, ଆଉଁରୀ ଆଦି ପଞ୍ଚାୟତ ୧୦ହଜାର ୬୩୦ହେକ୍ଟର ଚାଷଜମି ଜଳମଗ୍ନ ହୋଇ ଖରିଫ ଫସଲ ସମ୍ପୂର୍ଣ୍ଣ ଧୋଇ ଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକ ପ୍ରତିନିଧିମାନେ କ୍ଷତିପୂରଣ ପାଇଁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ।



କୃଷି ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି।

■ ଅବ୍ୟବସ୍ଥାରେ ସାହାସପୁର ମହାବିଦ୍ୟାଳୟ

## ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଅଭିଯୋଗ

**ବାଲିଚନ୍ଦ୍ରପୁର,୧୨।୧୦(ସ୍ୱ.ପ୍ର.)**




ସାହାସପୁର ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ୧୯୭୮ରେ ସ୍ଥାପିତ ହୋଇଥିବା ସାହାସପୁର ମହାବିଦ୍ୟାଳୟ ଯାଜପୁର ଜିଲାର ପୁରାତନ ମହାବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅନ୍ୟତମ। ପ୍ରତିଦିନ ରୁଟିନ ଅନୁଯାୟୀ ସକାଳ ୮.୩୦ରୁ କ୍ଲାସ ଆରମ୍ଭ ହୋଇ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ଚାଲିଥାଏ। ହେଲେ ୭ ଘଣ୍ଟା ମଧ୍ୟରେ ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। କାରଣ କେତେଜଣ ଅଧ୍ୟାପିକା ଅଧ୍ୟାପକ ଠିକ୍ ସମୟରେ ଆସୁଥିଲାବେଳେ ଅନ୍ୟ କେତେଜଣ ମନଇଚ୍ଛା ଆସିଥାନ୍ତି। ଏପରି କି କେତେଜଣ ଅଧ୍ୟାପିକା ଅଧ୍ୟାପକ ମହାବିଦ୍ୟାଳୟକୁ ନ ଆସି ଅନ୍ୟ କାହାକୁ ଦାୟିତ୍ୱ ଦେଇ ଖସି ଯାଆନ୍ତି। ସରକାରୀ ନିୟମ ଅନୁଯାୟୀ ଅଧ୍ୟାପକମାନେ ହେଡକ୍ୱାର୍ଟରରୁ ୮ କି.ମି. ମଧ୍ୟରେ ରହିବା କଥା। ହେଲେ ସେମାନେ ମହାବିଦ୍ୟାଳୟଠାରୁ ଅନେକ ଦୂରରେ ରହି ଦୈନିକ ଯାତାୟାତ କରିଥାନ୍ତି। ଫଳରେ ଠିକ ସମୟରେ ପହଞ୍ଚିବା ସମ୍ଭବ ହୋଇ ନ ଥାଏ। ୨୦୧୩-୧୪ ଶିକ୍ଷା ବର୍ଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା. ୧୮୭୦୭,୨୦।୪।୧୯୯୮ର ନିୟମ ଉଲ୍ଲଂଘନ କରି ସମ୍ପୂର୍ଣ୍ଣଭାବେ ବେଆଇନ ନିଯୁକ୍ତି କରିଥିବା ଉକ୍ତ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଆର୍ଥିକ ବର୍ଷରେ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥ ମଧ୍ୟରୁ ୪ ଲକ୍ଷ ୪୨ ହଜାର ୫୮୦ ଟଙ୍କା ଆତ୍ମସାତ୍ କରାଯାଇଛି। ଏପରି କି ଆବଶ୍ୟକତାଠାରୁ ଅଧିକ ନିଯୁକ୍ତି ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ୨୦୧୫-୧୬ ଆର୍ଥିକ ବର୍ଷରେ ମନମୁଖି ଭାବେ ୬ ଲକ୍ଷ ୪୩ ଜହାର ୭୩୪ ଟଙ୍କା ବ୍ୟୟ କରାଯାଇଥିବା ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଆଦେଶ ସଂଖ୍ୟା ୧୮୭୦୭କୁ ମହାବିଦ୍ୟାଳୟ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା।

- ୨୦୧୫-୧୬ ଆର୍ଥିକ ବର୍ଷରେ ୬ ଲକ୍ଷ ୪୩ ଜହାର ୭୩୪ ଟଙ୍କା ଆତ୍ମସାତ୍
- ୨ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୨୫ ହଜାର ଓ ୯୬ ହଜାର ଟଙ୍କା ମଞ୍ଜୁର

ଫଳରେ ନିଯୁକ୍ତି ସମୟରେ ସମ୍ପୃକ୍ତ ମହାବିଦ୍ୟାଳୟର ପରିଚାଳନା କମିଟି ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଅନୁମତି ନ ଆଣିଲେ ନିଯୁକ୍ତି ପ୍ରଦାନ କରିପାରିବେ ନାହିଁ ବୋଲି ଉଚ୍ଚ ଶିକ୍ଷା ବିଭାଗ ଭୁବନେଶ୍ୱର ପକ୍ଷରୁ ଚିଠି ନଂ. ୧୨୦୧୮, ୨୪।୯।୨୦୧୪ରେ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ରାଜନୈତିକ ଚାପରେ ବ୍ୟାପକ ଅନିୟମିତତା କରାଯାଇଥିବା ଜଣାପଡିଛି। ସେହିପରି ରାଜନୈତିକ ପୃଷ୍ଠପୋଷକତାରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅନେକ କର୍ମଚାରୀ ମହାବିଦ୍ୟାଳୟକୁ ନ ଆସି ଦରମା ନେଉଥିବା ଅଭିଯୋଗ ହୁଏ। ସେହିପରି ସାହାସପୁର ମହାବିଦ୍ୟାଳୟରେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନଜରକୁ ଆସିଛି। ଉକ୍ତ ମହାବିଦ୍ୟାଳୟରେ ଗତ ୧୬।୮।୨୦୧୮ରେ କେତେକ ଗୃହ, ଫାଟକ ଓ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିର୍ମାଣ କରାଯାଇଥିଲା। ମୁଖ୍ୟ ଫାଠକ ଜିଲା ପରିଷଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମାଣ କରାଯାଇଥିବା ଫଳକରେ ଦର୍ଶାଯାଇଛି। ମାତ୍ର ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ଏ ପର୍ଯ୍ୟନ୍ତ ଜିଲା ପରିଷଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଫାଟକ ନିର୍ମାଣ ନିମନ୍ତେ କୌଣସି ଅର୍ଥ ମିଳିନାହିଁ। ଜିଲା ପରିଷଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨ଟି ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୨୫ ହଜାର ଓ ୯୬ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଏ ନେଇ କଲେଜର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କମଳ ଲୋଚନ ରାଜଙ୍କୁ ପଚାରିବାରେ, ବିନା କାର୍ଯ୍ୟରେ ବିଲ୍ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି କହିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବେଉରାଙ୍କୁ ପଚାରିବାରେ, ସେ ଏ ବିଷୟରେ କିଛି ଜାଣିନାହାନ୍ତି। ପୂର୍ବରୁ ଥିବା ଅଧ୍ୟକ୍ଷ ଆସିଲେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି କହିଥିଲେ।

# କାର୍ଯ୍ୟାନୁଷ୍ଠାନ ଭୟରେ ବିଦ୍ୟାଳୟକୁ ଆସିଲେ ଶିକ୍ଷକ

■୫୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଚେତାବନୀ
■ ରସୁଲପୁର ବ୍ଲକ ଶିକ୍ଷକ ମହଲରେ ଛନକା

ରସୁଲପୁର,୧୨।୧୦(ଡିଏନଏ)

ବାତ୍ୟା 'ତିତ୍‌ଲି' ପାଇଁ ବିଦ୍ୟାଳୟ ୨ଦିନ ଛୁଟି ରହିଥିବା ବେଳେ ଏହି ଦିନଗୁଡ଼ିକରେ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଏହା ସହିତ ସ୍ଥିତି ସମ୍ପର୍କରେ ସଜାଗ ରହିବାକୁ ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଚିଠି କରାଯାଇଥିଲା। ମାତ୍ର ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟକୁ ନ ଆସିବାରୁ ଗୁରୁବାର ବିଞ୍ଝାରପୁର ବ୍ଲକରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ଅନୁପସ୍ଥିତ ଥିବା ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ। ଏହା ଜାଣିବା ପରେ ରସୁଲପୁର ବ୍ଲକର ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯିବା ଭୟରେ ଶୁକ୍ରବାର ସକାଳୁ ପ୍ରବଳ ବର୍ଷାରେ ଭିଜି ଭିଜି ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟକୁ ଯାଇଥିଲେ। ମାତ୍ର ଅନେକ ବିଦ୍ୟାଳୟ ଗେଟ୍‌ରେ ତାଲା ଝୁଲୁଥିବାରୁ ସେମାନେ ପୁଣି ବର୍ଷାରେ ଭିଜି ଭିଜି ଘରକୁ ଫେରି ଆସିଥିବା ଜଣାପଡ଼ିଛି।

ବାତ୍ୟା ତିତ୍‌ଲିର ପ୍ରଭାବକୁ ଦୃଷ୍ଟିରେ ରଖି ଯାଜପୁର ଜିଲାର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୧ ଓ ୧୨ତାରିଖକୁ ଛୁଟି ଘୋଷଣା କରାଯାଇଥିଲା। ଏହି ଦିନଗୁଡ଼ିକରେ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ରହିଥିବା ବେଳେ ଏହି ଅବସରରେ ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନର ଚିଠି ନଂ–୨୨୬୨୯,୧୦।୧୦।୨୦୧୮ରେ ପ୍ରତ୍ୟେକ ବିଦ୍ୟାଳୟ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଚିଠିରେ ଦର୍ଶାଯାଇଛିଯେ, ବାତ୍ୟା ପ୍ରଭାବିତ ଅସୁରକ୍ଷିତ ଲୋକଙ୍କ ପାଇଁ ବିଦ୍ୟାଳୟ ପ୍ରକୋଷ୍ଠଗୁଡ଼ିକ ଖୋଲା ରହିବ। ଆବଶ୍ୟକସ୍ଥଳେ ବିଦ୍ୟାଳୟଗୁଡ଼ିକରେ ଆଶ୍ରିତ ଲୋକଙ୍କୁ ମଧ୍ୟାହ୍ନଭୋଜନ ଚାଉଳରୁ ମାଗଣା ରୋଷେଇ କରି ଖାଦ୍ୟ ଯୋଗାଇ ଦିଆଯିବ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସହାୟତା ପ୍ରଦାନ କରିବେ। ଜିଲା ଓ ବ୍ଲକ ଶିକ୍ଷାଧିକାରୀମାନେ ହେଡକ୍ୱାର୍ଟରରେ ଉପସ୍ଥିତ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ କି ଛୁଟିରେ ରହିପାରିବେ ନାହିଁ। ରିଲିଫ କମିଶନଙ୍କ ଏହିଭଳି କେତୋଟି ସତର୍କତାମୂଳକ ସୂଚନା ସମ୍ପର୍କରେ ବିଦ୍ୟାଳୟକୁ ଜଣାଇ ଦିଆଯିବା ସହ ପ୍ରଧାନଶିକ୍ଷକମାନେ ସ୍ଥିତି ସମ୍ପର୍କରେ ସଜାଗ ରହିବାକୁ କୁହାଯାଇଥିଲା। ରସୁଲପୁର ବ୍ଲକ ଅଞ୍ଚଳରେ ବର୍ଷାର ପ୍ରକୋପ ରହିଥିଲା। ମାତ୍ର ଏଥିରେ କୌଣସି ପରିବାର ବିଶେଷ କ୍ଷତିଗ୍ରସ୍ତ ହୋଇ ନ ଥିଲେ କିମ୍ବା କୌଣସି ପରିବାର ବିଦ୍ୟାଳୟରେ ଆଶ୍ରୟ ନେଇ ନ ଥିବା ବିଭିନ୍ନ ସ୍ଥାନରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ତେବେ ବିଞ୍ଝାରପୁର ବ୍ଲକରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀମାନେ ଗୁରୁବାର ସ୍କୁଲ ପରିଦର୍ଶନ କରି ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଥିଲେ। ଏହା ଶୁଣିବା ପରେ ରସୁଲପୁର ବ୍ଲକର ଶିକ୍ଷୟିତ୍ରୀଶିକ୍ଷକ ଛାନିଆ ହୋଇ ବର୍ଷାକୁ ଖାତିର ନ କରି ବିଦ୍ୟାଳୟକୁ ଯାଇ ଫେରିଥିବା ଦେଖିବାକୁ ମିଳିଥିଲା।। ଏ ସମ୍ପର୍କରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କରଙ୍କୁ ପଚାରିବାରୁ, ବାତ୍ୟା ସ୍ଥିତି ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ସଜାଗ ରହିବାକୁ କୁହାଯାଇଛି। ସେମାନଙ୍କ ସହ ଯୋଗାଯୋଗ କରାଯାଉଛି। ଏହି ବ୍ଲକରେ ଜରୁରୀକାଳିନ ସ୍ଥିତି ଉପୁଜିନାହିଁ ବୋଲି କହିଛନ୍ତି।




# ତିତ୍‌ଲି ପ୍ରଭାବରେ ଚାଷ ଜମି ଜଳମଗ୍ନ, ରାସ୍ତା ଉପରେ ପଡିଲା ଗଛ

ଧର୍ମଶାଳା, ୧୨।୧୦(ଡି.ଏନ୍.ଏ.)

ତିତ୍‌ଲି ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଧର୍ମଶାଳା ବ୍ଲକର ବହୁ ଚାଷ ଜମିରେ ପାଣି ଜମିରହିଛି । ଗୁରୁବାର ବ୍ଲକରେ ୧୧୧ ମିମି ବର୍ଷା ହୋଇଥିବା ବେଳେ ଶୁକ୍ରବାର ସାମାନ୍ୟ କମ୍ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁ ଚାଷ ଜମିରେ ପାଣି ଜମି ରହିବା ଫଳରେ ବିରି ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବାର ଆଶଙ୍କା ଦେଖାଦେଇଛି । ବିଶେଷ କରି ପାଟପୁର, ମିର୍ଜାପୁର, ବଡ଼କାଏମା, ଅଭୟପୁର, କୋଟପୁର, ଦେଉଦା, ଉତ୍ତରପ୍ରତାପ, ମଙ୍ଗଳପୁର, ଅରାବଳ, ଭବାନୀପୁର, ଗଙ୍ଗାଧରପୁର, କମାଗଡ ଆଦି ବିଭିନ୍ନ ପଞ୍ଚାୟତର ହେକ୍ଟର ହେକ୍ଟର ଜମିରେ ଚାଷିମାନେ ରବିଜାତୀୟ ଫସଲ କରିଛନ୍ତି। କିଛି ଦିନ ତଳେ ଚାଷୀମାନେ ଜମିରେ ବିରି ବିହନ ବୁଣିଥିବା ବେଳେ ଏବେ ଗଛଗୁଡିକ ବଢୁଥିବା ସମୟରେ ହଠାତ ଲଗାଣ ବର୍ଷା ଯୋଗୁ ଜମିରେ ପାଣି ଜମି ରହିବା ଯୋଗୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ନେଇ ବହୁ ଚାଷୀ କହିଛନ୍ତି। ଧାର କରଜ କରି ଏହି ଲାଭଦାୟକ ଫସଲ କରିଥିବା ବେଳେ ବର୍ଷାରେ ସବୁକିଛି ଧୋଇ ହୋଇଯିବା ଫଳରେ ଚାଷୀ ମୁଣ୍ଡରେ ଚଡକ ପଡିଯାଇଛି। ସେହିପରି ବିଲରେ ଲଗାଯାଇଥିବା ପନିପରିବା ଫସଲ ମଧ ଧୋଇ ଯାଇଛି । ସେପ୍ଟେମ୍ବର ମାସରେ ବର୍ଷା ଛାଡିବା ପରେ ଚାଷୀ ବିଲ ପ୍ରସ୍ତୁତ କରି ବିଲାତି ବାଇଗଣ, ବାଇଗଣ, କୋବ, ମୂଳା, କଲରା, ପୋଟଳ, କାକୁଡି, ଲଙ୍କା ଆଦି ପନିପରିବା ଚାଷ କରିଥିଲେ । ଏବେ ପତ୍ରବାହାରିବା ସମୟରେ ଜମିରେ ପାଣି ଜମିବାରୁ ଫସଲ ନଷ୍ଟ ହୋଇଛି। ଧର୍ମଶାଳା–କବାଟବନ୍ଧ ପୂର୍ତ୍ତ ବିଭାଗ ରାସ୍ତାର ଇମାମନଗର ନିକଟରେ ବହୁ ପୁରୁଣା ବରଗଛ ଘୂର୍ଣ୍ଣିବାତ୍ୟା ଫଳରେ ଉପୁଡିଯାଇ ରାସ୍ତା ଉପରେ ପଡିରହିବା ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ତେବେ ବର୍ଷା କମିବା ପରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ଧର୍ମଶାଳା କୃଷିଅଧିକାରୀ କହିଛନ୍ତି।


ରାସ୍ତା ଉପରେ ପଡିଥିବା ଗଛ ।

# ଲଗାଣ ବର୍ଷାରେ ଛତିଆ ବେହାଲ

ଛତିଆ,୧୨।୧୦(ଡିଏନ୍‌ଏ)

ଲଗାଣ ବର୍ଷା ଯୋଗୁ ବଡ଼ଚଣା ଜଳସେଚନ ବିଭାଗ ଅଧୀନ କଣ୍ଟେଇଝର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସର୍‌ପ୍ଲସ୍ ବନ୍ଧରେ ୧୦ ଫୁଟର ଘାଇ ସୃଷ୍ଟି ହୋଇଛି । ପ୍ରକାଶ ଯେ, ତିତଲି ପ୍ରଭାବରେ ଛତିଆ ଅଞ୍ଚଳରେ ୩ ଧରି ବର୍ଷା ହେବାରୁ ସର୍‌ପ୍ଲସ ମାଧମରେ ଜଳ ନିଷ୍କାସିତ ହେଉଥିଲା । କ୍ଷମତାରୁ ଅଧିକ ଜଳ ପ୍ରବାହିତ ହେବାରୁ ସର୍‌ପ୍ଲସ୍ ବନ୍ଧର ପ୍ରାୟ ୧୦ଟି ସ୍ଥାନରେ ପାଣି ବନ୍ଧଡେଇଁ ବାହାରକୁ ଯାଉଥିଲା । ଫଳରେ ଗ୍ରାମବାସୀ ବନ୍ଧର ବିଭିନ୍ନ ସ୍ଥାନରେ ମାଟି ପକାଇଥିଲେ। ମାତ୍ର ନୂଆ ପୋଖରୀ ପାଖରେ ଅଧିକ ଜଳ ପ୍ରବାହିତ ହେବାରୁ ୧୦ ଫୁଟର ଘାଇ ସୃଷ୍ଟି ହୋଇଛି । ଫଳରେ ବରୁଣିଆ ଗ୍ରାମର ଗୋଲଖ ସାହୁ ଓ ଝୁଲଣ ସାହୁଙ୍କ ଘରେ ପାଣି ପଶିବା ସହ ବରୁଣିଆ ପଇଦା ରାସ୍ତା ଉପରେ ଜଳ ପ୍ରବାହିତ ହେଉଛି। ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

# ଦୁର୍ଗାପୂଜା, କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର ରୋଡ,୧୨।୧୦(ନି.ପ୍ର.)

କଳିଙ୍ଗନଗର ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ(କେଏନ୍‌ଡିଏ)ରେ ଶୁକ୍ରବାର ଦୁର୍ଗାପୂଜା ଓ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଯାଜପୁରରୋଡ ଓ କଳିଙ୍ଗନଗର ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସହରର ଟ୍ରାଫିକ୍, ବିଦ୍ୟୁତ୍ ଓ ପାନୀୟଜଳ ସମସ୍ୟା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । କାଳୀପୂଜା ପାଇଁ ଏକ ସ୍ୱତନ୍ତ୍ର ବୈଠକ ବସିବାକୁ ନିଷ୍ପତ୍ତି ହୋଇଥିଲା । ସହରର ରାସ୍ତାଘାଟ ମରାମତି ସହ ପୌର ପରିଷଦ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଅତିରିକ୍ତ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ । ଗୋଟିଏ ଦିନରେ ଭସାଣି ଉତ୍ସବ ହେବ ବୋଲି ପ୍ରଶାସନ ତରଫରୁ କୁହାଯାଇଥିଲା । ବ୍ୟାସନଗର ତହସିଲଦାର ରଶ୍ମିତା ସ୍ୱାଇଁ, ଦାନଗଦି ତହସିଲଦାର ବୁଲବୁଲ ବେହେରା, ଯାଜପୁରରୋଡ ଏସ୍‌ଡିପିଓ କେଦାରନାଥ ସାହୁ, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର, ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଓ ଅଗ୍ନିଶମ ବିଭାଗ ସହ ଯାଜପୁରରୋଡ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ଜଳବିଭାଜିକା କାର୍ଯ୍ୟାଳୟରେ ତାଲା, ପ୍ରକଳ୍ପ ଅଧିକାରୀଙ୍କ ମିଳୁନି ଦେଖା

ରସୁଲପୁର,୧୨।୧୦(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ଜଳବିଭାଜିକା କାର୍ଯ୍ୟାଳୟରେ ତାଲା ଝୁଲୁଛି । କାର୍ଯ୍ୟ ଦିବସରେ ଅଫିସକୁ କର୍ମଚାରୀମାନେ ଆସୁ ନ ଥିବା ଜଣାପଡିଛି। ପ୍ରକଳ୍ପ ଅଧିକାରୀ ଧ୍ରୁବ ପଣ୍ଡା କାର୍ଯ୍ୟାଳରେ ଅନୁପସ୍ଥିତ ରହୁଛନ୍ତି। ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ଠିକାକର୍ମଚାରୀମାନେ ମନଇଚ୍ଛା କାମ କରୁଛନ୍ତି। ଫଳରେ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ମୃତ୍ତିକା ଓ ଜଳ ସଂରକ୍ଷଣ ସହ ଏହାର ଉପଯୁକ୍ତ ବ୍ୟବହାର କରିବା ଦାଇତ୍ୱ ବିଭାଗର ଅଧୀନ ରହିଛି । ଏ ନେଇ ଚାଷ ଜମିରେ ପୋଖରୀ ଖନନ, ଜଳ ସଂରକ୍ଷଣ ପାଇଁ ଚାଷ ଜମିରେ ଆଡି ବନ୍ଧ ନିର୍ମାଣ, ପୋତି ହୋଇଥିବା ନାଳର ପୁନଃରୁଦ୍ଧାର, ମୃତ୍ତିକା ସଂରକ୍ଷଣ ପାଇଁ ବୃକ୍ଷରୋପଣ ଆଦି ବିଭିନ୍ନ ଦିଗରେ ବିଭାଗ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଉଛି। ବ୍ଲକର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ତଦାରଖ ଓ କାଗଜପତ୍ର କାର୍ଯ୍ୟ କରିବା ପାଇଁ ୬ଜଣ କର୍ମଚାରୀ ଠିକାରେ ନିୟୋଜିତ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଯନ୍ତ୍ରୀ ଓ ୫ଜଣ ଅଫିସ ପରିଚାଳକ(କ୍ଷୁଦ୍ର ପ୍ରକଳ୍ପ ପ୍ରୋତ୍ସାହନକାରୀ) ରହିଛନ୍ତି । ବର୍ଷାଦିନରେ ଜଳ ବିଭାଜିକାର ଅନେକ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି । ଅନେକ ପ୍ରକଳ୍ପ ଅଧପନ୍ତରିଆ ଭାବରେ ପଡିରହିଛି। କାର୍ଯ୍ୟ ଆରମ୍ଭ ସମୟରେ ବିଭାଗ ପକ୍ଷରୁ ଆଇନଗତ ଦିଗପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରକଳ୍ପଗୁଡିକ ଅଧପନ୍ତରିଆ ଭାବରେ ପଡି ରହିଥିବା ଚର୍ଚ୍ଚା ଜୋର ଧରିଛି । ପ୍ରକଳ୍ପର ଅବଧି ୨୦୧୯ରେ ଶେଷ ହେଉଥିବାରୁ କର୍ମଚାରୀମାନେ ଅଫିସ କାର୍ଯ୍ୟକୁ ଗୁରୁତ୍ୱ ଦେଉ ନ ଥିବା ଜଣାପଡିଛି। କାର୍ଯ୍ୟାଳୟଟି ଏକ ଭଡା ଘରେ ଚାଲିଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟରେ ଘରଟି ରହିଛି । ଅପରପଟେ କାର୍ଯ୍ୟାଳୟ ସମ୍ମୁଖରେ କୌଣସି ସୂଚନା ଫଳକ ଲାଗି ନ ଥିବାରୁ କାର୍ଯ୍ୟାଳୟ ସମ୍ପର୍କରେ ଜାଣିପାରୁ ନାହାଁନ୍ତି । ଏ ସମ୍ପର୍କରେ ପ୍ରକଳ୍ପ ଅଧିକାରୀ ଧ୍ରୁବ ପଣ୍ଡାଙ୍କୁ ପଚାରିବାରୁ ସେ ୫ଟି ଅଫିସ ଦାଇତ୍ୱରେ ଅଛନ୍ତି । ଠିକା କର୍ମଚାରୀମାନେ ରସୁଲପୁର ଅଫିସ ଖୋଲୁଥିବେ ବୋଲି ଅତି ସେ କହିଛନ୍ତି।

# ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା

ଚଣ୍ଡିଖୋଲ,୧୨।୧୦(ଡି.ଏନ.ଏ)

ଦର୍ପଣ ତହସିଲ କାର୍ଯ୍ୟାଳୟଠାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ତହସିଲଦାର ଅଶୋକ କୁମାର ଦାସଙ୍କ ଉପସ୍ଥିତିରେ ଶୁକ୍ରବାର ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୦ ତାରିଖରେ ଚଣ୍ଡିଖୋଲ ଟ୍ରାଫିକ୍ ଛକ ଉପରେ ଏକ ଟ୍ରକ୍ ଧକ୍କାରେ ଭିକାରୀ ସାହୁଙ୍କ ପୁଅ ନରେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଯାଜପୁର ଏସ୍‌ପି ଚରଣ ସିଂ ମୀନା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଜିଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମାଲିକ ପୂର୍ବରୁ ନରେନ୍ଦ୍ରଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ସାଲେପୁର,୧୨।୧୦(ଡି.ଏନ.ଏ.):

ସାଲେପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଘରେ ପସି ଟଣାଓଟରା କରିଥିବା ଅଭିଯୋଗରେ ଶୁକ୍ରବାର ଜଣେ ଯୁବକ ଗିରଫ ହୋଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ଜଗକୁଦ ଫାଣ୍ଡି ଅଧୀନ ସାବିତ୍‌ପୁର ଗ୍ରାମର ତପନ ଓରଫ୍ ବାବୁନା ସାମଲ(୨୯)। ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟଙ୍କ ସୂଚନା ଅନୁଯାୟୀ, ବାବୁନା ମଧ୍ୟରାତ୍ରିରେ ସମ୍ପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ମହିଳା ଜଣଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଏ ସମ୍ପର୍କରେ ମହିଳାଙ୍କ ପକ୍ଷରୁ ଶୁକ୍ରବାର ଅଭିଯୋଗ ହେବାପରେ ମାମଲା (ନଂ–୨୩୫/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ବର୍ଷାରେ ଭାଙ୍ଗିଲା ୩୦ରୁ ଉର୍ଦ୍ଧ୍ୱ ଘର

କୋରେଇ,୧୨।୧୦(ସ୍ୱ.ପ୍ର.)

ତିତ୍‌ଲି ପ୍ରଭାବରେ ଲାଗି ରହିଥିବା ବର୍ଷା ଯୋଗୁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ କୋରେଇ ବ୍ଲକରେ ୩୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦସଙ୍କେତ ୧୭.୮୩ ମିଟର ଥିବା ବେଳେ ଏବେ ୧୬.୯୩ ମି. ରହିଛି। ହେଲେ ବର୍ଷା ଲାଗି ରହିଲେ ଶନିବାର ସୁଦ୍ଧା ବିପଦ ସଙ୍କେତ ଉପରକୁ ଜଳସ୍ତର ବଢିବାର ସମ୍ଭାବନା ରହିଛି ବୋଲି ବୈତରଣୀ ବନ୍ଧ କର୍ମକର୍ତ୍ତା କହିଛନ୍ତି। କୋରେଇ ବ୍ଲକର ବରୁଣ୍ଡାଇ ଏବଂ ତୁଳତୀ ପଞ୍ଚାୟତରେ ୩୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ରାଉତସାହି, କମାର ସାହି, ପଣ୍ଡାସାହି, ଖଜିରାବିନ୍ଧା ଏବଂ ଅଲଖାଗଡିଆ ହରିଜନସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବରୁଣ୍ଡାଇସ୍ଥିତ ପ୍ରାଣକୃଷ୍ଣ କଲେଜ ଏବଂ ମେଡିକାଲ ରୋଡ଼ ରାସ୍ତାରେ ୩ ଫୁଟର ପାଣି ଚାଲୁଛି। ବୈତରଣୀ କଲେଜ ପାଣିଘେରରେ ରହିଛି। ସେହିପରି ତୁଳତୀ ପଞ୍ଚାୟତ ସୁନ୍ଦରପୋଖରୀ ଗ୍ରାମର ଟୁନା ଜେନା, ଆଖନପୁର ହରିଜନସାହିର ଚୈତନ ପେରେଇ, କୋଗାଁର ପଦନ ଲେଙ୍କାଙ୍କ ଘର ଭାଙ୍ଗିଯାଇଛି। ଏ ନେଇ ବରୁଣ୍ଡାଇ ସରପଞ୍ଚ ସୌଭାଗ୍ୟ ମହାନ୍ତ ଏବଂ ତୁଳତୀ ସରପଞ୍ଚ ଦୀପ୍ତିମୟି କୁଅଁର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ଆର୍‌ଆଇଙ୍କୁ କ୍ଷୟକ୍ଷତିର ଆକଳନ କରିବାକୁ କହିଥିଲେ। ଏଥିସହ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପଲିଥିନ୍ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏଥିସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ କୋରେଇ ବିଡିଓଙ୍କୁ ମଧ ନିବେଦନ କରିଛନ୍ତି।



## କୋରେଇ ବ୍ଲକ

■ରାସ୍ତା ଉପରେ ୩ ଫୁଟର ପାଣି
■୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ
■କ୍ଷତିଗ୍ରସ୍ତଙ୍କୁ ପଲିଥିନ୍, ଘର ଯୋଗାଇଦେବାକୁ ଦାବି

## ହୋଇପାରୁନି ଜଳ ନିଷ୍କାସନ, ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି



ଯାଜପୁରରୋଡ,୧୨।୧୦(ନି.ପ୍ର.)

ଲଗାଣ ବର୍ଷା ଯୋଗୁ ଯାଜପୁରରୋଡ ସହରରେ ଜଳ ନିଷ୍କାସନ ହୋଇ ନ ପାରି ଗାଁ ଦାଣ୍ଡ ଓ ବିଭିନ୍ନ ଛକଗୁଡ଼ିକରେ ଆଣ୍ଠୁଏ ଲେଖାଏ ପାଣି ଚାଲୁଛି । ଯାନବାହନ ଚଳାଚଳରେ ଅସୁବିଧା ହେଉଛି । ଲୋକେ ଘରୁ ବାହାରି ପାରୁନାହାନ୍ତି। ସେହିପରି ଚୋରଦା, ଚୋରଦା ବାଇପାସ ଛକ ଓ ଦଳା ଛକ ନିକଟରେ ରାସ୍ତାରେ ପାଣି ଚାଲୁଛି । ଡ୍ରେନ ପାଣି ବର୍ଷାଜଳରେ ମିଶିବା ଫଳରେ ଦୁର୍ଗନ୍ଧ ହେଉଛି। ଜଳ ନିଷ୍କାସନ ପାଇଁ ପୌର ପରିଷଦ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

## ବରୀରେ ବର୍ଷା ବିଘାତ

ବରୀ,୧୨।୧୦(ସ୍ୱ.ପ୍ର.)

ପ୍ରବଳ ବର୍ଷା ଯୋଗୁ ବରୀ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ୫ ହଜାର ହେକ୍ଟର ଚାଷଜମିରେ ବର୍ଷାଜଳ ଜମିରହିବା ଯୋଗୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ବାଲିଆପାଟ, ସାରଦାପାଟ, ବୋଦୁଅପାଟ, ସେରପୁରପାଟ ଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଏ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ପୂର୍ବ ବର୍ଷାର କ୍ଷୟକ୍ଷତି ସାଙ୍ଗକୁ ପୁନର୍ବାର ବର୍ଷା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ମହାକାଳପଡା, ବାଜପଡା, କନ୍ତିଆ, ଗୋଲକୁଣ୍ଡ, ବାଙ୍କସାହି, ବରିଲୋ, ଅଙ୍ଗାଳ, ଢିଅବାରିଙ୍ଗି, ରୁଦ୍ରପୁର, ଦେବିଲ ଗ୍ରାମର ୨୦ ରୁ ଉର୍ଦ୍ଧ୍ୱ ଝାଟିମାଟି ଘର ବର୍ଷାରେ ଭାଙ୍ଗିଯାଇଛି।





ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଥାଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ



## ସଂକ୍ଷେପରେ

### ବୋଇତାଲୁପାଟଣା ଶନିମନ୍ଦିରକୁ ବିଦ୍ୟୁତ୍ ସଂଯୋଗ ଦାବି

**ସିଂହପୁର,୧୨।୧୦(ଡି.ଏନ୍.ଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଲମକୁଲି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଅଙ୍ଗାଲୋ ପଞ୍ଚାୟତସ୍ଥିତ ବୋଇତାଲୁପାଟଣା ଶନିମନ୍ଦିରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। ଏହି ମନ୍ଦିରକୁ ଦୈନିକ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ବିଭିନ୍ନ ପର୍ବପର୍ବାଣିରେ ଉତ୍ସବ ପାଳନ ହୁଏ। ହେଲେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

### ମଦ ଜବତ, ୨ ଗିରଫ

**ଧର୍ମଶାଳା, ୧୨।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୨ଟି ସ୍ଥାନରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୩୦ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମର୍ଜିତାପୁର ଗ୍ରାମର ଚିତ୍ତରଞ୍ଜନ ଦଳାଇ ଓ ଭୁବନପୁର ଗ୍ରାମର ରଘୁନାଥ ମଲିକ । ଥାନା ଅଧିକାରୀ ସୁଶାନ୍ତ ଦାସ ଚଢ଼ାଉବେଳେ ଚିତ୍ତାଞ୍ଜନଙ୍କଠାରୁ ୨୦ ଲିଟର ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଭୁବନପୁର ଗ୍ରାମରେ ଚଢ଼ାଉକରି ରଘୁନାଥଙ୍କୁ ଗିରଫ କରି ୧୦ ଲିଟର ଦେଶୀମଦ ଜବତ କରିଛି। ଏ ନେଇ ପୋଲିସ ଉଭୟଙ୍କ ବିରୋଧରେ (୨୫୨/୧୮ ଓ ୨୫୩/୧୮)ରୁଜୁ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

### ଜାତୀୟ କର୍ମଶାଳାରେ ଇଣ୍ଡ଼ାକୁ ସମ୍ବର୍ଦ୍ଧନା

**କାଳିଆପାଣି, ୧୨।୧୦(ଡି.ଏନ୍.ଏ.):** କେନ୍ଦୁଝର ସରକାରୀ ଖଣି ଯାନ୍ତ୍ରିକ ମହାବିଦ୍ୟାଳୟ ମାଇନିଙ୍ଗ ଇଂଜିନିୟର ବିଭାଗ, ମାଇନିଙ୍ଗ ଏବଂ ଏକ୍ସପୋରେଶନ ବିଭାଗ ଆନୁକୂଲ୍ୟରେ ବୁଧବାର ୨ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କର୍ମଶାଳାରେ ଇଣ୍ଡ଼ା କମ୍ପାନୀକୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ମାସ ୬ ଓ ୭ ତାରିଖ କେନ୍ଦୁଝର ଜିଲା ଇଂଜିନିୟର ମହାବିଦ୍ୟାଳୟରେ ଅନୁଷ୍ଠିତ ୨ ଦିନିଆ କର୍ମଶାଳାକୁ ଇଣ୍ଡ଼ା କମ୍ପାନୀ ବରିଷ୍ଠ ଉପସଭାପତି ସଞ୍ଜୀବ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କର୍ମଶାଳାରେ ଖଡ଼ଗପୁର ଆଇଆଇଟି ପ୍ରଫେସର ବି.କେ.ଶାସ୍ତ୍ରୀ, ଧାନବାଦର ବୈଜ୍ଞାନିକ ଡ଼ି.ଏସ୍.କେ.ସିଂ, ସିଆଇଏମ୍ଏଫଆରର ସତେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ କମାଣ୍ଡର କିରଣ ଶଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ବିଭିନ୍ନ କମ୍ପାନୀର କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ କରେଣ୍ଟ ପ୍ରାକ୍ଟିସ ମାଇନିଙ୍ଗ ଆଣ୍ଡ ଆଲଏଜ ଇଣ୍ଡଷ୍ଟ୍ରିଜ ସମ୍ପର୍କିତ କର୍ମଶାଳାରେ କହିଥିଲେ। ପ୍ରଥମ ସୋପାନରେ ରାଉରକେଲା ଏନ୍ଆଇଟି ସଙ୍ଘମ୍ ଜୟନ୍ତ ଏବଂ ପଶ୍ଚିମବଙ୍ଗ ଆଇଆଇଏସ୍‌ଟିର ଡ଼.ଏନ୍.ସି .ଦେଙ୍ଘିଜର ଅନୁଭୂତିକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶ କରିଥିଲେ।

### ଶିକ୍ଷାବିତ୍‌ଙ୍କ ବିୟୋଗରେ ସ୍ମୃତିଚାରଣ

**ରସୁଲପୁର,୧୨।୧୦(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ସନ୍ତୋଷ କୁମାର ଆଏଚଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବୈରାଗୀ ଚରଣ ଘଡାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ସ୍ୱର୍ଗତ ଆଏଚ ସ୍ଥାନୀୟ ଅଞ୍ଚଳର ଶିକ୍ଷା ପ୍ରସାରର ସାରଥି ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ପ୍ରଧାନଶିକ୍ଷୟିତ୍ରୀ କମଳକୁମାରୀ ଦାସ, ଶିକ୍ଷକ ଅରୁଣ କୁମର ସ୍ୱାଇଁ, ଅମୂଲ୍ୟ କୁମାର ଦାସ, ସୁନନ୍ଦ କୁମାର ରାଉତ, ସୁଚିତ୍ରାନନ୍ଦ ଦାଶ, ନାରାୟଣ ବେହେରା, ସୋରଜ କୁମାର ସୂତାର, ଅବିନାଶ ଆଏଚ, ବିକ୍ରମ ଦାସ, ରାଜେନ୍ଦ୍ର କୁମାର ସାହୁ, ଆଇନଜୀବୀ ବଳରାମ ବେହେରା, ଫାଲଗୁନି ବିଭୂକଲ୍ୟାଣ ଦାସ, ସନ୍ତୋଷ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆଏଚଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅବିନାଶ ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଖଣି ଅଞ୍ଚଳରେ ଭୋଟ ନ ଦେଲେ ଚାକିରି ନାହିଁ ପ୍ରସଙ୍ଗ

# ସ୍ୱର ଉଠାଇଲା ଭାଜପା, କଂଗ୍ରେସ ନୀରବ

**ଯାଜପୁର ଅଫିସ,୧୨।୧୦**

■ ଓଏମ୍‌ସି ଆଞ୍ଚଳିକ ପରିଚାଳକଙ୍କୁ ଭାଜପାର ସ୍ମାରକପତ୍ର

■ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ଚେତାବନୀ

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ଜିଲାର ରାଜନୈତିକ ସ୍ଥିତି ନେଇ ନାନା କଳ୍ପନାଜଳ୍ପନା ଓ ଅଙ୍କକଷା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ୨୦୧୪ ସାଧାରଣ ନିର୍ବାଚନ ଓ ପରବର୍ତ୍ତୀ ସମୟରେ ହୋଇଥିବା ପଞ୍ଚାୟତ ନିର୍ବାଚନର ଜନମତକୁ ଜିଲାରେ ରାଜନୈତିକ ସ୍ଥିତିର ଏକ ମାପଦଣ୍ଡ ଭାବେ ନିଆଗଲେ ଗତ ୫ବର୍ଷରେ ରାଜନୈତିକ ଦଳଗୁଡିକର ଜନାଧାର ବିଶେଷ ଏପଟସେପଟ ହୋଇଥିବା କୁହାଯାଉଛି। ବିଶେଷ କରି ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ସାଧାରଣ ଲୋକଙ୍କ ମତଦାନକୁ ଡରେଇ ଧମକେଇ ହାସଲ କରିବାକୁ ଉଦ୍ୟମ ହୋଇଛି। ଏନେଇ ଧରିତ୍ରୀରେ ପ୍ରମାଣ ସହ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ପ୍ରଥମ କରି ଭାଜପା ସ୍ୱର ଉତ୍ତୋଳନ କରିଛି। ଗତ ନିର୍ବାଚନରେ ମାତ୍ର ୪,୭୦୪ ଭୋଟରେ ହାରିଥିବା କଂଗ୍ରେସ ଏହି ତଥ୍ୟ ଉପରେ କୌଣସି ଫାଇଦା ନେବାରେ ବିଫଳ ହୋଇଛି।

ପ୍ରକାଶ ଯେ, ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡିକୁ ୫୮୧୨୨ ଓ କଂଗ୍ରେସକୁ ୫୩୪୧୮ ଭୋଟ ମିଳିଥିଲା। ଭାଜପା ମାତ୍ର ୩୭୩୮ ଭୋଟ ପାଇଥିଲା। ଅନ୍ୟପକ୍ଷେ ଏବେ ଭାଜପାରୁ ପ୍ରତିନିଧିତ୍ୱ କରୁଥିବା ପ୍ରଦୀପ ବଳ ସାମନ୍ତ(ଟୁଟୁ)ଙ୍କୁ ସ୍ୱାଧୀନ ଭାବେ ୧୭,୯୨୭ ଭୋଟ ମିଳିଥିଲା। କଂଗ୍ରେସ କଡ଼ା ଟକ୍କର ଦେଇଥିଲା। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଶରତ ରାଉତ ସେଭଳି କିଛି ଆଖିଦୃଶିଆ ସଂଗଠନକୁ ସୁଦୃଢ଼ କରୁନାହାନ୍ତି। ବରଂ ଭାଜପା ଆଗକୁ ମାଡି ଚାଲିଛି। ଏହିକ୍ରମରେ ବିଜେଡିକୁ ଚିନ୍ତା ଘାରିଛି। କଂଗ୍ରେସର ଭୋଟ ହାର ହ୍ରାସ ହୋଇ ଭାଜପାର ଭୋଟ ହାର ବୃଦ୍ଧି ହେଲେ ବିଜେଡି ପାଇଁ ଏହା କାଳ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ବିଜେଡିର କେତେଜଣ ଆଗଧାଡିର କର୍ମୀ ଓ ନେତା ଖଣି ଓ ଶିଳ୍ପାଞ୍ଚଳରେ କାର୍ଯ୍ୟରତ ନୀରିହ ଗରିବ ଶ୍ରମିକଙ୍କୁ ଭୋଟ ନ ଦେଲେ ଚାକିରିରୁ ବାହାର କରିବାକୁ ଧମକ ଦେଉଛନ୍ତି। ଓଡ଼ିଶା ମାଇନିଂ କର୍ପୋରେସନ(ଓଏମସି)ର କାଳିଆପାଣି ଟାଉନସିପଠାରେ ଥିବା ଏକ ପାର୍କରେ ଅନୁଷ୍ଠିତ ସଭାର ଏକ ଭିଡିଓ କ୍ଲିପିଂ ପ୍ରସାରିତ ହୋଇଛି। ଏ ସଂକ୍ରାନ୍ତରେ ଗତ ୧୧ ତାରିଖରେ ଧରିତ୍ରୀରେ ଖଣି, ଶିଳ୍ପାଞ୍ଚଳରେ ନେତାଙ୍କ ବ୍ଲାକମେଲିଂ ଶୀର୍ଷକ ଖବର ପ୍ରକାଶ ହେବା ପରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ମଧ ଶ୍ରମିକଙ୍କୁ ବ୍ଲାକମେଲିଂ କରି ଭୋଟ ହାତଉଥିବା ଚର୍ଚ୍ଚା ଜୋର ଧରିଛି। ଏହାର ଫାଇଦା ଉଠାଇବାକୁ ଭାଜପା ଆଗକୁ ବଢ଼ିଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସଙ୍କ ନେତୃତ୍ୱରେ ଭାଜପା ଯୁବାମୋର୍ଚ୍ଚା ପକ୍ଷରୁ ଓଏମସିର ଆଞ୍ଚଳିକ ପରିଚାଳକଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଓଏମ୍‌ସି କର୍ମଚାରୀ ନାରାୟଣ ଚନ୍ଦ୍ର ଧୀର ସେହି ପାର୍କରେ ଏକ ରାଜନୈତିକ ସଭା କରିଥିଲେ। ସଭାରେ ମାଇନ୍ସରେ କାମ କରୁଥିବା ବୋଝେଇ ଶ୍ରମିକଙ୍କୁ ଡରାଇ ପ୍ରଫୁଲ୍ଲଚନ୍ଦ୍ର ଘଡେଇ ଓ ପ୍ରୀତିରଞ୍ଜନ ଘଡେଇଙ୍କୁ ସମର୍ଥନ ନ କଲେ କିମ୍ବା ଆସନ୍ତା ନିର୍ବାଚନରେ ଭୋଟ ନ ଦେଲେ କାମରୁ ବିତାଡିତ କରାଯିବ ବୋଲି ସଭାରେ ଏମିତି ଅନେକ ଚେତାବନୀ ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ ଧୀରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଏଥିରୁ ୨୦୧୪ ମସିହା ସାଧାରଣ ନିର୍ବାଚନ ପରେ ଗ୍ରାମାଞ୍ଚଳରେ ଭାଜପା ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ନେତା ଓ କର୍ମୀଙ୍କ କର୍ମଫଳ, ବ୍ୟବହାର ଓ ସହଯୋଗକୁ ଅନୁଶୀଳନ କଲେ ମୋଟାମୋଟି ଭାବେ ବିଜେଡିର ସ୍ଥିତି ୨୦୧୪ ମସିହା ପରେ ବହୁ ବଦଳି ଯାଇଛି। ଏହା ଜିଲାର ରାଜନୈତିକ ସ୍ଥିତିକୁ ପ୍ରଭାବିତ କରିବା ସ୍ୱାଭାବିକ। କିନ୍ତୁ ଏହା ନିର୍ବାଚନ ଫଳାଫଳକୁ କେତେଦୂର ଓଲଟପାଲଟ କରିବ ତାହା ସମୟ ହିଁ କହିବ ବୋଲି କୁହାଯାଉଛି। କଳ୍ପନା ଜଳ୍ପନା ଓ ଅଙ୍କକଷା ପରିବର୍ତ୍ତେ ବିଗତ ୫ ବର୍ଷରେ ନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କ କର୍ମଫଳ, ଜନସମ୍ପର୍କ ଏବଂ ଜିଲାର ଜନ ସମସ୍ୟାଗୁଡିକ ପ୍ରତି ବିଜେଡି, ଭାଜପା ଓ କଂଗ୍ରେସର ଆଭିମୁଖ୍ୟ ଉପରେ ହିଁ ଆଗାମୀ ନିର୍ବାଚନ ଫଳାଫଳ ନିର୍ଭର କରିବ। ଅଭିଯୋଗ ସମ୍ପର୍କରେ ନାରାୟଣ ଚନ୍ଦ୍ର ଧୀରଙ୍କ ମତାମତ ଅଣାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କ ଫୋନ ବନ୍ଦ ଥିବାରୁ ତାହା ସମ୍ଭବ ହୋଇପାରି ନ ଥିଲା। ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ଆରତୀ ସ୍ୱାଇଁଙ୍କୁ ପଚାରିବାରେ, ଭୋଟ ପାଇଁ ଖଣି ଶ୍ରମିକଙ୍କୁ ଧମକାଇବା ଘଟଣାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ଅନ୍ୟାୟ ବିରୋଧରେ କଂଗ୍ରେସ ଆରମ୍ଭରୁ ଆନ୍ଦୋଳନ ଜାରି ରଖିଛି। ଗରିବଙ୍କ ହକ୍ ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ। ତେଣୁ ଭୋଟ ପାଇଁ ଧମକାଇବା ବିଷୟରେ ଠିକ୍ ଭାବେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହଛନ୍ତି।

## ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ



ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ।

**ଧର୍ମଶାଳା, ୧୨।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ପକ୍ଷରୁ ବୁଧବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୯୪୮ପରିବାରର ୧୩ହଜାର ୧୪୩ଜଣଙ୍କୁ ସାମିଲ କରାଯାଇ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ରେଶନ କାର୍ଡ ବଣ୍ଟନ କରାଯାଇଛି। ଯାଜପୁର ଏମ୍‌ପି ରୀତା ତରାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଅତିଥିଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ। ବିଡିଓ ଅମ୍ବିକା ପ୍ରସାଦ ଦାଶ ବଣ୍ଟନ ମେଳାରେ ଅଧକ୍ଷତା କରିଥିଲେ। ପ୍ରବଳ ବର୍ଷା ଯୋଗୁ ଆସିପାରି ନ ଥିବା ହିତାଧିକାରୀଙ୍କୁ ସେମାନଙ୍କ ଜୋନରେ କାର୍ଡ ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ଯୋଗାଣ ନିରୀକ୍ଷକ ଜଗମୋହନ ଦାସ ସ୍ୱାଗତ ଭାଷଣ କରିଥିଲେ। ଏହି ବ୍ଲକର ୨୦୧୧ ଜନଗଣନା ଅନୁସାରେ କେନ୍ଦ୍ର ଓ ରାଜ୍ୟଖାଦ୍ୟ ସୁରକ୍ଷା ଯୋଜନାରେ ୨ଲକ୍ଷ ୨୨ହଜାର ୯୮୨ଜନସଂଖ୍ୟା ମଧ୍ୟରୁ ୧ଲକ୍ଷ ୮୮ହଜାର ୪୯୨ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି ଯାହାକି ଜନସଂଖ୍ୟାର ୮୪.୫୩ ଭାଗ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୯୩୪ ପରିବାର ଅବେଦନ କରିଥିବା ବେଳେ ସେଥି ମଧ୍ୟରୁ ୩୯୪୮ ପରିବାରର ୧୩ହଜାର ୧୪୩ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି ବୋଲି ଯୋଗାଣ ନିରୀକ୍ଷକ କହିଛନ୍ତି। ଜିଲା ପରିଷଦ ସଭ୍ୟ ପ୍ରଣତି ନାୟକ, ସୁରେଖା ନାୟକ, ଜିଲା ପରିଷଦ ସଭ୍ୟ ସାଗର ନାୟକ, ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ସମିତି ସଭ୍ୟା ଓ ସଭ୍ୟମାନେ ସହଯୋଗ କରିଥିଲେ। ଶେଷରେ ବିଡିଓ ଉପେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଧୁରୁନି ବ୍ୟାସନଗର ପରିମଳ ବ୍ୟବସ୍ଥା

**ଯାଜପୁରରୋଡ,୧୨।୧୦(ନି.ପ୍ର.)**



ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ଅଳିଆ।

ବ୍ୟାସନଗର ପୌର ପରିଷଦର ପରିମଳ ବ୍ୟବସ୍ଥା ସୁଧୁରୁନି। ଫଳରେ ସହରବାସୀ ଅତିଷ୍ଠ ହୋଇ ପଡିଲେଣି। ପରିମଳ ବ୍ୟବସ୍ଥା ପାଇଁ ଜାଗୃତି କମ୍ପାନୀ ଠିକା ନେଇଛି। ସହରକୁ ସଫା ରଖିବା ନାଁରେ ପୌର ପରିଷଦଠାରୁ ଲକ୍ଷ ଲକ୍ଷ ଟଙ୍କା ନେଉଛି। ହେଲେ ପରିମଳ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ଏ ନେଇ ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ ଓ ଆନ୍ଦୋଳନ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଗତ ୫ ତାରିଖରେ ଯାଜପୁର ରୋଡ ସିଭିଲ ସୋସାଇଟି ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏବେ ଲଗାଣ ବର୍ଷା ଯୋଗୁ ଡ୍ରେନ୍‌ରେ ପାଣି ଜମିରହୁଛି। ଜଳ ନିଷ୍କାସନ ହୋଇ ନ ପାରି ଦୁର୍ଗନ୍ଧ ହେଉଛି। ଦଳା ବାଇପାସଠାରୁ ନହକା ବାଇପାସ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ କୁକୁଡା, ମାଛ, ମାଂସ ଓ ପନିପରିବାର ବର୍ଜ୍ୟବସ୍ତୁ ଜମା ହୋଇରହିଛି। କେତେକ ୱାର୍ଡରେ ନିୟମିତ ସଫେଇ ହେଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ, ପୌର ପରିଷଦ କର୍ତ୍ତୃପକ୍ଷ, ରାଜନେତାମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ପୌର କର୍ତ୍ତୃପକ୍ଷ ଜାଗୃତି କମ୍ପାନୀକୁ ସାହାଯ୍ୟ କରୁଥିବା ନେଇ ପ୍ରଶ୍ନ ଉଠିଛି। ପରିମଳ ବ୍ୟବସ୍ଥା, ପାନୀୟଜଳ, ରାସ୍ତାଘାଟ ଓ ବିଦ୍ୟୁତ୍ ସହରର ମୁଖ୍ୟ ସମସ୍ୟା ପାଲଟିଛି। ପୂର୍ବତନ କାଉନସିଲର ଉଷାରାଣୀ ସାମଲ କୁହନ୍ତି, ଜାଗୃତି କମ୍ପାନୀ ସଫେଇ ନାମରେ ପୌର ପରିଷଦକୁ ଲକ୍ଷ ଲକ୍ଷ ଟଙ୍କା ଠକୁଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା କୁହନ୍ତି, ସଫେଇ କାର୍ଯ୍ୟ ଠିକ୍ ଚାଲିଛି। କମ୍ପାନୀ ବିଲ୍ ଅନୁସାରେ ପୌର ପରିଷଦ ପକ୍ଷରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

## ଜଙ୍ଗଲ ଜମିରୁ ବେଆଇନଭାବେ ଚାଲିଛି ମାଟି ଖୋଳା

**କାଳିଆପାଣି, ୧୨।୧୦(ଡି.ଏନ୍.ଏ.)**

**ତହସିଲଦାରଙ୍କ ଅନୁକମ୍ପା**

ସୁକିନ୍ଦା ତହସିଲ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ମୌଜାରୁ ବେଆଇନଭାବେ ଜଙ୍ଗଲ ଜମିରୁ ମାଟି ଚାଲାଣ କରାଯାଉଛି। ଫଳରେ ରାଜସ୍ୱହାନୀ ହେଉଥିବାବେଳେ ଜଙ୍ଗଲ ଜମି ସହିତ ଜଙ୍ଗଲ ମଧ ନଷ୍ଟ ହେଉଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ସୁକିନ୍ଦା ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ କୌଣସି ସୁଫଳ ମିଳି ପାରି ନ ଥିବା ଗ୍ରାମବାସୀ କହିଛନ୍ତି। ଅପରପଟେ ଗୁରୁଜଙ୍ଗଠାରୁ ଚିଙ୍ଗୁଡ଼ିପାଳ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟକରୁଥିବା ଠିକାଦାର ମାଟି ଉଠାକୁ ନେଇ ପାଟଣା ଗ୍ରାମବାସୀଙ୍କୁ ଧମକ ଦେଉଥିବା ଗ୍ରାମବାସୀ କହିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ଗ୍ରାମପଞ୍ଚାୟତର ଚିଙ୍ଗୁଡ଼ିପାଳ- ଗୁରୁଜଙ୍ଗ ରାସ୍ତା କାମ ଉଦୟ ପତି ନାମକ ଠିକାଦାରଙ୍କ ଦ୍ୱାରା କରାଯାଉଛି। ୭ କିମି ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପକାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଠିକାଦାର ପାଟଣା ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲ ଜମିରୁ ବେଆଇନଭାବେ ମାଟି ଉଠାଇ ରାସ୍ତା କଡ଼ରେ ପକାଉଛି। ସମ୍ଭୁ ଦେହୁରୀ, ଦର୍ନାଦନ ପ୍ରଧାନ, ମଙ୍ଗୁଲୁ ମୁଣ୍ଡା ପ୍ରମୁଖ ମାଟି ଉଠାକୁ ବିରୋଧ କରିଥିଲେ। ହେଲେ ଠିକାଦାର ତହସିଲରୁ ଅନୁମତି ଆଣି ମାଟି ଉଠାଉଥିବା ଗ୍ରାମବାସୀଙ୍କୁ ଉତ୍ତର ଦେଇଥିଲେ। ଏ ନେଇ ତହସିଲ ଦାରଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ଲଗାତର ଭାବେ ମାଟି ଉଠାହେବାରୁ ପୋଖରୀ ସୃଷ୍ଟି ହୋଇଛି। ଏ ନେଇ କାଙ୍କଡ଼ପାଳ ରାଜସ୍ୱ ନିରୀକ୍ଷକ ମାଳତୀ ଗୁଡୁଙ୍କୁ ପଚାରିବାରୁ ଏଭଳି ଘଟଣାର କୌଣସି ଅଭିଯୋଗ ହୋଇନି। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି।

## 'ଚାଷୀଙ୍କୁ ହକ୍ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ'

**କୋରେଇ,୧୨।୧୦(ସ୍ୱ.ପ୍ର)**

କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡାରା ପଞ୍ଚାୟତ ତଣ୍ଡରା ଗ୍ରାମରେ ମଙ୍ଗଳବାର ଚାଷୀ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି ସମାବେଶରେ କଂଗ୍ରେସ ନେତା ମନୋଜ ଜେନା କହିଥିଲେ ଯେ, ରାଜ୍ୟର ୭୦ ଭାଗ ଚାଷୀଙ୍କ ଅବସ୍ଥା ଦୟନୀୟ। ରାଜ୍ୟ ସରକାର ବିଧାୟକ ଏବଂ ସରକାରୀ କର୍ମଚାରୀଙ୍କ ଦରମା ବାରମ୍ବାର ବୃଦ୍ଧି କରୁଥିବା ବେଳେ ଚାଷୀଙ୍କୁ ସର୍ବନିମ୍ନ ସୁବଧା ନ ଦେବା ଦୁର୍ଭାଗ୍ୟଜନକ। ଏନେଇ ଜନ ଆନ୍ଦୋଳନର ଆବଶ୍ୟକତା ଥିବାବେଳେ ଚାଷୀଙ୍କୁ ସେମାନଙ୍କ ହକ୍ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଜେନା କହିଥିଲେ। ନବ ନିର୍ମାଣ କୃଷକ ସଂଗଠନର ବ୍ଲକ ସଭାପତି ମୂରଲୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟତମ ଅତିଥି ଭାବେ ସଂଗଠନର ଜିଲା ସମ୍ପାଦକ ଦୁର୍ଗାପ୍ରସାଦ ଦାସ ଯୋଗଦେଇ ସରକାରଙ୍କ ଚାଷୀମାରଣ ନୀତିକୁ କଠୋର ସମାଲୋଚନା କରିଥିଲେ। ଏନେଇ ଆସନ୍ତା ୨୯ରେ କୁଆଖିଆରେ ୧୨ଟି ଜିଲାର ୧ଲକ୍ଷ ଚାଷୀ ଏକାଠି ହୋଇ ସେମାନଙ୍କ ହକ୍ ପାଇଁ ରାଜଧାନୀ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ଦେଇଥିଲେ। ମିଳିତ ନିଶା ନିବାରଣ ଅଭିଯାନର ଜିଲା ଆବାହକ ବିଶ୍ୱଜିତ୍ ମହାନ୍ତି, ଯାଜପୁର ଏକତା ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ଜେନା ଏବଂ ବସନ୍ତ ସ୍ୱାଇଁ ଯୋଗଦେଇ ଚାଷୀଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଗଠନର ତଣ୍ଡରା ଯୁବ ସଂଯୋଜକ ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମନେପକାଇଲେ ୩୯ ବର୍ଷ ତଳର ସ୍କୁଲ ସ୍ମୃତି

**ବାଲିଚନ୍ଦ୍ରପୁର,୧୨।୧୦(ସ୍ୱ.ପ୍ର)**

କୁସୁପୁର ଗ୍ରାମସ୍ଥିତ ନନ୍ଦକିଶୋର ବିଦ୍ୟାମନ୍ଦିରର ୧୯୭୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ର କ୍ଷୀରୋଦ ମହାରଣା ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ର ସ୍ୱର୍ଗତ ଧିରେନ୍ଦ୍ର ମହାରଣା, ରାଖାଲ ସିଂହ, ସୁବ୍ରତ ରାଉତରାୟ, ବିଶ୍ୱନାଥ କର, ଅଭିମନ୍ୟୁ ମହାନ୍ତି, ବିଭୁତି ଭୂଷଣ ସେନାପତି ଓ ବିଦ୍ୟାମନ୍ଦିରର ଶିକ୍ଷକ ସ୍ୱର୍ଗତ ଧନେଶ୍ୱର ସାମଲ, ରଘୁନାଥ ଦାସ, ବଳରାମ ସାହୁ, ନନ୍ଦକିଶୋର ସାମଲ, ପଣ୍ଡିତ ରତ୍ନାକର କର, ରୁପାକର ଷଡ଼ଙ୍ଗୀ, ନାରାୟଣ ମହାନ୍ତି, ଘନଶ୍ୟାମ ରଥ, ମାୟାଧର ଶତପଥୀ ପ୍ରମୁଖଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବନ୍ଧୁ ମିଳନରେ ଅଭିମନ୍ୟୁ ବଳ, ହେମନ୍ତ କୁମାର ପୃଷ୍ଟି, ଗିରିଧାରୀ ସାହୁ, ସୁରେଶ ଚନ୍ଦ୍ର ସାହୁ, ଅଶୋକ ଶତପଥୀ, ଶିକ୍ଷୟିତ୍ରୀ ମେନକା ମହାନ୍ତି, ଜୟନ୍ତୀ ସାହୁ, ରବୀନ୍ଦ୍ର ବାନା, ପ୍ରଭାତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଅଶୋକ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସରଳା ଜେନା ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

## ମା' ବାପାଙ୍କୁ ମାଡ ମାରି ପୁଅ ଗିରଫ

**ଯାଁଳା, ୧୨। ୧୦(ଡି.ଏନ.ଏ.)**

ଜଟଣୀ ଥାନା ଅଧୀନ ଯାଁଳା ଫାଣ୍ଡି ଅନ୍ତର୍ଗତ ଛତାବର ପଞ୍ଚାୟତ ଗୌଡକାଶୀପୁର ଗାଁରେ ଶୁକ୍ରବାର ମା' ବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଅମିନ ବାରିକଙ୍କ ପୁଅ ମହେଶ୍ୱର ନିଶା ଖାଇ ଘରକୁ ଆସି ତାଙ୍କ ମା', ସ୍ତ୍ରୀ ପିଲାମାନଙ୍କୁ ମାଡ ମାରିବା ସହ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରନ୍ତି। ଏ ନେଇ ଯାଁଳା ଫାଣ୍ଡିରେ ୨ ଥର ସମାଧାନ ହୋଇଥିଲେ ହେଁ ତାହାର କୌଣସି ପ୍ରଭାବ ମହେଶ୍ୱରଙ୍କ ଉପରେ ପଡି ନ ଥିଲା। ଅତ୍ୟଧିକ ଭାଙ୍ଗ ଖାଇ ଘରକୁ ଆସି ଆସବାବପତ୍ର ଭଙ୍ଗାରୁଜା କରିବା ସହମାଡ ମାରୁଥିବା ବାପା ଅମିନ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମହେଶ୍ୱରଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ନଂ. ୩୪୯/୧୮ରେ ମାମଲା ରୁଜୁ ହୋଇଛି।

## ସାମାଜିକ କର୍ମୀଙ୍କ ପରଲୋକ

**ବରୀ,୧୨।୧୦(ସ୍ୱ.ପ୍ର.):** ବରୀ ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ସାମାଜିକ କର୍ମୀ ନବକିଶୋର ବେଉରା(୮୦)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୁର୍ଗାପୂଜା କମିଟିର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ। ସେହିପରି ବାଲିଆପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୁକ୍ତାମଞ୍ଜରୀ ମହାପାତ୍ର(୬୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ପୂର୍ବରୁ ଅସୁସ୍ଥ ଥିଲେ। କଟକ ବଡ଼ ଡାକ୍ତରଖାନା ଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ ବରୁଣେଇଙ୍କ ୨୬ତମ ଜନ୍ମୋତ୍ସବ

# ମା'ଙ୍କୁ ଦର୍ଶନ କଲେ ୧୦ ହଜାର ଶ୍ରଦ୍ଧାଳୁ

**ସିଂହପୁର,୧୨।୧୦(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର, ଟିଣା, ବାଛୋଳ ଆଦି ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ବରୁଣେଇଙ୍କ ୨୬ ତମ ଜନ୍ମୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ୩ ପଞ୍ଚାୟତ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଛନ୍ତି। ଜନ୍ମୋତ୍ସବରେ ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କଲେ ପରିବାରର ମଙ୍ଗଳ ହେବା ସହ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଧର୍ମୀୟ ଭାବନାକୁ ଆଧାରକରି ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ଦୀପ ଦାନକରିଥିଲେ। ମା' ବରୁଣେଇଙ୍କ ନାମରେ ସ୍ଥାନୀୟ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ, ସାହିତ୍ୟ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଆଦି ଗଢିଉଠିଛି। ସକାଳୁ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ପୀଠରେ ହୋମ, ଯଜ୍ଞ, ସଙ୍କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମା' ଦରିଆ ନାହାକାଣୀ ସ୍ୱୟଂ ସେବକ ସଂଘ ପକ୍ଷରୁ ପାଦୁକା ସେବା କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଙ୍କଳ୍ପ ପକ୍ଷରୁ ସଭାପତି ଉତ୍କଳକାନ୍ତ ନାୟକ, ବିଟାରଶ୍ମି ମଲ୍ଲିକ ପ୍ରମୁଖ ବରୁଣେଇଙ୍କ ପୀଠରେ ବିଭିନ୍ନ ଔଷଧୀୟ ବୃକ୍ଷରୋପଣ କରିଥିଲେ। ଅର୍ଜୁନ ଦାସ, ମା ବରୁଣେଇ ବ୍ରାହ୍ମଣ ସମାଜ, ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ, ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛି ରାସ୍ତା କାମ

**କାଳିଆପାଣି, ୧୨।୧୦(ଡି.ଏନ୍.ଏ.)**

**ରାସ୍ତାକାମକୁ ବନ୍ଦକଲେ ମହିଳା**



■ ମଠ ଛକଠାରୁ କୌଇଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି

■ ଭିଜିଲାନ୍ସ ତଦନ୍ତ ଦାବି

ସୁକିନ୍ଦା ବ୍ଲକ ଅଧୀନସ୍ଥ ଦୁଧୁଯୋରୀ ଗ୍ରାମ ପଞ୍ଚାୟତର ମଠ ଛକଠାରୁ ବନ୍ଧଗାଁ ପଞ୍ଚାୟତର କୌଇଲ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତା କାମ ବିନା ସୂଚନା ଫଳକରେ କରାଯାଉଛି। ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୫ କିମି ରାସ୍ତା କାମ କରାଯାଉଥିବା ଜଣାପଡିଛି। ବିନା ସୂଚନା ଫଳକରେ କାମ କରାଯାଉଥିବାରୁ ନିମ୍ନମାନର କାମ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଗୁରୁବାର ଗ୍ରାମର କେତେକ ମହିଳା ଏକତ୍ରିତ ହୋଇ ରାସ୍ତାକାମକୁ ବିରୋଧ କରିବା ସହ କାମ ବନ୍ଦ କରିଦେଇଥିବା ଜଣାପଡିଛି। ଠିକାଦାର ବହୁ ଅର୍ଥ ଖର୍ଚ୍ଚ କରି ରାସ୍ତାକୁ ଭିତ୍ତିପ୍ରସ୍ଥରସ୍ଥାପନ କରଥିଲେ। ଏଥିସହିତ ସ୍ଥାନୀୟ ଆଦିବାସୀ ପାଇଁ ମନରୋଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ସହ ରନ୍ଧା ଖାଦ୍ୟ ଦେଇ ପ୍ରଶାସନର ମନଜିଣିବାକୁ ଚେଷ୍ଟା କରିଥିବା ଗ୍ରାମବାସୀ କହିଛନ୍ତି।

ଗତ ମାସରେ ମଠ ଛକଠାରୁ କୌଇଲ ପର୍ଯ୍ୟନ୍ତ ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ସ୍ୱାଧୀନତାର ଅନେକ ବର୍ଷ ପରେ ମଧ ମଠ ଛକଠାରୁ କୌଇଲ ମଧରେ ରହିଥିବା ଇଛାପୁର, ବୋଉଳପାଳ, ନଟିସାହୀ, ମାନନ୍ତିରା, ବନ୍ଧଗାଁ ଗ୍ରାମର ୧୦ ହଜାରୁ ଊର୍ଦ୍ଧ୍ୱ ଲୋକ ମାଟିକାଦୁଅ, ରାସ୍ତା ଦେଇ ଯାତାୟାତ କରୁଛନ୍ତି। ରାସ୍ତା ଦେଇ ଖଣି ଅଞ୍ଚଳର ଟାଟାମାଇନ୍ସ ହାଟରେ ପରିବା ବିକ୍ରିକରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ରାସ୍ତାଟି ସୋଚନୀୟ ହୋଇ ପଡିଥିବାରୁ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନେଇ ବହୁ ସମୟରେ ସମସ୍ତ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରି ନିରାଶ ହୋଇପଡ଼ିଥିଲେ। ବିଳମ୍ବରେ ହେଲେ ମଧ ରାସ୍ତା ନିର୍ମାଣ କାମ କରାଯାଉଥିବାବେଳେ ନିମ୍ନମାନର କାମ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାମସ୍ଥଳରେ ସୂଚନା ଫଳକ ଲଗା ଯାଇ ନ ଥିବାବେଳେ ଠିକାଦାର ନିମ୍ନମାନର ମେଟାଲ ବିଛାଇ କାମ କରୁଛନ୍ତି। ରାସ୍ତା କଡ଼ରେ ଖାମଖିଆଲିଭାବେ ମାଟି ପକାଇବାରୁ ରାସ୍ତା କଡ଼କୁ ଲାଗିଥିବା ବିଲଗୁଡିକ ଫସଲ ନଷ୍ଟ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେକ ମହିଳା ଏକତ୍ରିତ ହୋଇ ନିମ୍ନମାନର କାମକୁ ବିରୋଧ କରିବା ସହ କାମ ବନ୍ଦ କରି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ଏସ୍‌ଡ଼ିଓ ଭେଙ୍କଟ ରମଣଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।


ପାଣି ଘେରରେ ଓଡ଼ଗାଁର ଖେଡବାରଣ ଗ୍ରାମ।



ପ୍ରବଳ ବର୍ଷାରେ ରଣପୁର ଓ ଭାପୁର ଅଞ୍ଚଳରେ ଭାଙ୍ଗିଯାଇଥିବା ଘର।

## ■ ତିତ୍‌ଲି ପ୍ରଭାବଶୂନ୍ୟ ପରେ ବର୍ଷା ବିପ୍ଳାତ

# ଜିଲାର ହାରାହାରି ବୃଷ୍ଟିପାତ ୧୬୧.୩୮ ମି.ମି.


ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପଛପାଖର ବାହ୍ୟ ପ୍ରାଚୀର ଭାଙ୍ଗି ପଡ଼ିଛି।


ରୋହିବାଙ୍କ ଭଗବତୀ ପ୍ରସାଦ ସ୍କୁଲରେ ଆଶ୍ରୟ ନେଇଥିବା ପରିବାର।

**ଓଡ଼ଗାଁ,(ସ୍ୱ.ପ୍ର.)/ନୟାଗଡ଼ ଅଫିସ,୧୨।୧୦**

■କେତେକ ମୁଖ୍ୟ ରାସ୍ତାରେ ପାଣି, କାଁ ଭାଁ ଘର ଭାଙ୍ଗିବା ସୂଚନା
■ବୁଢାବୁଢିଆଣୀ ଡ୍ୟାମରେ ଶତପ୍ରତିଶତ ଜଳଧାରଣ ରେକର୍ଡ

ବୁଧବାର ବିଳମ୍ବିତ ରାତିରୁ ଗୁରୁବାର ଦିନତମାମ ଓ ଶୁକ୍ରବାର ପୂର୍ବାହ୍ନ ପର୍ଯ୍ୟନ୍ତ ନୟାଗଡ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ତିତ୍‌ଲିର ଭୟାବହତାକୁ ନେଇ ନାନା କଳ୍ପନାଜଳ୍ପନା ଲାଗିରହିଥିଲା। ଏଥିନିମନ୍ତେ ପ୍ରଶାସନିକ କଳଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ଆବଶ୍ୟକ ସତର୍କତା ଅବଲମ୍ବନ କରିଥିଲେ। ତିତ୍‌ଲି ପ୍ରଭାବଶୂନ୍ୟ ହୋଇଥିବାବେଳେ ବର୍ଷା ବିପ୍ଳାତ ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ବୁଧବାର ସକାଳ ୮ଟାଠାରୁ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଜିଲାର ହାରାହାରି ବୃଷ୍ଟିପାତ ୬୫.୯୫ ମି.ମି. ରହିଥିଲା। ହେଲେ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ଜିଲାର ହାରାହାରି ବୃଷ୍ଟିପାତ ଅହେତୁକ ଭାବେ ବୃଦ୍ଧି ପାଇ ୧୬୧.୩୮ ମି.ମି. ରେକର୍ଡ କରାଯାଇଥିବା ସୂଚନା ମିଳିଛି। ଏହି କ୍ରମରେ ଭାପୁର ୧୬୩.୪, ଦଶପଲ୍ଲା ୧୯୭, ଗଣିଆ ୧୬୯, ଖଣ୍ଡପଡା ୯୭.୫, ନୟାଗଡ଼ ୧୫୧, ନୂଆଗାଁ ୧୪୨, ଓଡ଼ଗାଁ ୧୫୩.୬ ଓ ରଣପୁର ବ୍ଲକରେ ଜିଲାର ସର୍ବାଧିକ ୨୧୮.୨ ମି.ମି. ବର୍ଷା ରେକର୍ଡ କରାଯାଇଛି । ଏପରିସ୍ଥଳେ ଗୁରୁବାର ଅପରାହ୍ନରୁ ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ଜିଲାର କେତେକ ସ୍ଥାନରେ ବନ୍ୟା ପାଣି ପଶିଯିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ନୟାଗଡ-ଦର୍ପନାରାୟଣପୁର ମୁଖ୍ୟ ରାସ୍ତାର ଗମ୍ଭାରିଡିହି ଦେଇ ପ୍ରବାହିତ ହେଉଥିବା ଦୁଆଣ୍ଟ ନଦୀ ପୋଲ ଉପରେ ପାଣିସ୍ରୋତ ଚାଲିବାରୁ ନୟାଗଡ଼ଠାରୁ ଦର୍ପନାରାୟଣପୁର ଦେଇ ରଣପୁରକୁ ଗମନାଗମନ ବନ୍ଦ ରହିଥିଲା। ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ଖେଡବାରଣ ଗ୍ରାମରେ ଲୁଣିସରା ନଦୀର ବନ୍ୟାଜଳ ପ୍ରବେଶ କରିବାରୁ ଗାଁ ଭିତରେ ଆଣ୍ଠୁଏ ପାଣି ଜମିରହି ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିଲା। ସେହିପରି ଲୁଣିସରା ନଦୀର ବନ୍ୟା ଜଳ ସାନ ପଣ୍ଡୁସର ଗାଁକୁ ଜଳାର୍ଣ୍ଣାବ କରିଥିଲା । ଫଳରେ ସେହି ଗ୍ରାମକୁ ଗୋଟିଏ ଦିଗରେ ଗମନାଗମନ ସମ୍ଭବ ହୋଇପାରି ନ ଥିଲା । ନୟାଗଡ ସଦର ବ୍ଲକର ଚଣ୍ଡୀବସ୍ତ ଗାଁରେ ବନ୍ୟା ଜଳ ପ୍ରବାହିତ ହେବାଦ୍ୱାରା ଚଣ୍ଡୀବସ୍ତ-ନୂଆଗାଁକୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା । ଏତଦ୍‌ବ୍ୟତୀତ ବାଉଁଶିଆପଡା-ପାଟପୁର ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେବାରୁ ଗମନାଗମନ ସମ୍ଭବପର ନ ଥିଲା । ଲଗାଣ ବର୍ଷାରୁ ସାନ ପଣ୍ଡୁସର ତୋଟାସାହିର ନବ ବେହେରା, କୁଶ ବେହେରା ଓ ପଣ୍ଡୁସର ଲେଙ୍କାସାହିର ଶଶି ଦେଇ ଓ କୁଞ୍ଜ ଲେଙ୍କାଙ୍କ ଘର ଭୁଶୁଡି ସେମାନେ ବାସହରା ହୋଇଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ସନ୍ତୋଷ ପ୍ରଧାନ, ନରସିଂହ ନାୟକ, ଈଶ୍ୱର ନାୟକ, ଦଣ୍ଡୁ ରାଉତ, ସୁବୁଦ୍ଧି ରାଉତ, ରାଧା ନାୟକ, ଜାଗର ବାରିକ, ମାଗତା ବାରିକ, ଡାକ ଦଳବେହେରା ଓ ଶତ୍ରୁରା ରାଉତଙ୍କ ଘର ଭୁଶୁଡିଯିବାରୁ ସେମାନେ ସମସ୍ତେ ସପରିବାର ଗୁରୁବାର ରାତିରୁ ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଗାଁ ସ୍କୁଲ ଘରେ ଆଶ୍ରୟ ନେଇଥିଲେ। ରାତିରେ ସେମାନଙ୍କୁ ସରପଞ୍ଚ ମୁରଲୀଧର ପ୍ରଧାନ ଗୋଟିଏ ଲେଖା ବିସ୍କୁଟ ପ୍ୟାକେଟ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି । ମଧ୍ୟାହ୍ନ ପରେ ରାଜସ୍ୱ ନିରୀକ୍ଷକ ବିପନ୍ନ ପରିବାରଙ୍କୁ ସର୍ଭେ କରି ଫେରିଛନ୍ତି। ହେଲେ ସରକାରୀ ଭାବେ ସେମାନଙ୍କୁ ଖଣ୍ଡିଏ ଲେଖା ପଲିଥିନ ଦିଆଯାଇ ନ ଥିବା ଜଣାଯାଇଛି । ଏପରିସ୍ଥଳେ ତହସିଲଦାର ଦୟାନିଧି ରଥ ସେମାନଙ୍କୁ ତୁରନ୍ତ ପଲିଥିନ ଯୋଗାଇବାକୁ କୋମଣ୍ଡ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତ। ଅନ୍ୟପକ୍ଷେ ଏହି ତହସିଲ ଅନ୍ତର୍ଗତ ବୁଢାବୁଢିଆଣୀ ଡ୍ୟାମରୁ ବନ୍ୟା ଜଳ ନିଷ୍କାସନ ନିମନ୍ତେ ଗୁରୁବାର ରାତିରୁ ଖୋଲାଯାଇଥିବା ଦୁଇଟି ଫାଟକ ସକାଳୁ ବନ୍ଦ କରିଦିଆଯାଇଛି। ପ୍ରତିବର୍ଷ ଡ୍ୟାମର ଜଳଧାରଣ କ୍ଷମତାର ଶତକଡା ୭୦ରୁ ୮୦ ଭାଗ ଜଳ ଡ୍ୟାମରେ ସଂରକ୍ଷିତ ରହୁଥିଲା। ହେଲେ ଏହି ଲଗାଣ ବର୍ଷାରେ ଡ୍ୟାମର ଶତପ୍ରତିଶତ ଜଳ ଧାରଣ ପରିମାଣ ଅର୍ଥାତ୍ ୧୬୧୬ ହେକ୍ଟୋମିଟର ଜଳ ଧାରଣ ହୋଇଥିବା ଏକ ରେକର୍ଡ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ଧାନ ଜମି କଥା ଦେଖିଲେ କେତେକ ଖେତରେ ପାଣି ଭରିରହିଥିବାରୁ କ୍ଷତି ସମ୍ଭାବନା ରହିଛି।

# ବନ୍ୟା ପରିସ୍ଥିତି ସୃଷ୍ଟି, ବ୍ୟାପକ ଚାଷ ଜମି ଜଳମଗ୍ନ

**ଖଣ୍ଡପଡା,୧୨।୧୦(ସ୍ୱ.ପ୍ର.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ତିତ୍‌ଲିର ପ୍ରଭାବରେ ଖଣ୍ଡପଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ବିଭିନ୍ନ ନଦୀ ଓ ଶାଖାନଦୀଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇଥିବା ଜଣାପଡିଛି । ଗତ ୨ ଦିନଧରି ଲଗାଣ ବର୍ଷା ଫଳରେ ମହାନଦୀ, କୁସୁମୀ, କୁଆଁରିଆ ଓ ଶାଖାନଦୀ ଆମ୍ବନାଳ ,ଡାହୁକା, କମେଇରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଜଳ କୂଳ ଲଂଘି ନଦୀ ତଟବର୍ତ୍ତୀ ଆଖପାଖ ଅଞ୍ଚଳକୁ ମାଡିଯିବାରୁ ହଜାର ହଜାର ହେକ୍ଟର ଧାନ,ଆଖୁ ଓ ପନିପରିବା ଚାଷଜମିରେ ବର୍ଷା ଜଳ ଲହଡି ଭାଙ୍ଗୁଛି । ଏପରିକି ତଳିଆ ଅଞ୍ଚଳରେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବା ଜନସାଧାରଣଙ୍କ ଘରେ ବନ୍ୟା ପାଣି ପଶିଥିବା ଜଣାଯାଇଛି। ଧାନ ଚାଷ ଜମିଗୁଡିକରେ ବନ୍ୟା ଜଳ ଲହଡି ମାରି ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଉଛି। ଏନେଇ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଖଣ୍ଡପଡା-ଗୁଣ୍ଠୁଣୀ ରାସ୍ତାର କୁଞ୍ଜବିହାରୀପୁର ଓ ପୁରୁଣା ସାହାସପୁର ଗ୍ରାମ,ଅଁଳାମଡା ଆନିକଟ ନିକଟରେ କୁସୁମୀ ନଦୀର ବନ୍ୟାଜଳ ମୁଖ୍ୟ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତା ଦେଇ ଶୁକ୍ରବାର ଅପରାହ୍ନରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି ଶାଳଝରିଆ ଗ୍ରାମରୁ ନିକଟସ୍ଥ ଶିଖରପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ୪ ଫୁଟ ଉଚ୍ଚରେ କୁସୁମୀ ନଦୀର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଖଳିସାହି-ଆଡକଡା ପୂର୍ତ୍ତବିଭାଗ ରାସ୍ତାର କୁଆଁରିଆ ବ୍ରିଜ୍ ଉପରେ ୩ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ ବନ୍ଦ ରହିଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ବନ୍ୟା ପାଣି ଯୋଗୁଁ ଶାଳଝରିଆ, ଗୁଣ୍ଠୁଣୀ, ରାଣୀପଡା, ଗିରିଗିରିଆ, ଅଁଳାମଡା, ଚଣ୍ଡି, ପୁରୁଣା ସାହାସପୁର ସମେତ ଆଖପାଖ ଅଞ୍ଚଳର ଧାନ, ଆଖୁ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ସେହିପରି କୁଆଁରିଆ ନଦୀର ବନ୍ୟାଜଳ ଯୋଗୁଁ କୁମ୍ଭାରପଡା, କିଆଝର, ରୟତ ଢୋଲମରା, ବେଣାଗାଡିଆ, ଗଡିଆସାହି, ବୋଦସା ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମର ଚାଷୀ ଜମି ଗୁଡିକ ଜଳମଗ୍ନ ହୋଇଥିବା ଜଣାପଡିଛି । ଖଣ୍ଡପଡା ସହରର ପ୍ରାଚୀନ ଶୈବପୀଠ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ବନ୍ୟାଜଳରେ ବୁଡି ରହିବା ଯୋଗୁଁ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଇଛି। ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ତହସିଲଦାର ଶୁଭଶ୍ରୀ ରଥ, ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ଅଞ୍ଚଳକୁ ପରିଦର୍ଶନରେ ଯାଇ ବର୍ଷା ଓ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପରିବାରଗୁଡିକୁ ଭେଟି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ବର୍ଷା ଓ ବନ୍ୟା ଦ୍ୱାରା ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ରଥ ସମସ୍ତ ରାଜସ୍ୱ ନୀରିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା ପରେ ରାଜସ୍ୱ ନୀରିକ୍ଷକ ମାନେ ବନ୍ୟାଞ୍ଚଳ ଗସ୍ତ କରି ରିପୋର୍ଟ ସଂଗ୍ରହ କରୁଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି।


ଖଣ୍ଡପଡ଼ା ଅଞ୍ଚଳରେ ଧାନଜମି ବର୍ଷାଜଳରେ ବୁଡ଼ି ରହିଛି।

# ମେଡିକାଲ କାର୍ଯ୍ୟାଳୟରେ ପଶିଲା ବର୍ଷାଜଳ

**ଗଣିଆ,୧୨।୧୦(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ଗତ ୩ଦିନ ଧରି ଲାଗିରହିଥିବା ବର୍ଷା ଯୋଗୁ ଗଣିଆ ବ୍ଲକର ବହୁ ସ୍ଥାନରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି । ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଡ୍‌ମିନିଷ୍ଟ୍ରେଶନ କାର୍ଯ୍ୟାଳୟ ପରିସରରେ ପାଣି ଜମି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହି କାର୍ଯ୍ୟାଳୟ ପରିସରରେ କୌଣସି ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଫଳରେ ଲଗାଣ ବର୍ଷା ହେଲେ ପରିସରରେ ଥିବା ସମସ୍ତ ଅଫିସ୍ ଘରଗୁଡିକରେ ପାଣି ପଶି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେଉଛି । ତେବେ ଚଳିତ ଲଗାଣ ବର୍ଷା ପ୍ରଭାବରେ ଏହି କାର୍ଯ୍ୟାଳୟ ପରିସରରେ ଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପିଏଚ୍‌ଓ, ଏନଆର୍‌ଏଚ୍‌ଏମ୍ ଓ ଆକାଉଣ୍ଟ ବିଭାଗର କାର୍ଯ୍ୟାଳୟ ଗୃହରେ ବର୍ଷାପାଣି ଲହଡ଼ି ମାରିଥିବା ଦେଖିବାକୁ ମିଳିଛି।

ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁ ଏହି ବିଭାଗର ଅଫିସ ଗୃହଗୁଡିକର ଆଲ୍‌ମିରା ଭିତରେ ପାଣି ପଶି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ପବ୍ଲିକ୍ ହେଲ୍‌ଥ କାର୍ଯ୍ୟାଳୟରେ ଥିବା ଔଷଧ ନଷ୍ଟ ହୋଇଯାଇଛି । ଶୁକ୍ରବାର ସକାଳୁ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସି ପାଣି ଭିତରୁ କାଗଜପତ୍ର ଓ ବିଭିନ୍ନ ସାମଗ୍ରୀ ଉଦ୍ଧାର କରିଥିଲେ । ପାଣି ଜମି ରହିଥିବା ଯୋଗୁ କର୍ମଚାରୀମାନେ କାର୍ଯ୍ୟ କରିବା ସମ୍ଭବ ହୋଇ ନ ଥିଲା । ଏ ସମ୍ପର୍କରେ ଗଣିଆ ମେଡିକାଲ ଅଫିସର ଡାକ୍ତର ମଧୁସୂଦନ ଦାସଙ୍କୁ ପଚାରିବାରୁ ଏହି ସମସ୍ୟା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇପାରିନାହିଁ ବୋଲି କହିଛନ୍ତି ।


ମେଡିକାଲ କାର୍ଯ୍ୟାଳୟ ପରିସରରେ ବର୍ଷାଜଳ ଜମି ରହିଛି।

# ଡ୍ରେନ ଜବରଦଖଲ: ୫୦ ପରିବାର ଜଳବନ୍ଦୀ

**ଭାପୁର,୧୨।୧୦(ଡି.ଏନ.ଏ.)**

ଭାପୁର ବ୍ଲକ କଇଁଫୁଲିଆ ଓ ଭାପୁର ଗ୍ରାମର କିଛି ବ୍ୟକ୍ତି ଡ୍ରେନ ଜବରଦଖଲ କରିଥିବାରୁ ଉଭୟ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ନାହିଁ ନ ଥିବା ହଇରାଣ ହେଉଛନ୍ତି। କେତେକ ପରିବାରଙ୍କ ଘର ଭିତରେ ଓ ବାହାରେ ୨ରୁ ୩ ଫୁଟ୍ ବନ୍ୟାଜଳ ଲହଡି ଭାଙ୍ଗୁଛି। ଖବର ନେବାରୁ ଜଣାପଡିଛି ଯେ, ତିତ୍‌ଲି ପ୍ରଭାବରେ ଗୁରୁବାର ରାତିରୁ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏଥିରେ ବିଲବାଡ଼ି ଜଳାର୍ଣ୍ଣବ ହୋଇଥିଲା। କେତେକ ଖାଲୁଆ ଅଞ୍ଚଳରେ ପାଣି ଜମିରହିଛି। କଇଁଫୁଲିଆ ଗ୍ରାମର ତଳସାହିରେ କିଛି ନୂତନ ଗୃହ ନିର୍ମାଣ ହୋଇଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରି ନାହିଁ। ଏପରି କି କେତେକ ବ୍ୟକ୍ତି ପାଣି ଯାଉଥବା ବାଟକୁ ମାଟି ପକାଇ ରଖିବା ଯୋଗୁ ୨୦ ପରିବାର ଜଳବନ୍ଦୀ ହୋଇରହିଛନ୍ତି। ସେହିପରି ଭାପୁର ପାଟଣା ସାହିରେ ଥିବା ଡ୍ରେନ୍‌ରେ କିଛି ବ୍ୟକ୍ତି ମାଟି ପକାଇ ବନ୍ଦ ରଖିବା ଯୋଗୁ ଜଳ ନିଷ୍କାସନ ହୋଇ ନ ପାରି ୩୦ ପରିବାରଙ୍କ ଘର ପାଣିଘେରରେ ରହିଛି। ଜଳବନ୍ଦୀ ହୋଇ ରହିଥିବା ପରିବାରର ମହିଳାମାନେ ବିଡିଓ, ତହସିଲଦାର ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷା ଯୋଗୁ ଭାପୁର ବଜାରରେ ଥିବା ନାରାୟଣ ସାହୁଙ୍କ ଘର ଓ ଗ୍ରାମ୍ୟଉନ୍ନୟନ ବିଭାଗର ପାଚେରି ଭାଙ୍ଗି ଯାଇଛି। ଏ ବିଷୟରେ ସମିତିସଭ୍ୟା ସଙ୍ଗୀତା ବେହେରା କୁହନ୍ତି, ପୂର୍ବରୁ ଏପରି କେବେ ବର୍ଷା ହୋଇ ନ ଥିଲା। ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଲକ୍ଷ୍ୟ କରି ଡ୍ରେନ୍ ନିର୍ମାଣ ହେବ।

# ନୟାଗଡ଼-ରଣପୁର ରାସ୍ତା ବିଚ୍ଛିନ୍ନ

**ରଣପୁର,୧୨।୧୦(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ତିତ୍‌ଲିର ବିପଦ ଟଳିଥିଲା ବେଳେ ଏହାର ପ୍ରଭାବରେ ରଣପୁର, ନୟାଗଡ଼ ଅଞ୍ଚଳରେ ପ୍ରବଳରୁ ପ୍ରବଳ ବର୍ଷା ଲାଗିରହିଛି। ଫଳରେ ନୟାଗଡ଼-ରଣପୁର ମୁଖ୍ୟରାସ୍ତାର ଗମ୍ଭାଡି ଗ୍ରାମଠାରେ ଥିବା ପୋଲ ଉପରେ ୫ ଫୁଟର ବର୍ଷାଜଳ ପ୍ରବାହିତ ହେବାରୁ ଶୁକ୍ରବାର ଏହି ରାସ୍ତାଟି ବିଚ୍ଛିନ୍ନ ହୋଇପଡିଛି। ଅପରପକ୍ଷେ ପବନ ଯୋଗୁ ରାସ୍ତାରେ ଛୋଟ ବଡ଼ ଗଛମାନ ଉପୁଡି ପଡିଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ବୁଧବାର ରାତ୍ରରୁ ଆରମ୍ଭ ହୋଇଥିବା ଏହି ବର୍ଷା ଗୁରୁବାର ୧୩୦ ମିଲି ମିଟର ହୋଇଥିଲା ବେଳେ ଶୁକ୍ରବାର ସର୍ବାଧିକ ୨୧୮ ମିଲିମିଟର ବର୍ଷା ହୋଇଛି। ଫଳରେ ବିଭିନ୍ନ ଗ୍ରାମରେ ଥିବା ମାଟି ଚାଳଛପର ଘରଗୁଡିକର କାନ୍ଥ ଭାଙ୍ଗିପଡିଛି । ସେହିପରି ଏହି ବର୍ଷାରେ ରଣପୁର ତହସିଲର ବ୍ରଜରାଜପୁର ପଞ୍ଚାୟତର ନଛିପୁର ଏବଂ ମହତପଲ୍ଲା ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମର ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି । ହେଲେ ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ଜିଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ ପହଞ୍ଚି ପାରିନାହିଁ । ସର୍ବାଧିକ ଲଗାଣ ବର୍ଷା ଯୋଗୁ ଜମିରେ ଅଧିକା ବର୍ଷାଜଳ ରହିଥିବାରୁ ଚଳିତ ବର୍ଷ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ସେହିପରି ଲଗାଣ ବର୍ଷା ଫଳରେ ଏହି ଅଞ୍ଚଳର ଦୋକାନ ବଜାର ଶୂନ୍‌ଶାନ ହୋଇଯାଇଥିଲା ବେଳେ ଯାନବାହନ ଚଳାଚଳ କରି ନ ଥିଲା । ଏହାଦ୍ୱାରା ଜନସାଧାରଣ ନାହିଁ ନ ଥିବା ହଇରାଣ ହୋଇଥିଲେ ।

# ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

**ଦଶପଲ୍ଲା,୧୨।୧(ଡି.ଏନ.ଏ.)**

■୧୯ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ
■ପୋଲ ଧୋଇହୋଇ ଗମନାଗମନ ବିଚ୍ଛିନ୍ନ
■ପଥର ପଡ଼ି ଜାତୀୟ ରାଜପଥ ଅବରୋଧ
■ଭାଙ୍ଗିଲା ଘର, ଭାସିଗଲେ ଯୁବକ

ତିତ୍‌ଲି ଭୟ ଟଳିଥିବାବେଳେ ପ୍ରବଳ ବର୍ଷା ଯୋଗୁ ଦଶପଲ୍ଲା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୧୧ ତାରିଖ ସନ୍ଧ୍ୟା ୫ଟାଠାରୁ ୮ଘଣ୍ଟା ମଧ୍ୟରେ ୧୦୦ମି.ମି. ବର୍ଷା ହୋଇଥିବା ସ୍ଥାନୀୟ କୁଆଁରିଆ ଜଳସେଚନ ବିଭାଗ ପକ୍ଷରୁ ଜଣାପଡିଛି। କୁଆଁରିଆ ଜଳଭଣ୍ଡାରର ପ୍ରଥମେ ୨ଟି ଓ ପରେ ୨ଟି ଗେଟ୍‌କୁ ରାତି ୧୨ଟା ପର୍ଯ୍ୟନ୍ତ ଖୋଲାଯାଇଥିଲା। ୧୨ତାରିଖ ଅପରାହ୍ନ ୩ଟାରେ ପର୍ଯ୍ୟାୟକ୍ରମେ ଏହାକୁ ବନ୍ଦ କରାଯାଇଥିଲା। ଏବେ ବି କୁଆଁରିଆ ଜଳଭଣ୍ଡାରର ସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହି ବର୍ଷା ଯୋଗୁ ୧୯ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାରରେ ଗଛ ପଡିବା ସହ ତାର ଛିଣ୍ଡି ପଡିଥିଲା। ଦଶପଲ୍ଲା ବ୍ଲକର ଓସ୍ତିଆ, ଘୁଗୁଡିପଡା ଓ ଚଢେୟାପଲ୍ଲୀ ପଞ୍ଚାୟତର ଅନେକ ଗ୍ରାମ ଜଳବନ୍ଦୀ ହୋଇ ରହିଥିଲା। କଙ୍କଣମେଣ୍ଡିଠାରେ ଥିବା ପୋଲଟି ସମ୍ପୂର୍ଣ୍ଣ ଧୋଇହୋଇ ଯାଇଥିବାରୁ ବିଜାତଇଲା, କୁମ୍ଭିକିଳା, ଆମ୍ବଲିମ୍ବା, ଚାଞ୍ଚେରାପଲ୍ଲୀ, କଳାକିଆରୀ, ବଣି ଓ କନ୍ଧମାଳ ଜିଲାର ବ୍ରାହ୍ମଣପାଦ ଓ ଚକାପାଦ ଅଞ୍ଚଳକୁ ଦଶପଲ୍ଲାରୁ ଗମନାଗମନ ବିଚ୍ଛିନ୍ନ ହୋଇପଡିଛି। ସ୍ଥାନୀୟ ଖଣ୍ଡପଡା ଓ ଗୋହିରିଆପଡା ରାସ୍ତା ମଝିରେ ଥିବା ପୋଲ ଉପରେ ପାଣି ଯାଇ ଭାଙ୍ଗି ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲଗାଣ ବର୍ଷା ଫଳରେ ବାଣିବିରି ଘାଟିଠାରେ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବଡ ପଥର ରାଜପଥ ଉପରକୁ ଖସି ଆସିବାରୁ ଦଶପଲ୍ଲା-ବାଣିଗୋଛା ଗମନାଗମନ ଦୀର୍ଘ ୭ଘଣ୍ଟା ଧରି ବନ୍ଦ ରହିଥିଲା। ଘରଭଙ୍ଗା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ନ ଥିଲେ ମଧ୍ୟ ନାହାକପଡା ଗ୍ରାମର ସ୍ୱର୍ଣ୍ଣଲତା ବେହେରା ଓ ବନଲତା ବେହେରାଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ରାତିରେ ଶୋଇଥିବା ସମୟରେ ସ୍ୱର୍ଣ୍ଣଲତାଙ୍କ ଘର ହଠାତ୍ ଭାଙ୍ଗି ପଡିଥିବା ବେଳେ ଅଳ୍ପକେ ପରିବାର ରକ୍ଷା ପାଇଯାଇଛନ୍ତି। ଅନ୍ୟପାର୍ଶ୍ୱରେ ଗଛ ଉପରୁ ନଦୀକୁ ଡେଇଁ ଜଣେ ଯୁବକ ଭାସିଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉକ୍ତ ଯୁବକଙ୍କ ନାମ ତୋଫାନ ଦାସ(୧୮) ଓ ତାଙ୍କ ଘର ସ୍ଥାନୀୟ ଖଣ୍ଡପଡା ଗ୍ରାମରେ। ଏହି ବର୍ଷାରେ ଧାନ, ମୁଗ, ରାଶି, କୋବି ଓ ଟମାଟୋ ଫସଲ ନଷ୍ଟ ହୋଇଯାଇଛି।


ସାତପାଟଣା-ଗୋହରି ରାସ୍ତା ଫାଟି ନଷ୍ଟ ହୋଇଯାଇଛି।




### ଲକ୍ଷ୍ମୀପ୍ରସାଦ ଜଳଯୋଗାଣ ପ୍ରକଳ୍ପ

# ୫ ବର୍ଷ ବିତିଲା, କାର୍ଯ୍ୟକାରୀ ହେଲାନି

**ଖଣ୍ଡପଡ଼ା,୧୨।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଧାନଚେଙ୍ଗଡା ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇବା ଲକ୍ଷ୍ୟ ନେଇ ୧୦ ବର୍ଷ ପୂର୍ବେ ଏକ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଏହି ଯୋଜନାରେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ବୋର୍‌ୱେଲ କରାଯାଇ ଭୂତଳ ଜଳକୁ ୩.୫ ଅଶ୍ୱଶକ୍ତିସମ୍ପନ୍ନ ବିଦ୍ୟୁତ୍‌ଚାଳିତ ମୋଟର ପମ୍ପ ସାହାଯ୍ୟରେ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପରିଚାଳିତ ହୋଇଆସୁଥିଲା । ପ୍ରକଳ୍ପଠାରୁ ପ୍ରାୟ ଏକ କିଲୋମିଟର ଦୂର ଉକ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ଭୂମି ତଳେ ପାଇପ୍ ବିଛାଯାଇ ଜଳଯୋଗାଣ କରାଯାଇଥିଲେ ମଧ୍ୟ ଉକ୍ତ ଜଳ ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଏହାକୁ ବ୍ୟବହାର କରି ଅଧିକାଂଶ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ । ବିଶେଷକରି ଏହି ପାଣି ବ୍ୟବହାର କରି ଗ୍ରାମର ଅଧିକାଂଶ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ୧୦ରୁ ୧୫ ବ୍ୟକ୍ତି ଏହି ରୋଗରେ ପ୍ରାଣ ମଧ୍ୟ ହରାଇଥିବା ଗ୍ରାମବାସୀ ଏବଂ ଧାନଚେଙ୍ଗଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ ସୂଚନା ଦେଇଛନ୍ତି । ଅଭିଯୋଗ ପରେ ଉକ୍ତ ପ୍ରକଳ୍ପକୁ ବନ୍ଦ କରିଦିଆଯାଇଥିଲା । ଗ୍ରାମବାସୀଙ୍କ ବହୁ ଦାବି ପରେ ଗତବର୍ଷ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପ୍ରଚେଷ୍ଟା କ୍ରମେ ୬୯ ଲକ୍ଷ ଟଙ୍କା ବ୍ୟୟରେ ଭୋଗଡା ଓ ଲକ୍ଷ୍ମୀପ୍ରସାଦ ପାନୀୟ ଜଳ ପ୍ରକଳ୍ପ ନାମରେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ନୂତନ ଇନ୍‌ଟେକ ୱେଲ୍ ନିର୍ମାଣ କରାଯାଇ ଉକ୍ତ ଦୁଇଟି ଗ୍ରାମକୁ ପାଇପ ବିଛାଯାଇଛି । ମାତ୍ର କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ମୋଟର ଏବଂ ଟ୍ୟାପ୍ ସଂଯୋଗ କରାଯାଇ ନ ଥିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ଅଛନ୍ତି । ସୂଚନା ଯୋଗ୍ୟ, ଧାନଚେଙ୍ଗଡା ପଞ୍ଚାୟତର ୧, ୨ ଓ ୩ ନମ୍ବର ୱାର୍ଡରେ ୧୨ଶହ ଜନସାଧାରଣଙ୍କୁ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମ ଗଠିତ । ଉକ୍ତ ଗ୍ରାମରେ ୧୦ଟି ନଳକୂପ ରହିଥିଲେ ମଧ୍ୟ ଏହି ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ୨ଟି କୂପ ଥିଲେ ମଧ୍ୟ ସେଗୁଡିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ । ଏଣୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଗ୍ରାମବାସୀ ପିଇବା ପାଣି ମୁନ୍ଦେ ପାଇଁ ୩ କିଲୋମିଟର ଦୂର ଧାନଚେଙ୍ଗଡା ଗ୍ରାମକୁ ଯାଇ ପାଣି ସଂଗ୍ରହ କରୁଥିବା ପରିଲକ୍ଷିତ ହେଉଛି । ମହିଳାମାନେ ମଧ୍ୟ ଏତେଦୂର ଚାଲି ଚାଲି ଯିବା କଷ୍ଟକର ହୋଇଥିବାରୁ ଏହି ପାଣି ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ନୟାଗଡ଼ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ପାଇଁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।


କମେଇ ନଦୀ କୂଳରେ ନିର୍ମିତ ଇନଟେକ୍ ୱେଲ୍ ।

## ସଂକ୍ଷେପରେ

### କିଡ୍‌ନୀ ରୋଗୀ ଉପରେ ୫ ପ୍ରାଣୀ କୁଟୁମ୍ବର ବୋଝ



**ନୂଆଗାଁ,୧୨।୧୦(ଡି.ଏନ.ଏ.):** ନୟାଗଡ଼ ଜିଲା ମାଇଛେଳି ପଞ୍ଚାୟତର କୋଷାକଟା ଗ୍ରାମର କୃଷ୍ଣଚନ୍ଦ୍ର ଜେନା(୫୩) ଜଣେ କିଡ୍‌ନୀ ରୋଗୀ । ତେବେ ତାଙ୍କ ଉପରେ ରହିଛି ୫ ପ୍ରାଣୀ କୁଟୁମ୍ବର ବୋଝ । ଉଲ୍ଲେଖଯୋଗ୍ୟ କି ନିଜ ଜମିରେ ଚାଷ କରି ସେଥିରେ ବୃଦ୍ଧା ମାଆ ଛଟି, ସ୍ତ୍ରୀ ବାଳାମଣି , ୨ ପୁଅ ବୃନ୍ଦାବନ (୨୦) ଓ ସିଲୁ (୧୫) ଏବଂ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଝିଅ ଲିପିନା(୯)ଙ୍କୁ ପ୍ରତିପୋଷଣ କରନ୍ତି। ତେବେ କୃଷ୍ଣଚନ୍ଦ୍ରଙ୍କ ଦେହ କିଛି ଦିନ ପୂର୍ବରୁ ହଳଦିଆ ପଡିଆସିଲା । ଅତ୍ୟନ୍ତ ଦୁର୍ବଳ ଅନୁଭବ କରିବାରୁ ପ୍ରଥମେ ନୟାଗଡ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟ ପରୀକ୍ଷାରୁ ଜଣାପଡ଼ିଲା ଯେ ତାଙ୍କର ଗୋଟିଏ କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଘର ଡିହ ବନ୍ଧକ ରଖି ଚିକିତ୍ସା ପରେ ଅନ୍ୟ କିଡ୍‌ନୀକୁ ରୋଗ ସଂକ୍ରମିତ ହୋଇପାରି ନ ଥିଲା। ତେବେ ପରିବାରର ଆର୍ଥିକ ସମସ୍ୟା ବଢ଼ିବାରେ ଲାଗିଲା। ତେଣୁ ବଡପୁଅ ବୃନ୍ଦାବନ ପାଠପଢ଼ା ବନ୍ଦ କରି ରୋଜଗାର କରିବାକୁ ଆରମ୍ଭ କଲେ। ପ୍ରତି ମାସରେ କୃଷ୍ଣଚନ୍ଦ୍ରଙ୍କ ଔଷଧ ଖର୍ଚ୍ଚ ପାଇଁ ୨୦ ହଜାର ଟଙ୍କା ଆବଶ୍ୟକ ହୋଇଥାଏ। ପୁଅ ଯାହା ରୋଜଗାର କରେ ସେଥିରେ ନିଜେ ଚଳିବା ସହ ବାପାଙ୍କୁ ଯାହା ଦିଏ ସେଥିରେ ଔଷଧ ଖର୍ଚ୍ଚ ସମ୍ଭବ ହୁଏ ନାହିଁ । ଲିପିନା ଆଙ୍ଗୁଠିରେ ସମସ୍ୟା ଯୋଗୁ ତା'ର ଆଧାର କାର୍ଡ଼ ହୋଇପାରିନି। ତେଣୁ ସେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ। ସରକାରୀ ସହାୟତା ପାଇଁ ସେ ନୂଆଗାଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ବିଫଳ ହେବାପରେ ଗ୍ରାମର ଚିନ୍ତାମଣି ପ୍ରଧାନ ଓ କିଛି ଯୁବକଙ୍କ ନିବେଦନ କ୍ରମେ ବ୍ଲକ ଏସ୍‌ଇଓ ନରେଶ ଚନ୍ଦ୍ର ସ୍ୱାଇଁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ହାଇୱା-ବାଇକ୍ ମୁହାଁମୁହିଁ, ବାଇକ୍ ଚାଳକଙ୍କ ମୃତ୍ୟୁ

**ଦଶପଲ୍ଲା,୧୨।୧୦(ଡି.ଏନ.ଏ.)**

ଶୁକ୍ରବାର ରାତିରେ ଦଶପଲ୍ଲା ଥାନା ପଙ୍କୁଆ ନିକଟରେ ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦେବାଶିଷ ଜାନି ଓ ତାଙ୍କ ଘର ବାଣିଗୋଛା ଥାନା ବାଲିବେରେଣା ଗ୍ରାମରେ। ଦେବାଶିଷ ଓ ତାଙ୍କ ସାଙ୍ଗ କବୀନ୍ଦ୍ର ମଲିକ ବାଇକ୍ ( ଓଡି୨୫ଇ-୮୫୩୩)ରେ ଦଶପଲ୍ଲାରୁ ଘରକୁ ଫେରୁଥିବା ବେଳେ ପଙ୍କୁଆ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା (ଓଆର୍ ୦୫ଏସ୍‌୫୩୫୭) ହାଇୱା ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିବା ବେଳେ କବୀନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାସ୍ଥଳରୁ ହାଇୱା ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ହାଇୱା ଓ ବାଇକ୍ ଜବତ କରାଯାଇଛି।

# ଏନ୍‌ଏସି ଅଫିସ ଆଗରେ ତୁଳସୀ ମହାସଂଘର ଧାରଣା



ଏନ୍‌ଏସି ଅଫିସ ଆଗରେ ମହାସଂଘ କର୍ମକର୍ତ୍ତା।

**ଦଶପଲ୍ଲା,୧୨।୧୦(ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ତୁଳସୀ ମହାସଂଘ ପକ୍ଷରୁ ଶତାଧିକ ମହିଳା ଶୁକ୍ରବାର ଏନ୍‌ଏସି ଅଫିସରେ ଆଗରେ ଧାରଣା ଦେଇଥିଲେ। ମହାସଂଘ ସଭାନେତ୍ରୀ, ସମ୍ପାଦିକାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ କିଛିମାସ ତଳେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କ ଉପସ୍ଥିତିରେ ଏନ୍‌ଏସିରେ ଥିବା ଅଞ୍ଚଳର ଦୁଇଟି ମହାସଂଘ ଅଫିସ ଗୃହକୁ ସିଲ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଥିମଧ୍ୟରୁ ଗୋଟିଏ ଅଫିସ ଖୋଲାଯାଇଥିବା ବେଳେ ତୁଳସୀ ମହାସଂଘ ଅଫିସ ଖୋଲାଯାଇ ନ ଥିଲା। ଫଳରେ ଉକ୍ତ ମହାସଂଘର ମହିଳାମାନେ ଏନଏସି ଅଫିସ ଆସି ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଶୁକ୍ରବାର ଏନ୍‌ଏସି ଅଫିସର ସେମାନଙ୍କ ସହିତ ଆଲୋଚନା ପାଇଁ ସମୟ ଦେଇଥିଲେ। ସକାଳ ୧୦ଟାରୁ ମହିଳାମାନେ ଅଫିସରେ ପହଞ୍ଚିଥିଲେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର ଅଫିସରେ ଅନୁପସ୍ଥିତ ଥିଲେ। ବହୁ ସମୟ ପରେ ମହିଳାମାନେ ଅସନ୍ତୋଷ ପ୍ରକାଶ କରି ଅଫିସ ଆଗରେ ଧାରଣା ଦେଇଥିଲେ। ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଧାରଣା ସ୍ଥଳରୁ ହଟି ନ ଥିଲେ। ପରେ ଅପରାହ୍ନ ୪ଟାରେ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ଅଫିସରେ ପହଞ୍ଚି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା ପରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ନିଷ୍ପତ୍ତି ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣାରୁ ନିବୃତ୍ତ ରହିଥିଲେ।

## ନାବାଳିକା ଅପହରଣ ମାମଲାରେ ବିବାହିତ ଯୁବକ ଗିରଫ

**ଓଡ଼ଗାଁ,୧୨।୧୦(ସ୍ୱ.ପ୍ର.)**

ଓଡଗାଁ ଥାନା ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତ ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରିବା ମାମଲାରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା । ହେଲେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକ ଶରଣକୁଳ ଥାନା ଚଡିଆପଲ୍ଲୀ ଗ୍ରାମର ବୁଲୁ ନାହାକ(୨୮) । ମଙ୍ଗଳବାର ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ସ୍କୁଲ ଯାଉଥିବା ସମୟରେ ବୁଲୁ ତାଙ୍କୁ ଅପହରଣ କରିନେଇଥିଲେ। ଏଣେ ଘରକୁ ନ ଫେରିବାରୁ ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରି ବୁଧବାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ୨୦୪/୧୮ରେ ଏକ ମାମଲା ରୁଜୁ କରିବା ସହିତ ସେହିଦିନ ହିଁ ଅଭିଯୁକ୍ତ ବୁଲୁଙ୍କୁ ଗିରଫ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହା ସହିତ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରିବା ପରେ ନାବାଳିକାଙ୍କୁ ଜିଲା ଶିଶୁ ସୁରକ୍ଷା ସେଲ୍‌କୁ ହସ୍ତାନ୍ତର କରିଥିଲା। ସୂଚନା ଅନୁସାରେ ଅଭିଯୁକ୍ତ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ୭ବର୍ଷର ପିଲା ଥିବା ଜଣାଯାଇଛି।

# ହଜାରୀଙ୍କୁ ମିଳିଲା ସହାୟତା

**ଦଶପଲ୍ଲା,୧୨।୧୦( ଡି.ଏନ.ଏ.)**

ହଜାରୀ ବେହେରାଙ୍କୁ ଶୁକ୍ରବାର ମିଳିଛି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ନଗଦ ୮ ହଜାର ଟଙ୍କା। ଗତ ୧୧ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ହଜାରୀଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ଦଳବେହେରା ହଜାରୀଙ୍କ ନିକଟରେ ପହଞ୍ଚି ନଗଦ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୮ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ହଜାରୀ ଦିବ୍ୟାଙ୍ଗ (ଦୃଷ୍ଟିଶକ୍ତିହୀନ) ଥିବାରୁ ତହସିଲଦାର ଦଳବେହେରା ତାଙ୍କର ସମ୍ପର୍କୀୟ ଭଉଣୀ ବୁଦ୍ଧେଇ ବେହେରାଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।
ସୂଚନାଯୋଗ୍ୟ ଘୁଗୁଡିପଡା ପଞ୍ଚାୟତ ଓସ୍ତିଆ ଗ୍ରାମର ଭିନ୍ନକ୍ଷମ ହଜାରୀ ବେହେରା ଓ ଭଉଣୀ ସୀତା ବେହେରା ଆଜନ୍ମ ଅନ୍ଧ ଓ ମୁକବଧିର ହୋଇଥିବା ବେଳେ ଏକ ଭଙ୍ଗା କୁଡିଆରେ ଜୀବନ ବିତାଉଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ଉଭୟ ଭଉଣୀଭାଇଙ୍କୁ ଜିଲାପାଳ ୨୦୧୬ ନଭେମ୍ବର ୨୨ ତାରିଖରେ ପତ୍ର ସଂଖ୍ୟା ୩୦୮୯ ଅନୁଯାୟୀ ୮ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୬ ଡିସେମ୍ବର ୨୨ ତାରିଖରେ ତହସିଲ ପକ୍ଷରୁ ହଜାରୀ ଓ ଭଉଣୀ ସୀତାଙ୍କୁ ୮ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଥିଲା। ମାତ୍ର ଚେକ୍ ପାଇବାର କିଛିଦିନ ପରେ ଭଉଣୀ ସୀତାଙ୍କ ମୃତ୍ୟୁ ହୋଇଯାଇଥିଲା। ୨ବର୍ଷ ପରେ ବି ହଜାରୀ ଏହି ଚେକ୍ ବଦଳରେ ସହାୟତା ରାଶି ଉଠାଇବା ପାଇଁ ଅସମର୍ଥ ହୋଇପଡିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତହସିଲଦାର ଦଳବେହେରା ପୁରୁଣା ଚେକ୍‌କୁ ଗ୍ରହଣ କରିବା ସହ ନଗଦ ୮ହଜାର ଟଙ୍କା ପ୍ରଦାନ କରିଥିଲେ।


ସହାୟତା ଦେଉଛନ୍ତି ତହସିଲଦାର।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରଣପୁର,୧୨।୧୦(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନପୁର ପଞ୍ଚାୟତର ଲେଖନପୁର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ନାୟକ (୫୨) । ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥ ଶୌଚ ହେବା ପାଇଁ ଗ୍ରାମରେ ଥିବା ଗୁଣ୍ଡିଚା ପୋଖରୀକୁ ଯାଇଥିଲେ। ବର୍ଷା ଯୋଗୁ ପୋଖରୀରେ ପାଣି ଭର୍ତ୍ତିହୋଇ ରହିଥିବାରୁ ତାଙ୍କ ଗୋଡ଼ ଖସିଯାଇଥିଲା ଓ ସେ ପାଣିରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ସନ୍ଧ୍ୟା ପରଠାରୁ ଲଘୁଚାପଜନିତ ପ୍ରବଳ ବର୍ଷା ପରେ ପରିବାର ଲୋକମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ଶୁକ୍ରବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ । ରଣପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ରଣପୁର ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଦୁର୍ନୀତି ବିରୋଧରେ ଭାଜପାର ଅନଶନ

**ଭାପୁର,୧୨।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଚାଲିଥିବା ଦୁର୍ନୀତି ବିରୋଧରେ ଶୁକ୍ରବାର ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଦଳର ମହିଳାନେତ୍ରୀ ଇଂ ଅର୍ଚ୍ଚନା ଦାଶଙ୍କ ନେତୃତ୍ୱରେ ଏହି ଅନଶନ ଆରମ୍ଭ ହୋଇଛି। ଏଥିରେ ଭାପୁରର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲା ଉପସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ମନମୋହନ ସାମନ୍ତରାୟ, ଅନନ୍ତ ଚରଣ ବେହେରା, ବିଭୂତି ମହାପାତ୍ର, ସୁବାସିନୀ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଛନ୍ତି। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ବ୍ଲକରେ ୨ବର୍ଷ ହେଲା ପରିବାର ମଙ୍ଗଳ ଯୋଜନାରୁ ହିତାଧିକାରୀ ବଞ୍ଚିତ ହେବା, ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ବଣ୍ଟନରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ନିମ୍ନମାନର କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା, ବ୍ଲକରେ ୧୩୦୦ରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ମଞ୍ଜୁର ହୋଇଥିଲେ ହେଁ ହିତାଧିକାରୀ ଅଦ୍ୟାବଧି ଟଙ୍କା ପାଇବାରୁ ବଞ୍ଚିତ ହେବା ଆଦି ଅନ୍ୟତମ। ଏସବୁ ଦାବି ସମ୍ପର୍କରେ ପୂର୍ବରୁ ଜିଲା ପ୍ରଶାସନକୁ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତାଙ୍କ ଅନଶନ।

### ଭାପୁର ବ୍ଲକ

ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ତେଣୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପୂର୍ବାହ୍ନ ୧୦ଟାରୁ ଅନଶନ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ଉପରୋକ୍ତ ୫ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭାପୁର ବିଡିଓଙ୍କୁ କର୍ମକର୍ତ୍ତାମାନେ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଅନ୍ତର୍ଯ୍ୟାମୀ ଦାଶ କୁହନ୍ତି, ସେମାନଙ୍କ ଦାବିପତ୍ର ମୁଁ ଜିଲା ପ୍ରଶାସନକୁ ଜଣାଇ ଦେଇଛି। ସେଠାରୁ ଉତ୍ତର ଆସିଲେ ଯାହା କହିବି।



## ସଂକ୍ଷେପରେ

### ଅଳ୍ପକେ ରକ୍ଷା ପାଇଲା ସ୍କୁଲ ବସ୍




ଜି.ଉଦୟଗିରି,୧୨।୧୦(ଡି.ଏନ.ଏ.)- ଜି.ଉଦୟଗିରି ଲିଙ୍ଗାଗଡ଼ ବେଟିକୋଲା ମଝି ରାସ୍ତାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ଘରୋଇ ସ୍କୁଲ ବସ ଦୁର୍ଘଟଣାରୁ ରକ୍ଷା ପାଇଛି। ବାଲିଗୁଡ଼ାର ଏକ ଘରୋଇ ସ୍କୁଲର ବସ ହଷ୍ଟେଲରେ ରହୁଥିବା ବେଟିକୋଲା ଗ୍ରାମର ୨ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ତାଙ୍କ ଘରେ ଛାଡ଼ିବା ପାଇଁ ଆସୁଥିବା ବେଳେ ଲିଙ୍ଗାଗଡ଼ଠାରୁ ବେଟିକୋଲା ରାସ୍ତାର ଏକ କଲଭର୍ଟ ଦବିଯିବା ଫଳରେ ବସଟିର ପଛଭାଗ ଝୁଲି ରହିଥିଲା । ପିଲାଙ୍କ ସହିତ ୨ କର୍ମଚାରୀ ବସରେ ଥିଲେ । ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଜି.ଉଦୟଗିରି ବ୍ଲକର ପୂର୍ବତନ ଅଧକ୍ଷ ବସନ୍ତ ପ୍ରଧାନ ଘଟଣାସ୍ଥଳରେ ଉପସ୍ଥିତ ରହି ବସକୁ ମଧ ବାହାର କରାଇଥିଲେ। ଏହି ଘଟଣା ଜି.ଉଦୟଗିରି ପୋଲିସ ନିକଟରେ କୌଣସି ସୂଚନା ନାହିଁ ବୋଲି ଆଇଆଇସି ବାଳକୃଷ୍ଣ କହଁର କହିଛନ୍ତି ।

### ବର୍ଷା, ବନ୍ୟା, କନ୍ଧମାଳରେ ୨ ମୃତ

**କାଣ୍ଠ ପଡ଼ି ଜଣେ, ଅନ୍ୟ ଜଣେ ଭାସିଗଲେ**



ଫୁଲବାଣୀ ଅଫିସ/ ଶଙ୍କରାଖୋଲ,(ଡି.ଏନ.ଏ.), ୧୨।୧୦: ତିତ୍‌ଲି ପ୍ରଭାବରେ କନ୍ଧମାଳ ଜିଲାରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ଜଣେ ଶୌଚ ହେବା ପାଇଁ ନାଳକୁ ଯାଇଥିବା ବେଳେ ଭାସିଯାଇଥିଲେ। ସେହିପରି ଅନ୍ୟ ଜଣଙ୍କ ଉପରେ କାଣ୍ଠ ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି । ନାଳରେ ଭାସି ଯିବା ଘଟଣା ଫୁଲବାଣୀରେ ଘଟିଥିବା ବେଳେ କାଣ୍ଠ ପଡିବା ଘଟଣା ଟିକାବାଲି ବ୍ଲକରେ ଘଟିଛି ।

ମୃତକ ହେଲେ ଫୁଲବାଣୀ ପେଞ୍ଜିସାହିର ଅଶୋକ ବେହେରା ଓ ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଜିଗିନାଗାଁର ଜନକପତି କହଁର । ମିଳିଥିବା ସୂଚନା ଅନୁସାରେ, ଫୁଲବାଣୀ ସହର ପେଞ୍ଜିସାହିର ଅଶୋକ ନିକଟସ୍ଥ ବିଡାଙ୍ଗିସାହି ନାଳକୁ ସକାଳେ ଶୌଚ ହେବାକୁ ଯାଇଥିଲେ । ହଠାତ ପାଣି ମାଡି ଆସିବାରୁ ସେ ଭାସିଯାଇ ଚେକ୍ ଡ୍ୟାମରେ ଲାଗିଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କଲା ବେଳକୁ ମୃତ୍ୟୁ ହୋଇସାରିଥିଲା । ଅଶୋକ ଜଣେ ଡ୍ରାଇଭର ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସେହିଭଳି ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ଜିଗିନାଗାଁର ଜନକପତି ଘରେ ଥିବାବେଳେ ତାଙ୍କ ଉପରେ କାଣ୍ଠ ପଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଟିଙ୍ଗିଆ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ଅଞ୍ଚଳରେ ଜଣେ ୨ ବର୍ଷର ଶିଶୁ ଉପରେ କାଣ୍ଠ ପଡ଼ିଯିବା ଫଳରେ ସେ ଗୁରୁତର ହୋଇଛି । ତାଙ୍କୁ ବାଲିଗୁଡ଼ା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ବାତ୍ୟା ଭୟଠାରୁ ବଳିଛି ବର୍ଷାର ଦୁଃଖ

- ପୁରୀରେ ୨୧୦ ମିଲିମିଟର ବର୍ଷା
- ଅଶାନ୍ତ ରହିଛି ସମୁଦ୍ର
- ତଳି ଅଞ୍ଚଳରେ ଜମିଛି ପାଣି
- ସ୍ଥିତି ଅନୁଧ୍ୟାନ କଲେ ରାଜସ୍ୱ ମନ୍ତ୍ରୀ

ପୁରୀ ଅଫିସ,୧୨।୧୦

ବାତ୍ୟା ତିତ୍‌ଲିର ଭୟ ସିନା ଟଳିଗଲା ହେଲେ ବର୍ଷା ଦେଲା ଦୁଃଖ। ବାତ୍ୟା ପୁରୀ ଜିଲାକୁ ବିଶେଷ ପ୍ରଭାବିତ କରି ନ ଥିବା ବେଳେ ଏହାର ପ୍ରକୋପରେ ହୋଇଥିବା ବର୍ଷାରେ ପୁରୀ ସହରର ସ୍ଥିତି ସଙ୍ଗିନ ହୋଇପଡିଛି। ଜିଲାବ୍ୟାପୀ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି। ପୁରୀ ସହରରେ ୨୧୦ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଜିଲାରେ ହାରାହାରି ୧୨୮.୯୧ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ପ୍ରତି ୭ ସେକେଣ୍ଡରେ ୧ମିଟର ଉଚ୍ଚରେ ଲହଡ଼ି ଆସୁଛି। ମତ୍ସ୍ୟଜୀବୀମାନେ ମାଛ ମାରିବା ଲାଗି ସମୁଦ୍ରକୁ ନ ଯାଇ ହାତବାନ୍ଧି ବସିଛନ୍ତି। ପର୍ଯ୍ୟଟକଙ୍କୁ ସ୍ନାନ ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି। ବର୍ଷା ଯୋଗୁ ବିଶେଷକରି ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢିଛି।

ବସ୍ତି ଓ ତଳିଆ ଅଞ୍ଚଳରେ ଏବେ ବି ଆଣ୍ଠୁଏରୁ ଆଣ୍ଠାଏ ପର୍ଯ୍ୟନ୍ତ ପାଣି ଜମିରହିଛି। ସୁଜାତା ନଗର, ଗୋପୀନାଥପୁର ନୂଆସାହି ମାଟିତୋଟା, ମୁକୁନ୍ଦମିଶ୍ର ନଗର ଆଦି ଅଞ୍ଚଳରେ ବର୍ଷା ଲୋକଙ୍କ ଦୁର୍ଦ୍ଦଶା ବଢାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପାଣିଘେରରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ସେ ସୁଜାତା ନଗର ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଏବଂ ଉପଜିଲାପାଳ ମଧ ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି। ସିପସରୁବାଲି ଧବଳେଶ୍ୱର ମନ୍ଦିର ନିକଟ ଅଞ୍ଚଳ, ମଙ୍ଗଳାସାହି ବସ୍ତି, ଡିଏଜି ଅଫିସ ପଛପାର୍ଶ୍ୱ ଧୋବାଖାଲ ବସ୍ତି ପାଣିଘେରରେ ରହିଛି।



ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପାଚେରି ଭାଙ୍ଗିଛି।



ଜଳବନ୍ଦୀରେ ବଳିଆପଣ୍ଡାର ମଙ୍ଗଳାବସ୍ତି।

### ମଙ୍ଗଳା ବସ୍ତିରେ ଭେଳା, ଧୋବାଖାଲରେ ଡଙ୍ଗା ଚାଲିଲା

ରଥଯାତ୍ରାଠାରୁ ବଳିଆପଣ୍ଡା ମଙ୍ଗଳାବସ୍ତି ଓ ଧୋବାଖାଲ ବସ୍ତି ବାସିନ୍ଦାଙ୍କ ଦୁଃଖ ବଢିଛି। ଚଳିତ ବର୍ଷା ଆହୁରି ଦୁଃଖ ବଢାଇ ଦେଇଛି। ମଙ୍ଗଳା ବସ୍ତିରେ ଅଣ୍ଟାଏ ଲେଖାଏ ପାଣି ଜମି ରହିଥିବା ବେଳେ ଲୋକମାନେ ଭେଳାରେ ପାର ହେଉଛନ୍ତି। ଧୋବାଖାଲ ବସ୍ତିରେ ଗତ ଜୁଲାଇଠାରୁ ପାଣି ଜମି ରହିଛି। କେତେଜଣ ବସ୍ତିବାସିନ୍ଦା ପ୍ରାୟ ୩ ମାସ ହେଲା ରାସ୍ତାକଡରେ ଝୁମ୍ପୁଡି କରି ରହୁଥିବା ବେଳେ କେତେଜଣ ବାତ୍ୟା ଆଶ୍ରୟସ୍ଥଳରେ ରହୁଛନ୍ତି। ବସ୍ତିର ଏକ ଉଚ୍ଚ ସ୍ଥାନରେ ଅଳ୍ପ କେତେକ ପରିବାର ରହୁଛନ୍ତି। ବର୍ଷା ଯୋଗୁ ଧୋବାଖାଲ ବସ୍ତିରେ ପୁଣି ପାଣି ଭର୍ତ୍ତି ହୋଇଯାଇଛି। ଉକ୍ତ ଉଚ୍ଚ ସ୍ଥାନରେ ରହୁଥିବା ଲୋକମାନେ ଡଙ୍ଗା ଯୋଗେ ଚଳପ୍ରଚଳ ହେଉଛନ୍ତି।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବାଲିକୁଦା ବସ୍ତିବାସିନ୍ଦା

ଜୁଲାଇ ୧୯ତାରିଖ ବର୍ଷାଠାରୁ ସହରର ରାମଚଣ୍ଡୀ ବାଲିକୁଦା ବସ୍ତି ରାସ୍ତା ଉପରେ ପାଣି ଜମି ରହିଛି। ଏହି ବର୍ଷାରେ ରାସ୍ତା ଧୋଇ ହୋଇଯିବା ସହ ସ୍ଥିତି ସଙ୍ଗିନ ହୋଇପଡିଛି। ଉକ୍ତ ବସ୍ତିରେ ରହୁଥିବା ୫୦ ପରିବାରର ଯିବା ଆସିବାରେ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଇପାରୁନାହାନ୍ତି। ବର୍ଷାଜଳରେ ବୁଡି ରହିଥିବା ରାସ୍ତାକୁ ପୁନଃ ନିର୍ମାଣ ଦାବିରେ କୃଷ୍ଣମୋହନ ପ୍ରଧାନଙ୍କ ନେତୃତ୍ୱରେ ବସ୍ତିର ମହିଳାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ପୁଣି ଭୁଶୁଡ଼ିଲା ଇନ୍ଦ୍ରଦ୍ୟୁମ୍ନ ପାଚେରି

ବିପଦରେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ପରେ ଗୋଟିଏ ପୁଷ୍କରିଣୀର ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଆଗରୁ ପାର୍ବତୀ ସାଗର, ମାର୍କଣ୍ଡ ପୁଷ୍କରିଣୀର ପାଚେରି ଭୁଶୁଡ଼ି ପଡିଥିବାବେଳେ ଗୁରୁବାର ରାତିର ମୁଷଳ ବର୍ଷାରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉତ୍ତରପାର୍ଶ୍ୱ ପାଚେରି ଭୁଶୁଡ଼ିଛି। ପୂର୍ବରୁ ମଧ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଦୁଇପାର୍ଶ୍ୱ ପାଚେରି ଭୁଶୁଡିଥିଲା। ଏହା ମରାମତି ହୋଇ ନ ଥିବା ବେଳେ ପୁଣି ଗୋଟିଏ ପାର୍ଶ୍ୱ ପାଚେରି ଭୁଶୁଡି ପଡିଛି। ଗୁରୁବାର ରାତିରେ ପୁରୀରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଇନ୍ଦ୍ରଦ୍ୟୁମ୍ନ ପାଚେରି କଡ଼ରେ ବର୍ଷାପାଣିର ସୁଅ ଚାଲିଥିଲା। ରାତି ପ୍ରାୟ ୧୧ଟାରେ ଉତ୍ତର ପାର୍ଶ୍ୱ ପାଚେରିର ପ୍ରାୟ ୪୦ରୁ ୫୦ ଫୁଟ ପୁଷ୍କରିଣୀ ମଧକୁ ଭୁଶୁଡି ପଡିଛି।

### ହୋମ୍‌ଗାର୍ଡଙ୍କୁ ଆକ୍ରମଣ ଘଟଣା: ୪ ଅଟକ

ପୁରୀ ଅଫିସ,୧୨।୧୦

ହୋମ୍‌ଗାର୍ଡ ଗୁଣମଣି ନାୟକଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ବାସେଲିସାହି ପୋଲିସ ୪ଜଣଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ, ମଶାଣିଚଣ୍ଡୀ ଛକରେ ଗୁଣମଣି ଗତ ମଙ୍ଗଳବାର ଡ୍ୟୁଟିରେ ଥିଲେ। ଭୋର ସାଢ଼େ ୫ଟା ସମୟରେ ହଠାତ୍ କେତେଜଣ ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ।



କମଳା ବେଶରେ ମା' ମଙ୍ଗଳା।

# ମଙ୍ଗଳାଙ୍କ କମଳା, ରାମଚଣ୍ଡୀଙ୍କ ଭୈରବୀ ବେଶ

ପୁରୀ ଅଫିସ,୧୨।୧୦

ଶାରଦୀୟ ଦଶହରା ଅବସରରେ ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ଷୋଳପୂଜା ଚାଲିଛି। ପୂଜକଙ୍କ ମନ୍ତ୍ରଧ୍ୱନି ଓ ଚଣ୍ଡୀପାଠରେ ସୃଷ୍ଟି ହେଉଛି ଆଧାତ୍ମିକ ପରିବେଶ। ଏହି ଷୋଡ଼ଶ ଦିନାତ୍ମକ ପୂଜା ଅବସରରେ ଶୁକ୍ରବାର ବାଙ୍କୀମୁହାଣ ରାମଚଣ୍ଡୀ ଭୈରବୀ ବେଶ, ମା' ମରୀଚିକା ସିଂହବାହିନୀ ବେଶ ଓ ବାସେଲିସାହି ବନଦୁର୍ଗା ଛକସ୍ଥିତ ମା' ମଙ୍ଗଳାଙ୍କ କମଳା ବେଶ ଅନୁଷ୍ଠିତ ହୋଇଛି। ଏହିସବୁ ବେଶ ଦେଖିବା ପାଇଁ ଶକ୍ତିପୀଠଗୁଡ଼ିକରେ ବେଶ୍ ଭିଡ଼ ହୋଇଥିଲା। ମା' ମଙ୍ଗଳାଙ୍କ କମଳା ବେଶ ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ସନ୍ତୋଷ କୁମାର ପଣ୍ଡା କୁହନ୍ତି, ଜଳନ୍ଧର ଅସୁର ନିଜ ମୃତ୍ୟୁ ଦିବସ ଉତ୍ସବର ଦିନ ହେଉ ବୋଲି ମା' ଆଦିଶକ୍ତିଙ୍କଠାରୁ ବରପ୍ରାପ୍ତି ହୋଇଥିଲେ। ତେଣୁ ଅସୁର ଜଳନ୍ଧରର ମୃତ୍ୟୁ ଦିନ ଶିବଲୋକରେ ଉତ୍ସବ ପାଳନ ହେଉଥିଲା। ଏଥିରେ ସମସ୍ତ ଦେବଦେବୀ ଯୋଗଦେଇଥିଲେ। ଭୋଜନ ବି ଚାଲିଥିଲା। ଏହି ସମୟରେ ଚଣ୍ଡାଳ ଜାତିର କେତେଜଣ ଲୋକ ମା' ଆଦିଶକ୍ତିଙ୍କୁ ପ୍ରସନ୍ନ କରିବା ଲାଗି କିଛି ଅଇଁଠା ଫଳ ନେଇ ସେଠାକୁ ଯାଇଥିଲେ। ଉତ୍ସବରେ ସାମିଲ ଥିବା ଦେବଦେବୀମାନେ ଏମାନଙ୍କୁ ଘଉଡ଼ାଇ ଦେବା ପାଇଁ ଉଦ୍ୟମ କରିଥିଲେ। କାରଣ ଏମାନେ ଜାତିରେ ଛୋଟ, ଅପରିଷ୍କାର ଏବଂ ଅଶିକ୍ଷିତ ଥିଲେ। ମା' ଆଦିଶକ୍ତି କିନ୍ତୁ ସେମାନେ ଉତ୍ସବରେ ଯୋଗଦିଅନ୍ତୁ ବୋଲି କହିଥିଲେ। ଏହାକୁ ମା' ଲକ୍ଷ୍ମୀ ଏବଂ ସରସ୍ୱତୀ ବିରୋଧ କରି କହିଥିଲେ ସେମାନେ ଅପରିଷ୍କାର। ତାଙ୍କ ଦେହ ଦୁର୍ଗନ୍ଧ ହେଉଥିବାରୁ ଆମେ ସେମାନଙ୍କ ପାଖକୁ ଯାଉନୁ। ଏମାନେ ସେମିତି ଗରିବ ଏବଂ ମୂର୍ଖ ହୋଇ ରହିଥାନ୍ତୁ। ମା' ଆଦିଶକ୍ତି ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଗର୍ବ ଗଞ୍ଜନ କରିବା ନିମନ୍ତେ କମଳାତ୍ମିକା ବା କମଳା ରୂପରେ ସମସ୍ତଙ୍କୁ ଦର୍ଶନ ଦେଇଥିଲେ। କମଳା ହେଲେ ସ୍ୱୟଂ ଲକ୍ଷ୍ମୀଙ୍କ ସଦୃଶ, ହେଲେ ଯାହାଙ୍କ ଉଜ୍ଜ୍ୱଳତା ମା' ଲକ୍ଷ୍ମୀଙ୍କଠାରୁ ସହସ୍ରଗୁଣ ଅଧିକ। ସେହି ସ୍ମୃତିରେ ମା' ମଙ୍ଗଳାଙ୍କୁ ଏହି ବେଶ କରାଯାଇଥିଲା। ମା' କମଳାଙ୍କୁ ପୂଜା କଲେ ଶୁକ୍ର ମହାଦଶା ଖଣ୍ଡନ ହୋଇଥାଏ ଏବଂ ସନ୍ତାନହୀନ ସନ୍ତାନପ୍ରାପ୍ତି ହୋଇଥାନ୍ତି।

### ବନ୍ୟା ପୁନରୁଦ୍ଧାର ପାଇଁ ଭଞ୍ଜନଗରରେ ସମୀକ୍ଷା ବୈଠକ

# ବଢ଼ିବ ଲୋହରାଖଣ୍ଡି ନଦୀ ଆଡ଼ିବନ୍ଧ ଉଚ୍ଚତା



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବନ୍ୟା ପୁନରୁଦ୍ଧାର ବୈଠକରେ ସମୀକ୍ଷା କରୁଛନ୍ତି।

ଭଞ୍ଜନଗର,୧୨।୧୦(ଡି.ଏନ.ଏ)

ଦୀର୍ଘ ବର୍ଷ ପରେ ପୁଣି ଭଞ୍ଜନଗର ଉପଖଣ୍ଡରେ ଭୟଙ୍କର ବନ୍ୟା ହୋଇଛି। ବନ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ଏକ ସମୀକ୍ଷା ବୈଠକ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବିଭିନ୍ନ ବିଭାଗକୁ ୭୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଜଳସମ୍ପଦ ବିଭାଗକୁ ସର୍ବାଧିକ ୫୦ କୋଟି, ପୂର୍ତ୍ତବିଭାଗକୁ ୫ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୫ କୋଟି, ପଞ୍ଚାୟତିରାଜ ବିଭାଗକୁ ୧୦ କୋଟି, କ୍ଷୁଦ୍ରଜଳସେଚନ ବିଭାଗକୁ ୫ କୋଟି ଆବଶ୍ୟକ ଥିବା ଜଣାପଡ଼ିଛି। ଆଉ କିଛି ବିଭାଗର ଆବଶ୍ୟକ ହେବାକୁ ଥିବା ଅର୍ଥ ନେଇ ଆକଳନ ହୋଇନାହିଁ। ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପାନୀୟଜଳ ବ୍ୟବସ୍ଥା କରିବା। ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇନାହିଁ, ତେଣୁ ଲୋକଙ୍କ ପାଖରେ କିରୋସିନି ସୁବିଧାରେ ପହଞ୍ଚାଇବା। ଭଞ୍ଜନଗର ଏନଏସିର ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ। ବନ୍ୟା ପ୍ରଭାବିତ ଗ୍ରାମ ଓ ସହରରେ ସ୍ୱାସ୍ଥ୍ୟ, ଗମନାଗମନ ପରିମଳ ବ୍ୟବସ୍ଥା ସ୍ୱାଭାବିକ କରାଯାଉ ବୋଲି ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମୀକ୍ଷା ବୈଠକରେ ଯୋଗଦେଇ କହିଛନ୍ତି। ଏଥିସହ ସେ କହିଥିଲେ ଭଞ୍ଜନଗର ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏକ ଯୋଜନା ହୋଇଛି। ଲୋହରାଖଣ୍ଡି ନଦୀର ବାଇପାସ୍ ସେତୁ ନିକଟରୁ ଜାମପଲ୍ଲୀ ପର୍ଯ୍ୟନ୍ତ ଆଡ଼ିବନ୍ଧର ଉଚ୍ଚତା ବଢ଼ାଯିବ। ଏନେଇ ଏକ ପ୍ରସ୍ତାବ ଜଳସମ୍ପଦ ବିଭାଗରେ ଅଟକି ରହିଛି। ଭଞ୍ଜନଗର ତହସିଲର ପ୍ରାୟ ୬ହଜାରରୁ ଊର୍ଦ୍ଧ ଛୋଟବଡ଼ ଘର ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ପାଣି ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଜଣାପଡ଼ିବ। ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଛି ବୋଲି ତହସିଲଦାର ଦୀନମଣି ନାୟକ ବୈଠକରେ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗର କିଛି ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା। ଯୁଦ୍ଧକାଳୀନ ଭିତିରେ ତାହାର ମରାମତି ଚାଲିଥିବା ନିର୍ବାହୀଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଥିଲେ। ବୈଠକରେ ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ, ମେଡ଼ିକାଲ ଅଧିକ୍ଷକ ଡ଼. ପୀତାମ୍ବର ଦାସ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖଙ୍କ ସମେତ ବିଭିନ୍ନ ବ୍ଲକର ତହସିଲଦାର, ବିଡ଼ିଓଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଦାରିଙ୍ଗବାଡ଼ିରେ ୪୦୫ ମି.ମି. ବର୍ଷା

# ଟେପାରି ଗ୍ରାମରେ ମାଟି ଅତଡ଼ା ଖସି ରାସ୍ତା ଅବରୋଧ

ଦାରିଙ୍ଗବାଡ଼ି,୧୨।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ତିତ୍‌ଲି ପ୍ରଭାବରେ ଏବେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ ଜଳସ୍ତରର ବୃଦ୍ଧି ସହ ଅନେକ ସ୍ଥାନରେ ପାହାଡ଼ରୁ ମାଟି ଅତଡ଼ା ଖସି କେଉଁଠି ରାସ୍ତା ଅବରୋଧ ହୋଇଛି ତ ଆଉ କେଉଁଠି ଗୃହପାଳିତ ପ୍ରାଣୀ ମାଟି ତଳେ ଫସି ରହିଛନ୍ତି । ଏଭଳି ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ପଞ୍ଚାୟତ ଟେପାରି ଗ୍ରାମରେ । ପାହାଡ଼ରୁ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇ ରାଇକିଆ, ବାଡବାଙ୍ଗା, ଜଙ୍ଗଲ ଘର ଆଦି ଯାଞ୍ଚାୟତକୁ ଯାତାୟାତ ବନ୍ଦ ହୋଇଯାଇଛି। ଧାନ ଫସଲ ସମେତ ଡିଳା, ସୋରିଷ, ପନିପରିବା ଏବଂ ହଳଦୀ ଧୋଇ ହୋଇ ଯାଇଥିବା ଗ୍ରାମର ଅନିରୁଦ୍ଧ ପ୍ରଧାନ, ସଦାନନ୍ଦ ପ୍ରଧାନ ଓ ମଣ୍ଟୁ ପ୍ରଧାନ ପ୍ରମୁଖ କହିଛନ୍ତି । ସେହିପରି ଗ୍ରାରେ ରହୁଥିବା ପ୍ରାୟ ୩୦ ପରିବାରଙ୍କ ଘର ଭିତରେ ବର୍ଷା ପାଣି ପଶିଯାଇଛି । ଗ୍ରାମର ବିପ୍ର ଦିଗାଳଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ମକପାଟା ଘାଟିରେ ମାଟି ଅତଡ଼ା ଖସି ସିଡ଼ଙ୍ଗପାଦେରୀ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି ସିଡ଼ଙ୍ଗପାଦେରୀରୁ କୁଏରେଙ୍ଗାକୁ ସଂଯୋଗ କରୁଥିବା ପୋଲ ଧୋଇହୋଇ ଯାଇଛି । ସେହିପରି ତାଜୁଙ୍ଗିଆର ପଞ୍ଚାୟତର ପ୍ରାୟ ୪୦ ପରିବାରର ଘର ଦ୍ୱାର ନଷ୍ଟ ହୋଇଯାଇଛି । ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ପ୍ରଭାବିତ ହୋଇଛି । ଶୁକ୍ରବାର ସକାଳ ସୁଦ୍ଧା ୪୦୫ ମି.ମି. ବର୍ଷା ଦାରିଙ୍ଗବାଡିରେ ହୋଇଥିବା ରେକର୍ଡ଼ ସଂଗ୍ରହ କରାଯାଇଛି।

କ୍ଷତିଗ୍ରସ୍ତଙ୍କୁ ଦାରିଙ୍ଗବାଡ଼ି ତହସିଲ ପକ୍ଷରୁ ପଲିଥିନ ବଣ୍ଟନ କରାଯାଇଛି ବୋଲି ତହସିଲଦାର ସୁନିଲ କୁମାର ପ୍ରଧାନ କହିଛନ୍ତି। ସେହିପରି ଦନେକବାଡ଼ିରୁ ସିର୍କାବର୍ଗ ରାସ୍ତାର ବେଙ୍ଗେଡ଼ାଙ୍ଗା ଘାଟିରୁ ମାଟି ଅତଡ଼ା ଖସି ପ୍ରାୟ ୩୦ ଗୋର ମାଟିତଳେ ଚାପି ରହିଥିବା ସନ୍ଦେହ କରାଯାଉଛି ବୋଲି ତହସିଲଦାର ପ୍ରଧାନ କହିଛନ୍ତି । ଶୁକ୍ରବାର ବ୍ଲକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମେଶିନ ମାଟି ହଟେଇବା ସହ ଫସି ରହିଥିବା ଗୋରୁଙ୍କୁ ଉଦ୍ଧାର କରୁଥିବା ଜଣାପଡ଼ିଛି । ସେହିପରି ବି.ଡେକେବାଡ଼ି ଅଞ୍ଚଳରେ ୮ ଛେଳି ମାଟି ତଳେ ଚାପି ହୋଇ ରହିଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି । କିରୁକୁଟି ପଞ୍ଚାୟତ ବୁରାଙ୍ଗିଆକୁ ସଂଯୋଗ କରୁଥିବା ଖଡ଼ଗ ନଦୀ ଏବଂ ଟିକାପାଟା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଗବାଟବାଡ଼ି ସମେତ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି ।

### ୧୫୦ ଆନ୍ଧ୍ର ମତ୍ସ୍ୟଜୀବୀ ଫସିବା ପ୍ରସଙ୍ଗ

# ଉଦ୍ଧାର ପାଇଁ ହୋଇଥିଲା ଅପରେଶନ: ଜିଲାପାଳ

ଛତ୍ରପୁର,୧୨।୧୦(ଡି.ଏନ.ଏ)

୨ ଦିନ ପୂର୍ବେ ୩୫ଟି ଟ୍ରଲରରେ ମାଛ ଧରିବାକୁ ସମୁଦ୍ର ମଧକୁ ୧୫୦ ଆନ୍ଧ୍ର ମତ୍ସ୍ୟଜୀବୀ ବାହାରିଥିଲେ। ତିତ୍‌ଲି ପ୍ରଭାବରେ ଏମାନେ ବିପଦରେ ପଡିଥିଲେ। ଆନ୍ଧ୍ର ମତ୍ସ୍ୟବିଭାଗ ପକ୍ଷରୁ ସୂଚନା ପାଇ ସେମାନଙ୍କୁ ଉଦ୍ଧାର ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ୧୦ ତାରିଖ ମଧରାତିରେ ଗୋପାଳପୁର ପୋର୍ଟ ପରିସରରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ପ୍ରମୁଖ ଯୋଗ ଦେଇଥିଲେ। ରାତି ୨ଟାରେ ବୈଠକ ସରିଥିଲା। ଏହାପରେ ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ପକ୍ଷରୁ ଏକ ଅପରେଶନ ଆରମ୍ଭ ହୋଇଥିଲା ବୋଲି ଜିଲାପାଳ କୁଲାଙ୍ଗେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତିତଲି ମୁକାବିଲା ପାଇଁ ପ୍ରଶାସନ ଓ ପୋଲିସ ଏବଂ ଅନ୍ୟମାନେ ବ୍ୟସ୍ତ ଥିବାବେଳେ ସମୁଦ୍ର ଅଶାନ୍ତ ଥିବା ସତ୍ତ୍ୱେ ଆନ୍ଧ୍ର ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ଚ୍ୟାଲେଞ୍ଜ ଥିଲା। ବୁଧବାର ରାତିରୁ ଗୁରୁବାର ଭୋର ମଧରେ ୩ଟି ଟ୍ରଲର ସହ ୨୭ ଜଣଙ୍କୁ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା ବୋଲି ଜିଲାପାଳ କହିଛନ୍ତି। ଉଦ୍ଧାର ମତ୍ସ୍ୟଜୀବୀଙ୍କୁ ମେରାଇନ ଥାନାକୁ ଅଣାଯାଇ ସେମାନଙ୍କ ସମ୍ପର୍କୀୟଙ୍କୁ ମେରାଇନ୍ ଥାନା ପୋଲିସ ଖବର ଦେଇଥିଲା। ବିପଦରେ ପଡିଥିବା ଅନ୍ୟ ମତ୍ସ୍ୟଜୀବୀମାନେ ସୁରକ୍ଷିତ ଭାବେ ଟ୍ରଲର ସହ ଆନ୍ଧ୍ରକୁ ଫେରିଥିବା ସୂଚନା ମିଳିଛି।

# ହ୍ରାସ ପାଉଛି ଜଳସ୍ତର, କମୁନି ଲୋକଙ୍କ ଭୟ

ଭଞ୍ଜନଗର,୧୨।୧୦(ଡି.ଏନ.ଏ.)

ଭଞ୍ଜନଗର ବ୍ଲକର ଅଧିକାଂଶ ଗ୍ରାମରେ ବନ୍ୟା ପାଣି ପଶିଥିଲା। ବିଭିନ୍ନ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଥିଲା। ମୁଖ୍ୟ ରାସ୍ତା ଗୁଡ଼ିକରେ କେତେକ ସ୍ଥାନରେ ପାଣି ଚାଲିଥିଲା। ଶୁକ୍ରବାର ଖବର ଲେଖାଯିବା ସୁଦ୍ଧା ଲୋହରାଖଣ୍ଡି ଏବଂ ବଡ଼ନଦୀରେ ଜଳସ୍ତର ଭଞ୍ଜନଗର ନିକଟରେ ହ୍ରାସ ପାଇଥିବା ଜଣାପଡିଛି। ତେବେ ବିପଦସଙ୍କେତ ନିକଟରେ ଜଳ ପ୍ରବାହିତ ହେଉଥିବାରୁ ଲୋକଙ୍କ ମନରୁ ଭୟ ଦୂର ହୋଇନାହିଁ। ଗୁରୁବାର ଅପରାହ୍ନରୁ ବନ୍ଦଥିବା ଭଞ୍ଜନଗର-ଭୁବନେଶ୍ୱର ମୁଖ୍ୟ ରାସ୍ତା ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଖୋଲିଛି। ଭଞ୍ଜନଗର-ଆସିକା ରାସ୍ତା ମଧ ୧୦ଟା ପରେ ସ୍ୱାଭାବିକ ହୋଇଛି। ବନ୍ୟାରେ ଗ୍ରାମାଞ୍ଚଳର ଅଧିକାଂଶ ରାସ୍ତା ଧୋଇଯାଇଛି। ଭଞ୍ଜନଗର ସହରରେ ମଧ କେତକ ୱାର୍ଡ଼ରେ ଏବେ ବି ପାଣି ରହିଛି। ବନ୍ୟାଜଳ ଧୀରେଧୀରେ ହ୍ରାସ ପାଉଥିବା ଯୋଗୁ ରାତି ସୁଦ୍ଧା ସ୍ଥିତିରେ ସୁଧାର ଆସିବା ସମ୍ଭାବନା ରହିଛି। ହଜାର ହଜାର ଏକର ଜମିରେ ବନ୍ୟା ପାଣି ଜମି ରହିଛି। ଜଲଦି ପାଣି ନ ଛାଡିଲେ ଧାନ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି। ସାନକୋଦଣ୍ଡା, ବାଉଁଶଲୁଣ୍ଡି ପଞ୍ଚାୟତରେ ୧୦ ଗୃହପାଳିତ ପ୍ରାଣୀ ବନ୍ୟାପାଣିରେ ଭାସିଯାଇଛନ୍ତି। ରାଜକୁଣ୍ଡ, ଲାଲସିଂର ୭ କୁକୁଡ଼ା ଫାର୍ମ ମଧ ଭାସିଯାଇଛି। ବିରିକୋଟ ପ୍ରାଥମିକ ବିଦ୍ୟାଳୟ ସମେତ ଏକାଧିକ ବିଦ୍ୟାଳୟ କୋଠା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ତିତ୍‌ଲି ପରେ ଏତେବଡ଼ ବନ୍ୟା ଆସିବ ବୋଲି ପୂର୍ବରୁ ସୂଚନା ନ ଥିଲା। ତେଣୁ ହଠାତ୍ ଆସିଥିବା ବଡ଼ଧରଣର ବନ୍ୟାକୁ ମୁକାବିଲା କରିପାରି ନ ଥିଲା ପ୍ରଶାସନ। ବନ୍ୟା ଯୋଗୁ କେତେକ ସ୍ଥାନରେ ଲୋକେ ଗୁରୁବାର ରାତିରେ ଘର ଛାତ ଉପରେ ବର୍ଷାରେ ରହିଥିଲେ। ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବିଦ୍ୟାଳୟରେ ରହୁଥିବା ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସକାଳେ ଭଞ୍ଜନଗର ସହରର ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳ, ଜିଲୁଣ୍ଡି, ବାଇଁଶଲୁଣ୍ଡି, ସାନକୋଦଣ୍ଡା ଆଦି ପଞ୍ଚାୟତରେ ବୁଲି ଲୋକଙ୍କୁ ଭେଟିଥିଲେ। ବନ୍ୟା ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାପାଇଁ ପ୍ରଶାସନିକ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।